रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

No. 1 NEW DELHI, MONDAY, DECEMBER 14, 1992/MARGASIR 23, 1914 (SAKA) VOL. 3
ସଂ 1 ନୂଆଦିଲ୍ଲୀ, ସୋମବାର, ଡିସେମ୍ବର 14, 1992/ମାର୍ଗଶିର 23, 1914 (ଶକ) ଗ୍ରନ୍ଥଖଣ୍ଡ 3

## MINISTRY OF LAW AND JUSTICE

**(Legislative Department)**

*New Delhi, dated the 14th December, 1992/23 Margasir, 1914 (SAKA)*

The Translation in Oriya of the following:—

(1) The Indian Evidence Act, 1872 (2) The Miscellaneous Personal Law (Extension) Act, 1959, (3) The Bonded Labour System (Abolition) Act, 1976, (4) The Hindu Marriage Act, 1955 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ଆଇନ ଓ ନ୍ୟାୟ ମନ୍ତ୍ରାଳୟ

## (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 14 ଡିସେମ୍ବର, 1992/23 ମାର୍ଗଶିର, 1914 (ଶକ)

(1) ଦି ଇଣ୍ଡିଆନ ଏଭିଡେନ୍ସ ଏକ୍ଟ, 1872 (2) ଦି ମିସିଲେନିଅସ୍ ପର୍ସନାଲ ଲ (ଏକ୍ସଟେନ୍ସନ) ଏକ୍ଟ, 1959, (3) ଦି ବଣ୍ଡେଡ୍ ଲେବର ସିଷ୍ଟମ (ଆବୋଲିସନ୍) ଏକ୍ଟ, 1976, (4) ଦି ହିନ୍ଦୁ ମ୍ୟାରିଜ୍ ଏକ୍ଟ, 1955ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁସାରେ ଏତଦ୍ଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2 ର ଖଣ୍ଡ (କ) ଅନୁସାରେ ଓଡ଼ିଆ ଭାଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ସୂଚୀପତ୍ର
# INDEX


| ଅଧିନିୟମର ନାମ<br>Name of the Act | | ପୃଷ୍ଠା<br>PAGE |
|---|---|---|
| 1. ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872<br>The Indian Evidence Act, 1872 | .. | 1—63 |
| 2. ବିବିଧ ସ୍ୱୀୟ ବିଧି (ବିସ୍ତାର) ଅଧିନିୟମ, 1959<br>The Miscellaneous Personal Laws (Extension) Act, 1959 | .. | 64—67 |
| 3. ବନ୍ଧିତ ଶ୍ରମ ପଦ୍ଧତି (ଉଚ୍ଛେଦ) ଅଧିନିୟମ, 1976<br>The Bonded Labour System (Abolition) Act, 1976 | .. | 68—76 |
| 4. ହିନ୍ଦୁ ବିବାହ ଅଧିନିୟମ, 1955<br>The Hindu Marriaga Act, 1956 | .. | 77—89 |

# ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872

## 1872ର ଅଧିନିୟମ ସଂ 1

(15 ମାର୍ଚ୍ଚ, )

**ଉଦ୍ଦେଶିକା** — ଯେହେତୁ ସାକ୍ଷ୍ୟ ସଂପର୍କିତ ବିଧିକୁ ଏକତ୍ର କରିବା, ସଂଜ୍ଞା କରିବା, ଓ ସଂଶୋଧନ କରିବା ସମୀଚୀନ ଅଟେ ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

## ଭାଗ I

### ତଥ୍ୟାବଳୀର ପ୍ରାସଙ୍ଗିକତା

## ଅଧ୍ୟାୟ I

### ପ୍ରାରମ୍ଭିକ

**ସଂକ୍ଷିପ୍ତ ନାମ** — 1. ଏହି ଅଧିନିୟମ ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 ନାମରେ ଅଭିହିତ ହେବ ।

**ବିସ୍ତାର** — ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ଓ ସ୍ଥଳସେନା ଅଧିନିୟମ, ନୌସେନା ଶୃଙ୍ଖଳା ଅଧିନିୟମ ବା ଭାରତୀୟ ନୌସେନା (ଶୃଙ୍ଖଳା) ଅଧିନିୟମ, 1934 ବା ବାୟୁସେନା ଅଧିନିୟମ ଅନୁଯାୟୀ ଗଠିତ ସାମରିକ ନ୍ୟାୟାଳୟ ଭିନ୍ନ ଅନ୍ୟ ସାମରିକ ନ୍ୟାୟାଳୟ ସମେତ ଯେକୌଣସି ନ୍ୟାୟାଳୟରେ ବା ନ୍ୟାୟାଳୟ ସମକ୍ଷରେ ଥିବା ସମସ୍ତ ନ୍ୟାୟିକ କାର୍ଯ୍ୟବିଧି ପ୍ରତି ପ୍ରଯୋଜ୍ୟ ହେବ ମାତ୍ର କୌଣସି ନ୍ୟାୟାଳୟ ବା ଅଧିକାରୀଙ୍କ ନିକଟରେ ଉପସ୍ଥାପିତ ଶପଥପତ୍ର ପ୍ରତି ବା କୌଣସି ମଧ୍ୟସ୍ଥଙ୍କ ସମକ୍ଷରେ ଥିବା କାର୍ଯ୍ୟବିଧି ପ୍ରତି ପ୍ରଯୋଜ୍ୟ ହେବ ନାହିଁ ;

**ଅଧିନିୟମର ପ୍ରାରମ୍ଭ** — ଏବଂ ଏହା 1872 ସେପ୍ଟେମ୍ବରର ପ୍ରଥମ ଦିନ ପ୍ରବୃତ୍ତ ହେବ ।

**ଅଧିନିୟମାବଳୀର ନିରସନ ।** — 2. ନିରସନକାରୀ ଅଧିନିୟମ, 1938 (1938ର 1)ର ଧାରା 2 ଓ ଅନୁସୂଚୀ ଦ୍ୱାରା ନିରସିତ ।

**ବ୍ୟାଖ୍ୟାବଳୀ** — 3. ପ୍ରସଙ୍ଗରୁ କୌଣସି ବିପରୀତ ଆଶୟ ପ୍ରତୀତ ହେଉନଥିଲେ, ଏହି ଅଧିନିୟମରେ ନିମ୍ନଲିଖିତ ଶବ୍ଦ ଓ ଅଭିବ୍ୟକ୍ତିଗୁଡ଼ିକ ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ହେବ :

**"ନ୍ୟାୟାଳୟ"** — "ନ୍ୟାୟାଳୟ" ସମସ୍ତ ନ୍ୟାୟାଧୀଶ ଓ ମାଜିଷ୍ଟ୍ରେଟଙ୍କୁ ଏବଂ ମଧ୍ୟସ୍ଥମାନଙ୍କ ବ୍ୟତୀତ ସାକ୍ଷ୍ୟ ଗ୍ରହଣ କରିବାକୁ ବୈଧିକରୂପେ ପ୍ରାଧିକୃତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରେ ।

**"ତଥ୍ୟ"** — "ତଥ୍ୟ"—

(1) ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନୁଭୂତ ହୋଇ ପାରିବା କୌଣସି ବସ୍ତୁ, ବସ୍ତୁର ଅବସ୍ଥା ବା ବସ୍ତୁଗୁଡ଼ିକର ସଂପର୍କକୁ ;

(2) ଯେଉଁ ମାନସିକ ଅବସ୍ଥା ବିଷୟରେ କୌଣସି ବ୍ୟକ୍ତି ସଚେତନ ଥାଆନ୍ତି, ତାହାକୁ ବୁଝାଏ ଓ ଅନ୍ତର୍ଭୁକ୍ତ କରେ ।

### ଦୃଷ୍ଟାନ୍ତ

(କ) କୌଣସି ବସ୍ତୁ କୌଣସି ସ୍ଥାନରେ କୌଣସି କ୍ରମରେ ବ୍ୟବସ୍ଥିତ ହୋଇଛି, ଏହା ହେଉଛି ଏକ ତଥ୍ୟ ।

(ଖ) କୌଣସି ଲୋକ କିଛି ଶୁଣିଛନ୍ତି ବା ଦେଖିଛନ୍ତି, ଏହା ହେଉଛି ଏକ ତଥ୍ୟ ।

(ଗ) କୌଣସି ଲୋକ କେତେକ ଶବ୍ଦ କହିଛନ୍ତି, ଏହା ହେଉଛି ଏକ ତଥ୍ୟ ।

(ଘ) କୌଣସି ଲୋକଙ୍କର କିଛି ଅଭିମତ ଅଛି, ଏକ ଆଶୟ ଅଛି, ସେ ସଦ୍‌ବିଶ୍ୱାସରେ ବା ପ୍ରବଞ୍ଚନରୂପେ କାର୍ଯ୍ୟ କରନ୍ତି ବା କୌଣସି ବିଶେଷ ମର୍ମରେ ଏକ ବିଶେଷ ଶବ୍ଦକୁ ବ୍ୟବହାର କରନ୍ତି ବା କୌଣସି ବିଶେଷ ସଂବେଦନ ସଂବନ୍ଧରେ ଏକ ନିର୍ଦ୍ଦିଷ୍ଟ ସମୟରେ ସଚେତନ ଅଛନ୍ତି ବା ଥିଲେ, ଏହା ହେଉଛି ଏକ ତଥ୍ୟ ।

(ଙ) କୌଣସି ଲୋକଙ୍କର ଏକ ସୁଖ୍ୟାତି ଅଛି, ଏହା ହେଉଛି ଏକ ତଥ୍ୟ ।

"ସୁସଙ୍ଗତ" ତଥ୍ୟର ସୁସଙ୍ଗତି ସଂକ୍ରାନ୍ତ ଏହି ଅଧିନିୟମର ଉପବନ୍ଧ ଗୁଡ଼ିକରେ ସୂଚିତ ଯେକୌଣସି ଏକ ଉପାୟରେ ଯେତେବେଳେ ଏକ ତଥ୍ୟ ଅନ୍ୟ ଏକ ତଥ୍ୟ ସହିତ ସମ୍ବନ୍ଧିତ ହୋଇଥାଏ ସେତେବେଳେ ସେହି ତଥ୍ୟ ଅନ୍ୟଟି ସହିତ ସୁସଙ୍ଗତ ବୋଲି କଥିତ ହୁଏ ।

"ବାଦପଦୀୟ ତଥ୍ୟ" ଯେଉଁ ତଥ୍ୟରୁ ସ୍ୱତଃ ବା ଅନ୍ୟ ତଥ୍ୟ ସହିତ ସମ୍ବନ୍ଧିତ ହୋଇ କୌଣସି ମକଦ୍ଦମା ବା କାର୍ଯ୍ୟବିଧିରେ ଦୃଢ଼ଭାବରେ କୁହାଯାଇଥିବା ବା ଅସ୍ୱୀକୃତ ହୋଇଥିବା କୌଣସି ଅଧିକାର, ଦାୟିତ୍ୱ ବା ନିର୍ଯ୍ୟୋଗ୍ୟତାର ବିଦ୍ୟମାନତା, ଅବିଦ୍ୟମାନତା, ପ୍ରକୃତି ବା ବିସ୍ତାର ବିଷୟରେ ଧାରଣା ଜନ୍ମାଏ ତାହା "ବାଦପଦୀୟ ତଥ୍ୟ" ଅଭିବ୍ୟକ୍ତିର ଅର୍ଥ ଓ ତହିଁରେ ଅନ୍ତର୍ଗତ ।

ସ୍ପଷ୍ଟୀକରଣ—ଯେତେବେଳେ କୌଣସି ନ୍ୟାୟାଳୟ, ସିଭିଲ ପ୍ରକ୍ରିୟା ସଂପର୍କିତ ତତ୍‌ସମୟ ପ୍ରବୃତ୍ତ ବିଧିର ଉପବନ୍ଧ ଅନୁଯାୟୀ କୌଣସି ତଥ୍ୟଗତ ବାଦପଦକୁ ଅଭିଲିଖିତ କରନ୍ତି ସେତେବେଳେ ସେହିଭଳି ବାଦପଦର ଉତ୍ତରରେ ଯେଉଁ ତଥ୍ୟକୁ ଦୃଢ଼ ଭାବରେ କୁହାଯାଏ ବା ଅସ୍ୱୀକାର କରାଯାଏ ତାହା ବାଦପଦୀୟ ତଥ୍ୟ ଅଟେ ।

### ଦୃଷ୍ଟାନ୍ତ

ଖଙ୍କର ହତ୍ୟା ନେଇ କ ଅଭିଯୁକ୍ତ ହୁଅନ୍ତି ।

ତାହାଙ୍କର ବିଚାରରେ ନିମ୍ନଲିଖିତ ତଥ୍ୟଗୁଡ଼ିକ ବାଦପଦ ହୋଇ ପାରିବ:—

କ ଖଙ୍କର ମୃତ୍ୟୁ ଘଟାଇଛନ୍ତି ;

ଖଙ୍କର ମୃତ୍ୟୁ ଘଟାଇବାକୁ କଙ୍କର ଆଶୟ ଥିଲା ;

କ ଖଙ୍କଠାରୁ ଗମ୍ଭୀର ଓ ସହସା ପ୍ରକୋପନ ପ୍ରାପ୍ତ ହୋଇଥିଲେ ;

ଯେଉଁ କାର୍ଯ୍ୟ ଦ୍ୱାରା ଖଙ୍କର ମୃତ୍ୟୁ ଘଟିଲା ତାହା କରିବା ସମୟରେ କ ମସ୍ତିଷ୍କ ବିକୃତି କାରଣରୁ ଉକ୍ତ କାର୍ଯ୍ୟର ପ୍ରକୃତି ଜାଣିବାରେ ଅସମର୍ଥ ଥିଲେ ।

"ଦସ୍ତାବିଜ" "ଦସ୍ତାବିଜ" ଅର୍ଥ କୌଣସି ବିଷୟକୁ ଅଭିଲିଖିତ କରିବା ଘ ବ୍ୟବହୃତ ହେବାକୁ ଆଶୟିତ ଥିବା ବା ବ୍ୟବହୃତ ହୋଇ ପାରୁଥିବା କୌଣସି ଅକ୍ଷର, ଅଙ୍କ ବା ଚିହ୍ନ ଦ୍ୱାରା ବା ତନ୍ମଧ୍ୟରୁ ଏକାଧିକ ସାଧନ ଦ୍ୱାରା କୌଣସି ପଦାର୍ଥ ଉପରେ ଅଭିବ୍ୟକ୍ତ ବା ବର୍ଣ୍ଣିତ ଯେକୌଣସି ବିଷୟ ।

ଦୃଷ୍ଟାନ୍ତ

କୌଣସି ଲେଖା ହେଉଛି ଏକ ଦସ୍ତାବିଜ ;

ମୁଦ୍ରିତ ହୋଇଥିବା, ଲିଥୋଗ୍ରାଫ୍ ହୋଇଥିବା ବା ଫଟୋ ଚିତ୍ରିତ ହୋଇଥିବା ଶବ୍ଦଗୁଡ଼ିକ ହେଉଛି ଦସ୍ତାବିଜ ;

ମାନଚିତ୍ର ବା ନକ୍ସାଙ୍କନ ହେଉଛି ଏକ ଦସ୍ତାବିଜ ;

ଧାତୁପଟା ବା ଶିଳା ଉପରେ ଖୋଦିତ ଲେଖା ହେଉଛି ଏକ ଦସ୍ତାବିଜ ;

ହାସ୍ୟଚିତ୍ର ହେଉଛି ଏକ ଦସ୍ତାବିଜ ।

"ସାକ୍ଷ୍ୟ" — "ସାକ୍ଷ୍ୟ" ର ଅର୍ଥ ଓ ତାହାର ଅନ୍ତର୍ଗତ ଅଟେ--

(1) ତଦନ୍ତ ଅଧୀନ ତଥ୍ୟର ବିଷୟବସ୍ତୁ ସଂପର୍କରେ ନ୍ୟାୟାଳୟ ସମକ୍ଷରେ ସାକ୍ଷୀମାନଙ୍କ ଯେଉଁସବୁ ବିବୃତି ଦେବାକୁ ନ୍ୟାୟାଳୟ ଅନୁମତି ଦିଅନ୍ତି ବା ଆବଶ୍ୟକ କରନ୍ତି ସେସବୁ ବିବୃତି ;

ସେପରି ବିବୃତିଗୁଡ଼ିକୁ ମୌଖିକ ସାକ୍ଷ୍ୟ କୁହାଯାଏ ;

(2) ନ୍ୟାୟାଳୟର ନିରୀକ୍ଷଣ ଲାଗି ପେଶ୍ କରାଯାଇଥିବା ସମସ୍ତ ଦସ୍ତାବିଜ;

ସେପରି ଦସ୍ତାବିଜଗୁଡ଼ିକୁ ଦସ୍ତାବିଜୀ ସାକ୍ଷ୍ୟ କୁହାଯାଏ ।

"ପ୍ରମାଣିତ" — ଯେତେବେଳେ ନ୍ୟାୟାଳୟ ନିଜ ସମକ୍ଷରେ ଥିବା ବିଷୟଗୁଡ଼ିକୁ ବିଚାର କରିବା ପରେ, ହୁଏତ କୌଣସି ଏକ ତଥ୍ୟ ବିଦ୍ୟମାନ ବୋଲି ବିଶ୍ୱାସ କରନ୍ତି ଅଥବା ତାହାର ବିଦ୍ୟମାନତାକୁ ଏପରି ସମ୍ଭାବ୍ୟ ମନେ କରନ୍ତି ଯେ ସେହି ମାମଲାବିଶେଷ ପରିସ୍ଥିତିରେ ଯେକୌଣସି ବିଜ୍ଞ ବ୍ୟକ୍ତି ସେହି ତଥ୍ୟଟି ବିଦ୍ୟମାନ ବୋଲି ଅନୁମାନ କରି କାର୍ଯ୍ୟ କରିବା ଉଚିତ୍, ସେତେବେଳେ ସେହି ତଥ୍ୟ ପ୍ରମାଣିତ ବୋଲି କୁହାଯାଏ ।

"ଅପ୍ରମାଣିତ" — ଯେତେବେଳେ ନ୍ୟାୟାଳୟ ନିଜ ସମକ୍ଷରେ ଥିବା ବିଷୟଗୁଡ଼ିକୁ ବିଚାର କରିବା ପରେ ହୁଏତ କୌଣସି ଏକ ତଥ୍ୟ ବିଦ୍ୟମାନ ନୁହେଁ ବୋଲି ବିଶ୍ୱାସ କରନ୍ତି ଅଥବା ତାହାର ଅବିଦ୍ୟମାନତାକୁ ଏପରି ସମ୍ଭାବ୍ୟ ମନେ କରନ୍ତି ଯେ ସେହି ମାମଲାବିଶେଷ ପରିସ୍ଥିତିରେ ଯେକୌଣସି ବିଜ୍ଞ ବ୍ୟକ୍ତି ସେହି ତଥ୍ୟଟି ବିଦ୍ୟମାନ ନୁହେଁ ବୋଲି ଅନୁମାନ କରି କାର୍ଯ୍ୟ କରିବା ଉଚିତ୍, ସେତେବେଳେ ସେହି ତଥ୍ୟ ଅପ୍ରମାଣିତ ବୋଲି କୁହାଯାଏ ।

"ପ୍ରମାଣିତ ନୁହେଁ" — ଯେତେବେଳେ କୌଣସି ତଥ୍ୟ ପ୍ରମାଣିତ ହୋଇ ନ ଥାଏ କିମ୍ବା ଅପ୍ରମାଣିତ ହୋଇ ନ ଥାଏ ସେତେବେଳେ ତାହା ପ୍ରମାଣିତ ନୁହେଁ ବୋଲି କୁହାଯାଏ ।

"ଭାରତ" — "ଭାରତ" ଅର୍ଥ ଜମ୍ମୁ ଓ କାଶ୍ମୀର ରାଜ୍ୟକୁ ଛାଡ଼ି ଭାରତର ରାଜ୍ୟକ୍ଷେତ୍ର ।

"ଉପଧାରଣା କରାଯାଇ ପାରିବ" — 4. ଯେଉଁସ୍ଥଳେ ଏହି ଅଧିନିୟମ ଦ୍ୱାରା ଉପବନ୍ଧିତ କରାଯାଇଥାଏ ଯେ ନ୍ୟାୟାଳୟ କୌଣସି ତଥ୍ୟର ଉପଧାରଣା କରିପାରିବେ ସେଉଁସ୍ଥଳେ, ନ୍ୟାୟାଳୟ ହୁଏତ ତାହା ଅପ୍ରମାଣିତ ନ ହେବା ପର୍ଯ୍ୟନ୍ତ ସେପରି ତଥ୍ୟ ପ୍ରମାଣିତ ହେଲା ବୋଲି ଧରି ନେଇ ପାରିବେ, ବା ତାହାର ପ୍ରମାଣ ତଲବ କରିପାରିବେ ।

“ଉପଧାରଣା କରିବେ”

ଯେଉଁସବୁ ସ୍ଥଳେ ଏହି ଅଧିନିୟମ ଦ୍ୱାରା ନିର୍ଦ୍ଦେଶ କରାଯାଇଥାଏ ଯେ ନ୍ୟାୟାଳୟ କୌଣସି ତଥ୍ୟର ଉପଧାରଣା କରିବେ ସେହିସବୁ ସ୍ଥଳେ, ନ୍ୟାୟାଳୟ, ତାହା ଅପ୍ରମାଣିତ ନ ହେବା ପର୍ଯ୍ୟନ୍ତ ସେପରି ତଥ୍ୟ ପ୍ରମାଣିତ ହେଲା ବୋଲି ଧରିନେବେ ।

“ନିଶ୍ଚାୟକ ପ୍ରମାଣ”

ଯେତେବେଳେ ଗୋଟିଏ ତଥ୍ୟ ଅନ୍ୟ ତଥ୍ୟର ନିଶ୍ଚାୟକ ପ୍ରମାଣ ବୋଲି ଏହି ଅଧିନିୟମ ଦ୍ୱାରା ଘୋଷିତ ହୋଇଥାଏ ସେତେବେଳେ, ନ୍ୟାୟାଳୟ, ସେହି ତଥ୍ୟର ପ୍ରମାଣ ଉପରେ ଅନ୍ୟ ତଥ୍ୟଟି ପ୍ରମାଣିତ ହେଲା ବୋଲି ଧରି ନେବେ ଓ ତାହାକୁ ଅପ୍ରମାଣିତ କରିବା ଉଦ୍ଦେଶ୍ୟରେ ସାକ୍ଷ୍ୟ ଦିଆଯିବା ପାଇଁ ଅନୁମତି ଦେବେ ନାହିଁ ।

## ଅଧ୍ୟାୟ II

### ତଥ୍ୟାବଳୀର ସୁସଂଗତି ସମ୍ବନ୍ଧରେ

ବାଦପଦୀୟ ତଥ୍ୟ ଓ ସୁସଂଗତ ତଥ୍ୟର ସାକ୍ଷ୍ୟ ଦିଆଯାଇ ପାରିବ ।

5. କୌଣସି ମକଦ୍ଦମା ବା କାର୍ଯ୍ୟବିଧିରେ ପ୍ରତ୍ୟେକ ବାଦପଦୀୟ ତଥ୍ୟର ଓ ଅନ୍ୟ ଯେଉଁ ତଥ୍ୟ ଏଣୁ ଉତ୍ତାରୁ ସୁସଂଗତ ବୋଲି ଘୋଷିତ ହୋଇଛି ସେହି ଅନ୍ୟ ତଥ୍ୟର ବିଦ୍ୟମାନତା ବା ଅବିଦ୍ୟମାନତା ସଂପର୍କରେ ସାକ୍ଷ୍ୟ ଦିଆଯାଇପାରିବ, ଅନ୍ୟ କୌଣସି ତଥ୍ୟର ନୁହେଁ ।

ସ୍ପଷ୍ଟୀକରଣ—ସିଭିଲ ପ୍ରକ୍ରିୟା ସମ୍ପର୍କିତ ତତ୍ସମୟ ପ୍ରବୃତ୍ତ ବିଧିର ଯେକୌଣସି ବ୍ୟବସ୍ଥା ଦ୍ୱାରା କୌଣସି ବ୍ୟକ୍ତି ଯେଉଁ ତଥ୍ୟ ପ୍ରମାଣ କରିବାକୁ ହକଦାର ନୁହନ୍ତି ସେହି ତଥ୍ୟର ସାକ୍ଷ୍ୟ ଦେବାକୁ ଏହି ଧାରା ତାହାକୁ ସମର୍ଥ କରିବ ନାହିଁ ।

### ଦୃଷ୍ଟାନ୍ତ

(କ) ଖ' ଙ୍କର ମୃତ୍ୟୁ ଘଟାଇବା ଆଶୟ ରଖି ତାହାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ପାଇଁ କ' ଙ୍କର ବିଚାରଣ ହେଉଛି ।

କ' ଙ୍କର ବିଚାରଣରେ ନିମ୍ନଲିଖିତ ତଥ୍ୟଗୁଡ଼ିକ ବାଦପଦ:—

ଖ' ଙ୍କୁ କ' ଠେଙ୍ଗାରେ ପିଟିବା;

କ' ଏପରି ପିଟିବା ଦ୍ୱାରା ଖ' ଙ୍କର ମୃତ୍ୟୁ ଘଟାଇବା;

ଖ' ଙ୍କର ମୃତ୍ୟୁ ଘଟାଇବା ନିମିତ୍ତ କ' ଙ୍କର ଆଶୟ ।

(ଖ) କୌଣସି ମକଦ୍ଦମାକାରୀ ଯେଉଁ ବନ୍ଧପତ୍ର ଉପରେ ଭରସା କରନ୍ତି ସେହି ବନ୍ଧପତ୍ରକୁ ସାଙ୍ଗରେ ଆଣି ନ ଥାନ୍ତି ଓ ମାମଲାର ପ୍ରଥମ ଶୁଣାଣିବେଳେ ପେଶ୍ କରିବାକୁ ପ୍ରସ୍ତୁତ ହୋଇ ନ ଥାନ୍ତି, ସିଭିଲ ପ୍ରକ୍ରିୟା ସଂହିତା ଦ୍ୱାରା ବିହିତ ହୋଇଥିବା ସର୍ତ୍ତଗୁଡ଼ିକ ଅନୁଯାୟୀ ଛଡ଼ା ଅନ୍ୟଥା ସେହି କାର୍ଯ୍ୟବିଧିର କୌଣସି ପରବର୍ତ୍ତୀ ସ୍ତରରେ ବନ୍ଧପତ୍ରଟିକୁ ପେଶ୍ କରିବାକୁ ବା ତାହାର ବିଷୟବସ୍ତୁକୁ ପ୍ରମାଣ କରିବାକୁ ତାହାଙ୍କୁ ଏହି ଧାରା ସମର୍ଥ କରିବ ନାହିଁ ।

ଏକା କାରବାରର ଅଂଶ ବିଶେଷ ହୋଇଥିବା ତଥ୍ୟର ସୁସଂଗତି ।

6. ଯେଉଁ ତଥ୍ୟ ବାଦପଦ ନ ହେଲେ ହେଁ କୌଣସି ବାଦପଦୀୟ ତଥ୍ୟ ସହିତ ଏପରି ସମ୍ପର୍କିତ ଯେ ତାହା ଏକା କାରବାରର ଅଂଶ ବିଶେଷ ହୋଇଥାଏ ସେହି ତଥ୍ୟ, ଏକା ସମୟ ଓ ସ୍ଥାନରେ ଘଟିଥାଉ ବା ଭିନ୍ନ ଭିନ୍ନ ସମୟ ଓ ସ୍ଥାନରେ ଘଟିଥାଉ, ସୁସଂଗତ ଅଟେ ।

### ଦୃଷ୍ଟାନ୍ତ

(କ) ଖ' ଙ୍କୁ ପିଟି ତାହାଙ୍କୁ ହତ୍ୟା କରିବା ସଂକ୍ରାନ୍ତରେ କ' ଅଭିଯୁକ୍ତ ହୁଅନ୍ତି । କ' ବା ଖ' ବା ଦେଖଣାହାରୀମାନେ ଯେଉଁ ବିଷୟ ପିଟାଯିବା ବେଳେ କହିଥାଆନ୍ତି ବା କରିଥାଆନ୍ତି ଅଥବା ପିଟାଯିବାର ଏତେ ଅଳ୍ପ ସମୟ ପୂର୍ବରୁ ବା ପରେ କହିଥାଆନ୍ତି ବା କରିଥାଆନ୍ତି ଯେ ତାହା ସେହି କାରବାରର ଅଂଶ ବିଶେଷ ହୋଇଥାଏ, ତାହା ଏକ ସୁସଂଗତ ତଥ୍ୟ ।

(ଗ) ଯେଉଁ ସଶସ୍ତ୍ର ବିପ୍ଳବରେ ସମ୍ପତ୍ତି ନାଶ କରାଯାଏ, ସେନା ଉପରେ ଆକ୍ରମଣ କରାଯାଏ ଓ କାରାଗାର ଭାଙ୍ଗି ଖୋଲି ଦିଆଯାଏ ତହିଁରେ ଭାଗ ନେଇ ଭାରତ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ କରିଅଛନ୍ତି ବୋଲି ଅଭିଯୁକ୍ତ ହୁଅନ୍ତି । କ ସେ ସମସ୍ତ ଘଟଣାରେ ଉପସ୍ଥିତ ନ ଥିଲେ ହେଁ ସାଧାରଣ କାରବାରର ଅଂଶ ବିଶେଷ ହୋଇଥିବା ଯୋଗୁଁ ଏହି ତଥ୍ୟଗୁଡ଼ିକର ଉକ୍ତ ସୁସଙ୍ଗତ ଅଟେ ।

(ଖ) କୌଣସି ପତ୍ର ବିନିମୟର ଅଂଶବିଶେଷ ହୋଇଥିବା ଏକ ପତ୍ରରେ ଅନ୍ତର୍ଭୁକ୍ତ କୌଣସି ଅପବାଦଲେଖା ପାଇଁ ଖ ଙ୍କ ବିରୁଦ୍ଧରେ କ ନାଲିସ କରନ୍ତି । ଯେଉଁ ବିଷୟକୁ ଅପବାଦଲେଖାର ଉଦ୍ଭବ ସେହି ସଂକ୍ରାନ୍ତରେ ହୋଇଥିବା ଓ ଯେଉଁ ପତ୍ର ବିନିମୟରେ ସେହି ଅପବାଦଲେଖାଟି ଅନ୍ତର୍ଭୁକ୍ତ ତାହାର ଅଂଶ ବିଶେଷ ହୋଇଥିବା ଏପରି ଯେଉଁ ପତ୍ରଗୁଡ଼ିକ ପକ୍ଷମାନଙ୍କ ମଧ୍ୟରେ ଦିଆ ନିଆ ହୋଇଥାଏ ତହିଁରେ ସେହି ଅପବାଦଲେଖାଟି ନ ଥିଲେ ହେଁ ସେହି ପତ୍ରଗୁଡ଼ିକ ସୁସଙ୍ଗତ ତଥ୍ୟ ଅଟେ ।

(ଗ) ପ୍ରଶ୍ନ ହେଉଛି ଖ ଙ୍କ ଦ୍ୱାରା ଆଦିଷ୍ଟ କେତେକ ମାଲ କ ଙ୍କୁ ପରିଦତ୍ତ ହୋଇଛି କି ନାହିଁ । ସେହି ମାଲ ପର୍ଯ୍ୟାୟକ୍ରମେ ବିଭିନ୍ନ ମଧ୍ୟବର୍ତ୍ତୀ ବ୍ୟକ୍ତିଙ୍କୁ ପରିଦତ୍ତ ହୋଇଛି । ପ୍ରତ୍ୟେକ ପରିଦାନ ହେଉଛି ଏକ ସୁସଙ୍ଗତ ତଥ୍ୟ ।

ଯେଉଁ ତଥ୍ୟ ବାଦପଦୀୟ ତଥ୍ୟର ଅବସର, ହେତୁକ ବା ଫଳ ।

7. ଯେଉଁ ତଥ୍ୟଗୁଡ଼ିକ ସୁସଙ୍ଗତ ତଥ୍ୟର ବା ବାଦପଦୀୟ ତଥ୍ୟର, ଆସନ୍ନ ହେଉ ପଛକେ ବା ଅନ୍ୟଥା ହୋଇଥାଉ, ଅବସର, ହେତୁକ ବା ଫଳ ଅଟେ, ବା ଯେଉଁ ପରିସ୍ଥିତିରେ ସେଗୁଡ଼ିକ ଘଟିଥାଏ ସେହି ପରିସ୍ଥିତିର ଅଂଶବିଶେଷ ହୋଇଥାଏ, ବା ସେଗୁଡ଼ିକର ଘଟିବା ପାଇଁ ବା କାରବାର ପାଇଁ କୌଣସି ସୁଯୋଗ ଦେଇଥାଏ, ସେହି ତଥ୍ୟଗୁଡ଼ିକ ସୁସଙ୍ଗତ ।

ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, ଖ ଙ୍କୁ କ ଲୁଟି କରିଥିଲେ କି ନାହିଁ । ଲୁଟି କରାଯିବାର ଅଳ୍ପ ସମୟ ପୂର୍ବରୁ ପାର୍ବଣରେ କିଛି ଧନ ନେଇ ଖ ମେଳାକୁ ଯାଇଥିଲେ ଓ ସେ ଅନ୍ୟମାନଙ୍କୁ ତାହା ଦେଖାଇଥିଲେ ବା ତାହା ରଖିଛନ୍ତି ବୋଲି କହିଥିଲେ. ଏହି ତଥ୍ୟଗୁଡ଼ିକ ସୁସଙ୍ଗତ ।

(ଖ) ପ୍ରଶ୍ନ ହେଉଛି କ, ଖ ଙ୍କୁ ହତ୍ୟା କରିଥିଲେ କି ନାହିଁ । ଯେଉଁ ସ୍ଥାନରେ ହତ୍ୟାକାଣ୍ଡ ଘଟିଥିଲା ସେଠାରେ ବା ତାହାର ନିକଟସ୍ଥ ଭୂମିରେ ଥିବା ସଂଘର୍ଷଜନିତ ଚିହ୍ନମାନ ସୁସଙ୍ଗତ ତଥ୍ୟ ।

(ଗ) ପ୍ରଶ୍ନ ହେଉଛି, କ, ଖ ଙ୍କୁ ବିଷ ପ୍ରୟୋଗ କରିଥିଲେ କି ନାହିଁ । ବିଷ ପ୍ରୟୋଗ ଜନିତ ଲକ୍ଷଣ ଦେଖା ଦେବା ପୂର୍ବରୁ ଖ ଙ୍କର ସ୍ୱାସ୍ଥ୍ୟର ଅବସ୍ଥା ଓ କ ଙ୍କୁ ଜଣାଥିବା ଖ ଙ୍କର ଯେଉଁ ଅଭ୍ୟାସଗୁଡ଼ିକ ବିଷପ୍ରୟୋଗ ପାଇଁ ସୁଯୋଗ ଦେଇଥିଲା, ସେଗୁଡ଼ିକ ସୁସଙ୍ଗତ ତଥ୍ୟ ।

ଅଭିପ୍ରାୟ, ପ୍ରସ୍ତୁତି ଓ ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଆଚରଣ ।

8. ଯେଉଁ ତଥ୍ୟ, କୌଣସି ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟ ନିମନ୍ତେ ଏକ ଅଭିପ୍ରାୟ ବା ପ୍ରସ୍ତୁତି ଦର୍ଶାଇଥାଏ ବା ଗଠନ କରୁଥାଏ ତାହା ସୁସଙ୍ଗତ ଅଟେ ।

କୌଣସି ମକଦ୍ଦମା ବା କାର୍ଯ୍ୟବିଧିର କୌଣସି ପକ୍ଷକାର ବା କୌଣସି ପକ୍ଷଙ୍କ ଏଜେଣ୍ଟଙ୍କର ସେହି ମକଦ୍ଦମା ବା କାର୍ଯ୍ୟବିଧି ବିଷୟକ ଅଥବା ତହିଁରେ ଥିବା ବାଦପଦୀୟ ତଥ୍ୟ ବା ତାହା ସହିତ ସୁସଙ୍ଗତ କୌଣସି ତଥ୍ୟ ବିଷୟକ ଆଚରଣ, ଏବଂ ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଅପର କୌଣସି ଅପରାଧ କୌଣସି କାର୍ଯ୍ୟବିଧିର ବିଷୟବସ୍ତୁ ହୋଇଥାଏ ତାହାଙ୍କର ଆଚରଣ ଯଦି କୌଣସି ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟକୁ ପ୍ରଭାବିତ କରୁଥାଏ ବା ତଦ୍ୱାରା ପ୍ରଭାବିତ ହେଉଥାଏ ତେବେ ସେହି ଆଚରଣ ତାହାର ପୂର୍ବବର୍ତ୍ତୀ ହୋଇଥାଉ କି ପରବର୍ତ୍ତୀ ହୋଇଥାଉ, ସୁସଙ୍ଗତ ଅଟେ ।

ସ୍ପଷ୍ଟୀକରଣ—ଯଦି କୌଣସି ବିବୃତି, ବିବୃତି ଭିନ୍ନ ଅନ୍ୟ କୌଣସି କାର୍ଯ୍ୟସହିତ ଦିଆଯାଇ ନ ଥାଏ ବା ତାହା ସେହି କାର୍ଯ୍ୟର ସ୍ପଷ୍ଟୀକରଣ ହେଉ ନ ଥାଏ ତାହାହେଲେ ଅନ୍ୟ କୌଣସି ବିବୃତି ଛଡ଼ା ଉକ୍ତ ବିବୃତି ଏହି ଧାରାରେ ଥିବା "ଆଚରଣ" ଶବ୍ଦର ଅନ୍ତର୍ଭୁକ୍ତ ହେବନାହିଁ, ମାତ୍ର ଏହି ସ୍ପଷ୍ଟୀକରଣ ଏହି ଅଧିନିୟମର ଅନ୍ୟ ଯେ କୌଣସି ଧାରା ଅଧୀନ ବିବୃତିର ସୁସଂଗତିକୁ ପ୍ରଭାବିତ କରିବନାହିଁ ।

ସ୍ପଷ୍ଟୀକରଣ 2—ଯେତେବେଳେ କୌଣସି ବ୍ୟକ୍ତିଙ୍କ ଆଚରଣ ସୁସଂଗତ ହୋଇଥାଏ, ସେତେବେଳେ ତାହାଙ୍କୁ ବା ତାହାଙ୍କ ଉପସ୍ଥିତିରେ ଏବଂ ଶ୍ରୁତିଗୋଚରରେ ଦିଆଯାଇଥିବା ଯେଉଁ ବିବୃତି ସେହିଭଳି ଆଚରଣକୁ ପ୍ରଭାବିତ କରୁଥାଏ ତାହା ସୁସଂଗତ ଅଟେ ।

## ଦୃଷ୍ଟାନ୍ତ

(କ) ଖଙ୍କର ହତ୍ୟା ପାଇଁ କ ଙ୍କର ବିଚାରଣ ହେଉଛି । ଗ'ଙ୍କୁ କ ହତ୍ୟା କରିଥିଲେ, ଗ'ଙ୍କୁ କ ହତ୍ୟା କରିଥିବା ଖ ଜାଣିଥିଲେ ଓ ଖ ତାହାଙ୍କର ଏହି ଜ୍ଞାନକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଧମକ ଦେଇ କ'ଙ୍କ ଠାରୁ ଧନ ବଳପୂର୍ବକ ଅସୁଲ କରିବାକୁ ଚେଷ୍ଟା କରିଥିଲେ, ଏହି ତଥ୍ୟଗୁଡ଼ିକ ସୁସଂଗତ ।

(ଖ) କୌଣସି ବନ୍ଧପତ୍ର ଉପରେ ଅର୍ଥର ସଂଦାୟ ମାଗି କ ଖ'ଙ୍କ ବିରୁଦ୍ଧରେ ନାଲିସ କରନ୍ତି, ଖ ବନ୍ଧପତ୍ର ଲେଖିଥିବାର ଅସ୍ୱୀକାର କରନ୍ତି ।

ଯେତେବେଳେ ବନ୍ଧପତ୍ର ଲେଖାଯିବା ଅଭିକଥିତ ହୋଇଥିଲା ସେତେବେଳେ ଏକ ବିଶେଷ ପ୍ରୟୋଜନରେ ଖ ଧନ ଆବଶ୍ୟକ କରୁଥିଲେ, ଏହି ତଥ୍ୟଟି ସୁସଂଗତ ।

(ଗ) ବିଷଦ୍ୱାରା ଖ'ଙ୍କର ହତ୍ୟାପାଇଁ କ'ଙ୍କର ବିଚାରଣ ହେଉଛି ।

ଖ'ଙ୍କର ମୃତ୍ୟୁ ପୂର୍ବରୁ ତାହାଙ୍କୁ ଦିଆଯାଇଥିବା ବିଷ ଭଳି ଏକ ବିଷ କ ଯୋଗାଡ଼ କରିଥିଲେ, ଏହି ତଥ୍ୟଟି ସୁସଂଗତ ।

(ଘ) ପ୍ରଶ୍ନ ହେଉଛି, କୌଣସି ଏକ ଦସ୍ତାବିଜ କ'ଙ୍କର ଉଇଲ କି ନୁହେଁ ।

ଅଭିକଥିତ ଉଇଲର ତାରିଖର ଅଳ୍ପ କିଛି ଦିନ ପୂର୍ବେ ଅଭିକଥିତ ଉଇଲର ବ୍ୟବସ୍ଥା ସଂକ୍ରାନ୍ତ ବିଷୟ ସେ ଯେ ଜାଣିଥିଲେ, ସେ ସେହି ଉଇଲ କରିବା ପ୍ରସଂଗରେ ଓକିଲମାନଙ୍କ ସହିତ ପରାମର୍ଶ କରିଥିଲେ ଏବଂ ସେ ଅନ୍ୟଗୁଡ଼ିଏ ଉଇଲର ଚିଠାମାନ ପ୍ରସ୍ତୁତ କରାଇଥିଲେ ଯାହାକୁ ସେ ଅନୁମୋଦନ କରି ନ ଥିଲେ, ଏହି ତଥ୍ୟଗୁଡ଼ିକ ସୁସଂଗତ ।

(ଙ) କୌଣସି ଅପରାଧରେ କ ଅଭିଯୁକ୍ତ ହୋଇଛନ୍ତି ।

ଅଭିକଥିତ ଅପରାଧ କରିବା ପୂର୍ବରୁ ବା କରିବା ବେଳେ ବା କରିବା ପରେ କ ଏପରି ସାକ୍ଷ୍ୟର ବ୍ୟବସ୍ଥା କରିଥିଲେ ଯାହା ମାମଲାଟିର ତଥ୍ୟଗୁଡ଼ିକୁ ତାହାଙ୍କ ପ୍ରତି ଅନୁକୂଳ କରାଇ ପାରେ, ଅଥବା ସେ ସାକ୍ଷ୍ୟ ନଷ୍ଟ କଲେ ବା ଲୁଚାଇଲେ ବା ଯେଉଁ ବ୍ୟକ୍ତିମାନେ ସାକ୍ଷୀ ହୋଇ ପାରନ୍ତେ ସେମାନଙ୍କ ଉପସ୍ଥିତିକୁ ନିବାରିତ କଲେ ବା ସେମାନଙ୍କୁ ଅନୁପସ୍ଥିତ କରାଇଲେ କିମ୍ବା ସେହି ବିଷୟରେ ମିଥ୍ୟା ସାକ୍ଷ୍ୟ ଦେବା ଲାଗି ଲୋକ ଯୋଗାଡ଼ କଲେ, ଏହି ତଥ୍ୟଗୁଡ଼ିକ ସୁସଂଗତ ।

(ଚ) ପ୍ରଶ୍ନହେଉଛି, ଖ'ଙ୍କୁ କ ଲୁଟି କରିଥିଲେ କି ନାହିଁ ।

ଖ'ଙ୍କୁ ଲୁଟି କରାଯିବା ପରେ କ'ଙ୍କର ଉପସ୍ଥିତିରେ ଗ'କହିଲେ, "ଖ'ଙ୍କୁ ଲୁଟି କରିଥିବା ଲୋକକୁ ଖୋଜିବା ପାଇଁ ପୋଲିସ ଆସୁଛନ୍ତି," ଏବଂ ତାହା ପରେ ପରେ କ ଦୌଡ଼ି ପଳାଇଲେ, ଏହି ତଥ୍ୟଗୁଡ଼ିକ ସୁସଂଗତ ।

(ଛ) ପ୍ରଶ୍ନ ହେଉଛି କ ୧୦,୦୦୦ ଟଙ୍କା ପାଇଁ ଖ ଠାରେ ଋଣୀ କି ନୁହନ୍ତି ।

ଗ'ଙ୍କୁ କ ଟଙ୍କା ଧାର ମାଗିଲେ, ଏବଂ କ'ଙ୍କର ଉପସ୍ଥିତିରେ ଓ ତାହାଙ୍କୁ ଶୁଣାଇଲା ଭଳି ଘ କହିଲେ, "କ ଉପରେ ଭରସା ନ କରିବାକୁ ମୁଁ ତୁମକୁ ଉପଦେଶ ଦେଉଛି, କାରଣ ସେ ଖ ଠାରେ ୧୦,୦୦୦ ଟଙ୍କା ପାଇଁ ଋଣୀ ହୋଇଛନ୍ତି," ଏବଂ କ କୌଣସି ଉତ୍ତର ନ ଦେଇ ଚାଲିଗଲେ, ଏହି ତଥ୍ୟଗୁଡ଼ିକ ହେଉଛି ସୁସଂଗତ ।

(ଠ) ପ୍ରଶ୍ନ ହେଉଛି, କ କୌଣସି ଅପରାଧ କରିଛନ୍ତି କି ନାହିଁ ।

ଅପରାଧୀଙ୍କ ବିରୁଦ୍ଧରେ ତଦନ୍ତ କରାଯାଉଛି ବୋଲି ଚେତାବନୀ-ମୂଳକ ପତ୍ର ପାଇ କ ଫେରାର ହୋଇଗଲେ, ଏହି ତଥ୍ୟ ଏବଂ ସେହି ପତ୍ରର ବିଷୟବସ୍ତୁ ଉଭୟ ସୁସଂଗତ ।

(ଡ) କୌଣସି ଅପରାଧ ନେଇ କ ଅଭିଯୁକ୍ତ ହୋଇଛନ୍ତି ।

ଅଭିକଥିତ ଅପରାଧ କରାଯିବା ପରେ ସେ ଫେରାର ହୋଇଗଲେ ବା ସେହି ଅପରାଧ ଦ୍ୱାରା ଅର୍ଜିତ ସମ୍ପତ୍ତି ବା ସମ୍ପତ୍ତି ଲବ୍ଧ ଆଗମର ଦଖଲରେ ଥିଲେ ବା ଯେଉଁ ବସ୍ତୁ ତାହା କରାଯିବାରେ ବ୍ୟବହୃତ ହୋଇଥିଲା ବା ହୋଇ ଥାଇପାରେ ତାହାକୁ ଲୁଚାଇବାକୁ ପ୍ରୟାସ କଲେ, ଏହି ତଥ୍ୟଗୁଡ଼ିକ ସୁସଂଗତ ।

(ଢ) ପ୍ରଶ୍ନ ହେଉଛି, କ କୁ ବଳାତ୍କାର କରାଯାଇଛି କି ନାହିଁ ।

ଅଭିକଥିତ ଧର୍ଷଣର ଅଳ୍ପସମୟ ପରେ ସେ ଅପରାଧ ସମ୍ପର୍କରେ ଫରିଆଦ କଲେ, ଯେଉଁ ପରିସ୍ଥିତିରେ ଯେଉଁ ଯେଉଁ ଶବ୍ଦରେ ଫରିଆଦ କରାଗଲା ସେଗୁଡ଼ିକ ସୁସଂଗତ ।

ଫରିଆଦ ନ କରି ତାହାଙ୍କୁ ବଳାତ୍କାର କରାଯାଇଛି ବୋଲି କହିଥିବା ତଥ୍ୟଟି ଯଦ୍ୟପି ଧାରା 32 ର ଖଣ୍ଡ (1) ଅନୁଯାୟୀ ମୃତ୍ୟୁକାଳୀନ ଘୋଷଣା ଭାବରେ ବା ଧାରା 157 ଅନୁଯାୟୀ ସଂପୋଷକ ସାକ୍ଷ୍ୟ ଭାବରେ ସୁସଂଗତ ହୋଇପାରେ ତଥାପି ଏହି ଧାରା ଅନୁଯାୟୀ ଆଚରଣ ରୂପେ ସୁସଂଗତ ନୁହେଁ ।

(ଣ) ପ୍ରଶ୍ନ ହେଉଛି, କ'ଙ୍କୁ ଲୁଟି କରାଯାଇଛି କି ନାହିଁ ।

ଅଭିକଥିତ ଲୁଟିର ପରେ ପରେ ସେ ଅପରାଧ ସମ୍ପର୍କରେ ଫରିଆଦ କଲେ, ଯେଉଁ ପରିସ୍ଥିତିରେ ଓ ଯେଉଁ ଯେଉଁ ଶବ୍ଦରେ ଫରିଆଦ କରାଗଲା ସେଗୁଡ଼ିକ ସୁସଂଗତ ।

ଫରିଆଦ ନ କରି ତାହାଙ୍କୁ ଲୁଟି କରାଯାଇଛି ବୋଲି ସେ କହିଥିବା ତଥ୍ୟଟି ଯଦ୍ୟପି ଧାରା 32ର ଖଣ୍ଡ (1) ଅନୁଯାୟୀ ମୃତ୍ୟୁକାଳୀନ ଘୋଷଣା ଭାବରେ ବା ଧାରା 157 ଅନୁଯାୟୀ ସଂପୋଷକ ସାକ୍ଷ୍ୟ ଭାବରେ ସୁସଙ୍ଗତ ହୋଇପାରେ ତଥାପି ଏହି ଧାରା ଅନୁଯାୟୀ ଆଚରଣ ରୂପେ ତାହା ସୁସଙ୍ଗତ ନୁହେଁ ।

ସୁସଙ୍ଗତ ତଥ୍ୟ ସ୍ପଷ୍ଟ କରିବା ପାଇଁ ବା ଉପସ୍ଥାପନ କରିବା ପାଇଁ ଆବଶ୍ୟକ ତଥ୍ୟ ।

୯. ଯେଉଁ ତଥ୍ୟ, କୌଣସି ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟବୋଲି ସ୍ପଷ୍ଟକରିବା ବା ଉପସ୍ଥାପନ କରିବା ଆବଶ୍ୟକ ଅଟେ, ଅଥବା କୌଣସି ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟ ଦ୍ୱାରା ସଙ୍କେତ କରାଯାଉଥିବା କୌଣସି ଅନୁମାନକୁ ସମର୍ଥନ ବା ଖଣ୍ଡନ କରେ ଅଥବା ଯେଉଁ ବସ୍ତୁ ବା ବ୍ୟକ୍ତି ସଂପର୍କିତ ଅଭିନ୍ନତା ସୁସଙ୍ଗତ ଅଟେ ତାହାର ଅଭିନ୍ନତା ପ୍ରତିଷ୍ଠା କରେ, ଅଥବା ଯେଉଁ ସମୟରେ ବା ଯେଉଁ ସ୍ଥାନରେ କୌଣସି ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟ ଘଟିଛି ତାହା ସ୍ଥିର କରେ ଅଥବା ଯେଉଁ ପକ୍ଷମାନଙ୍କ ଦ୍ୱାରା ସେପରି କୌଣସି ତଥ୍ୟ କରାଯାଇଛି ସେମାନଙ୍କର ସଂପର୍କ ଦର୍ଶାଏ, ସେହି ତଥ୍ୟ ଯେତେଦୂର ସେହି ପ୍ରୟୋଜନରେ ଆବଶ୍ୟକ ସେତେଦୂର ସୁସଙ୍ଗତ ।

### ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, କୌଣସି ନିର୍ଦ୍ଦିଷ୍ଟ ଦସ୍ତାବିଜ କ'ଙ୍କର ଉଇଲ କି ନୁହେଁ । ଅଭିକଥିତ ଉଇଲ କରାଯିବା ତାରିଖରେ କ'ଙ୍କର ତଥା ତାଙ୍କ ପରିବାରର ସଂପତ୍ତିର ଅବସ୍ଥା ସୁସଙ୍ଗତ ତଥ୍ୟ ହୋଇପାରେ ।

(ଖ) କ ପ୍ରତି ଅପମାନଜନକ ଆଚରଣ ଆରୋପ କରୁଥିବା କୌଣସି ଅପବାଦଲେଖା ଲାଗି ଖ ବିରୁଦ୍ଧରେ କ ନାଲିସ କରନ୍ତି; ଖ ପ୍ରତିପାଦନ କରନ୍ତି ଯେ ଅପବାଦମୂଳକ ବୋଲି ଅଭିକଥିତ ହୋଇଥିବା ବିଷୟଟି ସତ୍ୟ ଅଟେ ।

ଯେତେବେଳେ ଅପବାଦଲେଖା ପ୍ରକାଶିତ ହେଲା ସେତେବେଳେ ପକ୍ଷମାନଙ୍କର ସ୍ଥିତି ଓ ସମ୍ପର୍କ, ବିବାଦ୍ୟ ତଥ୍ୟର ଉପସ୍ଥାପକ ରୂପେ ସୁସଂଗତ ତଥ୍ୟ ହୋଇପାରେ ।

କ ଓ ଖ ମଧ୍ୟରେ ଥିବା ସଂପର୍କକୁ ସେମାନଙ୍କର କୌଣସି ବିବାଦ ପ୍ରଭାବିତ କରୁଥିବା ତଥ୍ୟଟି ଯଦ୍ୟପି ସୁସଂଗତ ହୋଇପାରେ ତଥାପି ଅଭିକଥିତ ଅପବାଦଲେଖା ସହିତ ଅସଂପୃକ୍ତ ବିଷୟ ସମ୍ବନ୍ଧରେ କ ଓ ଖ ମଧ୍ୟରେ ଥିବା ବିବାଦର ସବିଶେଷ ବିବରଣ ବିସଙ୍ଗତ ଅଟେ ।

(ଗ) କୌଣସି ଅପରାଧ ନେଇ କ ଅଭିଯୁକ୍ତ ହୋଇଅଛି ।

ଅପରାଧ ଘଟିବା ପରେ ପରେ କ ନିଜ ଘରୁ ଫେରାର ହୋଇଯିବା ତଥ୍ୟ, ବାଦପଦୀୟ ତଥ୍ୟର ପରବର୍ତ୍ତୀ ହୋଇଥିବା ଓ ତାହାଦ୍ୱାରା ପ୍ରଭାବିତ ହୋଇଥିବା ଆଚରଣ ଭାବରେ ଧାରା ୮ ଅନୁଯାୟୀ ସୁସଂଗତ ।

ସେ ଯେତେବେଳେ ଘର ଛାଡି ଚାଲିଗଲେ ସେ ସମୟରେ ସେ ଯେଉଁ ସ୍ଥାନକୁ ଗଲେ ସେଠାରେ ତାହାଙ୍କର ଅଚାନକ ଓ ଜରୁରୀ କାମ ବାକି ଥିବା ତଥ୍ୟ ତାହାଙ୍କର ଅଚାନକ ଘରଛାଡି ଚାଲିଯିବା ତଥ୍ୟକୁ ସ୍ପଷ୍ଟ କରାଉଥିବାରୁ ସୁସଙ୍ଗତ ।

ଯେଉଁ କାରବାର ଲାଗି ସେ ଘର ଛାଡି ଚାଲିଗଲେ ତାହାର ବିସ୍ତୃତ ବିବରଣ, ସେହି କାରବାର ଅଚାନକ ଓ ଜରୁରୀ ଥିଲା ବୋଲି ଦର୍ଶାଇବା ସକାଶେ ସେଗୁଡ଼ିକ ଯେତେଦୂର ଆବଶ୍ୟକ ସେତେଦୂର ସୁସଙ୍ଗତ, ତହିଁରୁ ଅଧିକ ନୁହେଁ ।

(ଘ) କ ଙ୍କ ସହିତ କରାଯାଇଥିବା ସେବା ଚୁକ୍ତିକୁ ଭାଙ୍ଗିଦେବା ସକାଶେ ଗ କୁ ପ୍ରରୋଚିତ କରିବା ଲାଗି ଖ ବିରୁଦ୍ଧରେ କ ନାଲିସ କରନ୍ତି । କ ଙ୍କର ସେବା ଛାଡ଼ିବା ସମୟରେ କ ଙ୍କୁ ଗ କହନ୍ତି, "ମୁଁ ତୁମକୁ ଛାଡ଼ିଯାଉଛି କାରଣ ମୋତେ ଖ ଅଧିକ ଭଲ ପ୍ରସ୍ତାବ ଯାଚୁଛନ୍ତି" । ଗ ଙ୍କର ଯେଉଁ ଆଚରଣ ବାଦପଦୀୟ ତଥ୍ୟ ରୂପେ ସୁସଙ୍ଗତ ଅଟେ ତାହାକୁ ସ୍ପଷ୍ଟ କରୁଥିବା ଏହି ବିବୃତିଟି ସୁସଙ୍ଗତ ତଥ୍ୟ ଅଟେ ।

(ଙ) ଚୋରି କରିବାରେ ଅଭିଯୁକ୍ତ କ, ଚୋରି ସଂପତ୍ତି ଖ କୁ ଦେଉଥିବାର ଦେଖାଗଲେ । ଖ ତାହାକୁ କ ଙ୍କର ପତ୍ନୀଙ୍କୁ ଦେଉଥିବାର ମଧ୍ୟ ଦେଖାଗଲେ । ଖ ତାହାକୁ ଦେବାବେଳେ କହନ୍ତି, "ତୁମକୁ ଏହାକୁ ଲୁଚାଇ ଦେବାକୁ ଦେବ ବୋଲି କ କହିଛନ୍ତି ।" ଯେଉଁ ତଥ୍ୟ ସେହି କାରବାରର ଅଂଶବିଶେଷ ଅଟେ, ତାହାର ସ୍ପଷ୍ଟୀକରଣାତ୍ମକ ରୂପେ ଖ ଙ୍କ ବିବୃତିଟି ସୁସଙ୍ଗତ ଅଟେ ।

(ଚ) କୌଣସି ଦଙ୍ଗା ବିଷୟରେ କ ଙ୍କର ବିଚାରଣ କରାଯାଏ ଏବଂ ସେ ବିଶୃଙ୍ଖଳ ଜନତାର ଆଗେ ଆଗେ ଚାଲୁଥିବାର ପ୍ରମାଣିତ ହୋଇଯାଏ । ଏହି କାରବାରଟି କି ପ୍ରକାରର ତାହାର ସ୍ପଷ୍ଟୀକରଣାତ୍ମକ ରୂପେ ଉକ୍ତ ବିଶୃଙ୍ଖଳ ଜନତାର ଚିତ୍କାର ସୁସଙ୍ଗତ ଅଟେ ।

ସାମାନ୍ୟ ଅଭିସନ୍ଧି ବିଷୟରେ ଷଡ଼ଯନ୍ତ୍ରକାରୀ ଦ୍ୱାରା କୁହାଯାଇଥିବା ବା କରାଯାଇଥିବା କାର୍ଯ୍ୟ ।

10. ଯେଉଁଠାରେ ଦୁଇ ବା ତତୋଽଧିକ ବ୍ୟକ୍ତି କୌଣସି ଅପରାଧ ବା କୌଣସି ଅଭିଯୋଜ୍ୟ ଦୋଷ କରିବା ନିମିତ୍ତ ଏକତ୍ର ହୋଇ ଷଡ଼ଯନ୍ତ୍ର କରିଥାନ୍ତି ବୋଲି ବିଶ୍ୱାସ କରିବାର ଯୁକ୍ତିଯୁକ୍ତ ହେତୁ ଥାଏ, ସେହିଠାରେ, ସେମାନଙ୍କ ସାଧାରଣ ଅଭିସନ୍ଧି ସମ୍ବନ୍ଧରେ ସେପରି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ, ଯେଉଁ ସମୟରେ ସେମାନଙ୍କ ମଧ୍ୟରୁ କେହିଜଣେ ସେପରି ଅଭିସନ୍ଧି ପ୍ରଥମେ ମନରେ ପୋଷଣ କରିଥିବେ ତାହା ପରେ, କହିଥିବା, କରିଥିବା ବା ଲେଖିଥିବା କୌଣସି କଥା, ଯେଉଁମାନେ ସେପରି ଷଡ଼ଯନ୍ତ୍ରରେ ଲିପ୍ତ ବୋଲି ବିଶ୍ୱାସ କରାଯାଏ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ବିରୁଦ୍ଧରେ, ତଥା ଷଡ଼ଯନ୍ତ୍ରର ବିଦ୍ୟମାନତାକୁ ପ୍ରମାଣ କରିବା ଉଦ୍ଦେଶ୍ୟରେ ଆଉମଧ୍ୟ ସେପରି କୌଣସି ବ୍ୟକ୍ତି ତହିଁରେ ପକ୍ଷ ଥିଲେ ବୋଲି ଦର୍ଶାଇବା ଉଦ୍ଦେଶ୍ୟରେ ଏକ ସୁସଙ୍ଗତ ତଥ୍ୟ ।

## ଦୃଷ୍ଟାନ୍ତ

ଭାରତ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମିତ୍ତ କୌଣସି ଷଡ଼ଯନ୍ତ୍ରରେ କ ଯୋଗ ଦେଇଛନ୍ତି ବୋଲି ବିଶ୍ୱାସ କରିବାର ଯୁକ୍ତିଯୁକ୍ତ ହେତୁ ଅଛି ।

ଖ ଷଡ଼ଯନ୍ତ୍ର ଉଦ୍ଦେଶ୍ୟରେ ୟୁରୋପରେ ଅସ୍ତ୍ରଶସ୍ତ୍ର ସଂଗ୍ରହ କଲେ, ଗ ଉକ୍ତ ଏକ ଉଦ୍ଦେଶ୍ୟରେ କଲିକତାରେ ଧନ ସଂଗ୍ରହ କଲେ, ଘ ଷଡ଼ଯନ୍ତ୍ରରେ ଯୋଗଦେବା ନିମିତ୍ତ ବମ୍ବେରେ ଲୋକଙ୍କୁ ପ୍ରବର୍ତ୍ତାଇଲେ, ଙ ସେହି ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଆଗ୍ରାର ପକ୍ଷ ପୋଷଣ କରି ପ୍ରବନ୍ଧ ଲେଖାମାନ ପ୍ରକାଶ କଲେ, ଏବଂ ଗ କଲିକତାରେ ସଂଗ୍ରହ କରିଥିବା ଧନକୁ ଚ ଦିଲ୍ଲୀରୁ ଛ ନିକଟକୁ କାବୁଲକୁ ପଠାଇଲେ, ଏବଂ ଏହି ଷଡ଼ଯନ୍ତ୍ରର ବିବରଣୀ ଦେଇ ଜ ଲେଖିଥିବା ଏକ ପତ୍ରର ବିଷୟବସ୍ତୁ, ପ୍ରତ୍ୟେକଟି ତଥ୍ୟ ଉକ୍ତ ଷଡ଼ଯନ୍ତ୍ରର ବିଦ୍ୟମାନତା ପ୍ରମାଣିତ କରିବା ନିମିତ୍ତ ତଥା ତହିଁରେ କ ଜଡ଼ିତ ହେବା ବିଷୟ ପ୍ରମାଣିତ କରିବା ନିମିତ୍ତ ସୁସଙ୍ଗତ ଯଦ୍ୟପି ସେ ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ବିଷୟରେ ଅଜ୍ଞ ହୋଇପାରନ୍ତି, ଏବଂ ଯଦ୍ୟପି ସେହି ବ୍ୟକ୍ତିମାନେ ତାହା କରିଥିଲେ ସେମାନେ ତାଙ୍କର ଅପରିଚିତ ହୋଇପାରନ୍ତି, ଏବଂ ଯଦ୍ୟପି ସେ ଷଡ଼ଯନ୍ତ୍ରରେ ଯୋଗଦେବା ପୂର୍ବରୁ ବା ସେ ତହିଁରୁ ଓହରି ଯିବା ପରେ ତାହା ଘଟିଥାଇପାରେ ।

ଅନ୍ୟଥା ସୁସଙ୍ଗତ ହୋଇ ନ ଥିବା ତଥ୍ୟ କେତେବେଳେ ସୁସଙ୍ଗତ ହେବ ।

11. ଯେଉଁ ତଥ୍ୟ ଅନ୍ୟଥା ସୁସଙ୍ଗତ ନୁହେଁ ତାହା ଯଦି—

(1) କୌଣସି ବାଦପ୍ରଶ୍ନୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟ ସହିତ ଅସଙ୍ଗତ ହୁଏ ;

(2) ନିଜେ ବା ଅନ୍ୟାନ୍ୟ ତଥ୍ୟ ସହିତ ମିଳିତ ହୋଇ କୌଣସି ବାଦପ୍ରଶ୍ନୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟର ବିଦ୍ୟମାନତା ବା ଅବିଦ୍ୟମାନତାକୁ ଅତ୍ୟନ୍ତ ସମ୍ଭାବ୍ୟ ବା ଅସମ୍ଭାବ୍ୟ କରେ, ତାହାହେଲେ ତାହା ସୁସଙ୍ଗତ ଅଟେ ।

ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି କୌଣସି ନିର୍ଦ୍ଦିଷ୍ଟ ଦିନ କଲିକତାରେ କ କୌଣସି ଅପରାଧ କରିଥିଲେ କି ନାହିଁ ।

ସେହିଦିନ କ ଲାହୋରରେ ଥିଲେ ଏହି ତଥ୍ୟଟି ସୁସଙ୍ଗତ ଅଟେ ।

ଯେଉଁବେଳେ ଅପରାଧଟି କରାଗଲା, ପାଖାପାଖି ସେହି ସମୟରେ, ଯେଉଁ ସ୍ଥାନରେ ତାହା କରାଗଲା ସେଠାରୁ କ ଏତେଦୂରରେ ଥିଲେ ଯେ ସେ ସେହି ଅପରାଧଟି କରିବା ଯଦ୍ୟପି ଅସମ୍ଭବ ନହେଁ ତଥାପି ଅତ୍ୟନ୍ତ ଅସମ୍ଭାବ୍ୟ, ଏହି ତଥ୍ୟଟି ସୁସଙ୍ଗତ ।

(ଖ) ପ୍ରଶ୍ନ ହେଉଛି, କ କୌଣସି ଅପରାଧ କରିଥିଲେ କି ନାହିଁ ।

ପରିସ୍ଥିତି ଏପରି ଯେ ଏହି ଅପରାଧ କ, ଖ, ଗ ବା ଘ ମଧ୍ୟରୁ କେହି ନିଶ୍ଚୟ କରିଥିବେ । ଯେଉଁ ଯେଉଁ ତଥ୍ୟରୁ ଜଣାଯାଏ ଯେ ସେହି ଅପରାଧ ଅନ୍ୟ କେହି କରିପାରି ନଥିବେ ଏବଂ ତାହା ଖ, ଗ ବା ଘ ମଧ୍ୟରୁ କେହି କରିନାହାନ୍ତି, ସେହି ସେହି ତଥ୍ୟ ପ୍ରତ୍ୟେକଟି ସୁସଙ୍ଗତ ।

ଲୋକସାନ ନିମନ୍ତେ ମାମଲାରେ ରାଶି ଅବଧାରଣ କରିବା ନିମିତ୍ତ ନ୍ୟାୟାଳୟକୁ ସମର୍ଥ କରିବାକୁ ପ୍ରବୃତ୍ତ ହେଉଥିବା ତଥ୍ୟ ସୁସଙ୍ଗତ ଅଟେ ।

12. ଯେଉଁ ମକଦ୍ଦମାରେ ଲୋକସାନ ଦାବି କରାଯାଏ ତହିଁରେ, କେତେ ପରିମାଣ ଲୋକସାନ ଅଧିନିର୍ଣ୍ଣୀତ ହେବା ଉଚିତ ତାହା ଅବଧାରଣ କରିବାରେ ନ୍ୟାୟାଳୟକୁ ଯେଉଁ ତଥ୍ୟ ସମର୍ଥ କରିବ ତାହା ସୁସଙ୍ଗତ ।

ଯେତେବେଳେ ଅଧିକାର ବା ଲୋକାଚାର ପ୍ରଶ୍ନାଧୀନ ସେତେବେଳେ ସୁସଙ୍ଗତ ହେଉଥିବା ତଥ୍ୟ ।

13. ଯେତେବେଳେ କୌଣସି ସ୍ୱତ୍ୱ, କୌଣସି ଅଧିକାର ବା ଲୋକାଚାରର ବିଦ୍ୟମାନତା ବିଷୟକ ହୋଇଥାଏ ସେତେବେଳେ ନିମ୍ନଲିଖିତ ତଥ୍ୟଗୁଡ଼ିକ ସୁସଙ୍ଗତ ହୁଏ:—

(କ) ଯେଉଁ କାରବାର ଦ୍ୱାରା ପ୍ରଶ୍ନାଧୀନ ଅଧିକାର ବା ଲୋକାଚାରର ସୃଷ୍ଟି ହୋଇଥିଲା, ଦାବି କରାଯାଇଥିଲା, ରୂପାନ୍ତରିତ ବା ସ୍ୱୀକୃତ ହୋଇଥିଲା, ଅଥବା ଯାହାରେ ବିବାଦିତ ହୋଇଥିଲା ବା ଅସ୍ୱୀକୃତ ହୋଇଥିଲା ସେହି କାରବାର, ଅଥବା ଯେଉଁ କାରବାର ତାହାର ବିଦ୍ୟମାନତା ସହିତ ଅସଙ୍ଗତ ଥିଲା ସେହି କାରବାର;

(ଖ) ସେହି ଉପଲକ୍ଷ ବିଶେଷରେ ସେହି ଅଧିକାର ବା ଲୋକାଚାର ଦାବି କରାଯାଇଥିଲା, ପରିଜ୍ଞାତ ହୋଇଥିଲା ବା ପ୍ରୟୋଗ କରାଯାଇଥିଲା, ଅଥବା ଯହିଁରେ ତାହାର ପ୍ରୟୋଗ ସଂକ୍ରାନ୍ତରେ ବିବାଦ ଉଠିଥିଲା ବା ଦୃଢ଼ଭାବରେ କୁହାଯାଇଥିଲା ବା ତାହାର ଅନୁସରଣ କରାଯାଇ ନଥିଲା ସେହି ଉପଲକ୍ଷ ।

## ଦୃଷ୍ଟାନ୍ତ

ପ୍ରଶ୍ନ ହେଉଛି, କୌଣସି ମତ୍ସ୍ୟକ୍ଷେତ୍ରରେ କ ଙ୍କର ଅଧିକାର ଅଛି କି ନାହିଁ । କ ଙ୍କ ପୂର୍ବଜମାନଙ୍କୁ ମତ୍ସ୍ୟକ୍ଷେତ୍ର ଅର୍ପଣ କରୁଥିବା ଦଲିଲ, କ ଙ୍କର ପିତାଙ୍କ ଦ୍ୱାରା ସେହି ମତ୍ସ୍ୟକ୍ଷେତ୍ରର ବନ୍ଧକ, କ ଙ୍କର ପିତାଙ୍କଦ୍ୱାରା ସେହି ବନ୍ଧକ ସହିତ ଅସାମଞ୍ଜସ୍ୟ ଥିବା ସେହି ମତ୍ସ୍ୟକ୍ଷେତ୍ରର ପରବର୍ତ୍ତୀ ପ୍ରଦାନ, ଯେଉଁ ଉପଲକ୍ଷ ବିଶେଷରେ କ ଙ୍କର ପିତା ଅଧିକାର ପ୍ରୟୋଗ କରିଥିଲେ ସେହି ଉପଲକ୍ଷ ଏବଂ ଯେଉଁ ଉପଲକ୍ଷ ବିଶେଷରେ ସେହି ଅଧିକାରର ପ୍ରୟୋଗକୁ କ ଙ୍କର ପ୍ରତିବେଶୀମାନେ ବନ୍ଦ କରିଥିଲେ ସେହି ଉପଲକ୍ଷ ଏହି ତଥ୍ୟଗୁଡ଼ିକ ସୁସଙ୍ଗତ ତଥ୍ୟ ।

ମନ ବା ଦେହର ଅବସ୍ଥା ବା ଦୈହିକ ଅନୁଭୂତିର ବିଦ୍ୟମାନତା ଦର୍ଶାଉଥିବା ତଥ୍ୟ ।

14. ମନର କୌଣସି ଅବସ୍ଥା ଯଥା, ଅଭିପ୍ରାୟ, ଜ୍ଞାନ, ସଦ୍‌ବିଶ୍ୱାସ, ଅବହେଳନ, ବେପରୁଆଭାବ, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପ୍ରତି ବିଦ୍ୱେଷ ବା ସଦିଚ୍ଛାର ବିଦ୍ୟମାନତା ଦର୍ଶାଉଥିବା ଅଥବା ଦେହର ବା ଦୈହିକ ଅନୁଭୂତି ସଂପର୍କିତ କୌଣସି ଅବସ୍ଥାର ବିଦ୍ୟମାନତା ଦର୍ଶାଉଥିବା ତଥ୍ୟମାନ ସୁସଙ୍ଗତ ହେବ ଯେତେବେଳେ, ସେପରି କୌଣସି ମନ, ଦେହ ବା ଦୈହିକ ଅନୁଭୂତିର ବିଦ୍ୟମାନତା ବାଦଗ୍ରସ୍ତ ବା ସୁସଙ୍ଗତ ହୋଇଥାଏ ।

ସ୍ପଷ୍ଟୀକରଣ 1—ମନର ଏକ ସୁସଙ୍ଗତ ଅବସ୍ଥାର ବିଦ୍ୟମାନତା ଦର୍ଶାଉଥିବା ଯୋଗୁଁ ସୁସଙ୍ଗତ ଏକ ତଥ୍ୟ, ନିଶ୍ଚିତଭାବରେ ଏହା ଦର୍ଶାଇବା ଆବଶ୍ୟକ ଯେ ମନର ସେହି ଅବସ୍ଥା ସାଧାରଣଭାବରେ ବିଦ୍ୟମାନ ନୁହେଁ, କିନ୍ତୁ ପ୍ରଶ୍ନଗତ ନିର୍ଦ୍ଦିଷ୍ଟ ବିଷୟ ସଂକ୍ରାନ୍ତରେ ବିଦ୍ୟମାନ ଅଛି ।

ସ୍ପଷ୍ଟୀକରଣ 2—କିନ୍ତୁ ଯେଉଁଠାରେ, କୌଣସି ଅପରାଧରେ ଅଭିଯୁକ୍ତ କୌଣସି ବ୍ୟକ୍ତିଙ୍କର ବିଚାରଣ ବେଳେ ଏହି ଧାରାର ମର୍ମ ଅନୁସାରେ ସେହି ଅଭିଯୁକ୍ତ ବ୍ୟକ୍ତି ପୂର୍ବରୁ କୌଣସି ଅପରାଧ କରିଥିବା ଘଟଣା ସୁସଙ୍ଗତ ହୁଏ, ସେହି ସ୍ଥଳେ ସେପରି ବ୍ୟକ୍ତିଙ୍କର ପୂର୍ବ ଦୋଷସିଦ୍ଧି ମଧ୍ୟ ସୁସଙ୍ଗତ ତଥ୍ୟ ହେବ ।

## ଦୃଷ୍ଟାନ୍ତ

(କ) ଚୋରି ମାଲକୁ କ ତାହା ଚୋରି କରାଯାଇଥିବା ଜାଣି ଗ୍ରହଣ କରିଥିବା ନେଇ ଅଭିଯୁକ୍ତ ହୋଇଅଛି । କୌଣସି ବିଶିଷ୍ଟ ଚୋରି ଦ୍ରବ୍ୟ ତାହାଙ୍କ ଦଖଲରେ ଥିଲା ବୋଲି ପ୍ରମାଣିତ ହୁଏ ।

ସେହି ଏକା ସମୟରେ, ଅନ୍ୟାନ୍ୟ ଅନେକ ଚୋରିଦ୍ରବ୍ୟ ତାହାଙ୍କ ଦଖଲରେ ଥିଲା, ଏହି ତଥ୍ୟଟି ସୁସଙ୍ଗତ ଅଟେ, କାରଣ ଯେଉଁ ଦ୍ରବ୍ୟଗୁଡ଼ିକ ତାହାଙ୍କ ଦଖଲରେ ଥିଲା ତନ୍ମଧ୍ୟରୁ ପ୍ରତ୍ୟେକକୁ ଓ ସବୁଗୁଡ଼ିକୁ ସେ ଚୋରି କରାଯାଇଥିବା ଜାଣିଥିଲେ ବୋଲି ଦର୍ଶାଉଛି ।

(ଖ) କ ଅନ୍ୟ କୌଣସି ବ୍ୟକ୍ତିଙ୍କୁ କୌଣସି କୂଟ ମୁଦ୍ରା ପ୍ରବଞ୍ଚନାପୂର୍ବକ ପରିଦାନ କରିବା ଅଭିଯୋଗରେ ଅଭିଯୁକ୍ତ ହୋଇଅଛି, ଯାହାକୁ ପରିଦାନ ସମୟରେ ଉକ୍ତ ମୁଦ୍ରା କୂଟ ବୋଲି ସେ ଜାଣିଥିଲେ ।

ତାହା ପରିଦାନ କରିବା ସମୟରେ କ ଦଖଲରେ ଅନେକଗୁଡ଼ିଏ କୂଟ ମୁଦ୍ରା ଥିଲା, ଏହି ତଥ୍ୟଟି ସୁସଙ୍ଗତ ଅଟେ ।

କୌଣସି କୂଟ ମୁଦ୍ରାକୁ କୂଟ ବୋଲି ଜାଣି ପ୍ରକୃତମୁଦ୍ରା ବୋଲି ଅନ୍ୟକୁ ପରିଦାନ କରିଥିବା ଅଭିଯୋଗରେ କ ପୂର୍ବରୁ ଦୋଷସିଦ୍ଧ ହୋଇଥିଲେ, ଏହି ତଥ୍ୟଟି ସୁସଙ୍ଗତ ଅଟେ ।

(ଗ) ଖ ଙ୍କର ଯେଉଁ କୁକୁରଟି ହିଂସ୍ରବୋଲି ଖ ଜାଣିଥିଲେ ସେହି କୁକୁର କରିଥିବା ଲୋକସାନ ପାଇଁ ଖ ବିରୁଦ୍ଧରେ କ ନାଲିସ କରିଅଛି ।

ସେହି କୁକୁରଟି ପୂର୍ବରୁ ଗ, ଘ ଓ ଙ କୁ କାମୁଡ଼ିଥିଲା, ଏବଂ ସେମାନେ ଖ ନିକଟରେ ଫେରିଆଦ କରିଥିଲେ, ଏହି ତଥ୍ୟଗୁଡ଼ିକ ସୁସଙ୍ଗତ ।

(ଘ) ପ୍ରଶ୍ନ ହେଉଛି, କୌଣସି ବିନିମୟପତ୍ରର ପ୍ରତିଗ୍ରହୀତା ଓ ଗ୍ରହଣକାରୀଙ୍କ ନାମ ଅପ୍ରକୃତ ବୋଲି ଜାଣିଥିଲେ କି ନାହିଁ ।

ଯଦି ଗ୍ରହଣକାରୀ ଜଣେ ବାସ୍ତବ ବ୍ୟକ୍ତି ହୋଇଥାନ୍ତେ ତାହାହେଲେ କୌଣସି ବିନିମୟପତ୍ର ସେହି ଗ୍ରହଣକାରୀଙ୍କ ଦ୍ୱାରା କ ପାଖକୁ ଯେତେବେଳେ ସଂକ୍ରମିତ ହୋଇପାରିଥିବା କଥା ତାହା ପୂର୍ବରୁ କ ସେ ଅନୁରୂପ ରୀତିରେ ଅଙ୍କିତ ଅନ୍ୟ ବିନିମୟପତ୍ରମାନ ଗ୍ରହଣ କରିଥିଲେ, ଏହି ତଥ୍ୟ ଗ୍ରହଣକାରୀ ଜଣେ ଅପ୍ରକୃତ ବ୍ୟକ୍ତି ଥିଲେ ବୋଲି କ ଜାଣିଥିବାର ଦର୍ଶାଉଥିବା ଯୋଗୁଁ ସୁସଙ୍ଗତ ।

(ଙ) ଖ ଙ୍କର ଖ୍ୟାତି ପ୍ରତି ଅନିଷ୍ଟ କରିବା ସକାଶେ ଆଶୟିତ ଅପବାଦ ପ୍ରକାଶିତ କରି ଖ ଙ୍କର ମାନହାନି କରିଥିବା ଅଭିଯୋଗରେ କ ଅଭିଯୁକ୍ତ ହୋଇଛନ୍ତି ।

ଖ ପ୍ରତି କ ଙ୍କ ବିଦ୍ୱେଷ ଦର୍ଶାଇ କ ଦ୍ୱାରା ଖ ସଂପର୍କିତ ପୂର୍ବ ପ୍ରକାଶନ ତଥ୍ୟଟି, ଆଲୋଚ୍ୟ ପ୍ରକାଶନ ବିଶେଷ ଦ୍ୱାରା ଖ ଙ୍କ ଖ୍ୟାତି ପ୍ରତି ଅନିଷ୍ଟ କରିବା ସକାଶେ କ ଙ୍କ ଆଶୟକୁ ପ୍ରମାଣିତ କରୁଥିବାରୁ ସୁସଂଗତ ।

କ ଓ ଖ ମଧ୍ୟରେ ପୂର୍ବରୁ କୌଣସି କଳହ ନଥିଲା ଏବଂ କ ପରିବାଦ କରାଯାଇଥିବା ବିଷୟକୁ ଯେପରି ଶୁଣିଥିଲେ ସେହିପରି ପୁନରାବୃତ୍ତି କରିଥିଲେ, ଏହି ତଥ୍ୟଗୁଡ଼ିକ ଖ ଙ୍କର ଖ୍ୟାତି ପ୍ରତି ଅନିଷ୍ଟ କରିବା ସକାଶେ କ ଙ୍କର ଆଶୟ ନଥିଲା ବୋଲି ଦର୍ଶାଉଥିବାରୁ ସୁସଙ୍ଗତ ।

(ଚ) ଖ ବିଷୟରେ ଗଙ୍କୁ କ ପ୍ରବଞ୍ଚନାପୂର୍ବକ ଜଣାଇଲେ ଯେ ଖ ପରିଶୋଧକ୍ଷମ ଅଟନ୍ତି । ଏହାଦ୍ୱାରା ପ୍ରେରିତ ହୋଇ, ଯେତେବେଳେ ଖ ପରିଶୋଧ ଅକ୍ଷମ ଥିଲେ ତାହାଙ୍କ ଉପରେ ଭରସା କରି ଗ କ୍ଷତି ସହିଥିବାରୁ, କ ବିରୁଦ୍ଧରେ ଉକ୍ତ ଗ ନାଲିସ କରିଛନ୍ତି ।

ଖ ପରିଶୋଧକ୍ଷମ ବୋଲି କ ଜଣାଇଥିବା ସମୟରେ ତାଙ୍କର ପଡ଼ୋଶୀମାନେ ଓ ତାହାଙ୍କ ସଙ୍ଗେ କାରବାର କରୁଥିବା ବ୍ୟକ୍ତିମାନେ ତାହାଙ୍କୁ ପରିଶୋଧକ୍ଷମ ବୋଲି ମନେ କରୁଥିଲେ । ଏହି ତଥ୍ୟ କ ସଦ୍‌ବିଶ୍ୱାସରେ ଜଣାଇଥିଲେ ବୋଲି ଦର୍ଶାଉଥିବା ଯୋଗୁଁ ସୁସଙ୍ଗତ ଅଟେ ।

(ଛ) କ ଙ୍କ ଗୃହରେ କର୍ମକର୍ତ୍ତା ଠିକାଦାର ଗ ଙ୍କ ଆଦେଶ ମତେ ଖ କରିଥିବା କାର୍ଯ୍ୟର ଖର୍ଚ୍ଚା ପାଇଁ କ ବିରୁଦ୍ଧରେ ଖ ନାଲିସ କରନ୍ତି ।

କ ଙ୍କ ପ୍ରତିବାଦ ଏହିକି ଗ ସହିତ ଖ ଙ୍କର ଚୁକ୍ତି ହୋଇଥିଲା ।

ପ୍ରଶ୍ନଗତ କାର୍ଯ୍ୟଟି ପାଇଁ ଗ ଙ୍କୁ କ ଅର୍ଥ ପ୍ରଦାନ କରିଥିଲେ, ଏହି ତଥ୍ୟଟି ସୁସଂଗତ, କାରଣ ଏହା, କ ଙ୍କର ଏଜେଣ୍ଟ ଭାବରେ ନହୋଇ ଗ ସ୍ୱୟଂ, ଖ ସହିତ ଯେପରି ଚୁକ୍ତି କରିପାରିବେ ସେଥିପାଇଁ କ କାର୍ଯ୍ୟର ପରିଚାଳନାକୁ ସଦ୍‌ବିଶ୍ୱାସରେ ଗ ଉପରେ ସମର୍ପଣ କରିଥିବାର ପ୍ରମାଣ ଦେଉଅଛି ।

(ଜ) କ ପାଇଥିବା ସଂପତ୍ତିକୁ ଅସାଧୁ ଦୁର୍ବିନିଯୋଗ କରିଥିବା ଅଭିଯୋଗରେ ଅଭିଯୁକ୍ତ ହୋଇଥାନ୍ତି, ଏବଂ ପ୍ରଶ୍ନ ହେଉଛି ଯେତେବେଳେ ସେ ସଂପତ୍ତିକୁ ବିନିଯୋଗ କଲେ ସେତେବେଳେ ତାହାର ପ୍ରକୃତ ମାଲିକ ମିଳିପାରିବେ ନାହିଁ ବୋଲି ସେ ସଦ୍‌ବିଶ୍ୱାସରେ ଭାବିଥିଲେ କି ।

କ ରହୁଥିବା ସ୍ଥାନରେ ସଂପତ୍ତି ହଜିଯାଇଥିବାର ସାର୍ବଜନିକ ନୋଟିସ୍ ଦିଆଯାଇଥିଲା, ଏହି ତଥ୍ୟ ସୁସଙ୍ଗତ କାରଣ ସଂପତ୍ତିର ପ୍ରକୃତ ମାଲିକ ମିଳିପାରିବେ ନାହିଁ ବୋଲି କ ସଦ୍‌ବିଶ୍ୱାସରେ ଭାବିନଥିଲେ ବୋଲି ଏହା ଦର୍ଶାଉଛି ।

ଯେଉଁ ଗ ସେହି ସଂପତ୍ତି ହଜି ଯାଇଥିବା କଥା ଶୁଣିଥିଲେ ଏବଂ ତାହା ଉପରେ ମିଥ୍ୟା ଦାବି ଉପସ୍ଥାପନ କରିବାକୁ ଇଚ୍ଛା କରୁଥିଲେ ସେ ପ୍ରବଞ୍ଚନା ପୂର୍ବକ ନୋଟିସ୍ ଦେଇଥିଲେ ବୋଲି କ ଜାଣିଥିଲେ ବା ତାହା ବିଶ୍ୱାସ କରିବା ନିମନ୍ତେ ତାଙ୍କର କାରଣ ଥିଲା, ଏହି ତଥ୍ୟଟି ସୁସଙ୍ଗତ, କାରଣ ଏହି ନୋଟିସ୍ ସଂପର୍କରେ କ ଜାଣିଥିଲେ, ଏହି ତଥ୍ୟଟି କ ଙ୍କ ସଦ୍‌ବିଶ୍ୱାସକୁ ଅପ୍ରମାଣିତ କରେ ନାହିଁ ବୋଲି ଦର୍ଶାଉଅଛି ।

(ଝ) ଖ ଙ୍କୁ ହତ୍ୟା କରିବା ଆଶୟରେ ତାହାଙ୍କୁ ଗୁଳି ଚଳାଇଥିବା ଅଭିଯୋଗରେ କ ଙ୍କ ଉପରେ ଦୋଷାରୋପ କରାଯାଉଛି । କ ଙ୍କ ଆଶୟ ଦର୍ଶାଇବା ପାଇଁ କ ପୂର୍ବେ ଖ ଙ୍କୁ ଗୁଳି ଚଳାଇଥିବା ତଥ୍ୟ ପ୍ରମାଣିତ କରାଯାଇପାରେ ।

(ଙ) ଖ ବିରୁଦ୍ଧରେ ଧମକପୂର୍ଣ୍ଣ ପତ୍ର ପଠାଇବା ହେତୁ କ ଉପରେ ଦୋଷାରୋପ କରାଯାଇଛି । ସେହି ପତ୍ରଗୁଡ଼ିକର ଆଶୟ ଦର୍ଶାଇବା ପାଇଁ, ପୂର୍ବରୁ ଖ ବିରୁଦ୍ଧରେ କ ପଠାଇଥିବା ଧମକପୂର୍ଣ୍ଣ ପତ୍ର ଗୁଡ଼ିକ ପ୍ରମାଣିତ କରାଯାଇପାରେ ।

(ଚ) ପ୍ରଶ୍ନ ହେଉଛି, କ ତାଙ୍କ ସ୍ତ୍ରୀ ଖ ପ୍ରତି ନିଷ୍ଠୁରତା ଆଚରଣ କରିଥିବା ଦୋଷରେ ଦୋଷୀ କି ନୁହନ୍ତି ।

ଅଭିକଥିତ ନିଷ୍ଠୁରତାର ଅଳ୍ପ ସମୟପୂର୍ବରୁ ବା ପରେ ପରସ୍ପର ପ୍ରତି ସେମାନଙ୍କର ଭାବ ସଂପର୍କିତ ଅଭିବ୍ୟକ୍ତିଗୁଡ଼ିକ ସୁସଙ୍ଗତ ତଥ୍ୟ ।

(ଛ) ପ୍ରଶ୍ନ ହେଉଛି, କ ଙ୍କର ମୃତ୍ୟୁ ବିଷ ପ୍ରୟୋଗ ଜନିତ କି ନୁହେଁ ।

ନିଜ ରୁଗ୍ଣାବସ୍ଥାରେ କ ନିଜର ଅସୁସ୍ଥତାର ଲକ୍ଷଣ ବିଷୟରେ ଦେଇଥିବା ବିବୃତି ସୁସଙ୍ଗତ ତଥ୍ୟ ।

(ଜ) ପ୍ରଶ୍ନ ହେଉଛି, ଯେତେବେଳେ କ ଙ୍କ ଜୀବନବୀମା କରାଗଲା ସେତେବେଳେ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା କିପରି ଥିଲା ।

ପ୍ରଶ୍ନଗତ ସମୟରେ ବା ତାର ପାଖାପାଖି ସମୟରେ, ନିଜ ସ୍ୱାସ୍ଥ୍ୟର ଅବସ୍ଥା ବିଷୟରେ କ ଦେଇଥିବା ବିବୃତି ସୁସଙ୍ଗତ ।

(ଝ) ବ୍ୟବହାର ପାଇଁ ଯୁକ୍ତିଯୁକ୍ତ ଭାବରେ ଉପଯୁକ୍ତ ନ ଥିବା କୌଣସି ଯାନ କ କୁ ଖ ଭଡ଼ାରେ ଯୋଗାଇଦେବା ଫଳରେ କ କ୍ଷତି ସହିଥିବାରୁ ଅବହେଳା ପାଇଁ ଖ ବିରୁଦ୍ଧରେ କ ନାଲିସ କରିଅଛି ।

ସେହି ନିର୍ଦ୍ଦିଷ୍ଟ ଯାନର ତ୍ରୁଟି ନେଇ ଅନ୍ୟ ଅନେକ ଥରମାନରେ ଖ ଙ୍କ ଧ୍ୟାନ ଆକର୍ଷଣ କରାଯାଇଥିଲା, ଏହି ତଥ୍ୟଟି ସୁସଙ୍ଗତ ।

ଖ ଯେଉଁ ଯାନଗୁଡ଼ିକ ଭଡ଼ାରେ ଦେଉଥାନ୍ତି ତାହା ବିଷୟରେ ସେ ଅଭ୍ୟାସଗତଭାବରେ ଜଣେ ଅବହେଳାକାରୀ ଥିଲେ, ଏହି ତଥ୍ୟଟି ବିସଙ୍ଗତ ।

(ଞ) କ ଇଚ୍ଛାକୃତ ଭାବରେ ଖ କୁ ଗୁଳି ମାରିଦେବା ଦ୍ୱାରା ଖ ଙ୍କ ହତ୍ୟାପାଇଁ କ କୁ ବିଚାରଣ କରାଯାଉଛି ।

କ ଅନ୍ୟାନ୍ୟ ଘଟଣାରେ ଖ କୁ ଗୁଳି ଚଳାଇଥିଲେ, ଏହି ତଥ୍ୟଟି ଖ କୁ ଗୁଳି କରିବା ନେଇ ତାହାଙ୍କର ଆଶୟ ଦର୍ଶାଇବାରୁ ସୁସଙ୍ଗତ ।

କ ଲୋକମାନଙ୍କୁ ହତ୍ୟା କରିବାର ଆଶୟ ରଖି ସେମାନଙ୍କୁ ଗୁଳିକରିବାରେ ଅଭ୍ୟସ୍ତ ଥିଲେ, ଏହି ତଥ୍ୟଟି ବିସଙ୍ଗତ ।

(ଟ) କୌଣସି ଅପରାଧ ପାଇଁ କ ଙ୍କ ବିଚାରଣ କରାଯାଉଛି ।

ସେହି ବିଶିଷ୍ଟ ଅପରାଧ କରିବାର ଆଶୟ ସଙ୍କେତ କରି ସେ କିଛି କହିଥିଲେ, ଏହି ତଥ୍ୟଟି ସୁସଙ୍ଗତ ।

ସେହି ଶ୍ରେଣୀୟ ଅପରାଧ କରିବାକୁ ସାଧାରଣ ମନୋବୃତ୍ତି ସଙ୍କେତ କରି ସେ କିଛି କହିଥିଲେ, ଏହି ତଥ୍ୟଟି ବିସଙ୍ଗତ ।

କାର୍ଯ୍ୟ ଆକସ୍ମିକ କି ସାଶୟ ଥିଲା ଏହି ପ୍ରଶ୍ନ ଉପରେ ପ୍ରଭାବ ପକାଉଥିବା ତଥ୍ୟ ।

15. କୌଣସି କାର୍ଯ୍ୟ ଆକସ୍ମିକ କି ସାଶୟ ଥିଲା ଅଥବା ତାହା କୌଣସି ବିଶିଷ୍ଟ ଜ୍ଞାନ ବା ଆଶୟ ସହ କରାଯାଇଥିଲା କି ନୁହେଁ ଏହା ନେଇ ପ୍ରଶ୍ନ ଉଠିଲେ, ସେହି କାର୍ଯ୍ୟଟି ସେ ସମରୂପ କୌଣସି ଶୃଙ୍ଖଳର ଅଂଶ ଥିଲା ଏବଂ ଯାହାର ପ୍ରତ୍ୟେକ ଘଟଣା ସହିତ ସେହି କାର୍ଯ୍ୟ କରିଥିବା ବ୍ୟକ୍ତି ସଂପୃକ୍ତ ଥିଲେ, ଏହି ତଥ୍ୟଟି ସଙ୍ଗତ ଅଟେ ।

## ଦୃଷ୍ଟାନ୍ତ

(କ) କିଛି ଧାରଣୀ ବୀମାକୃତ ଧନ ଆଦାୟ କରିବା ଉଦ୍ଦେଶ୍ୟରେ କ ନିଜ ଘର ପୋଡ଼ି ଦେବା ନେଇ ଅଭିଯୁକ୍ତ ହୋଇଅଛି ।

ନିଜେ ବୀମା କରିଥିବା ଅନେକ ଘର ମଧ୍ୟରୁ ଗୋଟିକ ପରେ ଗୋଟିଏ ଘରେ କ ବାସ କରିଥାନ୍ତି, ତନ୍ମଧ୍ୟରୁ ପ୍ରତ୍ୟେକଟିରେ ନିଆଁ ଲାଗିଥାଏ ଓ ନିଆଁ ଲାଗିବାର ସେହିଭଳି ପ୍ରତ୍ୟେକ ଘଟଣା ପରେ କ ଏକ ପୃଥକ ବୀମା କାର୍ଯ୍ୟାଳୟରୁ ଅର୍ଥ ପାଇଥାନ୍ତି, ଏହି ତଥ୍ୟଗୁଡ଼ିକ ସୁସଙ୍ଗତ । କାରଣ ସେଗୁଡ଼ିକ ଅଗ୍ନିକାଣ୍ଡମାନ ଆକସ୍ମିକ ନଥିଲା ବୋଲି ଦର୍ଶାଇବା ଲାଗି ଉଦ୍ଦିଷ୍ଟ ।

(ଖ) ଖ ର ଋଣୀଙ୍କ ଠାରୁ ଧନ ସଂଗ୍ରହ ନିମନ୍ତେ କ ନିୟୋଜିତ ହୋଇଅଛି । ନିଜେ ପାଇଥିବା ପରିମାଣମାନ ଦର୍ଶାଇ କୌଣସି ବହିରେ ଦରଜ କରିବା ହେଉଛି କ ର କର୍ତ୍ତବ୍ୟ । କୌଣସି ବିଶେଷ ଘଟଣାରେ ସେ ବାସ୍ତବରେ ପାଇଥିବା ପରିମାଣଠାରୁ କମ୍ ପାଇଥିଲେ ବୋଲି ଦର୍ଶାଇ ଏକ ଦରଜ କରିଛନ୍ତି ।

ପ୍ରଶ୍ନ ହେଉଛି, ଏହି ମିଥ୍ୟା ଦରଜଟି ଆକସ୍ମିକ ନା ସାଶୟ ।

ସେହି ଏକା ବହିରେ କ କରିଥିବା ଅନ୍ୟାନ୍ୟ ଦରଜ ମିଥ୍ୟା ଅଟେ, ଓ ପ୍ରତ୍ୟେକ ସ୍ଥଳେ ମିଥ୍ୟା ଦରଜଗୁଡ଼ିକ କ ପ୍ରତି ଅନୁକୂଳ, ଏହି ତଥ୍ୟଗୁଡ଼ିକ ସୁସଙ୍ଗତ ।

(ଗ) ଖ କୁ ପ୍ରବଞ୍ଚନାପୂର୍ବକ ଏକ କୂଟ ଟଙ୍କା ଦେବା ଅଭିଯୋଗରେ କ ଅଭିଯୁକ୍ତ ହୋଇଅଛନ୍ତି ।

ପ୍ରଶ୍ନ ହେଉଛି, ସେହି ଟଙ୍କା ଦିଆଯିବା ଆକସ୍ମିକ ଥିଲା କି ।

ଖ କୁ ଉକ୍ତ ମୁଦ୍ରା ଦେବାର ଠିକ୍ ପୂର୍ବରୁ ବା ଠିକ୍ ପରେ ଗ, ଘ ଓ ଙ କୁ କ କୂଟ ଟଙ୍କା ଦେଇଥିଲେ, ଏହି ତଥ୍ୟଟି ସୁସଙ୍ଗତ । କାରଣ ଏହା ଖ କୁ ଉକ୍ତ ମୁଦ୍ରା ଦିଆଯିବା ଆକସ୍ମିକ ନଥିଲା ବୋଲି ଦର୍ଶାଉଅଛି ।

କାରବାରର କ୍ରମର ବିଦ୍ୟମାନତା କେବେ କେବେ ସୁସଙ୍ଗତ ଅଟେ ।

16. କୌଣସି ବିଶିଷ୍ଟ କାର୍ଯ୍ୟ କରାଯାଇଥିଲା କି ନାହିଁ ଯେତେବେଳେ ପ୍ରଶ୍ନ ହୁଏ ସେତେବେଳେ , ଯେଉଁ କାରବାରର କ୍ରମ ଅନୁସାରେ ସେହି କାର୍ଯ୍ୟ ସ୍ୱାଭାବିକ ଭାବେ କରାଯାଇଥାନ୍ତା ତାହାର ବିଦ୍ୟମାନତା ସୁସଙ୍ଗତ ତଥ୍ୟ ଅଟେ ।

## ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, କୌଣସି ବିଶିଷ୍ଟ ପତ୍ର ପ୍ରେରିତ ହୋଇଥିଲା କି ।

ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଯାଇଥିବା ସମସ୍ତ ପତ୍ର ଯଥାସ୍ଥାନକୁ ଡାକରେ ନିଆଯିବା ଥିଲା କାରବାରର ଏକ ସାମୁଲି କ୍ରମ, ଏହି ତଥ୍ୟ ଓ ସେହି ସ୍ଥାନରେ ଏକ ବିଶିଷ୍ଟ ପତ୍ର ପକାଯାଇଥିଲା, ଏହି ତଥ୍ୟ ହେଉଛି ସୁସଙ୍ଗତ ।

(ଖ) ପ୍ରଶ୍ନ ହେଉଛି , କୌଣସି ବିଶିଷ୍ଟ ପତ୍ର କ ନିକଟରେ ପହଞ୍ଚିଥିଲା କି । ତାହା ଯଥୋଚିତ ସ୍ଥାନରେ ଡାକରେ ପକାଯାଇଥିଲା ଏବଂ ଅପହଞ୍ଚ ପତ୍ର କାର୍ଯ୍ୟାଳୟ ମାଧ୍ୟମରେ ତାହା ଫେରସ୍ତ ଆସି ନଥିଲା, ଏହି ତଥ୍ୟଗୁଡ଼ିକ ସୁସଙ୍ଗତ ଅଟେ ।

## ସ୍ୱୀକୃତି

ସ୍ୱୀକୃତିର ସଂଜ୍ଞା

17. ଯେଉଁ ବିବୃତି, ତାହା ମୌଖିକ ହେଉ କି ଦସ୍ତାବିଜୀ ହେଉ, କୌଣସି ବାଦସଂପୃକ୍ତ ତଥ୍ୟ ବା ସୁସଙ୍ଗତ ତଥ୍ୟ ସଂକ୍ରାନ୍ତ କୌଣସି ଅନୁମାନର ସଂକେତ ଦିଏ, ଓ ଯାହା ଏହା ପରେ ବର୍ଣ୍ଣିତ ବ୍ୟକ୍ତିଙ୍କ ଦ୍ୱାରା ଓ କୌଣସି ପରିସ୍ଥିତିରେ କରାଯାଇଥାଏ ତାହା ସ୍ୱୀକୃତି ଅଟେ ।

 କାର୍ଯ୍ୟବିଧିର ପକ୍ଷ ବା ତାହାଙ୍କ ଏଜେଣ୍ଟଙ୍କ ଦ୍ୱାରା ସ୍ୱୀକୃତି ।

18. କାର୍ଯ୍ୟବିଧିର କୌଣସି ପକ୍ଷ ଦ୍ୱାରା ଅଥବା ସେହିଭଳି କୌଣସି ପକ୍ଷଦ୍ୱାରା ଯେଉଁ ଏଜେଣ୍ଟଙ୍କୁ ମାମଲାର ପରିସ୍ଥିତିରେ ବିବୃତି ଦେବାକୁ ସେହି ପକ୍ଷଦ୍ୱାରା ଅଭିବ୍ୟକ୍ତ ବା ବିବକ୍ଷିତରୂପେ ପ୍ରାଧିକୃତ କରାଯାଇଥିବା ନ୍ୟାୟାଳୟ ଧରିନିଅନ୍ତି, ତାହାଙ୍କ ଦ୍ୱାରା ଦିଆଯାଇଥିବା ବିବୃତିଗୁଡ଼ିକ ହେଉଛି ସ୍ୱୀକୃତି ।

ପ୍ରତିନିଧିମୂଳକ ଭୂମିକାରେ ମକଦ୍ଦମାକାରୀଙ୍କ ଦ୍ୱାରା ସ୍ୱୀକୃତି ।

ମକଦ୍ଦମାର ଯେଉଁ ପକ୍ଷମାନେ ପ୍ରତିନିଧିମୂଳକ ଭୂମିକାରେ ନାଲିସ କରୁଥାନ୍ତି ବା ନାଲିସଗ୍ରସ୍ତ ହୋଇଥାନ୍ତି, ସେମାନେ କୌଣସି ବିବୃତି ଦେବାବେଳେ ଯଦି ସେହି ଭୂମିକା ଧାରଣ କରି ନଥାନ୍ତି ତାହାହେଲେ, ସେହି ବିବୃତିଗୁଡ଼ିକ ସ୍ୱୀକୃତି ପଦବାଚ୍ୟ ହେବନାହିଁ ।

ନିମ୍ନଲିଖିତ ବ୍ୟକ୍ତିମାନେ ଦେଇଥିବା ବିବୃତି ଅର୍ଥାତ—

ବିଷୟବସ୍ତୁରେ ସ୍ୱାର୍ଥବନ୍ତ ପକ୍ଷ ଦ୍ୱାରା ସ୍ୱୀକୃତି ।

(1) ଯେଉଁ ବ୍ୟକ୍ତିମାନଙ୍କର ସେହି କାର୍ଯ୍ୟବିଧିର ବିଷୟବସ୍ତୁରେ କୌଣସି ସ୍ୱତ୍ୱାଧିକାର ବା ବିତ୍ତୀୟସ୍ୱାର୍ଥ ଥାଏ, ଏବଂ ସେରୂପେ ସ୍ୱାର୍ଥବନ୍ତ ବ୍ୟକ୍ତିଙ୍କ ଭୂମିକାରେ ବିବୃତି ଦିଅନ୍ତି ସେହି ବ୍ୟକ୍ତିମାନେ ଦେଇଥିବା ବିବୃତି, ବା

ଯେଉଁ ବ୍ୟକ୍ତିଙ୍କଠାରୁ ସ୍ୱାର୍ଥ ବ୍ୟୁତ୍ପନ୍ନ ହୋଇଅଛି ତାହାଙ୍କ ଦ୍ୱାରା ସ୍ୱୀକୃତି ।

(2) ସେହି ମକଦ୍ଦମାର ପକ୍ଷମାନଙ୍କର ମକଦ୍ଦମା ଅନ୍ତର୍ଗତ ବିଷୟବସ୍ତୁରେ ସ୍ୱାର୍ଥ ଯେଉଁ ବ୍ୟକ୍ତିମାନଙ୍କଠାରୁ ବ୍ୟୁତ୍ପନ୍ନ ହୋଇଥାଏ, ସେହି ବ୍ୟକ୍ତିମାନଙ୍କ ଦ୍ୱାରା ଦିଆଯାଇଥିବା ବିବୃତି,

ସ୍ୱୀକୃତି ପଦବାଚ୍ୟ ହେବ, ଯଦି ବିବୃତି ଦେଇଥିବା ବ୍ୟକ୍ତିମାନଙ୍କ ସ୍ୱାର୍ଥର ପ୍ରବର୍ତ୍ତନକାଳ ମଧ୍ୟରେ ବିବୃତିଗୁଡ଼ିକ ଦିଆଯାଇଥାଏ ।

ମକଦ୍ଦମାର ପକ୍ଷମାନଙ୍କ ବିରୁଦ୍ଧରେ ଯେଉଁ ବ୍ୟକ୍ତିମାନଙ୍କର ସ୍ଥିତି ପ୍ରମାଣ କରାଯିବା ଦରକାର ସେମାନଙ୍କ ଦ୍ୱାରା ସ୍ୱୀକୃତି ।

19. ଯେଉଁ ବ୍ୟକ୍ତିମାନଙ୍କର ସ୍ଥିତି ବା ଦାୟିତ୍ୱ ପ୍ରମାଣ କରିବା ଦରକାର ସେମାନେ ଦେଇଥିବା ବିବୃତିଗୁଡ଼ିକୁ, ଯଦି ସେହି ବ୍ୟକ୍ତିମାନଙ୍କ ଦ୍ୱାରା ବା ବିରୁଦ୍ଧରେ ଚଳାଯାଇଥିବା ମକଦ୍ଦମାରେ ସେପରି ସ୍ଥିତି ବା ଦାୟିତ୍ୱ ସମ୍ପର୍କରେ ସେପରି ବ୍ୟକ୍ତିମାନଙ୍କ ବିରୁଦ୍ଧରେ ସୁସଙ୍ଗତ ହୋଇଥାଏ, ଓ ଯଦି ସେହି ବିବୃତି ଦେଇଥିବା ବ୍ୟକ୍ତିମାନେ ସେପରି ସ୍ଥିତିରେ ଥିବାବେଳେ ବା ସେପରି ଦାୟିତ୍ୱର ବଶବର୍ତ୍ତୀ ହୋଇଥିବାବେଳେ ସେହି ବିବୃତି ଦେଇଥାନ୍ତି ତାହାହେଲେ ସେହି ବିବୃତିଗୁଡ଼ିକ ସ୍ୱୀକୃତି ହେବ ।

ଦୃଷ୍ଟାନ୍ତ

ଖ ପାଇଁ ଖଜଣା ସଂଗ୍ରହ କରିବାକୁ କ ଅଙ୍ଗୀକାର କରନ୍ତି ।

ଗ ଠାରୁ ଖ ଙ୍କୁ ପ୍ରାପ୍ୟ ଖଜଣା ସଂଗ୍ରହ ନ କରିବାରୁ କ ବିରୁଦ୍ଧରେ ଖ ନାଲିସ କରନ୍ତି ।

ଗ ଠାରୁ ଖ ଙ୍କୁ ଖଜଣା ପ୍ରାପ୍ୟ ଥିବାର କ ଅସ୍ୱୀକାର କରନ୍ତି ।

ଖ ଙ୍କୁ ଗ ଖଜଣା ଦେବାକୁ ଥିଲା ବୋଲି ଗ ଦେଇଥିବା ବିବୃତି, ସ୍ୱୀକୃତି ଅଟେ ଏବଂ ଯଦି ଖ ଙ୍କୁ ଗ କୌଣସି ଖଜଣା ଦେବାକୁ ଥିବାର କ ଅସ୍ୱୀକାର କରନ୍ତି ତେବେ ଉକ୍ତ ବିବୃତି କ ବିରୁଦ୍ଧରେ ଏକ ସୁସଙ୍ଗତ ତଥ୍ୟ ଅଟେ ।

ମକଦ୍ଦମାର ପକ୍ଷ ଦ୍ୱାରା ଅଭିବ୍ୟକ୍ତଭାବେ ସୂଚିତ ବ୍ୟକ୍ତିମାନଙ୍କ ଦ୍ୱାରା ସ୍ୱୀକୃତି ।

20. ଯେଉଁ ବ୍ୟକ୍ତିଙ୍କୁ ମକଦ୍ଦମାର କୌଣସି ପକ୍ଷ କୌଣସି ବିବାଦଗ୍ରସ୍ତ ବିଷୟ ସଂକ୍ରାନ୍ତରେ ସୂଚନାପାଇଁ ଅଭିବ୍ୟକ୍ତଭାବେ ନିବେଦନ କରିଥାନ୍ତି, ସେହି ବ୍ୟକ୍ତି ଦେଇଥିବା ବିବୃତିଗୁଡ଼ିକ ସ୍ୱୀକୃତି ଅଟେ ।

ଦୃଷ୍ଟାନ୍ତ

ପ୍ରଶ୍ନ ହେଉଛି, ଖ ଙ୍କୁ କ ବିକିଥିବା ଘୋଡ଼ାଟି ସୁସ୍ଥ କି ନୁହେଁ ।

ଖ ଙ୍କୁ କ କହନ୍ତି, "ଯାଅ ଗ ଙ୍କୁ ପଚାରନ୍ତୁ, ଗ ଏ ବିଷୟରେ ସବୁ ଜାଣନ୍ତି ।" ଗ ଙ୍କର ବିବୃତି ଏକ ସ୍ୱୀକୃତି ଅଟେ ।

ସ୍ୱୀକୃତି ଦେଉଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଓ ସେମାନଙ୍କ ଦ୍ୱାରା ବା ସେମାନଙ୍କ ତରଫରୁ, ସ୍ୱୀକୃତିଗୁଡ଼ିକର ପ୍ରମାଣ ।

21. ସ୍ୱୀକୃତିଗୁଡ଼ିକ ପ୍ରସଙ୍ଗତ ଏବଂ ସେଗୁଡ଼ିକୁ ଦେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବା ତାହାଙ୍କ ସ୍ୱାର୍ଥର ପ୍ରତିନିଧିଙ୍କ ବିରୁଦ୍ଧରେ ସେଗୁଡ଼ିକୁ ପ୍ରମାଣ କରାଯାଇ ପାରିବ, ମାତ୍ର ନିମ୍ନଲିଖିତ ଅବସ୍ଥାଗୁଡ଼ିକୁ ଛାଡ଼ି ଅନ୍ୟ ଅବସ୍ଥାରେ ସେଗୁଡ଼ିକୁ ଦେଉଥିବା ବ୍ୟକ୍ତି ବା ତାହାଙ୍କ ତରଫରୁ ବା ତାହାଙ୍କ ସ୍ୱାର୍ଥର ପ୍ରତିନିଧି ସେଗୁଡ଼ିକୁ ପ୍ରମାଣ କରିପାରିବେ ନାହିଁ :—

(1) ଯେତେବେଳେ କୌଣସି ସ୍ୱୀକୃତି ଏପରି ପ୍ରକୃତିର ହୋଇଥାଏ ଯେ ଯଦି ତାହା ଦେଉଥିବା ବ୍ୟକ୍ତି ମରିଯାଇଥାନ୍ତି ତେବେ ତାହା ତୃତୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ଧାରା 32 ଅନୁଯାୟୀ ପ୍ରସଙ୍ଗତ ହୁଅନ୍ତା ସେତେବେଳେ ସେହି ସ୍ୱୀକୃତି ଦେଉଥିବା ବ୍ୟକ୍ତିଙ୍କ ଦ୍ୱାରା ବା ତାହାଙ୍କ ତରଫରୁ ତାହାକୁ ପ୍ରମାଣ କରାଯାଇ ପାରିବ ।

(2) ପ୍ରସଙ୍ଗତ ବା ବିବାଦୀୟ ହୋଇଥିବା କୌଣସି ମାନସିକ ବା ଦୈହିକ ଅବସ୍ଥା ଯେଉଁ ସମୟରେ ବିଦ୍ୟମାନ ଥିଲା ସେହି ସମୟରେ ବା ତାହାର ପାଖାପାଖି ସମୟରେ, ଉକ୍ତ ବିଦ୍ୟମାନତା ସଂକ୍ରାନ୍ତରେ କରାଯାଇଥିବା ବିବୃତି, ଯଦି କୌଣସି ସ୍ୱୀକୃତିର ଅନ୍ତର୍ଗତ ହୋଇଥାଏ ଓ ତାହାର ଅସତ୍ୟତାକୁ ଅସମ୍ଭାବ୍ୟ ପ୍ରତିପନ୍ନ କରିବା ଭଳି ଏକ ଆଚରଣ ତାହା ସହିତ ସଂଯୁକ୍ତ ହୋଇଥାଏ ତାହାହେଲେ ସେହି ସ୍ୱୀକୃତି ଦେଉଥିବା ବ୍ୟକ୍ତିଙ୍କ ଦ୍ୱାରା ବା ତରଫରୁ ସ୍ୱୀକୃତିକୁ ପ୍ରମାଣ କରାଯାଇପାରିବ ।

(3) ଯଦି କୌଣସି ସ୍ୱୀକୃତି, ସ୍ୱୀକୃତି ରୂପେ ନ ହୋଇ ଅନ୍ୟଥା ପ୍ରସଙ୍ଗତ ଅଟେ, ତାହାହେଲେ ସେହି ସ୍ୱୀକୃତି ଦେଉଥିବା ବ୍ୟକ୍ତିଙ୍କ ଦ୍ୱାରା ବା ତରଫରୁ ତାହାକୁ ପ୍ରମାଣ କରାଯାଇପାରିବ ।

ଦୃଷ୍ଟାନ୍ତ

(କ) କୌଣସି ନିର୍ଦ୍ଦିଷ୍ଟ ଦଲିଲ ଜାଲ କି ନୁହେଁ ବୋଲି କ ଓ ଖ ମଧ୍ୟରେ ପ୍ରଶ୍ନ ଉଠେ । କ ପ୍ରତିପାଦନ କରନ୍ତି ଯେ ତାହା ପ୍ରକୃତ ଅଟେ, ଖ ପ୍ରତିପାଦନ କରନ୍ତି ଯେ ତାହା ଜାଲ ଅଟେ ।

ସେହି ଦଲିଲଟି ପ୍ରକୃତ ଅଟେ ବୋଲି ଖ ଦେଉଥିବା କୌଣସି ବିବୃତିକୁ କ ପ୍ରମାଣ କରିପାରିବେ ଏବଂ ଦଲିଲଟି ଜାଲ ଅଟେ ବୋଲି କ ଦେଉଥିବା କୌଣସି ବିବୃତିକୁ ଖ ପ୍ରମାଣ କରିପାରିବେ ; ମାତ୍ର ଦଲିଲଟି ପ୍ରକୃତ ଅଟେ ବୋଲି ନିଜେ ଦେଉଥିବା କୌଣସି ବିବୃତିକୁ କ ପ୍ରମାଣ କରିପାରିବେ ନାହିଁ କିମ୍ବା ସେହି ଦଲିଲଟି ଜାଲ ବୋଲି ନିଜେ ଦେଉଥିବା ବିବୃତିକୁ ଖ ପ୍ରମାଣ କରିପାରିବେ ନାହିଁ ।

(ଖ) କୌଣସି ଜାହାଜକୁ ମାର୍ଗଚ୍ୟୁତ କରିବା ନେଇ ସେହି ଜାହାଜର କପ୍ତାନଙ୍କୁ ବିଚାରଣ କରାଯାଏ ।

ଜାହାଜଟିକୁ ନିଜର ଉଚିତ ମାର୍ଗରୁ ବାହାରକୁ ନିଆଯାଇଥିଲା ବୋଲି ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଏ ।

କ ଦିନକୁ ଦିନ ଯେଉଁ ପର୍ଯ୍ୟବେକ୍ଷଣ କରିଥିବା ବୋଲି ଅଭିକଥିତ ହୋଇଛି ତାହା ଦର୍ଶାଉଥିବା ଓ ଜାହାଜଟିକୁ ତାହାର ଉଚିତ ମାର୍ଗରୁ ବାହାର ନିଆଯାଇ ନ ଥିବାକୁ ସଙ୍କେତ ଦେଉଥିବା ଯେଉଁ ପୁସ୍ତକକୁ କ କାରବାରର ମାମୁଲି କ୍ରମରେ ରଖିଥାଆନ୍ତି ସେହି ପୁସ୍ତକକୁ ସେ ପେଶ କରନ୍ତି । କ ଏହି ବିବୃତିଗୁଡ଼ିକୁ ପ୍ରମାଣ କରିପାରିବେ, କାରଣ ଯଦି ତାହାଙ୍କର ମୃତ୍ୟୁ ହୋଇଯାଇଥାନ୍ତା, ତେବେ ଧାରା 32ର ଖଣ୍ଡ (2) ଅନୁଯାୟୀ ସେଗୁଡ଼ିକ ତୃତୀୟ ପକ୍ଷମାନଙ୍କ ମଧ୍ୟରେ ଗ୍ରାହ୍ୟ ହୁଅନ୍ତା ।

(ଗ) କ କଲିକତାରେ କରିଥିବା କୌଣସି ଅପରାଧ ନେଇ ଅଭିଯୁକ୍ତ ହୁଅନ୍ତି ।

ସେ ନିଜେ ଲେଖିଥିବା ଓ ସେହିଦିନ ଲାହୋରରେ ତାରିଖଯୁକ୍ତ ହୋଇଥିବା ଏବଂ ସେହି ଦିନର ଲାହୋରର ଡାକ ଚିହ୍ନ ଥିବା ପତ୍ର ପେଶ କରନ୍ତି ।

ପତ୍ରର ତାରିଖରେ ଥିବା ବିବୃତିଟି ଗ୍ରାହ୍ୟ ଅଟେ, କାରଣ ଯଦି କ ଙ୍କର ମୃତ୍ୟୁ ହୋଇ ଯାଇଥାଆନ୍ତା ତେବେ ତାହା ଧାରା 32 ର ଖଣ୍ଡ (2) ଅନୁଯାୟୀ ଗ୍ରାହ୍ୟ ହୁଅନ୍ତା ।

(ଗ) କ ଚୋରିମାଲକୁ ଚୋରି କରାଯାଇଥିବାର ଜାଣି ଗ୍ରହଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ହୁଅନ୍ତି ।

ସେଗୁଡ଼ିକୁ ସେଗୁଡ଼ିକର ମୂଲ୍ୟଠାରୁ କମ ମୂଲ୍ୟରେ ବିକ୍ରୟ କରିବା ନିମିତ୍ତ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ପ୍ରମାଣ କରିବାକୁ ସେ ପ୍ରସ୍ତାବ କରନ୍ତି ।

ସେଗୁଡ଼ିକ ସ୍ୱୀକୃତି ହେଲେ ହେଁ କ ସେହି ବିବୃତିଗୁଡ଼ିକ ପ୍ରମାଣ କରିପାରିବେ, କାରଣ ସେଗୁଡ଼ିକ ବାଦପଦୀୟ ତଥ୍ୟ ଦ୍ୱାରା ପ୍ରଭାବିତ ଆଚରଣ ସଂପର୍କରେ ସ୍ପଷ୍ଟୀକରଣ ଅଟେ ।

(ଘ) କୌଣସି କୃତ୍ରିମ ମୁଦ୍ରାକୁ ଉତ୍ତମ ମୁଦ୍ରାବୋଲି ଜାଣି କ ପ୍ରବଞ୍ଚନା ପୂର୍ବକ ନିଜ ଦଖଲରେ ରଖିଥିବା ଅଭିଯୋଗରେ ଅଭିଯୁକ୍ତ ହୁଅନ୍ତି ।

ସେ ପ୍ରମାଣ କରିବାକୁ ପ୍ରସ୍ତାବ କରନ୍ତି-ଯେ ସେ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ସେହି ମୁଦ୍ରାଟିକୁ ପରୀକ୍ଷା କରିବାକୁ କହିଥିଲେ, କାରଣ ତାହା କୃତ୍ରିମ କି ନୁହେଁ ବୋଲି ତାଙ୍କର ଶଙ୍କା ଥିଲା ଏବଂ ସେହି ବ୍ୟକ୍ତି ତାହାକୁ ପରୀକ୍ଷା କରି ତାଙ୍କୁ କହିଲେ ଯେ ତାହା ପ୍ରକୃତ ଅଟେ ।

ପୂର୍ବବର୍ତ୍ତୀ ଶେଷ ଦୃଷ୍ଟାନ୍ତରେ କଥିତ କାରଣଗୁଡ଼ିକରୁ କ ଏହି ତଥ୍ୟଗୁଡ଼ିକୁ ପ୍ରମାଣ କରି ପାରିବେ ।

**ଦସ୍ତାବିଜର ବିଷୟବସ୍ତୁ ବିଷୟରେ କେତେବେଳେ ମୌଖିକ ସ୍ୱୀକୃତି ସୁସଙ୍ଗତ ହେବ ।**

22. ଯଦି ଏବଂ ଯେ ପର୍ଯ୍ୟନ୍ତ, କୌଣସି ଦସ୍ତାବିଜର ବିଷୟବସ୍ତୁ ସଂକ୍ରାନ୍ତୀୟ ମୌଖିକ ସ୍ୱୀକୃତିଗୁଡ଼ିକୁ ପ୍ରମାଣ କରିବା ନିମିତ୍ତ ପ୍ରସ୍ତାପନା କରିଥିବା ପକ୍ଷ ଏଥି ଦର୍ଶାନ୍ତି ନାହିଁ ଯେ ସେ ଏଥିଉତ୍ତାରୁ ଥିବା ନିୟମାବଳୀ ଅନୁଯାୟୀ ସେପରି ଦସ୍ତାବିଜର ବିଷୟବସ୍ତୁର ଗୌଣ ସାକ୍ଷ୍ୟ ଦେବାକୁ ହକଦାର ଅଟନ୍ତି ଅଥବା ଯେ ପର୍ଯ୍ୟନ୍ତ ପେଶ କରାଯାଇଥିବା ଦସ୍ତାବିଜର ପ୍ରକୃତତ୍ୱ ପ୍ରଶ୍ନାଧୀନ ନ ହୁଏ ତେବେ ଓ ସେ ପର୍ଯ୍ୟନ୍ତ ସେହି ସ୍ୱୀକୃତିଗୁଡ଼ିକ ସୁସଙ୍ଗତ ହେବନାହିଁ ।

**ସିଭିଲ ମାମଲାରେ ସ୍ୱୀକୃତି କେତେବେଳେ ସୁସଙ୍ଗତ ହେବ ।**

23. ଯଦି କୌଣସି ସ୍ୱୀକୃତି ଉପରେ ସାକ୍ଷ୍ୟ ଦିଆଯିବ ନାହିଁ ବୋଲି ଏକ ଅଭିବ୍ୟକ୍ତ ସର୍ତ୍ତ ଥାଏ ଅଥବା ସେହି ସ୍ୱୀକୃତି ଏପରି ଏକ ପରିସ୍ଥିତିରେ ଦିଆଯାଇଥାଏ ଯେ ସେ ସଂପର୍କରେ ସାକ୍ଷ୍ୟ ଦିଆଯିବା ଉଚିତ ନୁହେଁ ବୋଲି ପକ୍ଷମାନେ ଏକାଠି ରାଜି ହୋଇଛନ୍ତି ବୋଲି ନ୍ୟାୟାଳୟ ତହିଁରୁ ଅନୁମାନ କରି ପାରିବେ, ତାହାହେଲେ ସେହି ସ୍ୱୀକୃତି ସିଭିଲ ମାମଲାରେ ସୁସଙ୍ଗତ ହେବନାହିଁ ।

ସ୍ପଷ୍ଟୀକରଣ—କୌଣସି ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ବା ଓକିଲଙ୍କୁ ଧାରା 126 ଅନୁଯାୟୀ ଯେଉଁ ବିଷୟରେ ସାକ୍ଷ୍ୟଦେବାକୁ ବାଧ୍ୟ କରାଯାଇପାରିବ ସେହି ବିଷୟରେ ସାକ୍ଷ୍ୟ ଦେବା ବାଧ୍ୟତାରୁ ଏହି ଧାରାରେ ଥିବା କୌଣସି ବିଷୟ ତାହାଙ୍କୁ ଅବ୍ୟାହତି ଦେଉଅଛି ବୋଲି ବୁଝାଯିବ ନାହିଁ ।

**ପ୍ରଲୋଭନ, ଧମକ ବା ପ୍ରତିଶ୍ରୁତି ଦ୍ୱାରା କରାଯାଇଥିବା ସଂସ୍ୱୀକୃତି କେତେବେଳେ ଦାଣ୍ଡିକ କାର୍ଯ୍ୟବିଧିରେ ଅସଙ୍ଗତ ହେବ ।**

24 ଯଦି କୌଣସି ଦାଣ୍ଡିକ କାର୍ଯ୍ୟବିଧିରେ କୌଣସି ଅଭିଯୁକ୍ତବ୍ୟକ୍ତି ଦେଇଥିବା ସଂସ୍ୱୀକୃତି ସଂପର୍କରେ ନ୍ୟାୟାଳୟଙ୍କର ଅଭିମତ ହୁଏଯେ ଉକ୍ତ ସଂସ୍ୱୀକୃତି, ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଣାଯାଇଥିବା ଦୋଷାରୋପ ସଂପର୍କରେ, କୌଣସି ପ୍ରାଧିକାରପ୍ରାପ୍ତ ବ୍ୟକ୍ତିଙ୍କ ପ୍ରଲୋଭନ, ଧମକ ବା ପ୍ରତିଶ୍ରୁତି ଯୋଗୁଁ ଘଟିଅଛି ଏବଂ, ତାହାଙ୍କ ବିରୁଦ୍ଧରେ ହୋଇଥିବା କାର୍ଯ୍ୟବିଧି ସଂପର୍କରେ ସେ କୌଣସି ସାଂସାରିକ ସୁବିଧା ପାଇବେ ବା ସାଂସାରିକ ଅନର୍ଥକୁ ଏଡ଼ାଇ ପାରିବେବୋଲି ଅନୁମାନ କରିବାପାଇଁ ତାହାଙ୍କୁ ଯୁକ୍ତିଯୁକ୍ତ ପ୍ରତୀତ ହୋଇଥିବା କାରଣମାନ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଦେବା ଲାଗି ସେହି ସଂସ୍ୱୀକୃତି ଯଥେଷ୍ଟ ବୋଲି ନ୍ୟାୟାଳୟଙ୍କର ଅଭିମତ ହୁଏ, ତାହାହେଲେ ସେହି ସଂସ୍ୱୀକୃତି ଅସଙ୍ଗତ ହେବ ।

ପୋଲିସ ଅଧିକାରୀଙ୍କ ନିକଟରେ ଦିଆଯାଇଥିବା ସଂସ୍ୱୀକୃତିକୁ ପ୍ରମାଣ ଦିଆଯିବ ନାହିଁ ।

25. କୌଣସି ପୋଲିସ ଅଧିକାରୀଙ୍କ ନିକଟରେ ଦିଆଯାଇଥିବା କୌଣସି ସଂସ୍ୱୀକୃତିକୁ କୌଣସି ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରମାଣ କରାଯିବ ନାହିଁ ।

ପୋଲିସ ହିଫାଜତରେ ଥିବାବେଳେ ଅଭିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ସଂସ୍ୱୀକୃତିକୁ ତାହାଙ୍କ ବିରୁଦ୍ଧରେ ପ୍ରମାଣ କରାଯିବ ନାହିଁ ।

26. କୌଣସି ପୋଲିସ ଅଧିକାରୀଙ୍କ ହିଫାଜତରେ କୌଣସି ବ୍ୟକ୍ତି ଥିବାବେଳେ ସେ ଦେଇଥିବା କୌଣସି ସଂସ୍ୱୀକୃତି କୌଣସି ମାଜିଷ୍ଟ୍ରେଟଙ୍କ ସାକ୍ଷାତ ଉପସ୍ଥିତିରେ ଦିଆଯାଇ ନ ଥିଲେ ତାହା ସେପରି ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରମାଣ କରାଯିବ ନାହିଁ ।

ସ୍ପଷ୍ଟୀକରଣ—ଫୋର୍ଟ ସେଣ୍ଟଜର୍ଜ ପ୍ରେସିଡେନ୍ସିରେ ବା ଅନ୍ୟତ୍ର ମାଜିଷ୍ଟ୍ରେଟଙ୍କର
କୃତ୍ୟ ନିର୍ବାହ କରୁଥିବା କୌଣସି ଗ୍ରାମର ମୁଖିଆ, ଦଣ୍ଡ ପ୍ରକ୍ରିୟା ସଂହିତା, 1882ର 10 ଅନୁଯାୟୀ 1892ର 10
କୌଣସି ମାଜିଷ୍ଟ୍ରେଟଙ୍କର କ୍ଷମତା ନିର୍ବାହ କରୁଥିବା ମାଜିଷ୍ଟ୍ରେଟ ହୋଇ ନ ଥିଲେ ଏହି ଧାରାରେ ଥିବା "ମାଜିଷ୍ଟ୍ରେଟ" ଅଭିବ୍ୟକ୍ତିର ଅନ୍ତର୍ଗତ ହେବେ ନାହିଁ

ଅଭିଯୁକ୍ତ ବ୍ୟକ୍ତିଙ୍କଠାରୁ ଲବ୍ଧ ହେଲେ ପରିମାଣର ସୂଚନା ପ୍ରମାଣ ହୋଇପାରିବ ।

27. ଉପରୁ ପୋଲିସ ଅଧିକାରୀଙ୍କ ହିଫାଜତରେ ଥିବା କୌଣସି ଅଭିଯୁକ୍ତ ବ୍ୟକ୍ତିଙ୍କଠାରୁ କୌଣସି ଅପରାଧ ସଂପର୍କରେ ପ୍ରାପ୍ତ ସୂଚନାର ପରିଣାମ ସ୍ୱରୂପ ଆବିଷ୍କୃତ ହୋଇଥିବା କୌଣସି ତଥ୍ୟ ସଂପର୍କରେ ଯେତେବେଳେ ଅଭିସାକ୍ଷ୍ୟ ଦିଆଯାଏ ସେତେବେଳେ ସେପରି ସୂଚନାର ଯେତିକି ଭାଗ, ତଦ୍ଦ୍ୱାରା ଆବିଷ୍କୃତ ହୋଇଥିବା ତଥ୍ୟ ସହିତ ସ୍ପଷ୍ଟରୂପେ ସମ୍ବନ୍ଧିତ ଥାଏ, ସେତିକି ଭାଗ, ତାହା ସଂସ୍ୱୀକୃତିରୂପେ ଗଣ୍ୟ ହେଉ ବା ନ ହେଉ, ପ୍ରମାଣ କରାଯାଇ ପାରିବ ।

ପ୍ରଲୋଭନ, ଧମକ ବା ପ୍ରତିଶ୍ରୁତି ଦ୍ୱାରା ଘଟିଥିବା ଛାପର ଅପସାରଣ ପରେ ଦିଆଯାଇଥିବା ସଂସ୍ୱୀକୃତି ସୁସଙ୍ଗତ ହେବ ।

28. ଯଦି ଧାରା 24ରେ ନିର୍ଦ୍ଦିଷ୍ଟ କରାଯାଇଥିବା କୌଣସି ସଂସ୍ୱୀକୃତି, ନ୍ୟାୟାଳୟଙ୍କ ଅଭିମତରେ ସେପରି କୌଣସି ପ୍ରଲୋଭନ, ଧମକ ବା ପ୍ରତିଶ୍ରୁତିର ଛାପ ସଂପୂର୍ଣ୍ଣ ଭାବରେ ଅପସାରିତ ହୋଇସାରିବାପରେ ଦିଆଯାଇଥାଏ ତେବେ ତାହା ସୁସଙ୍ଗତ ଅଟେ ।

ଅନ୍ୟଥା ସୁସଙ୍ଗତ ସଂସ୍ୱୀକୃତି, ଗୋପନୀୟତା ସମ୍ପର୍କିତ ପ୍ରତିଶ୍ରୁତି ଆଦି କାରଣରୁ ବିସଙ୍ଗତ ହେବନାହିଁ ।

29. ଯଦି ସେପରି କୌଣସି ସଂସ୍ୱୀକୃତି ଅନ୍ୟଥା ସୁସଙ୍ଗତ ହୁଏ, ତେବେ କେବଳମାତ୍ର କୌଣସି ବିଷୟକୁ ଗୋପନ ରକ୍ଷିତ ରଖାଯିବ ବୋଲି କରାଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ, ବା ତାହାକୁ ହାସଲ କରିବାପାଇଁ ଅଭିଯୁକ୍ତ ବ୍ୟକ୍ତିକୁ ପ୍ରତାରିତ କରାଯାଇଥିବା ଫଳରେ, ବା ସେ ମାତାଲ ଥିବାବେଳେ ବା ଯେଉଁ ପ୍ରଶ୍ନର ଉତ୍ତର ଯାହା ହୋଇଥିଲେ ମଧ୍ୟ ସେ ଉତ୍ତର ଦେଇନଥାନ୍ତେ ତାହାର ଉତ୍ତର ଆକାରରେ ସେହି ସଂସ୍ୱୀକୃତି ଦିଆଯାଇଥିବା କାରଣରୁ, ବା ସେ ସେପରି ସଂସ୍ୱୀକୃତି ଦେବାକୁ ବାଧ୍ୟ ନୁହନ୍ତି ଓ ସେହି ସଂସ୍ୱୀକୃତିର ସାକ୍ଷ୍ୟ ତାହାଙ୍କ ବିରୁଦ୍ଧରେ ଦିଆଯାଇ ପାରିବ ବୋଲି ତାହାଙ୍କୁ ଚେତାବନୀ ଦିଆଯାଇନଥିବା କାରଣରୁ ଉକ୍ତ ସଂସ୍ୱୀକୃତି ବିସଙ୍ଗତ ହେବନାହିଁ ।

ନିଜକୁ ତଥା ଏକ ସଙ୍ଗେ ସଂଯୁକ୍ତ ଭାବରେ ଏକା ଅପରାଧରେ ବିଚାରାଧୀନ ବ୍ୟକ୍ତିମାନଙ୍କୁ ଜଡ଼ିତ କରି ଦିଆଯାଇଥିବା ସଂସ୍ୱୀକୃତି ପ୍ରମାଣିତ ହେଲେ ତାହାର ବିଚାର ।

30. ଯେତେବେଳେ ଏକାଧିକ ବ୍ୟକ୍ତିଙ୍କର ସେହି ଏକା ଅପରାଧ ଲାଗି ସଂଯୁକ୍ତ ଭାବରେ ବିଚାରଣ ହେଉଥାଏ ଏବଂ ସେମାନଙ୍କ ମଧ୍ୟରୁ କେହି ଜଣେ ନିଜକୁ ଓ ସେମାନଙ୍କ ମଧ୍ୟରୁ ଅନ୍ୟ କାହାରିକୁ ଜଡ଼ିତ କରି ଦେଇଥିବା କୌଣସି ସଂସ୍ୱୀକୃତିକୁ ପ୍ରମାଣିତ କରାଯାଏ ସେତେବେଳେ, ନ୍ୟାୟାଳୟ ସେହି ସଂସ୍ୱୀକୃତିକୁ, ସେପରି ଅନ୍ୟ ବ୍ୟକ୍ତିଙ୍କ ବିରୁଦ୍ଧରେ ତଥା ସେହି ସଂସ୍ୱୀକୃତି ଦେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ବିଚାରକୁ ନେଇ ପାରିବେ ।

ସ୍ପଷ୍ଟୀକରଣ—ଏହି ଧାରାରେ ବ୍ୟବହୃତ ହୋଇଥିବା 'ଅପରାଧ' ଶବ୍ଦ ସେହି ଅପରାଧର ଦୁଷ୍ପ୍ରବର୍ତ୍ତନା ବା ସେହି ଅପରାଧ କରିବା ନିମିତ୍ତ ପ୍ରୟାସକୁ ଅନ୍ତର୍ଗତ କରେ ।

**ଦୃଷ୍ଟାନ୍ତ**

(କ) ଗ ଙ୍କର ହତ୍ୟା ଲାଗି କ ଓ ଖ ଙ୍କର ସଂଯୁକ୍ତ ଭାବରେ ବିଚାରଣ କରାଯାଏ । ପ୍ରମାଣ କରାଯାଏ ଯେ କ କହିଲେ—"ଖ ଓ ମୁଁ ଗ ଙ୍କୁ ହତ୍ୟା କଲୁ" । ଖ ଙ୍କ ବିରୁଦ୍ଧରେ ଏହି ସଂସ୍ୱୀକୃତିର ଫଳକୁ ନ୍ୟାୟାଳୟ ବିଚାରଣ କରିପାରିବେ ।

(ଖ) କ ଗର ହତ୍ୟା ନିମନ୍ତେ ବିଚାରଣ ଅଧୀନରେ ଅଛି । ଗ କୁ କ ଓ ଖ ହତ୍ୟା କରିଛନ୍ତି ବୋଲି, ଏବଂ ଖ କହିଲେ—"କ ଓ ମୁଁ ଗ କୁ ହତ୍ୟା କଲୁ" ବୋଲି ଦର୍ଶାଇବାକୁ ସାକ୍ଷ୍ୟ ଅଛି ।

ନ୍ୟାୟାଳୟ ଦ୍ୱାରା ଏହି ବିବୃତିକୁ କ ଙ୍କ ବିରୁଦ୍ଧରେ ବିଚାରକୁ ନିଆଯାଇପାରିବ ନାହିଁ କାରଣ ଖ ଙ୍କୁ ସଂଯୁକ୍ତ ଭାବରେ ବିଚାରଣ କରାଯାଉ ନାହିଁ ।

ସ୍ୱୀକୃତି ନିଶ୍ଚାୟକ ପ୍ରମାଣ ନୁହେଁ, ମାତ୍ର ବାରିତ କରିପାରିବ ।

୩୧. ସ୍ୱୀକୃତିଗୁଡ଼ିକ ସ୍ୱୀକୃତ ବିଷୟର ନିଶ୍ଚାୟକ ପ୍ରମାଣ ନୁହେଁ, ମାତ୍ର ଏହିଠାରେ ଥିବା ଉପବନ୍ଧଗୁଡ଼ିକ ଅଧୀନରେ ସେଗୁଡ଼ିକ ବାରଣ ରୂପେ ପ୍ରବର୍ତ୍ତିତ ହୋଇପାରିବ ।

### ଯେଉଁ ବ୍ୟକ୍ତିମାନଙ୍କୁ ସାକ୍ଷୀରୂପେ ଡକାଯାଇପାରିବ ନାହିଁ ସେମାନଙ୍କ ବିବୃତି

ମୃତ ବ୍ୟକ୍ତି ବା ମିଳି ନ ପାରିବା ବ୍ୟକ୍ତି ପ୍ରସଙ୍ଗତ ତଥ୍ୟ ସମ୍ପର୍କରେ ଦେଇଥିବା ବିବୃତି କେଉଁ ସ୍ଥଳେ ପ୍ରସଙ୍ଗତ ହୁଏ ।

୩୨. ଯେଉଁ ବ୍ୟକ୍ତି ମରିଯାଇଛନ୍ତି ବା ଯେ ମିଳି ପାରିବେ ନାହିଁ ବା ଯେ ସାକ୍ଷ୍ୟ ଦେବାକୁ ଅସମର୍ଥ ହୋଇଛନ୍ତି ବା ଯେଉଁ ବିଳମ୍ବ ବା ଖର୍ଚ୍ଚ ପରିମାଣ, ମାମଲାର ପରିସ୍ଥିତିରେ ନ୍ୟାୟାଳୟଙ୍କୁ ଅଯୁକ୍ତିଯୁକ୍ତ ପ୍ରତୀତ ହୁଏ ତାହା ବିନା ଯାହାଙ୍କର ହାଜିରା ହାସଲ କରାଯାଇପାରିବ ନାହିଁ ସେହି ବ୍ୟକ୍ତି ଦେଇଥିବା ପ୍ରସଙ୍ଗତ ତଥ୍ୟ ସମ୍ପର୍କିତ ଲିଖିତ ବା ମୌଖିକ ବିବୃତିଗୁଡ଼ିକ ନିମ୍ନଲିଖିତ ଅବସ୍ଥାରେ ନିଜେ ନିଜେ ପ୍ରସଙ୍ଗତ ତଥ୍ୟ ହୁଏ:—

ଯେତେବେଳେ ତାହା ମୃତ୍ୟୁର କାରଣ ସମ୍ପର୍କୀୟ ହୋଇଥାଏ ।

(୧) ଯେଉଁ ମାମଲାରେ ସେହି ବ୍ୟକ୍ତିଙ୍କ ମୃତ୍ୟୁର କାରଣ ପ୍ରଶ୍ନାଧୀନ ହୋଇଥାଏ ସେହି ମାମଲାରେ, ଯେତେବେଳେ କୌଣସି ବ୍ୟକ୍ତି ନିଜ ମୃତ୍ୟୁର କାରଣ ବିଷୟରେ, ବା ସେହି କାରବାରର ଯେଉଁ ପରିସ୍ଥିତି ଯୋଗୁଁ ତାହାଙ୍କ ମୃତ୍ୟୁ ହୋଇଥାଏ ସେହି ପରିସ୍ଥିତି ବିଷୟରେ କୌଣସି ବିବୃତି ଦେଇଥାନ୍ତି । ଯେତେବେଳେ ସେପରି ବିବୃତିଗୁଡ଼ିକ ଦିଆଯାଇଥିଲା ସେତେବେଳେ ସେଗୁଡ଼ିକୁ ଦେଇଥିବା ବ୍ୟକ୍ତିଙ୍କର ମୃତ୍ୟୁ ପ୍ରତି ଆଶଙ୍କା ଥାଉ କି ନ ଥାଉ, ଏବଂ ଯେଉଁ କାର୍ଯ୍ୟବିଧିରେ ତାଙ୍କର ମୃତ୍ୟୁର କାରଣ ପ୍ରଶ୍ନାଧୀନ ହୋଇଥାଏ ତାହାର ପ୍ରକୃତି ଯାହା ହେଉ ପଛେ, ସେହି ବିବୃତିଗୁଡ଼ିକ ପ୍ରସଙ୍ଗତ ଅଟେ ।

ବା କାରବାର ଅନୁକ୍ରମେ ଦିଆଯାଇଥାଏ ।

(୨) ଯେତେବେଳେ ସେହି ବିବୃତି କାରବାରର ସାଧାରଣ ଅନୁକ୍ରମରେ ସେପରି ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥାଏ, ଏବଂ ବିଶେଷତଃ, ଯେତେବେଳେ ତାହା କାରବାରର ସାଧାରଣ ଅନୁକ୍ରମରେ, ବା ବୃତ୍ତିଗତ କର୍ତ୍ତବ୍ୟ ନିର୍ବାହରେ ରଖା ଯାଉଥିବା ପୁସ୍ତକରେ ସେହି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା କୌଣସି ଦରଜ ବା ସ୍ମାରକ ହୋଇଥାଏ; ଅଥବା ସେହି ବ୍ୟକ୍ତିଙ୍କ ଦ୍ୱାରା ଧନ, ମାଲ, ପ୍ରତିଭୂତି ବା ଯେ କୌଣସି ପ୍ରକାରର ସମ୍ପତ୍ତିର ପ୍ରାପ୍ତି ସଂକ୍ରାନ୍ତରେ ଲିଖିତ ବା ସ୍ୱାକ୍ଷରିତ ଅଭିସ୍ୱୀକୃତି ସଂପର୍କିତ ହୋଇଥାଏ, ଅଥବା ତାହାଙ୍କ ଦ୍ୱାରା ଲିଖିତ ବା ସ୍ୱାକ୍ଷରିତ କୌଣସି ବାଣିଜ୍ୟିକ ଦସ୍ତାବିଜ ସଂପର୍କିତ ହୋଇଥାଏ ଅଥବା ତାହାଙ୍କ ଦ୍ୱାରା ସାଧାରଣତଃ ତାରିଖ-ଯୁକ୍ତ ଲିଖିତ ବା ସ୍ୱାକ୍ଷରିତ ହୋଇଥିବା କୌଣସି ଚିଠି ବା ଅନ୍ୟ ଦସ୍ତାବିଜର ତାରିଖ ସଂପର୍କିତ ହୋଇଥାଏ ।

ବା କର୍ତ୍ତାଙ୍କ ସ୍ୱାର୍ଥ ବିରୁଦ୍ଧରେ ଥାଏ ।

(୩) ଯେତେବେଳେ ସେହି ବିବୃତି, ତାହା ଦେଇଥିବା ବ୍ୟକ୍ତିଙ୍କ ବିତ୍ତୀୟ ବା ସ୍ୱତ୍ୱାଧିକାର ସ୍ୱାର୍ଥ ବିରୁଦ୍ଧରେ ଥାଏ ବା ତାହା ସତ୍ୟ ହେଲେ ଯେତେବେଳେ ତାହା କୌଣସି ଦାଣ୍ଡିକ ଅଭିଯୋଜନରେ ବା ନୁକସାନ ବିଷୟକ କୌଣସି ମକଦ୍ଦମାରେ ତାହାଙ୍କୁ ପଦାରେ ପକାଇ ଦେବ ବା ତାହାଙ୍କୁ ପଦାରେ ପକାଇ ପାରିଥାନ୍ତା ।

ବା ଲୋକ ଅଧିକାର ବା ଲୋକାଚାର ବା ସାଧାରଣ ସ୍ୱାର୍ଥ ବିଷୟ ସମ୍ପର୍କିତ କୌଣସି ଅଭିମତ ଦେଇଥାଏ ।

(୪) ଯେତେବେଳେ ସେହି ବିବୃତି, କୌଣସି ଲୋକ ଅଧିକାର ବା ଲୋକାଚାର ବା ଲୋକସ୍ୱାର୍ଥ ବା ସାଧାରଣ ସ୍ୱାର୍ଥ ବିଷୟ ବିଦ୍ୟମାନ ଥିଲେ ଯେଉଁ ବ୍ୟକ୍ତି ସେ ସମ୍ବନ୍ଧରେ ଅବହିତ ହେବା ସମ୍ଭବପର ହୋଇଥାନ୍ତା ସେହି ବ୍ୟକ୍ତିଙ୍କର ସେପରି ବିଦ୍ୟମାନତା ସଂକ୍ରାନ୍ତରେ ଅଭିମତ ଦର୍ଶାଏ, ଏବଂ ଯେତେବେଳେ ସେପରି ଅଧିକାର, ଲୋକାଚାର ବା ବିଷୟ ସଂକ୍ରାନ୍ତରେ ବିସମ୍ବାଦ ଉପୁଜିବା ପୂର୍ବରୁ ସେହି ବିବୃତି ଦିଆ ହୋଇଥାଏ ।

ବା ସମ୍ପର୍କର ବିଦ୍ୟମାନତା ସମ୍ପର୍କିତ ହୋଇଥାଏ

(5) ଯେବେ ସେହି ବିବୃତି, ଯେଉଁ ବ୍ୟକ୍ତିମାନଙ୍କର ରକ୍ତଗତ, ବିବାହ ଜନିତ ବା ଦତ୍ତକଗ୍ରହଣ ଜନିତ ସମ୍ପର୍କ ସଂକ୍ରାନ୍ତରେ ବିବୃତି ଦେଉଥିବା ବ୍ୟକ୍ତିଙ୍କର ଜାଣିବାର କୌଣସି ବିଶେଷ ଉପାୟ ଥିଲା ସେହି ବ୍ୟକ୍ତିମାନଙ୍କର ରକ୍ତଗତ, ବିବାହ ଜନିତ ବା ଦତ୍ତକଗ୍ରହଣ ଜନିତ ସମ୍ପର୍କର ବିଦ୍ୟମାନତା ସଂକ୍ରାନ୍ତରେ ହୋଇଥାଏ, ଓ ବିବାଦଗ୍ରସ୍ତ ପ୍ରଶ୍ନ ଉଠିବା ପୂର୍ବରୁ ଦିଆଯାଇଥାଏ ।

ବା ପାରିବାରିକ ବ୍ୟାପାର ସହିତ ସମ୍ପର୍କିତ ଉଇଲ ବା ଦଲିଲରେ ସ୍ଥାନ ପାଇଥାଏ ।

(6) ଯେବେ ସେହି ବିବୃତି, କୌଣସି ମୃତ ବ୍ୟକ୍ତିମାନଙ୍କର ରକ୍ତଗତ, ବିବାହ ଜନିତ ବା ଦତ୍ତକଗ୍ରହଣ ଜନିତ କୌଣସି ସମ୍ପର୍କ ସଂକ୍ରାନ୍ତ ହୋଇଥାଏ, ଓ ସେହି ମୃତବ୍ୟକ୍ତି ଯେଉଁ ପରିବାରର ହୋଇଥାନ୍ତି ସେହି ପରିବାରର ବ୍ୟାପାର ସଂକ୍ରାନ୍ତ କୌଣସି ଉଇଲ ବା ଦଲିଲରେ, ବା ପରିବାର ବଂଶାବଳୀରେ ବା କୌଣସି ସମାଧିପ୍ରସ୍ତର ପରିବାର ଚିତ୍ରରେ ବା ଯେଉଁ ଅନ୍ୟ ଜିନିଷ ଉପରେ ପ୍ରାୟତଃ ସେପରି ବିବୃତି ଦିଆଯାଏ ତହିଁରେ ଦିଆଯାଇଥାଏ, ଏବଂ ଯେବେ ତାହା ବିବାଦଗ୍ରସ୍ତ ପ୍ରଶ୍ନ ଉଠିବା ପୂର୍ବରୁ ଦିଆଯାଇଥାଏ ।

ବା ଧାରା 13, ଖଣ୍ଡ (କ) ରେ ଦର୍ଶିତ କାରବାର ସଂକ୍ରାନ୍ତ ଦସ୍ତାବିଜରେ ଦିଆଯାଇଥାଏ ।

(7) ଯେବେ ସେହି ବିବୃତି, ଧାରା , ଖଣ୍ଡ (କ) ରେ ଦର୍ଶିତ କୌଣସି କାରବାର ସଂକ୍ରାନ୍ତ କୌଣସି ଦଲିଲ, ଉଇଲ ବା ଅନ୍ୟ ଦସ୍ତାବିଜରେ ଥାଏ ।

ବା ଅନେକ ବ୍ୟକ୍ତି ଦେଇଥାନ୍ତି ଏବଂ ତାହା ପ୍ରଶ୍ନାଧୀନ ବିଷୟ ସହିତ ସୁସଙ୍ଗତ ମନୋଭାବ ଅଭିବ୍ୟକ୍ତ କରୁଥାଏ ।

(8) ଯେବେ ସେହି ବିବୃତି ଅନେକ ବ୍ୟକ୍ତି ଦେଇଥାନ୍ତି, ଏବଂ ସେମାନଙ୍କ ଯେଉଁ ମନୋଭାବ ବା ମତର ଭାବ ପ୍ରଶ୍ନାଧୀନ ବିଷୟ ସହିତ ସୁସଙ୍ଗତ ତାହା ଅଭିବ୍ୟକ୍ତ କରୁଥାଏ ।

ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, କ ଙ୍କୁ ଖ ହତ୍ୟା କରିଛନ୍ତି କି ; ବା

ଯେଉଁ ଘଟଣା ଦ୍ୱାରା ଅନୁକ୍ରମରେ କ ଧର୍ଷିତା ହୋଇଥିଲେ ତହିଁରେ ପ୍ରାପ୍ତ ଆଘାତ ଯୋଗୁଁ ସେ ମରିଗଲେ । ପ୍ରଶ୍ନ ହେଉଛି ଯେ ସେ ଖ ଦ୍ୱାରା ଧର୍ଷିତା ହୋଇଛନ୍ତି କି ; ବା

ପ୍ରଶ୍ନ ହେଉଛି ଯେ କ ଙ୍କୁ ଖ କାହିଁକି ଏପରି ପରିସ୍ଥିତିରେ ମାରି ଦେଇଛନ୍ତି କି ଯେ କ ଙ୍କର ବିଧବା ଖ ବିରୁଦ୍ଧରେ ଏକ ମକଦ୍ଦମା କରିପାରିବେ ।

ଯଥାକ୍ରମେ ବିଚାରାଧୀନ ହତ୍ୟା, ଧର୍ଷଣ ଏବଂ ଅଭିଯୋଜ୍ୟ ଦୋଷକୁ ନିର୍ଦ୍ଦେଶ କରି ନିଜର ମୃତ୍ୟୁର କାରଣ ବିଷୟରେ କ ଦେଇଥିବା ବିବୃତି ସୁସଙ୍ଗତ ଅଟେ ।

(ଖ) କ ଙ୍କର ଜନ୍ମ ତାରିଖ ବିଷୟରେ ପ୍ରଶ୍ନ ଉଠିଛି ।

କୌଣସି ମୃତ ଶଲ୍ୟ ଚିକିତ୍ସକଙ୍କ ନିଜ ବ୍ୟବସାୟର ସାଧାରଣ ଅନୁକ୍ରମରେ ନିୟମିତ ଭାବରେ ରଖାଯାଉଥିବା ଡାଇରୀରେ ଅମୁକ ଦିନ ସେ କ ଙ୍କ ମାତାଙ୍କର ପରିଚର୍ଯ୍ୟା କରିଥିଲେ ଏବଂ ତାହାଙ୍କର ଏକ ପୁତ୍ର ପ୍ରସବ କରାଇଥିଲେ ବୋଲି ବର୍ଣ୍ଣନା କରୁଥିବା ବିବରଣୀ ଏକ ସୁସଙ୍ଗତ ତଥ୍ୟ ଅଟେ ।

(ଗ) ପ୍ରଶ୍ନ ହେଉଛି, ଅମୁକ ଦିନ କ କଲିକତାରେ ଥିଲେ କି ।

କାରବାରର ସାଧାରଣ ଅନୁକ୍ରମରେ ନିୟମିତ ଭାବରେ ରଖାଯାଉଥିବା କୌଣସି ମୃତ ସଲିସିଟରଙ୍କ ଡାଇରୀରେ ଅମୁକ ଦିନ ସେହି ସଲିସିଟର କଲିକତାରେ କୌଣସି ଉଲ୍ଲିଖିତ ସ୍ଥାନରେ ବିନିର୍ଦ୍ଦିଷ୍ଟ ବ୍ୟବସାୟ ଉପରେ ଆଲୋଚନା କରିବା ଉଦ୍ଦେଶ୍ୟରେ କ ସହିତ ଦେଖା କଲେ ବୋଲି ଲେଖିଥିବା ବିବୃତିଟି ସୁସଙ୍ଗତ ତଥ୍ୟ ଅଟେ ।

(ଘ) ପ୍ରଶ୍ନ ହେଉଛି, ଅମୁକ ଦିନ ବମ୍ବେ ବନ୍ଦରରୁ ଏକ ଜାହାଜ ଯାତ୍ରା କରିଛି କି ।

ଯେଉଁ ବାଣିଜ୍ୟିକ ଫାର୍ମ ଜାହାଜଟିକୁ ଭଡାରେ ନେଇଥିଲେ ସେହି ଫାର୍ମର କୌଣସି ମୃତ ସଦସ୍ୟ ଦ୍ୱାରା ଲଣ୍ଡନସ୍ଥିତ ଯେଉଁ ଫାର୍ମ ନିକଟକୁ ବୋଝେଇ ମାଲ ପଠାଯାଇଥିଲା ସେମାନଙ୍କ ନିକଟକୁ ବମ୍ବେ ପୋତାଶ୍ରୟରୁ ଅମୁକ ଦିନ ସେହି ଜାହାଜ ଯାତ୍ରା କରିଛି ବୋଲି ଲିଖିତ ପତ୍ର, ସୁସଙ୍ଗତ ତଥ୍ୟ ଅଟେ ।

(ଘ) ପ୍ରଶ୍ନ ହେଉଛି, କୌଣସି ନିର୍ଦ୍ଦିଷ୍ଟ ଭୂମିପାଇଁ କ କୁ ଖଜଣା ଦିଆଯାଉଛି କି ।

କ ଙ୍କର ମୃତ ଏଜେଣ୍ଟ କ ଙ୍କ ହିସାବରେ ଖଜଣା ପ୍ରାପ୍ତ କରିଅଛନ୍ତି ଓ ତାହାକୁ କ ଙ୍କ ଆଦେଶକ୍ରମେ ରଖିଅଛନ୍ତି ବୋଲି ବର୍ଣ୍ଣନା କରି କ ଙ୍କ ନିକଟକୁ ସେ ଦେଇଥିବା ପତ୍ର ସୁସଙ୍ଗତ ତଥ୍ୟ ଅଟେ ।

(ଙ) ପ୍ରଶ୍ନ ହେଉଛି, କ ଓ ଖ ବୈଧ ଭାବରେ ବିବାହ କରିଛନ୍ତି କି ।

କୌଣସି ମୃତ ପାଦ୍ରୀ ସେମାନଙ୍କ ବିବାହ ଏପରି ପରିସ୍ଥିତିରେ କରାଇଛନ୍ତି ଯେ ସେହି ଉତ୍ସବ ଏକ ଅପରାଧ ହୋଇପାରିବ ବୋଲି ତାହାଙ୍କର ବିବୃତି ସୁସଙ୍ଗତ ଅଟେ ।

(ଚ) ପ୍ରଶ୍ନ ହେଉଛି, କ ନାମକ ଯେଉଁ ବ୍ୟକ୍ତି ମିଳିପାରିବେ ନାହିଁ ସେ ଏକ ନିର୍ଦ୍ଦିଷ୍ଟ ଦିନ ଏକ ପତ୍ର ଲେଖିଥିଲେ କି । ସେ ଲେଖିଥିବା କୌଣସି ପତ୍ର ସେହି ଦିନ ତାରିଖ ଦିଆହୋଇଛି ଏହି ତଥ୍ୟ ସୁସଙ୍ଗତ ଅଟେ

(ଛ) ପ୍ରଶ୍ନ ହେଉଛି, କୌଣସି ଏକ ଜାହାଜ ଧ୍ୱଂସ ହେବାର କାରଣ କ'ଣ । ଯେଉଁ କ୍ୟାପ୍ଟେନଙ୍କ ହାଜିରା ହାସଲ କରାଯାଇ ପାରିବ ନାହିଁ ସେ କରିଥିବା ଦୃଢ଼ ବିରୋଧ ସୁସଙ୍ଗତ ଅଟେ ।

(ଜ) ପ୍ରଶ୍ନ ହେଉଛି, ଅମୁକ ସଡ଼କଟି ସର୍ବସାଧାରଣ ରାସ୍ତା କି ।

ସେହି ସଡ଼କ ସର୍ବସାଧାରଣ ଥିଲା ବୋଲି ଗ୍ରାମର ମୃତ ମୁଖିଆଙ୍କର ବିବୃତି ସୁସଙ୍ଗତ ତଥ୍ୟ ଅଟେ ।

(ଝ) ପ୍ରଶ୍ନ ହେଉଛି, ଏକ ନିର୍ଦ୍ଦିଷ୍ଟ ବଜାରରେ କୌଣସି ନିର୍ଦ୍ଦିଷ୍ଟ ଦିନ ଶସ୍ୟର ଦାମ କେତେ ଥିଲା ।

କୌଣସି ମୃତ ଦୋକାନୀ ନିଜ ବ୍ୟବସାୟର ସାଧାରଣ ଅନୁକ୍ରମରେ ଦେଇଥିବା ଦାମ୍ ସଂପର୍କିତ କୌଣସି ବିବୃତି ଏକ ସୁସଙ୍ଗତ ତଥ୍ୟ ଅଟେ ।

(ଞ) ପ୍ରଶ୍ନ ହେଉଛି, ମୃତ କ କ'ଣ ଖ ଙ୍କର ପିତା କି ।

ଖ ତାହାଙ୍କର ପୁତ୍ର ବୋଲି କ ଦେଇଥିବା ବିବୃତି ସୁସଙ୍ଗତ ତଥ୍ୟ ଅଟେ ।

(ଟ) ପ୍ରଶ୍ନ ହେଉଛି, କ ଙ୍କର ଜନ୍ମ ତାରିଖ କେତେ ।

ଅମୁକ ଦିନ କ ର ଜନ୍ମ ସମ୍ବାଦ ଜଣାଇ କ ଙ୍କର ମୃତ ପିତା ନିଜର କୌଣସି ମିତ୍ରଙ୍କ ନିକଟକୁ ଲେଖିଥିବା ପତ୍ର ସୁସଙ୍ଗତ ତଥ୍ୟ ଅଟେ ।

(ଠ) ପ୍ରଶ୍ନ ହେଉଛି, କ ଓ ଖ ଙ୍କର ବିବାହ ହୋଇଛି କି ଓ ଯଦି ହୋଇଛି ତାହା କେବେ ହୋଇଛି ।

ଖ ଙ୍କ ମୃତ ପିତାଙ୍କ ଦ୍ୱାରା କୌଣସି ସ୍ମାରକୀ ପୁସ୍ତକରେ ନିଜ କନ୍ୟା ସହିତ କ ଙ୍କର ଅମୁକ ତାରିଖରେ ବିବାହ ସଂପାଦିତ ହେବାର ସୁସଙ୍ଗତ ତଥ୍ୟ ଅଟେ ।

(ଡ) କୌଣସି ଦୋକାନ ଝରକାରେ ପ୍ରଦର୍ଶିତ ହୋଇଥିବା କୌଣସି ଚିତ୍ରିତ ବ୍ୟଙ୍ଗ ଚିତ୍ରଣରେ ଅଭିବ୍ୟକ୍ତ ଅପବାଦ ନେଇ କ ଖ ଙ୍କ ବିରୁଦ୍ଧରେ ନାଲିସ କରନ୍ତି । ବ୍ୟଙ୍ଗ ଚିତ୍ରଣର ସମରୂପତା ତଥା ତାହାର ଅପବାଦଜନକ ପ୍ରକୃତି ବିଷୟରେ ପ୍ରଶ୍ନ ଉଠିଅଛି । ଏହି ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକ ଉପରେ ଏକ ଦର୍ଶକ ଭିଡ଼ର ମନ୍ତବ୍ୟ ପ୍ରମାଣ କରାଯାଇ ପାରିବ ।

କୌଣସି ସାକ୍ଷ୍ୟରେ କଥିତ ତଥ୍ୟର ସତ୍ୟତାକୁ ପରବର୍ତ୍ତୀ କାର୍ଯ୍ୟବିଧିରେ ପ୍ରମାଣ କରିବା ପାଇଁ ସେହି ସାକ୍ଷ୍ୟର ସୁସଙ୍ଗତି ।

33. ଯେଉଁ କୌଣସି ସାକ୍ଷୀ ମରିଯାଇଅଛି ବା ମିଳିପାରିବେ ନାହିଁ ବା ସାକ୍ଷ୍ୟ ଦେବାକୁ ଅସମର୍ଥ ହୋଇଛି ବା ପ୍ରତିପକ୍ଷ ଦ୍ୱାରା ତାହାଙ୍କୁ ସାମ ପାହାରେ ରଖାଯାଇଛି ଅଥବା ଯେଉଁ ବିଳମ୍ବ ବା ଖର୍ଚ୍ଚ ପରିମାଣକୁ ମାମଲାର ପରିସ୍ଥିତିରେ ନ୍ୟାୟାଳୟ ଅଯୌକ୍ତିକ ମନେ କରନ୍ତି ତାହା ବିନା ତାହାର ଉପସ୍ଥିତି ହାସଲ କରାଯାଇ ପାରିବ ନାହିଁ ସେତେବେଳେ କୌଣସି ନ୍ୟାୟିକ କାର୍ଯ୍ୟବିଧିରେ ବା ସାକ୍ଷ୍ୟ ଗ୍ରହଣ କରିବାକୁ ବିଧିଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି ସମକ୍ଷରେ ସେହି ସାକ୍ଷୀ ଦେଇଥିବା ସାକ୍ଷ୍ୟ, କୌଣସି ପରବର୍ତ୍ତୀ କାର୍ଯ୍ୟବିଧିରେ ବା ସେହି ଏକା ନ୍ୟାୟିକ କାର୍ଯ୍ୟବିଧିର ଅଗ୍ରଗାମୀ ପର୍ଯ୍ୟାୟରେ, ଯେଉଁ ତଥ୍ୟକୁ ତାହା ବର୍ଣ୍ଣନା କରେ ସେହି ତଥ୍ୟର ସତ୍ୟତା ପ୍ରମାଣିତ କରିବା ଉଦ୍ଦେଶ୍ୟରେ ସୁସଙ୍ଗତ ହେବ ;

ପରନ୍ତୁ ସେହି କାର୍ଯ୍ୟବିଧି ସେହି ଏକା ପକ୍ଷ ବା ସେମାନଙ୍କ ସ୍ୱାର୍ଥହିତ ପ୍ରତିନିଧିମାନଙ୍କ ମଧ୍ୟରେ ହୋଇଥିବ ;

ପ୍ରଥମ କାର୍ଯ୍ୟବିଧିରେ ପ୍ରତିପକ୍ଷର ଜେରା କରିବାର ଅଧିକାର ଓ ସୁଯୋଗ ଥିବ ;

ଦ୍ୱିତୀୟ କାର୍ଯ୍ୟବିଧିରେ ଥିବା ସାରତଃ ସେହି ଏକା ବାଦପଦୀୟ ପ୍ରଶ୍ନ ପ୍ରଥମ କାର୍ଯ୍ୟବିଧିରେ ଥିବ ।

ସ୍ପଷ୍ଟୀକରଣ—ଏହି ଧାରାର ଅର୍ଥ ମଧ୍ୟରେ କୌଣସି ଏକ ଦାଣ୍ଡିକ ବିଚାରଣ ବା ଜାଞ୍ଚକୁ ଅଭିଯୋଜକ ଓ ଅଭିଯୁକ୍ତ ମଧ୍ୟରେ ଏକ କାର୍ଯ୍ୟବିଧି ବୋଲି ମନେ କରାଯିବ ।

### ବିଶେଷ ପରିସ୍ଥିତିରେ ଦିଆଯାଇଥିବା ବିବୃତି

ହିସାବ ବହିର ଦାଖଲଗୁଡ଼ିକ କେତେବେଳେ ସୁସଙ୍ଗତ ହେବ ।

34. ବ୍ୟବସାୟ କ୍ରମରେ ନିୟମିତରୂପେ ରଖାଯାଇଥିବା ହିସାବ ବହିର ଦାଖଲମାନ, ଯେତେବେଳେ ନ୍ୟାୟାଳୟ ତଦନ୍ତ କରିବାକୁ ଥିବା କୌଣସି ବିଷୟକୁ ନିର୍ଦ୍ଦେଶ କରେ ସେତେବେଳେ ତାହା ସୁସଙ୍ଗତ, କିନ୍ତୁ ସେପରି ବିବୃତି କୌଣସି ବ୍ୟକ୍ତିକୁ ଦାୟିତ୍ୱ ସହ ଭାରିତ କରାଇବାପାଇଁ ଏକାକୀ ପ୍ରଚୁର ସାକ୍ଷ୍ୟ ହେବ ନାହିଁ ।

#### ଦୃଷ୍ଟାନ୍ତ

କ 1,000 ଟଙ୍କା ପାଇଁ ଖ ଙ୍କ ବିରୁଦ୍ଧରେ ନାଲିସ କରନ୍ତି ଏବଂ ସେହି ପରିମାଣ ରାଶି ତାହାଙ୍କପାଖରେ ଖ ଙ୍କୁ ଋଣୀ ଥିବାର ଦର୍ଶାଇ ତାହାଙ୍କ ହିସାବ ବହିର ଦାଖଲଗୁଡ଼ିକ ଦର୍ଶାନ୍ତି । ସେହି ଦାଖଲଗୁଡ଼ିକ ସୁସଙ୍ଗତ ଅଟେ ମାତ୍ର ସେହି ଋଣକୁ ପ୍ରମାଣ କରିବାକୁ, ଅନ୍ୟ ସାକ୍ଷ୍ୟ ବିନା, ତାହା ପ୍ରଚୁର ନୁହେଁ ।

କର୍ତ୍ତବ୍ୟ ସମ୍ପାଦନରେ କରାଯାଇଥିବା ସେହି ଅଭିଲେଖରେ ଦାଖଲ ସମ୍ପର୍କିତ ସୁସଙ୍ଗତି ।

35. କୌଣସି ସରକାରୀ ବା ଅନ୍ୟ ଶାସକୀୟ ପୁସ୍ତକ, ରେଜିଷ୍ଟର ବା ଅଭିଲେଖରେ କୌଣସି ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟ ବର୍ଣ୍ଣନା କରୁଥିବା, ଏବଂ କୌଣସି ଲୋକ ସେବକଙ୍କ ଦ୍ୱାରା ତାହାଙ୍କର ସରକାରୀ କର୍ତ୍ତବ୍ୟର ନିର୍ବାହରେ, ବା ଦେଶର ବିଧିଦ୍ୱାରା ବିଶେଷ ଭାବରେ ନିର୍ଦ୍ଦିଷ୍ଟ ଯେଉଁ କର୍ତ୍ତବ୍ୟ ଅନୁସାରେ ସେପରି ପୁସ୍ତକ, ରେଜିଷ୍ଟର ବା ଅଭିଲେଖ ରଖାଯାଇଥାଏ ସେହି କର୍ତ୍ତବ୍ୟର ସଂପାଦନରେ ଅନ୍ୟ କୌଣସି ବ୍ୟକ୍ତିଦ୍ୱାରା କରାଯାଇଥିବା ଦାଖଲ ସ୍ୱୟଂ ଏକ ସୁସଙ୍ଗତ ତଥ୍ୟ ଅଟେ ।

ମାନଚିତ୍ର, ଚିତ୍ରଲେଖ ଓ ରେଖାଙ୍କନରେ ଥିବା ବିବୃତି ସମ୍ପର୍କିତ ସୁସଙ୍ଗତି ।

36. ସର୍ବସାଧାରଣ ବିକ୍ରୟପାଇଁ ସାଧାରଣତଃ ପ୍ରସ୍ତାବିତ ହୋଇଥିବା ପ୍ରକାଶିତ ମାନଚିତ୍ର ବା ଚିତ୍ରଲେଖରେ, ଅଥବା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଙ୍କ ପ୍ରାଧିକାର ଅଧୀନରେ ପ୍ରସ୍ତୁତ କରାଯାଇଥିବା ମାନଚିତ୍ର ବା ରେଖାଙ୍କନରେ ପ୍ରାୟତଃ ବର୍ଣ୍ଣିତ ବା କଥିତ ବିଷୟ ସଂପର୍କରେ ବା ରେଖାଚିତ୍ରରେ ଦିଆଯାଇଥିବା ବାଦପଦୀୟ ତଥ୍ୟ ବା ସୁସଙ୍ଗତ ତଥ୍ୟ ସଂପର୍କିତ ବିବୃତିଗୁଡ଼ିକ ସ୍ୱୟଂ ସୁସଙ୍ଗତ ତଥ୍ୟ ଅଟେ ।

କେତେକ ଅଧିନିୟମ ବା ଅଧିସୂଚନାରେ ଥିବା ସର୍ବସାଧାରଣ ପ୍ରକୃତି ବିଶିଷ୍ଟ ତଥ୍ୟ ସମ୍ପର୍କିତ ବିବୃତିର ସୁସଙ୍ଗତି ।

37. ଯେତେବେଳେ ନ୍ୟାୟାଳୟକୁ କୌଣସି ସର୍ବସାଧାରଣ ପ୍ରକୃତି ବିଶିଷ୍ଟ ତଥ୍ୟର ବିଦ୍ୟମାନତା ବିଷୟରେ କୌଣସି ଅଭିମତ ଘୋଷଣ କରିବାକୁ ହୁଏ, ସେତେବେଳେ ସଂଯୁକ୍ତ ରାଜ୍ୟ ସଂସଦର କୌଣସି ଅଧିନିୟମରେ ଅଥବା କୌଣସି କେନ୍ଦ୍ରୀୟ ଅଧିନିୟମ, ପ୍ରାଦେଶିକ ଅଧିନିୟମ ବା ରାଜ୍ୟ ଅଧିନିୟମରେ ବା ସରକାରୀ ଗେଜେଟରେ ବା ଲଣ୍ଡନ ଗେଜେଟ ବା ମହାମହିମଙ୍କର କୌଣସି ଅଧିରାଜ୍ୟ, ଉପନିବେଶ ବା ଦଖଲ କ୍ଷେତ୍ରରେ ସରକାରୀ ଗେଜେଟରୂପେ ଗଣ୍ୟ କୌଣସି ମୁଦ୍ରିତ କାଗଜରେ ପ୍ରକାଶିତ ଏକ ସରକାରୀ ଅଧିସୂଚନାରେ ବା କ୍ରାଉନ୍ ରିପ୍ରେଜେଣ୍ଟେଟିଭଙ୍କ ଅଧିସୂଚନାରେ ଥିବା କୌଣସି ପରିବର୍ଣ୍ଣନାରେ କରାଯାଇଥିବା ସେହି ତଥ୍ୟ ସଂପର୍କିତ ବିବୃତି ଏକ ସୁସଙ୍ଗତ ତଥ୍ୟ ଅଟେ ।

ବିଧି ପୁସ୍ତକରେ ଥିବା କୌଣସି ବିଧି ବିଷୟକ ବିବୃତିର ସୁସଙ୍ଗତି ।

38. ଯେତେବେଳେ ନ୍ୟାୟାଳୟକୁ କୌଣସି ଦେଶର ବିଧି ବିଷୟରେ କୌଣସି ଅଭିମତ ଘୋଷଣ କରିବାକୁ ହୁଏ, ସେତେବେଳେ ସେପରି ଦେଶର ସରକାରଙ୍କ ପ୍ରାଧିକାର ଅଧୀନରେ ମୁଦ୍ରିତ ବା ପ୍ରକାଶିତ ବୋଲି ଏବଂ ସେପରି କୌଣସି ବିଧିକୁ ଅନ୍ତର୍ଗତ କରୁଛି ବୋଲି ଜଣାପଡୁଥିବା କୌଣସି ପୁସ୍ତକରେ ଅନ୍ତର୍ଦିଷ୍ଟ ସେପରି ବିଧି ସଂପର୍କିତ କୌଣସି ବିବୃତି, ଏବଂ ସେପରି ଦେଶର ନ୍ୟାୟାଳୟର ଯେ କୌଣସି ବିନିର୍ଣ୍ଣୟ ସଂପର୍କିତ କୌଣସି ରିପୋର୍ଟ ବୋଲି ଜଣା ପଡୁଥିବା କୌଣସି ପୁସ୍ତକରେ ଅନ୍ତର୍ଦିଷ୍ଟ ସେପରି ବିନିର୍ଣ୍ଣୟର ରିପୋର୍ଟ ସୁସଙ୍ଗତ ଅଟେ ।

### ବିବୃତିରୁ କେତେ ପରିମାଣ ପ୍ରମାଣ କରାଯିବ

ଯେତେବେଳେ ବିବୃତିଟି କୌଣସି ଆଳାପ, ଦସ୍ତାବିଜ, ପୁସ୍ତକ କିମ୍ବା ପତ୍ରାବଳୀ ବା କାଗଜପତ୍ରର ଅଂଶବିଶେଷ ହୁଏ ସେତେବେଳେ କି ସାକ୍ଷ୍ୟ ଦିଆଯିବ ।

39. ଯେଉଁ ବିବୃତିର ସାକ୍ଷ୍ୟ ଦିଆଯାଏ ସେହି ବିବୃତି ଯେତେବେଳେ କୌଣସି ଦୀର୍ଘତର ବିବୃତିର ବା କୌଣସି ଆଳାପର ବା କୌଣସି ପୃଥକ ଦସ୍ତାବିଜର ଅଂଶବିଶେଷ ହୁଏ ବା ଯେଉଁ ଦସ୍ତାବିଜ କୌଣସି ପୁସ୍ତକ ଅଥବା ସଂଯୁକ୍ତ କୌଣସି ପତ୍ରାବଳୀର ବା କାଗଜପତ୍ରର ଅଂଶବିଶେଷ ହୁଏ ତହିଁରେ ସେହି ବିବୃତି ଥାଏ ସେତେବେଳେ ନ୍ୟାୟାଳୟ ସେହି ବିବୃତିର ଏବଂ ଯେଉଁ ପରିସ୍ଥିତିରେ ତାହା ଦିଆଯାଇଥିଲା ତାହାର ପ୍ରକୃତି ଓ ପ୍ରଭାବକୁ ପୂର୍ଣ୍ଣଭାବରେ ବୁଝିବା ସକାଶେ ସେହି ବିଶେଷ ମାମଲାରେ ଯେତିକି ଆବଶ୍ୟକ ମନେ କରନ୍ତି ସେହି ବିବୃତି, ଆଳାପ, ଦସ୍ତାବିଜ, ପୁସ୍ତକ ବା ପତ୍ରାବଳୀ ବା କାଗଜପତ୍ରର ସେତିକି ସାକ୍ଷ୍ୟ ଦିଆଯିବ ଓ ତାହାଠାରୁ ଅଧିକ ଦିଆଯିବ ନାହିଁ ।

### ନ୍ୟାୟାଳୟର ରାୟ କେତେବେଳେ ସୁସଙ୍ଗତ ହେବ

କୌଣସି ଦ୍ୱିତୀୟ ମକଦ୍ଦମା ବା ବିଚାରଣକୁ ପ୍ରତିବନ୍ଧ କରିବା ପାଇଁ ପୂର୍ବବର୍ତ୍ତୀ ରାୟ ସୁସଙ୍ଗତ ହେବ ।

40. ଯେଉଁ ରାୟ, ଆଦେଶ ବା ଡିକ୍ରିର ବିଦ୍ୟମାନତା କୌଣସି ନ୍ୟାୟାଳୟକୁ କୌଣସି ମକଦ୍ଦମାର ସଂଜ୍ଞାନ ଗ୍ରହଣ କରିବାକୁ ବା କୌଣସି ବିଚାରଣ କରିବାକୁ ନିବାରିତ କରେ ତାହା ସେତେବେଳେ ସୁସଙ୍ଗତ ତଥ୍ୟ ଅଟେ ଯେତେବେଳେ ସେପରି ନ୍ୟାୟାଳୟ ସେପରି ମକଦ୍ଦମାର ସଂଜ୍ଞାନ ଗ୍ରହଣ କରିବା ବା ସେପରି ବିଚାରଣ କରିବା ଉଚିତ କି ବୋଲି ପ୍ରଶ୍ନ ହୁଏ ।

ପ୍ରୋବେଟ ଆଦିରେ ଅଧିକାରିତା ଶ୍ରେଣୀ କେତେକ ରାୟର ସୁସଙ୍ଗତି ।

41. ପ୍ରୋବେଟ, ବୈବାହିକ, ନାବାଧିକରଣ ବା ପରିଶୋଧଅକ୍ଷମତା ବିଷୟକ ଅଧିକାରିତାର ପ୍ରୟୋଗ କରି କୌଣସି ସକ୍ଷମ ନ୍ୟାୟାଳୟର ଯେଉଁ ଅନ୍ତିମ ରାୟ, ଆଦେଶ ବା ଡିକ୍ରି କୌଣସି ବ୍ୟକ୍ତିଙ୍କ ଉପରେ କୌଣସି ବୈଧିକ କ୍ଷମତା ପ୍ରଦାନ କରେ ବା ତାହାଙ୍କଠାରୁ ନେଇ ଯାଏ ଅଥବା ଯାହା କୌଣସି ବ୍ୟକ୍ତିଙ୍କୁ କୌଣସି ବିନିର୍ଦ୍ଦିଷ୍ଟ ବ୍ୟକ୍ତି ବିରୁଦ୍ଧରେ ନ ହୋଇ ପୂର୍ଣ୍ଣତଃ ସେପରି କୌଣସି କ୍ଷମତାର ହକ୍‌ଦାର ହେବା ବା କୌଣସି ବିନିର୍ଦ୍ଦିଷ୍ଟ ବିଷୟରେ ହକ୍‌ଦାର ହେବା ଘୋଷିତ କରେ ତାହା ସେତେବେଳେ ସୁସଙ୍ଗତ ହୁଏ ଯେତେବେଳେ ସେପରି କୌଣସି ବୈଧିକ କ୍ଷମତା ବା ସେପରି କୌଣସି ବିଷୟ ଉପରେ ସେପରି କୌଣସି ବ୍ୟକ୍ତିଙ୍କ ହକ୍ ସଂପର୍କିତ ବିଦ୍ୟମାନତା ସୁସଙ୍ଗତ ହୁଏ ।

ସେପରି ରାୟ, ଆଦେଶ ବା ଡିକ୍ରି ନିମ୍ନଲିଖିତର ନିଶ୍ଚାୟକ ପ୍ରମାଣ ଅଟେ—

ତାହା ଯେଉଁ ବୈଧିକ କ୍ଷମତା ଅର୍ପଣ କରେ ସେହି ବୈଧିକ କ୍ଷମତା, ଯେତେବେଳେ ସେପରି ରାୟ, ଆଦେଶ ବା ଡିକ୍ରି ପ୍ରବର୍ତ୍ତିତ ହେଲା ସେତେବେଳେ ପ୍ରୋଦ୍‌ଭୂତ ହୋଇଥିବାର ; ଯେଉଁ ବୈଧିକ କ୍ଷମତା ପ୍ରତି ସେପରି କୌଣସି ବ୍ୟକ୍ତି ହକଦାର ହୋଇଥିବାର ତାହା ଘୋଷଣା କରେ ସେହି ବୈଧିକକ୍ଷମତା ସେହି ବ୍ୟକ୍ତିଙ୍କଠାରେ ପ୍ରୋଦ୍‌ଭୂତ ହେଲା ବୋଲି ଯେତେବେଳେ ସେପରି ରାୟ, ଆଦେଶ ବା ଡିକ୍ରି ଘୋଷଣା କରେ ସେତେବେଳେ ସେହି ବ୍ୟକ୍ତିଙ୍କଠାରେ ତାହା ପ୍ରୋଦ୍‌ଭୂତ ହୋଇଥିବାର ;

ଯେଉଁ ବୈଧିକ କ୍ଷମତାକୁ ତାହା ସେପରି କୌଣସି ବ୍ୟକ୍ତିଙ୍କଠାରୁ ନେଇଯାଏ ସେହି ବୈଧିକ କ୍ଷମତା ଯେଉଁ ସମୟରୁ ସେପରି ରାୟ, ବା ଡିକ୍ରିର ଘୋଷଣା ମୁତାବକ ଶେଷ ହେଲା ବା ହେବା କଥା ସେହି ସମୟରୁ ଶେଷ ହୋଇଥିବାର ;

ଏବଂ ଯେଉଁ ବିଷୟପ୍ରତି କୌଣସି ବ୍ୟକ୍ତି ସେପରି ହକଦାର ବୋଲି ତାହା ଘୋଷଣା କରେ ସେହି ବିଷୟ ସେପରି ରାୟ, ଆଦେଶ ବା ଡିକ୍ରି ମୁତାବକ ଯେଉଁ ସମୟରୁ ତାହାଙ୍କର ସଂପତ୍ତି ହେଲା ବା ହେବା କଥା ସେହି ସମୟରେ ସେହି ବ୍ୟକ୍ତିଙ୍କର ସଂପତ୍ତି ଥିବାର ।

ଧାରା 41ରେ ବର୍ଣ୍ଣିତ ଭିନ୍ନ ଅନ୍ୟ ରାୟ, ଆଦେଶ ବା ଡିକ୍ରି-ଗୁଡ଼ିକର ସୁସଂଗତି ଓ ପ୍ରଭାବ ।

42. ଧାରା 41 ରେ ବର୍ଣ୍ଣିତ ଭିନ୍ନ ଅନ୍ୟ ରାୟ, ଆଦେଶ ବା ଡିକ୍ରି, ଯଦି ତଦନ୍ତ ସହିତ ସୁସଙ୍ଗତ କୌଣସି ସର୍ବସାଧାରଣ ପ୍ରକୃତିର ବିଷୟ ସଂପର୍କିତ ହୋଇଥାଏ ତେବେ ସୁସଙ୍ଗତ ଅଟେ, ମାତ୍ର ସେପରି ରାୟ, ଆଦେଶ ବା ଡିକ୍ରି ଯାହା ବର୍ଣ୍ଣନା କରେ ତାହାର ନିଶ୍ଚାୟକ ପ୍ରମାଣ ନୁହେଁ ।

ଦୃଷ୍ଟାନ୍ତ

କ ତାହାଙ୍କ ଭୂମି ଉପରେ ଅତିଚାର ଲାଗି ଖ ବିରୁଦ୍ଧରେ ନାଲିସ୍ କରନ୍ତି । ଖ ସେହି ଭୂମି ଉପରେ ସର୍ବସାଧାରଣଙ୍କ ଯାତାୟତ ଅଧିକାରର ବିଦ୍ୟମାନତା ନେଇ ଅଭିକଥନ କରନ୍ତି । ଏହାକୁ କ ଅସ୍ୱୀକାର କରନ୍ତି ।

ଯେଉଁ ଭୂମି ଉପରେ ଖ ସେହି ଏକା ଯାତାୟତ ଅଧିକାରର ବିଦ୍ୟମାନତା ଅଭିକଥିତ କରିଥିଲେ ସେହି ଭୂମି ଉପରେ କୌଣସି ଅତିଚାର ଲାଗି ଗ ବିରୁଦ୍ଧରେ କ କରିଥିବା କୌଣସି ମକଦ୍ଦମାରେ, ପ୍ରତିବାଦୀ ପକ୍ଷରେ ହୋଇଥିବା କୌଣସି ଡିକ୍ରିର ବିଦ୍ୟମାନତା ସୁସଙ୍ଗତ ଅଟେ, ମାତ୍ର ଯାତାୟତ ଅଧିକାର ବିଷୟ ବିଦ୍ୟମାନ ଅଛି ବୋଲି ତାହା ନିଶ୍ଚାୟକ ପ୍ରମାଣ ନୁହେଁ ।

40 ଠାରୁ 42 ପର୍ଯ୍ୟନ୍ତ ଧାରାଗୁଡ଼ିକରେ ବର୍ଣ୍ଣିତ ରାୟ ପ୍ରଭୃତି ଭିନ୍ନ ଅନ୍ୟ ରାୟ ଆଦି କେତେବେଳେ ସୁସଂଗତ ହେବ ।

43. ଧାରା 40, 41 ଓ 42 ରେ ବର୍ଣ୍ଣିତ ଭିନ୍ନ ଅନ୍ୟ ରାୟ, ଆଦେଶ ବା ଡିକ୍ରିର ବିଦ୍ୟମାନତା ଏକ ବାଦପଦୀୟ ତଥ୍ୟ ହୋଇ ନଥିଲେ ଅଥବା ଏହି ଅଧିନିୟମର ଅନ୍ୟ କୌଣସି ବ୍ୟବସ୍ଥା ଅନୁଯାୟୀ ସୁସଙ୍ଗତ ହୋଇ ନ ଥିଲେ ସେପରି ରାୟ, ଆଦେଶ ବା ଡିକ୍ରି ବିସଙ୍ଗତ ଅଟେ ।

ଦୃଷ୍ଟାନ୍ତ

(କ) ଯେଉଁ ଅପବାଦ ଲେଖା କ ଓ ଖ ପ୍ରତ୍ୟେକ ଉପରେ ଦୋଷାରୋପ କରୁଥାଏ ସେହି ଅପବାଦ ଲେଖା ସେମାନେ ପୃଥକ ପୃଥକ ଭାବେ ଗ ବିରୁଦ୍ଧରେ ନାଲିସ୍ କରନ୍ତି । ଗ ପ୍ରତ୍ୟେକ ମାମଲାରେ ବର୍ଣ୍ଣନା କରନ୍ତି ଯେ ଅପବାଦ ଲେଖା ବୋଲି ଅଭିକଥିତ ହୋଇଥିବା ବିଷୟ ସତ୍ୟ ଅଟେ, ଏବଂ ପରିସ୍ଥିତି ଏପରି ଯେ ତାହା ଅଧିସମ୍ଭବତଃ ପ୍ରତ୍ୟେକ ମାମଲାରେ ସତ୍ୟ ଅଟେ ଅଥବା କୌଣସି ମାମଲାରେ ସତ୍ୟ ନୁହେଁ ।

ଗ ନିଜର ଯଥାର୍ଥତା ପ୍ରମାଣ କରି ନ ପାରିବାରୁ ଗ ବିରୁଦ୍ଧରେ କ ଖେସାରତ ଲାଗି ଡିକ୍ରି ହାସଲ କରନ୍ତି । ସେହି ତଥ୍ୟ ଖ ଓ ଗ ମଧ୍ୟରେ ବିସଙ୍ଗତ ଅଟେ ।

(ଗ) କ ତାର ପତ୍ନୀ ଖ ସହିତ ବ୍ୟଭିଚାର କରିଛନ୍ତି ବୋଲି ଗ ବିରୁଦ୍ଧରେ କ ଅଭିଯୋଜନ କରନ୍ତି ।

ଗ କହନ୍ତି ଯେ ଖ କ ର ପତ୍ନୀ ନୁହେଁ । ମାତ୍ର ନ୍ୟାୟାଳୟ ବ୍ୟଭିଚାର ଅପରାଧରେ ଗ କୁ ଦୋଷସିଦ୍ଧ କରନ୍ତି ।

ତାହାପରେ କ ଙ୍କର ଜୀବଦ୍ଦଶାରେ ଗ ସହିତ ବିବାହ କରିଥିବା ହେତୁ ଦ୍ୱିବିବାହ ନିମନ୍ତେ ଖ ଙ୍କୁ ଅଭିଯୋଜିତ କରାଯାଏ । ଖ କହନ୍ତି ଯେ ସେ କେବେ ହେଁ କ ଙ୍କର ପତ୍ନୀ ନ ଥିଲେ ।

ଗ ବିରୁଦ୍ଧରେ ଦିଆଯାଇଥିବା ରାୟ ଖ ସମ୍ବନ୍ଧରେ ବିସଙ୍ଗତ ଅଟେ ।

(ଘ) କ ତାଙ୍କ ଗୋଟିଏ ଗାଈ ଚୋରି କରିଥିବାରୁ ଖ ବିରୁଦ୍ଧରେ କ ଅଭିଯୋଜନ କରନ୍ତି ଏବଂ ଖ ଦୋଷସିଦ୍ଧ ହୁଅନ୍ତି ।

ଖ ନିଜର ଦୋଷସିଦ୍ଧି ପୂର୍ବରୁ ତାଙ୍କୁ ଯେଉଁ ଗାଈ ବିକିଥିଲେ ସେହି ଗାଈ ଲାଗି କ ତାହାପରେ ଗ ବିରୁଦ୍ଧରେ ଅଭିଯୋଜନ କରନ୍ତି । ଖ ବିରୁଦ୍ଧରେ ଦିଆଯାଇଥିବା ରାୟ କ ଓ ଗ ସମ୍ବନ୍ଧରେ ବିସଙ୍ଗତ ଅଟେ ।

(ଙ) ଭୂମି ଦଖଲ ଲାଗି ଖ ବିରୁଦ୍ଧରେ କ ଡିକ୍ରି ହାସଲ କରିଥିଲେ, ପରିଣାମରେ ଖ ଙ୍କ ପୁତ୍ର ଗ କୁ ହତ୍ୟା କରନ୍ତି ।

ଅପରାଧର ଅଭିପ୍ରାୟ ଦର୍ଶାଉଥିବାରୁ ସେହି ରାୟର ବିଦ୍ୟମାନତା ସୁସଙ୍ଗତ ଅଟେ ।

(ଚ) ଚୋରି ଲାଗି ଏବଂ ଚୋରି କେସ ପୂର୍ବରୁ ଦୋଷସିଦ୍ଧ ହୋଇଥିବାରୁ କ ଉପରେ ଦୋଷାରୋପ କରାଯାଏ । ପୂର୍ବ ଦୋଷସିଦ୍ଧି, ବାଦପଦୀୟ ତଥ୍ୟ ହୋଇଥିବା କାରଣରୁ ସୁସଙ୍ଗତ ଅଟେ ।

(ଛ) ଖ ଙ୍କ ହତ୍ୟା ଲାଗି କ ଙ୍କର ବିଚାରଣ କରାଯାଏ । କ ବିରୁଦ୍ଧରେ ଖ ଅଭିଯୋଜନ କରିଥିବା ଏବଂ କ ଦୋଷସିଦ୍ଧ ତଥା ଦଣ୍ଡିତ ହୋଇଥିବା ତଥ୍ୟ ବାଦପଦୀୟ ତଥ୍ୟର ଅଭିପ୍ରାୟ ଦର୍ଶାଉଥିବାରୁ ଧାରା ୮ ଅନୁଯାୟୀ ସୁସଙ୍ଗତ ଅଟେ ।

ରାୟ ହାସଲ କରିବାରେ ପ୍ରବଞ୍ଚନା ବା ଦୁରଭିସନ୍ଧି, ଅଥବା ନ୍ୟାୟାଳୟର ଅକ୍ଷମତା ପ୍ରମାଣ କରାଯାଇ ପାରିବ ।

୪୪. କୌଣସି ମକଦ୍ଦମା ବା ଅନ୍ୟ କାର୍ଯ୍ୟବିଧିର ଯେ କୌଣସି ପକ୍ଷ ଦର୍ଶାଇ ପାରିବେ ଯେ, ଯେଉଁ ରାୟ, ଆଦେଶ ବା ଡିକ୍ରି ଧାରା ୪୦, ୪୧ ବା ୪୨ ଅନୁଯାୟୀ ସୁସଙ୍ଗତ ଏବଂ ଯାହା ପ୍ରତିପକ୍ଷଙ୍କ ଦ୍ୱାରା ପ୍ରମାଣ କରାଯାଇଥାଏ ତାହାକୁ ଦେବା ଲାଗି ସକ୍ଷମ ନ ଥିବା କୌଣସି ନ୍ୟାୟାଳୟ ଦ୍ୱାରା ତାହା ଦିଆଯାଇଥିଲା ଅଥବା ପ୍ରବଞ୍ଚନା ବା ଦୁରଭିସନ୍ଧି ଦ୍ୱାରା ହାସଲ କରାଯାଇଥିଲା ।

ତୃତୀୟ ବ୍ୟକ୍ତିମାନଙ୍କର ଅଭିମତ କେତେବେଳେ ସୁସଙ୍ଗତ ହେବ ।

ବିଶାରଦଙ୍କ ଅଭିମତ.

୪୫. ଯେତେବେଳେ ବୈଦେଶିକ ବିଧି ସମ୍ପର୍କିତ, କିମ୍ବା ବିଜ୍ଞାନ, ବା କଳା ସମ୍ପର୍କିତ ଅଥବା ହସ୍ତାକ୍ଷର ବା ଟିପଚିହ୍ନର ଅଭିନ୍ନତା ସମ୍ପର୍କିତ କୌଣସି କଥା ଉପରେ ନ୍ୟାୟାଳୟଙ୍କୁ କୌଣସି ଅଭିମତ ପୋଷଣ କରିବାକୁ ହୁଏ ସେତେବେଳେ ସେପରି ବୈଦେଶିକ ବିଧି, ବିଜ୍ଞାନ ବା କଳାରେ ବା ହସ୍ତାକ୍ଷର ବା ଟିପଚିହ୍ନର ଅଭିନ୍ନତା ବିଷୟକ ପ୍ରଶ୍ନରେ ବିଶେଷ ଭାବରେ ନିପୁଣ ବ୍ୟକ୍ତିମାନଙ୍କର ସେହି କଥା ଉପରେ ଅଭିମତ ସୁସଙ୍ଗତ ତଥ୍ୟ ଅଟେ ।

ସେପରି ବ୍ୟକ୍ତିମାନଙ୍କୁ ବିଶାରଦ କୁହାଯାଏ ।

ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, କ ଙ୍କ ମୃତ୍ୟୁ ବିଷ ପ୍ରୟୋଗ ଦ୍ୱାରା କରାଯାଇଛି କି ।

ଯେଉଁ ବିଷଦ୍ୱାରା କ ଙ୍କ ମୃତ୍ୟୁ ହୋଇଥିବାର ଅନୁମାନ କରାଯାଏ ତାହା ଦ୍ୱାରା ଜାତ ଲକ୍ଷଣ ବିଷୟରେ ବିଶାରଦଙ୍କ ଅଭିମତ ସୁସଙ୍ଗତ ଅଟେ ।

(ଖ) ପ୍ରଶ୍ନ ହେଉଛି, କ ଅମୁକ କାର୍ଯ୍ୟ କରିବା ସମୟରେ ମସ୍ତିଷ୍କ ବିକୃତି କାରଣରୁ ସେହି କାର୍ଯ୍ୟର ପ୍ରକୃତି ବା ସେ ଯାହା କରୁଥିଲେ ତାହା ଦୋଷଯୁକ୍ତ ଥିଲା ବା ବିଧିର ବିପରୀତ ଥିଲା ବୋଲି ଜାଣିବାରେ ଅସମର୍ଥ ଥିଲେ କି ।

କ ଦେଖାଉଥିବା ଲକ୍ଷଣଗୁଡ଼ିକ ସାଧାରଣତଃ ମସ୍ତିଷ୍କ ବିକୃତିରେ ଦେଖାଯାଏ କି ନାହିଁ ଏବଂ ବାତୁଳମାନେ ଯେଉଁ କାର୍ଯ୍ୟଗୁଡ଼ିକ କରନ୍ତି ସେମାନେ ତାହାର ପ୍ରକୃତି ଜାଣିବାରେ ଅଥବା ସେମାନେ ଯାହା କରନ୍ତି ତାହା ଦୋଷଯୁକ୍ତ କି ବିଧିର ବିପରୀତ ତାହା ଜାଣିବାରେ ଏପରି ମସ୍ତିଷ୍କ ବିକୃତି, ସେହି ବ୍ୟକ୍ତିମାନଙ୍କୁ ପ୍ରାୟଶଃ ଅସମର୍ଥ କରିଦିଏ କି ନାହିଁ, ଏହି ପ୍ରଶ୍ନ ଉପରେ ବିଶାରଦଙ୍କ ଅଭିମତ ସୁସଙ୍ଗତ ଅଟେ ।

(ଗ) ପ୍ରଶ୍ନ ହେଉଛି, କୌଣସି ନିର୍ଦ୍ଦିଷ୍ଟ ଦସ୍ତାବିଜ କ ଲେଖିଛନ୍ତି କି । ଅନ୍ୟ ଯେଉଁ ଦସ୍ତାବିଜ କ ଲେଖିଛନ୍ତି ବୋଲି ପ୍ରମାଣ କରାଯାଏ ବା ସ୍ୱୀକାର କରାଯାଏ ତାହା ପେଶ୍ କରାଯାଏ ।

ଦସ୍ତାବିଜ ଦୁଇଟି ସେହି ଏକା ବ୍ୟକ୍ତିଙ୍କ ଦ୍ୱାରା କି ଭିନ୍ନ ଭିନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖାଯାଇଛି, ଏହି ପ୍ରଶ୍ନ ଉପରେ ବିଶାରଦଙ୍କର ଅଭିମତ ସୁସଙ୍ଗତ ଅଟେ ।

ବିଶାରଦଙ୍କ ଅଭିମତ ସମ୍ପର୍କିତ ତଥ୍ୟ ।

46. ଯେତେବେଳେ ବିଶାରଦଙ୍କ ଅଭିମତ ସୁସଙ୍ଗତ ହୁଏ ସେତେବେଳେ ଅନ୍ୟଥା ସୁସଙ୍ଗତ ହୋଇ ନ ଥିବା ଯେଉଁ ତଥ୍ୟଗୁଡ଼ିକ ସେପରି ଅଭିମତକୁ ସମର୍ଥନ କରେ ବା ତାହା ସହିତ ଅସଙ୍ଗତ ହୁଏ ସେହି ତଥ୍ୟଗୁଡ଼ିକ ସୁସଙ୍ଗତ ଅଟେ ।

ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, କ କୁ କୌଣସି ନିର୍ଦ୍ଦିଷ୍ଟ ବିଷ ପ୍ରୟୋଗ ହୋଇଥିଲା କି ।

ଯେଉଁ ଅନ୍ୟ ବ୍ୟକ୍ତିମାନଙ୍କୁ ସେହି ବିଷ ପ୍ରୟୋଗ ହୋଇଥିଲା ସେମାନଙ୍କଠାରେ ଯେଉଁ ଲକ୍ଷଣମାନ ଦେଖାଯାଇଥିଲା ସେଗୁଡ଼ିକ, ବିଶାରଦମାନେ ସେହି ବିଷର ଲକ୍ଷଣ ବୋଲି ପ୍ରତିପାଦନ କରୁଥିବା ବା ପ୍ରତ୍ୟାଖ୍ୟାନ କରୁଥିବା ତଥ୍ୟ ସୁସଙ୍ଗତ ଅଟେ ।

(ଖ) ପ୍ରଶ୍ନ ହେଉଛି, କୌଣସି ନିର୍ଦ୍ଦିଷ୍ଟ ସମୁଦ୍ର ପ୍ରାଚୀର ଦ୍ୱାରା କୌଣସି ପୋତାଶ୍ରୟ ପ୍ରତି କୌଣସି ବାଧା ସୃଷ୍ଟି ହୋଇଛି କି ।

ଅନ୍ୟ ଦୃଷ୍ଟିରୁ ସେହି ଏକାପରି ଅବସ୍ଥିତ ଅନ୍ୟ ଯେଉଁ ପୋତାଶ୍ରୟ ଗୁଡ଼ିକରେ ସେପରି ସମୁଦ୍ର ପ୍ରାଚୀର ନ ଥିଲା, ସେଥିରେ ପ୍ରାୟ ସେହି ଏକା ସମୟରେ ବାଧା ଆରମ୍ଭ ହୋଇଥିବା ତଥ୍ୟଟି ସୁସଙ୍ଗତ ଅଟେ ।

ହସ୍ତାକ୍ଷର ବିଷୟରେ ଅଭିମତ କେଉଁବେଳେ ସୁସଙ୍ଗତ ହେବ ।

47. କୌଣସି ଦସ୍ତାବିଜ କେଉଁ ବ୍ୟକ୍ତିଙ୍କ ଦ୍ୱାରା ଲେଖା ହୋଇଥିଲା ବା ସ୍ୱାକ୍ଷରିତ ହୋଇଥିଲା ବୋଲି ଯେତେବେଳେ ନ୍ୟାୟାଳୟକୁ ଅଭିମତ ପୋଷଣ କରିବାକୁ ହୁଏ, ସେତେବେଳେ ସେହି ବ୍ୟକ୍ତିଙ୍କ ଦ୍ୱାରା ତାହା ଲେଖା ହୋଇଥିଲା କି ନାହିଁ ବା ସ୍ୱାକ୍ଷରିତ ହୋଇଥିଲା କି ନାହିଁ, ଏ ବିଷୟରେ ଯାହାଙ୍କ ଦ୍ୱାରା ସେହି ଦସ୍ତାବିଜ ଲେଖାଯାଇଥାଇପାରେ ବା ସ୍ୱାକ୍ଷରିତ ହୋଇ ଥାଇପାରେ ତାହାଙ୍କ ହସ୍ତାକ୍ଷର ସହିତ ପରିଚିତ ବ୍ୟକ୍ତିଙ୍କର ଅଭିମତ ସୁସଙ୍ଗତ ଅଟେ ।

ସ୍ପଷ୍ଟୀକରଣ—ଯେତେବେଳେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କୁ ଲେଖିବାର ଦେଖିଥାନ୍ତି ଅଥବା ଯେତେବେଳେ ସ୍ୱୟଂ ନିଜ ଦ୍ୱାରା ବା ନିଜର ପ୍ରାଧିକାର ଅଧୀନରେ ଲିଖିତ ଏବଂ ସେହି ଅନ୍ୟ ବ୍ୟକ୍ତିଙ୍କୁ ସମ୍ବୋଧିତ ଦସ୍ତାବିଜର ଉତ୍ତରରେ ସେହି ଅନ୍ୟ ବ୍ୟକ୍ତି ଲେଖିଛନ୍ତି ବୋଲି ଜଣାପଡୁଥିବା ଦସ୍ତାବିଜ ପାଇଥାନ୍ତି ଅଥବା ଯେତେବେଳେ କାରବାରର ସାମୁଲି ଅନୁକ୍ରମରେ ସେହି ଅନ୍ୟ ବ୍ୟକ୍ତି ଲେଖିଛନ୍ତି ବୋଲି ଜଣାପଡୁଥିବା ଦସ୍ତାବିଜଗୁଡ଼ିକ ତାହାଙ୍କ ସମକ୍ଷରେ ଅଭ୍ୟାସଗତଭାବରେ ନିବେଦିତ ହୁଏ ସେତେବେଳେ ସେହି ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କର ହସ୍ତାକ୍ଷର ସହିତ ପରିଚିତ ଥିବା କୁହାଯାଏ ।

ଦୃଷ୍ଟାନ୍ତ

ପ୍ରଶ୍ନ ହେଉଛି, କୌଣସି ଏକ ନିର୍ଦ୍ଦିଷ୍ଟ ପତ୍ର ଲଣ୍ଡନର କୌଣସି ବଣିକଙ୍କର ହସ୍ତାକ୍ଷରରେ ଅଛି କି ।

ଖ କଲିକତାର ଜଣେ ବଣିକ । ସେ କ ଙ୍କୁ ସମ୍ବୋଧିତ କରି ପତ୍ର ଲେଖିଛନ୍ତି ଏବଂ ସେ ଲେଖିଛନ୍ତି ବୋଲି ଜଣାପଡୁଥିବା ପତ୍ର ପାଇଛନ୍ତି, ଖ ଙ୍କ ପତ୍ର ବ୍ୟବହାରକୁ ପରୀକ୍ଷା କରିବା ଓ ନଥିଭୁକ୍ତ କରିବା ଥିଲା ଖ ଙ୍କ କିରାଣୀ ଗ ଙ୍କର କର୍ତ୍ତବ୍ୟ । ଘ ହେଉଛନ୍ତି ଖ ଙ୍କ ଦଲାଲ ଯାହାଙ୍କ ନିକଟକୁ କ ଦ୍ୱାରା ଲେଖାଯାଇଥିବାର ଜଣାପଡୁଥିବା ପତ୍ରଗୁଡ଼ିକୁ ଖ ସେହି ବିଷୟରେ ତାହାଙ୍କ ସହିତ ପରାମର୍ଶ ଉଦ୍ଦେଶ୍ୟରେ ଅଭ୍ୟାସଗତଭାବରେ ପଠାଉଥିଲେ ।

ଖ, ଗ ବା ଘ ଙ୍କୁ କ କେବେହେଲେ ଲେଖିଥିବାର ଦେଖି ନ ଥିଲେ ହେଁ ସେହି ପତ୍ର କ ଙ୍କ ହସ୍ତାକ୍ଷରରେ ଅଛି କି, ଏହି ପ୍ରଶ୍ନ ଉପରେ ଖ, ଗ ଓ ଘ ଙ୍କ ଅଭିମତ ସୁସଙ୍ଗତ ଅଟେ ।

ଅଧିକାର ବା ଲୋକାଚାରର ବିଦ୍ୟମାନତା-ବିଷୟକ ଅଭିମତ କେତେବେଳେ ସୁସଙ୍ଗତ ହେବ ।

48. ଯେତେବେଳେ ନ୍ୟାୟାଳୟକୁ କୌଣସି ସାଧାରଣ ଲୋକାଚାର ବା ଅଧିକାରର ବିଦ୍ୟମାନତା ବିଷୟରେ କୌଣସି ଅଭିମତ ପୋଷଣ କରିବାକୁ ହୁଏ ସେତେବେଳେ ଯଦି ସେପରି ଲୋକାଚାର ବା ଅଧିକାର ଥାଏ ତେବେ ତାହାର ବିଦ୍ୟମାନତା ସଂପର୍କରେ ଯେଉଁ ବ୍ୟକ୍ତି ସମ୍ଭବତଃ ଜାଣିଥାନ୍ତେ ତାହାଙ୍କର ସେହି ଲୋକାଚାର ବା ଅଧିକାରର ବିଦ୍ୟମାନତା ବିଷୟରେ ଅଭିମତ ସୁସଙ୍ଗତ ଅଟେ ।

ସ୍ପଷ୍ଟୀକରଣ—ବହୁଲୋକଙ୍କ ପାଇଁ ସମାନ ହୋଇଥିବା ଲୋକାଚାର ବା ଅଧିକାର "ସାଧାରଣ ଲୋକାଚାର ବା ଅଧିକାର" ଅଭିବ୍ୟକ୍ତିର ଅର୍ଥର ଅନ୍ତର୍ଗତ ।

ଦୃଷ୍ଟାନ୍ତ

କୌଣସି ନିର୍ଦ୍ଦିଷ୍ଟ ଗ୍ରାମର ଗ୍ରାମବାସୀମାନଙ୍କର କୌଣସି ନିର୍ଦ୍ଦିଷ୍ଟ କୂଅର ଜଳ ବ୍ୟବହାର କରିବା ନିମିତ୍ତ ଥିବା ଅଧିକାର, ଏହି ଧାରାର ଅର୍ଥ ମଧ୍ୟରେ ଏକ ସାଧାରଣ ଅଧିକାର ଅଟେ ।

ଚଳଣି ମତବାଦ ଆଦି ବିଷୟକ ଅଭିମତ କେତେବେଳେ ସୁସଂଗତ ହେବ ।

49. ଯେତେବେଳେ ନ୍ୟାୟାଳୟକୁ—

କୌଣସି ଗୋଷ୍ଠୀ ବା ପରିବାରର ଚଳଣି ବା ମତବାଦ,

କୌଣସି ଦେବୋତ୍ତର ବା ଦାତବ୍ୟ ପ୍ରତିଷ୍ଠାନର ସଙ୍ଗଠନ ଓ ପରିଚାଳନା, ଅଥବା ନିର୍ଦ୍ଦିଷ୍ଟ ଜିଲ୍ଲାରେ ବା ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ବ୍ୟବହୃତ ଶବ୍ଦ ବା ପଦର ଅର୍ଥ

ବିଷୟରେ କୌଣସି ଅଭିମତ ପୋଷଣ କରିବାକୁ ହୁଏ, ସେତେବେଳେ ତାହା ଉପରେ ଜ୍ଞାନ ସଂପର୍କିତ ବିଶେଷ ସାଧନ ଲାଭ କରିଥିବା ବ୍ୟକ୍ତିମାନଙ୍କର ଅଭିମତ ସୁସଙ୍ଗତ ତଥ୍ୟ ଅଟେ ।

ବାନ୍ଧବତ୍ୱ ବିଷୟରେ ଅଭିମତ କେତେବେଳେ ସୁସଙ୍ଗତ ହେବ ।

50. ଯେତେବେଳେ ନ୍ୟାୟାଳୟକୁ ଜଣେ ବ୍ୟକ୍ତିଙ୍କ ସହିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ବାନ୍ଧବତ୍ୱ ବିଷୟରେ କୌଣସି ଅଭିମତ ପୋଷଣ କରିବାକୁ ହୁଏ ସେତେବେଳେ ସେପରି ବାନ୍ଧବତ୍ୱର ବିଦ୍ୟମାନତା ବିଷୟରେ ଯେଉଁ ବ୍ୟକ୍ତି, ସେହି ପରିବାରର ଲୋକ ହୋଇଥିବା ହେତୁ ବା ଅନ୍ୟଥା ବିଶେଷ ଧରଣର ଜ୍ଞାନ ହାସଲ କରିଥାନ୍ତି, ତାଙ୍କର ଆଚରଣ ଦ୍ୱାରା ସେହି ବିଷୟ ଉପରେ ଅଭିବ୍ୟକ୍ତ ହୋଇଥିବା ଅଭିମତ ସୁସଙ୍ଗତ ତଥ୍ୟ ଅଟେ :

ପରନ୍ତୁ ଭାରତୀୟ ବିବାହ ବିଚ୍ଛେଦ ଅଧିନିୟମ ଅଧୀନ କାର୍ଯ୍ୟବିଧିରେ ବା ଭାରତୀୟ ଦଣ୍ଡ ସଂହିତାର ଧାରା 494, 495, 497 ବା 498 ଅଧୀନ ଅଭିଯୋଜନରେ ସେପରି ଅଭିମତ କୌଣସି ବିବାହକୁ ପ୍ରମାଣ କରିବା ନିମିତ୍ତ ଯଥେଷ୍ଟ ହେବ ନାହିଁ ।

ଦୃଷ୍ଟାନ୍ତ

(କ) ପ୍ରଶ୍ନ ହେଉଛି, କ ଓ ଖ ବିବାହ କରିଥିଲେ କି ନାହିଁ ।

ସେମାନେ ନିଜ ମିତ୍ରମାନଙ୍କ ଦ୍ୱାରା ପତି ଓ ପତ୍ନୀ ଭାବରେ ପ୍ରାୟ ସ୍ୱୀକୃତ ହେଉଥିଲେ ଏବଂ ସେମାନଙ୍କ ସହିତ ସେପରି ବ୍ୟବହାର କରାଯାଉଥିଲା, ଏହି ତଥ୍ୟ ସୁସଙ୍ଗତ ଅଟେ ।

(ଖ) ପ୍ରଶ୍ନ ହେଉଛି, କ ଖ ର ଔରସ ପୁତ୍ର କି ।

ପରିବାରର ଲୋକମାନେ କ ସହିତ ସର୍ବଦା ସେପରି ବ୍ୟବହାର କରୁଥିଲେ, ଏହି ତଥ୍ୟ ସୁସଙ୍ଗତ ଅଟେ ।

ଅଭିମତ ସଂପର୍କିତ ହେତୁ କେତେବେଳେ ସୁସଂଗତ ହେବ ।

51. ଯେତେବେଳେ କୌଣସି ଜୀବିତ ବ୍ୟକ୍ତିଙ୍କ ଅଭିମତ ସୁସଙ୍ଗତ ହୁଏ ସେତେବେଳେ ଯେଉଁ ହେତୁ ଉପରେ ସେପରି ଅଭିମତ ଆଧାରିତ ହୋଇଥାଏ ତାହା ମଧ୍ୟ ସୁସଙ୍ଗତ ଅଟେ ।

ଦୃଷ୍ଟାନ୍ତ

କୌଣସି ବିଶାରଦ ନିଜ ଅଭିମତ ସ୍ଥିର କରିବା ଉଦ୍ଦେଶ୍ୟରେ ସଂପାଦନ କରିଥିବା ସଂପରୀକ୍ଷାର ଏକ ବିବରଣ ଦେଇପାରିବେ ।

ଚରିତ୍ର କେତେବେଳେ ସୁସଙ୍ଗତ ହେବ

ସିଭିଲ ମାମଲାରେ ଆରୋପିତ ଆଚରଣ ପ୍ରମାଣ କରିବା ନିମିତ୍ତ ଚରିତ୍ର ବିସଂଗତ ଅଟେ ।

52. ସିଭିଲ ମାମଲାରେ, କୌଣସି ସଂପୃକ୍ତ ବ୍ୟକ୍ତିଙ୍କର ଚରିତ୍ର ଏପରି ଯେ ତାହା ସେହି ବ୍ୟକ୍ତି ପ୍ରତି ଆରୋପିତ କୌଣସି ଆଚରଣକୁ ଅଭିସଂଭାବ୍ୟ ବା ଅନଭିସମ୍ଭାବ୍ୟ କରି ଦେଉଥାଏ, ଏହି ତଥ୍ୟ ସେପରି ଚରିତ୍ର ଯେତେଦୂର ଅନ୍ୟଥା ସୁସଙ୍ଗତ ତଥ୍ୟ ଗୁଡ଼ିକରୁ ପ୍ରତୀତ ହୁଏ ତଦ୍ ବ୍ୟତିରେକେ ବିସଙ୍ଗତ ଅଟେ ।

ଦାଣ୍ଡିକ ମାମଲାରେ ପୂର୍ବ ଉତ୍ତମ ଚରିତ୍ର ସୁସଂଗତ ଅଟେ ।

53. ଦାଣ୍ଡିକ କାର୍ଯ୍ୟବିଧିରେ, ଅଭିଯୁକ୍ତ ବ୍ୟକ୍ତି ଯେ ଉତ୍ତମ ଚରିତ୍ରବାନ ଅଟନ୍ତି, ଏହି ତଥ୍ୟ ସୁସଙ୍ଗତ ଅଟେ ।

ଉତ୍ତରରେ ଭିନ୍ନ ଦିଆଯାଇଥିବା ବ୍ୟତିରେକେ ପୂର୍ବ ମନ୍ଦ ଚରିତ୍ର ସୁସଂଗତ ନୁହେଁ ।

54. ଦାଣ୍ଡିକ କାର୍ଯ୍ୟବିଧିରେ, ଅଭିଯୁକ୍ତ ବ୍ୟକ୍ତିଙ୍କର ଚରିତ୍ର ମନ୍ଦ ଥିବା ତଥ୍ୟ ବିସଙ୍ଗତ ଅଟେ, କିନ୍ତୁ ଯଦି ସେ ଉତ୍ତମ ଚରିତ୍ରବାନ ବୋଲି ସାକ୍ଷ୍ୟ ଦିଆଯାଏ ତେବେ ତାହା ସୁସଙ୍ଗତ ହୁଏ ।

ସ୍ପଷ୍ଟୀକରଣ 1:—ଯେଉଁ ମାମଲାରେ କୌଣସି ବ୍ୟକ୍ତିଙ୍କର ମନ୍ଦ ଚରିତ୍ର ସ୍ୱୟଂ କୌଣସି ବାଦପଦୀୟ ତଥ୍ୟ ହୁଏ ତାହା ପ୍ରତି ଏହି ଧାରା ପ୍ରଯୋଜ୍ୟ ନୁହେଁ ।

ସ୍ପଷ୍ଟୀକରଣ 2:—ପୂର୍ବ ଦୋଷସିଦ୍ଧି, ମନ୍ଦ ଚରିତ୍ର ସଂପର୍କିତ ସାକ୍ଷ୍ୟ ରୂପେ ସୁସଙ୍ଗତ ଅଟେ ।

ଖେସାରତ ପ୍ରଭାବିତ କରୁଥିବା ଚରିତ୍ର ।

55. ସିଭିଲ ମାମଲାରେ, କୌଣସି ବ୍ୟକ୍ତିଙ୍କର ଚରିତ୍ର ଏପରି ଯେ ତାହା, ଯେଉଁ ଖେସାରତ ତାହାଙ୍କୁ ମିଳିବା କଥା ତାହାର ପରିମାଣକୁ ପ୍ରଭାବିତ କରେ, ଏହି ତଥ୍ୟଟି ସୁସଙ୍ଗତ ଅଟେ ।

ସ୍ପଷ୍ଟୀକରଣ—ଧାରା 52, 53, 54, ଓ 55ରେ ଥିବା ଶବ୍ଦ, "ଚରିତ୍ର" ଉଭୟ ଖ୍ୟାତି ଓ ମନୋବୃତ୍ତିକୁ ଅନ୍ତର୍ଭୁକ୍ତ କରେ, ମାତ୍ର ଧାରା 54ରେ ଉପବନ୍ଧିତ କରାଯାଇଥିବା ବ୍ୟତିରେକେ, ଅନ୍ୟ ଯେଉଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦ୍ୱାରା ଖ୍ୟାତି ଓ ମନୋବୃତ୍ତି ଦର୍ଶାଇ ଦିଆଯାଇ ପାରିଥାଏ ତାହାର ସାକ୍ଷ୍ୟ ଦିଆ ନଯାଇ କେବଳ ସାଧାରଣ ଖ୍ୟାତି ଓ ସାଧାରଣ ମନୋବୃତ୍ତି ସଂପର୍କିତ ସାକ୍ଷ୍ୟ ଦିଆଯାଇ-ପାରିବ ।

## ଭାଗ II

## ପ୍ରମାଣ ବିଷୟରେ

## ଅଧ୍ୟାୟ III

### ଯେଉଁ ଯେଉଁ ତଥ୍ୟକୁ ପ୍ରମାଣ କରାଯିବା ଆବଶ୍ୟକ ନୁହେଁ

ନ୍ୟାୟିକ ଅବେକ୍ଷଣୀୟ ତଥ୍ୟକୁ ପ୍ରମାଣ କରିବା ଆବଶ୍ୟକ ନୁହେଁ ।

56. ନ୍ୟାୟାଳୟ ଯେଉଁ ତଥ୍ୟର ନ୍ୟାୟିକ ଅବେକ୍ଷା ଗ୍ରହଣ କରିବେ ତାହାକୁ ପ୍ରମାଣ କରିବା ଆବଶ୍ୟକ ନୁହେଁ ।

ଯେଉଁ ଯେଉଁ ତଥ୍ୟର ନ୍ୟାୟିକ ଅବେକ୍ଷା ନ୍ୟାୟାଳୟଙ୍କୁ ଗ୍ରହଣ କରିବାକୁ ହେବ ।

57. ନ୍ୟାୟାଳୟ ନିମ୍ନଲିଖିତ ତଥ୍ୟଗୁଡ଼ିକର ନ୍ୟାୟିକ ଅବେକ୍ଷା ଗ୍ରହଣ କରିବେ :—

(1) ଭାରତ ରାଜ୍ୟକ୍ଷେତ୍ରରେ ପ୍ରବୃତ୍ତ ଥିବା ସମସ୍ତ ବିଧି :

(2) ଯୁକ୍ତରାଜ୍ୟର ସଂସଦ ଦ୍ୱାରା ପାରିତ ବା ଏହାପରେ ପାରିତ କରାଯିବା ସମସ୍ତ ଲୋକ ଅଧିନିୟମ, ଏବଂ ନ୍ୟାୟିକ ଅବେକ୍ଷା କରାଯିବା ଲାଗି ଯୁକ୍ତରାଜ୍ୟର ସଂସଦ ଦ୍ୱାରା ନିର୍ଦ୍ଦେଶିତ ସମସ୍ତ ସ୍ଥାନୀୟ ବା ବ୍ୟକ୍ତିଗତ ଅଧିନିୟମ:

(3) ଭାରତୀୟ ସ୍ଥଳସେନା, ନୌସେନା ବା ବାୟୁ ସେନା ନିମନ୍ତେ ଯୁଦ୍ଧର ନିୟମାବଳୀ :

(4) ଯୁକ୍ତରାଜ୍ୟ ସଂସଦର, ଭାରତର ସଂବିଧାନ ସଭାର, ସଂସଦର ତଥା କୌଣସି କୌଣସି ପ୍ରଦେଶ ବା ରାଜ୍ୟ ଗୁଡ଼ିକରେ ତତ୍କାଳ ପ୍ରବୃତ୍ତ ବିଧି ଅଧୀନରେ ସ୍ଥାପିତ ବିଧାନମଣ୍ଡଳ ଗୁଡ଼ିକର କାର୍ଯ୍ୟ ବିଧିର ଅନୁକ୍ରମ ;

(5) ଗ୍ରେଟ ବ୍ରିଟେନ ଓ ଆୟରଲାଣ୍ଡ ଯୁକ୍ତରାଜ୍ୟର ତତ୍କାଳୀନ ସାର୍ବଭୌମଙ୍କର ପଦାରୋହଣ ଓ ରାଜସ୍ୱାକ୍ଷର :

(6) ଇଂରେଜ ନ୍ୟାୟାଳୟ ଗୁଡ଼ିକ ନ୍ୟାୟିକ ଅବେକ୍ଷା ଗ୍ରହଣ କରୁଥିବା ସମସ୍ତ ମୋହର : ସମସ୍ତ ଭାରତୀୟ ନ୍ୟାୟାଳୟଙ୍କର ଏବଂ କେନ୍ଦ୍ର ସରକାର ବା କ୍ରାଉନ ପ୍ରତିନିଧିଙ୍କ ପ୍ରାଧିକାର ବଳରେ ଭାରତ ବାହାରେ ସ୍ଥାପିତ ସମସ୍ତ ନ୍ୟାୟାଳୟଙ୍କର ମୋହର : ନାବଧିକରଣ ଓ ସାମୁଦ୍ରିକ ଅଧିକାରିତା ଥିବା ନ୍ୟାୟାଳୟଙ୍କର ଏବଂ ନୋଟାରୀ ପବ୍ଲିକଙ୍କର ମୋହର ଏବଂ ଯୁକ୍ତରାଜ୍ୟର ସଂବିଧାନ ବା ତାହାର ସଂସଦର କୌଣସି ଅଧିନିୟମ ଦ୍ୱାରା ବା ଭାରତରେ ବିଧିର ବଳ ରଖୁଥିବା କୌଣସି ଅଧିନିୟମ ବା ବିନିୟମ ଦ୍ୱାରା ଯେଉଁ ସବୁ ମୋହର ବ୍ୟବହାର କରିବାକୁ କୌଣସି ବ୍ୟକ୍ତି ପ୍ରାଧିକୃତ ହୁଅନ୍ତି ସେ ସମସ୍ତ ମୋହର :

(7) ଯଦି କୌଣସି ରାଜ୍ୟର କୌଣସି ଲୋକ ପଦରେ କୌଣସି ବ୍ୟକ୍ତିଙ୍କର ନିଯୁକ୍ତି ସଂପର୍କିତ ତଥ୍ୟ କୌଣସି ସରକାରୀ ଗେଜେଟରେ ଅଧିସୂଚିତ ହୋଇଥାଏ ତେବେ ସେହି ରାଜ୍ୟର ସେହି ପଦରେ ତତ୍ସମୟ ଆରୂଢ଼ ବ୍ୟକ୍ତିମାନଙ୍କର ପଦାରୋହଣ, ନାମ, ଉପାଧି, କୃତ୍ୟ ଓ ସ୍ୱାକ୍ଷର :

(8) ଭାରତ ସରକାରଙ୍କ ଦ୍ୱାରା ଅଭିଜ୍ଞାତ ପ୍ରତ୍ୟେକ ରାଜ୍ୟ ବା ସାର୍ବଭୌମଙ୍କର ବିଦ୍ୟମାନତା, ଉପାଧି ଓ ରାଷ୍ଟ୍ରୀୟ ପତାକା :

(9) ସମୟର ପ୍ରଭାଗ, ପୃଥିବୀର ଭୌଗୋଳିକ ପ୍ରଭାଗ ତଥା ସରକାରୀ ଗେଜେଟରେ ଅଧିସୂଚିତ ହୋଇଥିବା ସାର୍ବଜନିକ ପର୍ବ, ଉପବାସ ଓ ଛୁଟି ଦିନ :

(10) ଭାରତ ସରକାରଙ୍କ ଆଧିପତ୍ୟ ଅଧୀନ ରାଜ୍ୟକ୍ଷେତ୍ର ;

(11) ଭାରତ ସରକାର ଓ ଅନ୍ୟ କୌଣସି ରାଜ୍ୟ ବା ଗୋଷ୍ଠୀ ମଧ୍ୟରେ ସଂଘର୍ଷର ପ୍ରାରମ୍ଭ, ଅବିଚ୍ଛିନ୍ନତା ଓ ପର୍ଯ୍ୟବସାନ ;

(12) ନ୍ୟାୟାଳୟର ସଦସ୍ୟଗଣ ଓ ଅଧିକାରୀଗଣ ତଥା ସେମାନଙ୍କର ସହକାରୀ ଓ ଅଧସ୍ତନ ଅଧିକାରୀଗଣ ଏବଂ ସହାୟକମାନଙ୍କର ଓ ନ୍ୟାୟାଳୟଙ୍କର ଆଦେଶିକାଗୁଡ଼ିକର ନିଷ୍ପାଦନ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀଙ୍କର ତଥା ସମସ୍ତ ଅଧିବକ୍ତା, ଏଟର୍ଣ୍ଣି, ପ୍ରୋକ୍ଟର, ଓକିଲ, ପ୍ଲିଡର ଏବଂ ତାହାଙ୍କ ସମକ୍ଷରେ ହାଜର ହେବାକୁ ବା କାର୍ଯ୍ୟ କରିବାକୁ କୌଣସି ବିଧି ଦ୍ୱାରା ପ୍ରାଧିକୃତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ନାମ ;

(13) ସ୍ଥଳପଥ ଓ ସମୁଦ୍ର ପଥର ନିୟମାବଳୀ ।

ଏ ସମସ୍ତ ମାମଲାରେ ତଥା ସର୍ବସାଧାରଣ ଇତିହାସ, ସାହିତ୍ୟ, ବିଜ୍ଞାନ ବା କଳା ସମ୍ପର୍କିତ ସମସ୍ତ ବିଷୟରେ ମଧ୍ୟ ନ୍ୟାୟାଳୟ ସମୁଚିତ ନିର୍ଦ୍ଦେଶ ପୁସ୍ତକ ବା ଦସ୍ତାବିଜର ସହାୟତା ନେଇ ପାରିବେ ।

କୌଣସି ତଥ୍ୟ ସଂପର୍କରେ ନ୍ୟାୟିକ ଅବେକ୍ଷା ଗ୍ରହଣ କରିବାକୁ ଯଦି କୌଣସି ବ୍ୟକ୍ତି ଦ୍ୱାରା ନ୍ୟାୟାଳୟଙ୍କୁ ପ୍ରାର୍ଥନା କରାଯାଏ, ତେବେ ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ନ୍ୟାୟାଳୟଙ୍କୁ ସେପରି କରିବାକୁ ସମର୍ଥ କରିବା ନିମିତ୍ତ ସେହି ନ୍ୟାୟାଳୟ ଆବଶ୍ୟକ ମନେ କରୁଥିବା କୌଣସି ପୁସ୍ତକ ବା ଦସ୍ତାବିଜ ପେଶ୍ ନ କରନ୍ତି ସେ ପର୍ଯ୍ୟନ୍ତ ତାହା କରିବାକୁ ନ୍ୟାୟାଳୟ ଅଗ୍ରାହ୍ୟ କରିପାରିବେ ।

ସ୍ୱୀକୃତ ତଥ୍ୟକୁ ପ୍ରମାଣ କରିବା ଅନାବଶ୍ୟକ ।

୫୮. କୌଣସି କାର୍ଯ୍ୟବିଧିର ପକ୍ଷମାନେ ବା ସେମାନଙ୍କ ଏଜେଣ୍ଟମାନେ ଯେଉଁ ତଥ୍ୟକୁ ଶୁଣାଣି ବେଳେ ସ୍ୱୀକାର କରିବାକୁ ରାଜି ହୁଅନ୍ତି ବା ଯାହାକୁ ଶୁଣାଣି ପୂର୍ବରୁ କୌଣସି ସ୍ୱହସ୍ତ ଲିଖିତ ଲେଖା ଦ୍ୱାରା ସେମାନେ ସ୍ୱୀକାର କରିବାକୁ ରାଜି ହୁଅନ୍ତି ବା ଯାହାକୁ ତତ୍କାଳ ପ୍ରବୃତ୍ତ ଅଭିବଚନର କୌଣସି ନିୟମ ଦ୍ୱାରା ସେମାନେ ସେମାନଙ୍କ ଅଭିବଚନ ଗୁଡ଼ିକ ଦ୍ୱାରା ସ୍ୱୀକାର କରିଥିବାର ବିବେଚନା କରାଯାଏ ସେହି ତଥ୍ୟକୁ ପ୍ରମାଣ କରିବା ଆବଶ୍ୟକ ନୁହେଁ :

ପରନ୍ତୁ ସ୍ୱୀକୃତ ତଥ୍ୟଗୁଡ଼ିକୁ ସେପରି ସ୍ୱୀକୃତି ଦ୍ୱାରା ପ୍ରମାଣ କରାଯିବା ଅପେକ୍ଷା ଅନ୍ୟଥା ପ୍ରମାଣ କରାଯିବା ସକାଶେ ନ୍ୟାୟାଳୟ ସ୍ୱବିବେଚନାନୁସାରେ ଲୋଡ଼ିପାରିବେ ।

## ଅଧ୍ୟାୟ—IV

### ମୌଖିକ ସାକ୍ଷ୍ୟ ବିଷୟରେ

ମୌଖିକ ସାକ୍ଷ୍ୟ ଦ୍ୱାରା ତଥ୍ୟର ପ୍ରମାଣ ।

୫୯. ଦସ୍ତାବିଜର ବିଷୟବସ୍ତୁ ବ୍ୟତୀତ ଅନ୍ୟ ସମସ୍ତ ତଥ୍ୟ ମୌଖିକ ସାକ୍ଷ୍ୟ ଦ୍ୱାରା ପ୍ରମାଣ କରାଯାଇପାରିବ ।

ମୌଖିକ ସାକ୍ଷ୍ୟ ପ୍ରତ୍ୟକ୍ଷ ହେବ ।

୬୦. ଅବସ୍ଥା ନିର୍ବିଶେଷରେ, ମୌଖିକ ସାକ୍ଷ୍ୟ ସର୍ବଥା ପ୍ରତ୍ୟକ୍ଷ ହିଁ ହେବ; ଅର୍ଥାତ—

ଯଦି ତାହା କୌଣସି ଦେଖିପାରିବା ଭଳି ତଥ୍ୟ ପ୍ରତି ନିର୍ଦ୍ଦେଶ କରୁଥାଏ ତେବେ ଯେଉଁ ସାକ୍ଷୀ କହନ୍ତି ଯେ ସେ ତାହା ଦେଖିଛନ୍ତି ତାହା ହିଁ ତାହାଙ୍କ ସାକ୍ଷ୍ୟ ହେବ;

ଯଦି ତାହା ଶୁଣିପାରିବା ଭଳି ତଥ୍ୟ ବିଷୟକ ହୋଇଥାଏ ତେବେ ଯେଉଁ ସାକ୍ଷୀ କହନ୍ତି ଯେ ସେ ତାହା ଶୁଣିଛନ୍ତି ତାହା ହିଁ ତାହାଙ୍କ ସାକ୍ଷ୍ୟ ହେବ ;

ଯଦି ତାହା ଅନ୍ୟ କୌଣସି ଇନ୍ଦ୍ରିୟ ଦ୍ୱାରା ବା ଅନ୍ୟ କୌଣସି ରୀତିରେ ବୋଧ କରି-ପାରିବା ତଥ୍ୟ ପ୍ରତି ନିର୍ଦ୍ଦେଶ କରୁଥାଏ ତେବେ ଯେଉଁ ସାକ୍ଷୀ କହନ୍ତି ଯେ ସେ ସେହି ଇନ୍ଦ୍ରିୟ ଦ୍ୱାରା ବା ସେହି ରୀତିରେ ତାହାକୁ ବୋଧ କରିଛନ୍ତି ତାହାହିଁ ତାହାଙ୍କ ସାକ୍ଷ୍ୟ ହେବ ;

ଯଦି ତାହା କୌଣସି ଅଭିମତ ପ୍ରତି ବା ସେହି ଅଭିମତ ଯେଉଁ ହେତୁ ଉପରେ ଧାରିତ ତାହା ପ୍ରତି ନିର୍ଦ୍ଦେଶ କରୁଥାଏ ତେବେ ଯେଉଁ ବ୍ୟକ୍ତି ସେହି ହେତୁ ଉପରେ ସେହି ଅଭିମତ ଧାରଣ କରୁଥାନ୍ତି ତାହାହିଁ ତାହାଙ୍କ ସାକ୍ଷ୍ୟ ହେବ :

ପରନ୍ତୁ ବିକ୍ରୟ ଲାଗି ସାଧାରଣତଃ ପ୍ରସ୍ତାବ କରାଯାଉଥିବା କୌଣସି ନିବନ୍ଧ ଗ୍ରନ୍ଥରେ ଅଭିବ୍ୟକ୍ତ ବିଶାରଦମାନଙ୍କର ଅଭିମତ ଗୁଡ଼ିକ, ଏବଂ ସେପରି ଅଭିମତ ଯେଉଁ ହେତୁ ଉପରେ ପୋଷଣ କରାଯାଉଥାଏ ସେହି ନିବନ୍ଧ ଗ୍ରନ୍ଥକୁ ପେଶ୍ କରାଯାଇ ପ୍ରମାଣ କରାଯାଇ ପାରିବ ଯଦି ରଚୟିତା ମରିଯାଇଥାନ୍ତି ବା ନିରୁଦ୍ଦିଷ୍ଟ ହୋଇଥାନ୍ତି ବା ସାକ୍ଷ୍ୟ ଦେବାକୁ ଅସମର୍ଥ ହୋଇଥାନ୍ତି ବା ତାହାଙ୍କୁ ସାକ୍ଷୀ ରୂପେ ଡାକିବା ଏପରି ବିଳମ୍ବ ବା ବ୍ୟୟସାପେକ୍ଷ ଯେ ନ୍ୟାୟାଳୟ ତାହାକୁ ଅଯୌକ୍ତିକ ମନେକରନ୍ତି :

ପୁନଶ୍ଚ ଯଦି ମୌଖିକ ସାକ୍ଷ୍ୟ କୌଣସି ଦସ୍ତାବିଜ ଭିନ୍ନ ଅନ୍ୟ କୌଣସି ତାତ୍ତ୍ୱିକ ଜିନିଷର ବିଦ୍ୟମାନତା ବା ଅବସ୍ଥା ପ୍ରତି ନିର୍ଦ୍ଦେଶିତ କରୁଥାଏ ତେବେ ନ୍ୟାୟାଳୟ ଉଚିତ ମନେ କଲେ ସ୍ୱନିରୀକ୍ଷଣ ଲାଗି ସେପରି ତାତ୍ତ୍ୱିକ ଜିନିଷକୁ ପେଶ୍ କରାଯାଉବୋଲି କହି ପାରିବେ ।

## ଅଧ୍ୟାୟ—V

## ଦସ୍ତାବିଜୀ ସାକ୍ଷ୍ୟ ବିଷୟରେ

ଦସ୍ତାବିଜର ବିଷୟବସ୍ତୁ ସମ୍ପର୍କିତ ପ୍ରମାଣ ।

୬୧. ଏକେତ ପ୍ରାଥମିକ ସାକ୍ଷ୍ୟ ଦ୍ୱାରା ଅଥବା ଗୌଣ ସାକ୍ଷ୍ୟ ଦ୍ୱାରା ଦସ୍ତାବିଜର ବିଷୟବସ୍ତୁକୁ ପ୍ରମାଣ କରାଯାଇପାରିବ ।

ପ୍ରାଥମିକ ସାକ୍ଷ୍ୟ

୬୨. ପ୍ରାଥମିକ ସାକ୍ଷ୍ୟ ଅର୍ଥ ନ୍ୟାୟାଳୟଙ୍କ ନିରୀକ୍ଷଣ ଲାଗି ପେଶ୍ କରାଯାଇଥିବା ଦସ୍ତାବିଜଟି ।

**ସ୍ପଷ୍ଟୀକରଣ** 1.—ଯେଉଁ ସ୍ଥଳେ କୌଣସି ଦସ୍ତାବିଜ ଏକାଧିକ ଭାଗରେ ନିଷ୍ପାଦିତ ହୋଇଥାଏ ସେହିସ୍ଥଳେ ପ୍ରତ୍ୟେକ ଭାଗ ସେହି ଦସ୍ତାବିଜର ପ୍ରାଥମିକ ସାକ୍ଷ୍ୟ ଅଟେ ।

ଯେଉଁ ସ୍ଥଳେ କୌଣସି ଦସ୍ତାବିଜ ପ୍ରତିଲେଖ ଆକାରରେ ନିଷ୍ପାଦିତ ହୁଏ ଏବଂ ପ୍ରତ୍ୟେକ ପ୍ରତିଲେଖ ପକ୍ଷମାନଙ୍କ ମଧ୍ୟରୁ ଗୋଟିଏ ପକ୍ଷଦ୍ୱାରା ବା କେତେକ ପକ୍ଷଙ୍କ ଦ୍ୱାରା କେବଳ ନିଷ୍ପାଦିତ ହୁଏ ସେହି ସ୍ଥଳେ ପ୍ରତ୍ୟେକ ପ୍ରତିଲେଖ, ତାହାକୁ ନିଷ୍ପାଦିତ କରିଥିବା ପକ୍ଷମାନଙ୍କ ବିରୁଦ୍ଧରେ ପ୍ରାଥମିକ ସାକ୍ଷ୍ୟ ଅଟେ ।

**ସ୍ପଷ୍ଟୀକରଣ** 2.—ଯେଉଁସ୍ଥଳେ ଅନେକଗୁଡ଼ିଏ ଦସ୍ତାବିଜ ମଧ୍ୟରୁ ସବୁଗୁଡ଼ିକ ମୁଦ୍ରଣ, ଲିଥୋଗ୍ରାଫି ବା ଫଟୋ ଚିତ୍ରଣ ପ୍ରକ୍ରିୟା ଭଳି ଏକ ରୂପାତ୍ମକ ପ୍ରକ୍ରିୟା ଦ୍ୱାରା ତିଆରି କରାଯାଏ ସେହିସ୍ଥଳେ ପ୍ରତ୍ୟେକଟି, ଅବଶିଷ୍ଟାଂଶର ବିଷୟବସ୍ତୁର ପ୍ରାଥମିକ ସାକ୍ଷ୍ୟ ଅଟେ; ମାତ୍ର, ଯେଉଁସ୍ଥଳେ ସେଗୁଡ଼ିକ କୌଣସି ସାଧାରଣ ମୂଳ ଦସ୍ତାବିଜର ପ୍ରତିଲିପି ହୋଇଥାଏ ସେହିସ୍ଥଳେ ସେଗୁଡ଼ିକ ମୂଳ ଦସ୍ତାବିଜର ବିଷୟବସ୍ତୁର ପ୍ରାଥମିକ ସାକ୍ଷ୍ୟ ହୁଏ ନାହିଁ ।

### ଦୃଷ୍ଟାନ୍ତ

ଏକା ମୂଳରୁ ଏକ ସମୟରେ ମୁଦ୍ରିତ ଅନେକ ପ୍ଲାକାର୍ଡ, କୌଣସି ବ୍ୟକ୍ତିଙ୍କ ଦଖଲରେ ଥିବାର ଦେଖାଯାଏ । ସେହି ପ୍ଲାକାର୍ଡଗୁଡ଼ିକ ମଧ୍ୟରୁ ଯେକୌଣସିଟି ଅନ୍ୟର ବିଷୟବସ୍ତୁ ସଂପର୍କରେ ପ୍ରାଥମିକ ସାକ୍ଷ୍ୟ ଅଟେ, କିନ୍ତୁ ସେଗୁଡ଼ିକ ମଧ୍ୟରୁ କୌଣସିଟି ମୂଳ ଦସ୍ତାବିଜର ବିଷୟବସ୍ତୁର ପ୍ରାଥମିକ ସାକ୍ଷ୍ୟ ନୁହେଁ ।

ଗୌଣ ସାକ୍ଷ୍ୟ

୬୩. ଗୌଣ ସାକ୍ଷ୍ୟ, ନିମ୍ନଲିଖିତ ସାକ୍ଷ୍ୟଗୁଡ଼ିକୁ ବୁଝାଏ ଓ ଅନ୍ତର୍ଗତ କରେ:—

(1) ଏଥି ଉତ୍ତାରୁ ଥିବା ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ ଦିଆଯାଇଥିବା ପ୍ରମାଣୀକୃତ ପ୍ରତିଲିପି;

(2) ଯେଉଁ କଳ ପ୍ରକ୍ରିୟା ନିଜେ ପ୍ରତିଲିପିର ଶୁଦ୍ଧତାକୁ ସୁନିଶ୍ଚିତ କରେ ସେହି ପ୍ରକ୍ରିୟା ଦ୍ୱାରା ମୂଳରୁ ତିଆରି କରାଯାଇଥିବା ପ୍ରତିଲିପି ଏବଂ ସେପରି ପ୍ରତିଲିପି ସହିତ ତୁଳନା କରାଯାଇଥିବା ପ୍ରତିଲିପି ;

(3) ମୂଳଟିରୁ ତିଆରି କରାଯାଇଥିବା ବା ତାହା ସହିତ ତୁଳନା କରାଯାଇଥିବା ପ୍ରତିଲିପି

(4) ଦସ୍ତାବିଜକୁ ନିଷ୍ପାଦିତ କରି ନ ଥିବା ପକ୍ଷମାନଙ୍କ ବିରୁଦ୍ଧରେ ଦସ୍ତାବିଜର ପ୍ରତିଲେଖ ;

(5) ଯେଉଁ ବ୍ୟକ୍ତି ନିଜେ କୌଣସି ଦସ୍ତାବିଜ ଦେଖିଛନ୍ତି, ତାହାଙ୍କ ଦ୍ୱାରା ସେହି ଦସ୍ତାବିଜର ବିଷୟବସ୍ତୁର ମୌଖିକ ବୃତ୍ତାନ୍ତ ।

## ଦୃଷ୍ଟାନ୍ତ

(କ) ଯଦି ପ୍ରମାଣ କରାଯାଏ ଯେ ଯେଉଁ ବସ୍ତୁର ଫଟୋ ଚିତ୍ର ନିଆଯାଇଛି ତାହାହିଁ ମୂଳ ଦସ୍ତାବିଜ ତେବେ ସେହି ଦୁଇଟିକୁ ତୁଳନା କରାଯାଇ ନ ଥିଲେ ହେଁ ମୂଳ ଦସ୍ତାବିଜର ଫଟୋଚିତ୍ର, ତାହାର ବିଷୟବସ୍ତୁର ଗୌଣ ସାକ୍ଷ୍ୟ ଅଟେ ।

(ଖ) ଯଦି ଦର୍ଶାଇ ଦିଆଯାଏ ଯେ ପ୍ରତିଲିପିକରଣ କଳ ଦ୍ୱାରା କୃତ ପ୍ରତିଲିପି ମୂଳ ପତ୍ରଟିରୁ ହିଁ କରାଯାଇଥିଲା ତେବେ ପ୍ରତିଲିପି କରା କଳଦ୍ୱାରା କୃତ କୌଣସି ପ୍ରତିଲିପି ସହିତ ତୁଳନା କରାଯାଇଥିବା ପ୍ରତିଲିପି ସେହି ପତ୍ରର ବିଷୟବସ୍ତୁର ଗୌଣ ସାକ୍ଷ୍ୟ ଅଟେ ।

(ଗ) କୌଣସି ପ୍ରତିଲିପିରୁ ପ୍ରତିଲିପି କରାଯାଇଥିବା ମାତ୍ର ମୂଳ ଦସ୍ତାବିଜ ସହିତ ପରେ ତୁଳନା କରାଯାଇଥିବା କୌଣସି ପ୍ରତିଲିପି ଗୌଣ ସାକ୍ଷ୍ୟ ଅଟେ; ମାତ୍ର ଯେଉଁ ପ୍ରତିଲିପିରୁ ତାହା ପ୍ରତିଲିପି କରାଯାଇଛି ତାହା ମୂଳ ଦସ୍ତାବିଜ ସହିତ ତୁଳନା କରାଯାଇଥିଲେ ମଧ୍ୟ ସେ ରୂପେ ତୁଳନା କରାଯାଇ ନଥିବା ପ୍ରତିଲିପିଟି ମୂଳ ଦସ୍ତାବିଜଟିର ଗୌଣ ସାକ୍ଷ୍ୟ ନୁହେଁ ।

(ଘ) ମୂଳ ସହିତ ତୁଳନା କରାଯାଇଥିବା କୌଣସି ପ୍ରତିଲିପିର ମୌଖିକ ବୃତ୍ତାନ୍ତ କିମ୍ବା କୌଣସି ଫଟୋଚିତ୍ର ବା କଳ ପ୍ରସ୍ତୁତ ପ୍ରତିଲିପିର ମୌଖିକ ବୃତ୍ତାନ୍ତ ମୂଳଟିର ଗୌଣ ସାକ୍ଷ୍ୟ ନୁହେଁ ।

ପ୍ରାଥମିକ ସାକ୍ଷ୍ୟ ଦ୍ୱାରା ଦସ୍ତାବିଜଗୁଡ଼ିକର ପ୍ରମାଣ ।

୬୪. ଏହାପରେ ବର୍ଣ୍ଣିତ ଅବସ୍ଥା ବ୍ୟତିରେକେ, ପ୍ରାଥମିକ ସାକ୍ଷ୍ୟ ଦ୍ୱାରା ହିଁ ଦସ୍ତାବିଜଗୁଡ଼ିକୁ ପ୍ରମାଣ କରାଯିବ ।

ଯେଉଁ ଅବସ୍ଥାରେ ଦସ୍ତାବିଜ ସମ୍ପର୍କିତ ଗୌଣ ସାକ୍ଷ୍ୟ ଦିଆଯାଇପାରିବ ।

୬୫. ନିମ୍ନଲିଖିତ ଅବସ୍ଥାରେ କୌଣସି ଦସ୍ତାବିଜର ବିଦ୍ୟମାନତା, ଦଶା ବା ବିଷୟବସ୍ତୁ ସଂପର୍କିତ ଗୌଣ ସାକ୍ଷ୍ୟ ଦିଆଯାଇପାରିବ—

(କ) ଯେତେବେଳେ ମୂଳଟି—

ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ଦସ୍ତାବିଜ ପ୍ରମାଣ କରାଯିବା ଉଦ୍ଦିଷ୍ଟ ହୁଏ ସେହି ବ୍ୟକ୍ତିଙ୍କର, ବା ନ୍ୟାୟାଳୟଙ୍କ ଆଦେଶିକାର ସୀମା ବାହାରେ ବା ସେହି ଆଦେଶିକାର ବଶବର୍ତ୍ତୀ ନ ଥିବା କୌଣସି ବ୍ୟକ୍ତିଙ୍କର, ବା

ତାହାକୁ ପେଶ୍ କରିବାକୁ ବୈଧିକ ରୂପେ ବାଧ୍ୟ କୌଣସି ବ୍ୟକ୍ତିଙ୍କର,

କବଜାରେ ବା ସମତାଧୀନରେ ଥିବା ଦେଖାଇ ଦିଆଯାଏ ବା ପ୍ରତୀତ ହୁଏ ଏବଂ ଯେତେବେଳେ ଧାରା ୬୬ ରେ ବର୍ଣ୍ଣିତ ନୋଟିସ ପରେ ସେପରି ବ୍ୟକ୍ତି ତାହାକୁ ପେଶ୍ କରନ୍ତି ନାହିଁ;

(ଖ) ଯେଉଁ ବ୍ୟକ୍ତିଙ୍କ ବିରୁଦ୍ଧରେ ମୂଳଟି ପ୍ରମାଣ କରାଯାଏ ତାହାଙ୍କ ଦ୍ୱାରା ଅଥବା ତାହାଙ୍କର ସ୍ୱାର୍ଥକ୍ରମିତ ପ୍ରତିନିଧିଙ୍କ ଦ୍ୱାରା ଯେତେବେଳେ ସେହି ମୂଳଟିର ବିଦ୍ୟମାନତା, ଦଶା ବା ବିଷୟବସ୍ତୁକୁ ଲିଖିତଭାବରେ ସ୍ୱୀକାର କରାଯିବା ପ୍ରମାଣ କରାଯାଏ;

(ଗ) ଯେତେବେଳେ ମୂଳ ନଷ୍ଟ ହୋଇଯାଇଥାଏ ବା ହଜିଯାଇଥାଏ, ଅଥବା ତାହାର ବିଷୟବସ୍ତୁ ସଂପର୍କିତ ସାକ୍ଷ୍ୟ ପ୍ରସ୍ତାବ କରୁଥିବା ପକ୍ଷ ତାହାଙ୍କର ନିଜ ତ୍ରୁଟି ବା ଅବହେଳାରୁ ଉଦ୍ଭୂତ ହୋଇ ନଥିବା ଅନ୍ୟ କୌଣସି କାରଣରୁ ଯୁକ୍ତିଯୁକ୍ତ ସମୟରେ ତାହାକୁ ପେଶ୍ କରି ନ ପାରନ୍ତି;

(ଘ) ଯେତେବେଳେ ମୂଳ ଏପ୍ରକାରର ହୋଇଥାଏ ଯେ ତାହାକୁ ସହଜରେ ସ୍ଥାନାନ୍ତରିତ କରାଯାଇ ପାରିବ ନାହିଁ ;

(ଙ) ଯେତେବେଳେ ଧାରା 74 ର ଅର୍ଥ ମଧ୍ୟରେ ମୂଳ କୌଣସି ଲୋକ ଦସ୍ତାବିଜ ହୋଇଥାଏ;

(ଚ) ଯେତେବେଳେ ମୂଳ ଏପରି ହୋଇଥାଏ ଯେ ତାହାର କୌଣସି ପ୍ରମାଣୀକୃତ ପ୍ରତିଲିପି ଏହି ଅଧିନିୟମ ଦ୍ୱାରା ବା ଭାରତରେ ପ୍ରବୃତ୍ତ ଅନ୍ୟ କୌଣସି ବିଧିଦ୍ୱାରା ସାକ୍ଷ୍ୟରେ ଦେଇହୁଏ;

(ଛ) ଯେତେବେଳେ ମୂଳ ଏପରି ଅନେକଗୁଡ଼ିଏ ହିସାବ ବା ଅନ୍ୟାନ୍ୟ ଦସ୍ତାବିଜକୁ ନେଇ ଗଠିତ ହୋଇଥାଏ ଯାହାକି ନ୍ୟାୟାଳୟରେ ସୁବିଧାରେ ପରୀକ୍ଷା କରାଯାଇ ପାରିବ ନାହିଁ ଏବଂ ପ୍ରମାଣ କରାଯିବା ତଥ୍ୟ ସଂପୂର୍ଣ୍ଣ ସଂଗ୍ରହର ସାଧାରଣ ଫଳାଫଳ ହୋଇଥାଏ ।

(କ), (ଗ) ଓ (ଘ) ସ୍ଥଳେ, ଦସ୍ତାବିଜର ବିଷୟବସ୍ତୁର ଗୌଣ ସାକ୍ଷ୍ୟ ଗ୍ରାହ୍ୟ ଅଟେ ।

(ଖ) ସ୍ଥଳେ, ଲିଖିତ ସ୍ୱୀକୃତି ଗ୍ରାହ୍ୟ ଅଟେ ।

(ଙ) ବା (ଚ) ସ୍ଥଳେ, ଦସ୍ତାବିଜର ପ୍ରମାଣୀକୃତ ପ୍ରତିଲିପି ଗ୍ରାହ୍ୟ ଅଟେ ମାତ୍ର ଅନ୍ୟ ଯେକୌଣସି ପ୍ରକାରର ଗୌଣ ସାକ୍ଷ୍ୟ ଗ୍ରାହ୍ୟ ନୁହେଁ ।

(ଛ) ସ୍ଥଳେ, ଯେଉଁ ବ୍ୟକ୍ତି ଦସ୍ତାବିଜଗୁଡ଼ିକ ପରୀକ୍ଷା କରିଛନ୍ତି ଏବଂ ସେ ସେପରି ଦସ୍ତାବିଜର ପରୀକ୍ଷା କରିବାରେ କୁଶଳୀ ସେ ଦସ୍ତାବିଜଗୁଡ଼ିକର ସାଧାରଣ ଫଳାଫଳ ସଂପର୍କରେ ସାକ୍ଷ୍ୟ ଦେଇପାରିବେ ।

ପେଶ କରିବା ନିମିତ୍ତ ନୋଟିସ ବିଷୟକ ନିୟମାବଳୀ

66. ଧାରା 65ର ଖଣ୍ଡ (କ)ରେ ଉଲ୍ଲିଖିତ ଦସ୍ତାବିଜର ବିଷୟବସ୍ତୁ ସଂପର୍କିତ ଗୌଣ ସାକ୍ଷ୍ୟ ଦେବାକୁ ପ୍ରସ୍ତାବନା କରୁଥିବା ପକ୍ଷ, ଯେଉଁ ପକ୍ଷଙ୍କର ଦଖଲରେ ବା କ୍ଷମତାଧୀନରେ ଦସ୍ତାବିଜଟି ଥାଏ ତାହାଙ୍କୁ ଅଥବା ତାହାଙ୍କର ଏଟର୍ଣ୍ଣି ବା ପ୍ଲିଡରଙ୍କୁ ତାହା ପେଶ କରିବା ନିମିତ୍ତ ବିଧି ଦ୍ୱାରା ଯେପରି ବିହିତ ହୋଇଅଛି ସେପରି ନୋଟିସ ପୂର୍ବରୁ ଦେଇ ନଥାନ୍ତି, ଏବଂ ଯଦି ବିଧି ଦ୍ୱାରା କୌଣସି ନୋଟିସ ବିହିତ ହୋଇନଥାଏ ତେବେ ମାମଲାର ପରିସ୍ଥିତି ଅନୁସାରେ ନ୍ୟାୟାଳୟ ଯେପରି ଯୁକ୍ତିଯୁକ୍ତ ବିବେଚନା କରିବେ ସେପରି ନୋଟିସ ଦେଇ ନ ଥାନ୍ତି ତାହାହେଲେ ସେପରି ଗୌଣ ସାକ୍ଷ୍ୟ ଦିଆଯିବ ନାହିଁ :

ପରନ୍ତୁ ନିମ୍ନଲିଖିତ ଯେକୌଣସି କ୍ଷେତ୍ରରେ ବା ଅନ୍ୟ ଯେଉଁ କ୍ଷେତ୍ରରେ ନ୍ୟାୟାଳୟ ନୋଟିସ ଦିଆ ନ ଗଲେ ଚଳିବ ବୋଲି ଉପଯୁକ୍ତ ମନେକରନ୍ତି ସେପରି କ୍ଷେତ୍ରରେ, ଗୌଣ ସାକ୍ଷ୍ୟକୁ ଗ୍ରାହ୍ୟ କରାଇବା ଉଦ୍ଦେଶ୍ୟରେ ସେହି ନୋଟିସ ଆବଶ୍ୟକ ହେବ ନାହିଁ :—

(1) ଯେତେବେଳେ ପ୍ରମାଣ କରାଯିବା ଦସ୍ତାବିଜ ସ୍ୱୟଂ କୌଣସି ନୋଟିସ ହୋଇଥାଏ ;

(2) ଯେତେବେଳେ ମାମଲାର ପ୍ରକୃତିରୁ ପ୍ରତିପକ୍ଷ ନିଶ୍ଚୟ ଜାଣନ୍ତି ଯେ ତାହାଙ୍କୁ ତାହା ପେଶ କରିବାକୁ ହେବ ;

(3) ଯେତେବେଳେ ପ୍ରତୀତ ହୁଏ ବା ପ୍ରମାଣିତ ହୁଏ ଯେ ପ୍ରତାରଣାପୂର୍ବକ ବା ବଳପୂର୍ବକ ପ୍ରତିପକ୍ଷ ମୂଳ ଦସ୍ତାବିଜର ଦଖଲ ହାସଲ କରିଛନ୍ତି ;

(4) ଯେତେବେଳେ ମୂଳ ଦସ୍ତାବିଜଟି ପ୍ରତିପକ୍ଷଙ୍କ ବା ତାହାଙ୍କର ଏଜେଣ୍ଟଙ୍କ ପାଖରେ ନ୍ୟାୟାଳୟରେ ଥାଏ ;

(5) ଯେତେବେଳେ ପ୍ରତିପକ୍ଷ ବା ତାହାଙ୍କର ଏଜେଣ୍ଟ ସେହି ଦସ୍ତାବିଜ ହଜି ଯାଇଥିବା ସ୍ୱୀକାର କରିଥାନ୍ତି ;

(6) ଯେତେବେଳେ ସେହି ଦସ୍ତାବିଜର ଦଖଲକାର ଥିବା ବ୍ୟକ୍ତି ନ୍ୟାୟାଳୟର ଆଦେଶିକାର ସୀମା ବାହାରେ ଥାନ୍ତି ବା ତାହାର ଅଧ୍ୟଧୀନ ନ ଥାନ୍ତି ।

ଯେଉଁ ବ୍ୟକ୍ତି ବିଷୟରେ ଅଭିକଥିତ ହୋଇଥାଏ ଯେ ସେ ପେଶ କରାଯାଉଥିବା ଦସ୍ତାବିଜରେ ସ୍ୱାକ୍ଷର କରିଥିଲେ ବା ଲେଖିଥିଲେ ସେହି ବ୍ୟକ୍ତିଙ୍କ ସ୍ୱାକ୍ଷର ଓ ହାତଲେଖା ସମ୍ପର୍କିତ ପ୍ରମାଣ ।

67. ଯଦି କୌଣସି ଦସ୍ତାବିଜ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଅଥବା ସଂପୂର୍ଣ୍ଣଭାବରେ ବା ଆଂଶିକଭାବରେ ଲେଖାଯାଇଥିବାର ଅଭିକଥିତ ହୋଇଥାଏ ତେବେ ସେହି ବ୍ୟକ୍ତିଙ୍କର ସ୍ୱାକ୍ଷର ବା ସେହି ଦସ୍ତାବିଜରେ ହସ୍ତଲେଖା ଭାବରେ ଅଭିକଥିତ ହୋଇଥିବା ସେତିକି ଅଂଶ ତାହାଙ୍କର ହସ୍ତଲେଖା ବୋଲି ପ୍ରମାଣ କରିବାକୁ ହେବ ।

ଅନୁପ୍ରମାଣିତ ହେବାକୁ ବିଧିଦ୍ୱାରା ଆବଶ୍ୟକ ହେଉଥିବା ଦସ୍ତାବିଜର ନିଷ୍ପାଦନ ସମ୍ପର୍କିତ ପ୍ରମାଣ ।

୬୮. ଯଦି କୌଣସି ଦସ୍ତାବିଜକୁ ଅନୁପ୍ରମାଣିତ କରିବା ବିଧି ଦ୍ୱାରା ଆବଶ୍ୟକ ହୁଏ ତାହାହେଲେ, ଯଦି କୌଣସି ଅନୁପ୍ରମାଣକ ସାକ୍ଷୀ ଜୀବିତ ଅଛନ୍ତି ଏବଂ ନ୍ୟାୟାଳୟର ପ୍ରାଦେଶିକ ଅଧିକାରିତାର ଅଧୀନ ଅଛନ୍ତି ତଥା ସାକ୍ଷ୍ୟ ଦେବାକୁ ଯୋଗ୍ୟ ହୋଇଥାଆନ୍ତି ତେବେ ସେ ପର୍ଯ୍ୟନ୍ତ ଅନ୍ତତଃ ଜଣେ ଅନୁପ୍ରମାଣକ ସାକ୍ଷୀଙ୍କୁ ତାହାର ନିଷ୍ପାଦନ ପ୍ରମାଣ କରିବା ଉଦ୍ଦେଶ୍ୟରେ ତଲବ କରାଯାଇ ନ ଥାଏ ସେ ପର୍ଯ୍ୟନ୍ତ ତାହାକୁ ସାକ୍ଷ୍ୟ ରୂପେ ବ୍ୟବହାର କରାଯିବ ନାହିଁ :

ପରନ୍ତୁ ଉଇଲ ହୋଇ ନଥିବା ଯେଉଁ ଦସ୍ତାବିଜ, ଭାରତୀୟ ରେଜେଷ୍ଟ୍ରିକରଣ ଅଧିନିୟମ, 1908ର ଉପବନ୍ଧ ଅନୁଯାୟୀ ରେଜେଷ୍ଟ୍ରିକୃତ ହୋଇଥାଏ ତାହାର ନିଷ୍ପାଦନକୁ ପ୍ରମାଣ କରିବା ନିମନ୍ତେ ଯେଉଁ ବ୍ୟକ୍ତି ତାହାକୁ ନିଷ୍ପାଦନ କରିଛନ୍ତି ବୋଲି କୁହାଯାଉଥାଏ ସେ ସେହି ଦସ୍ତାବିଜର ନିଷ୍ପାଦନକୁ ବିନିର୍ଦ୍ଦିଷ୍ଟ ରୂପେ ପ୍ରତ୍ୟାଖ୍ୟାନ ନ କରିବା ପର୍ଯ୍ୟନ୍ତ କୌଣସି ଅନୁପ୍ରମାଣକ ସାକ୍ଷୀଙ୍କୁ ତଲବ କରିବା ଆବଶ୍ୟକ ହେବ ନାହିଁ । 1908ର 16

କୌଣସି ଅନୁପ୍ରମାଣକ ସାକ୍ଷୀ ନ ମିଳିବା ସ୍ଥଳେ ପ୍ରମାଣ ।

୬୯. ଯଦି ଏପରି କୌଣସି ଅନୁପ୍ରମାଣକ ସାକ୍ଷୀ ନ ମିଳନ୍ତି କିମ୍ବା ସେହି ଦସ୍ତାବିଜ ଯୁକ୍ତରାଜ୍ୟରେ ନିଷ୍ପାଦିତ ହୋଇଥିଲା ବୋଲି ଜଣାପଡ଼ୁଥାଏ ତେବେ ପ୍ରମାଣ କରିବାକୁ ହେବ ଯେ ଅନ୍ତତଃ ଜଣେ ଅନୁପ୍ରମାଣକ ସାକ୍ଷୀଙ୍କ ଅନୁପ୍ରମାଣ ତାହାଙ୍କର ହସ୍ତଲେଖାରେ ଅଛି ଏବଂ ଦସ୍ତାବିଜଟି ନିଷ୍ପାଦନ କରିଥିବା ବ୍ୟକ୍ତିଙ୍କ ସ୍ୱାକ୍ଷର ସେହି ବ୍ୟକ୍ତିଙ୍କ ହସ୍ତଲେଖାରେ ଅଛି ।

ଅନୁପ୍ରମାଣିତ ଦସ୍ତାବିଜର ପକ୍ଷଦ୍ୱାରା ନିଷ୍ପାଦନ ସମ୍ପର୍କିତ ସ୍ୱୀକୃତି ।

70. ଯଦ୍ୟପି କୌଣସି ଦସ୍ତାବିଜକୁ ଅନୁପ୍ରମାଣିତ କରିବା ବିଧିଦ୍ୱାରା ଆବଶ୍ୟକ ହୁଏ ତଥାପି ସେହି ଦସ୍ତାବିଜର କୌଣସି ପକ୍ଷ ନିଜେ ତାହାର ନିଷ୍ପାଦନ ସଂପର୍କରେ ଦେଇଥିବା ସ୍ୱୀକୃତି ତାହାଙ୍କ ବିରୁଦ୍ଧରେ ତାହାର ନିଷ୍ପାଦନ ସଂପର୍କରେ ଯଥେଷ୍ଟ ପ୍ରମାଣ ହେବ ।

ଅନୁପ୍ରମାଣକ ସାକ୍ଷୀ ନିଷ୍ପାଦନକୁ ଅସ୍ୱୀକାର କଲେ ପ୍ରମାଣ ।

71. ଯଦି ଅନୁପ୍ରମାଣକ ସାକ୍ଷୀ ଦସ୍ତାବିଜର ନିଷ୍ପାଦନକୁ ଅସ୍ୱୀକାର କରନ୍ତି ବା ଦସ୍ତାବିଜର ନିଷ୍ପାଦନ ବିଷୟ ତାହାଙ୍କର ମନେ ପଡ଼େ ନାହିଁ ତେବେ ଅନ୍ୟ ସାକ୍ଷ୍ୟ ଦ୍ୱାରା ତାହାର ନିଷ୍ପାଦନ ପ୍ରମାଣ କରାଯାଇ ପାରିବ ।

ଅନୁପ୍ରମାଣିତ ହେବାକୁ ବିଧିଦ୍ୱାରା ଆବଶ୍ୟକ କରାଯାଇ ନ ଥିବା ଦସ୍ତାବିଜର ପ୍ରମାଣ ।

72. ଅନୁପ୍ରମାଣିତ ହେବାକୁ ବିଧିଦ୍ୱାରା ଆବଶ୍ୟକ କରାଯାଇ ନ ଥିବା କୌଣସି ଅନୁପ୍ରମାଣିତ ଦସ୍ତାବିଜକୁ ଏପରି ପ୍ରମାଣ କରାଯାଇ ପାରିବ ଯେପରି କି ତାହା ଅନୁପ୍ରମାଣିତ ହୋଇ ନ ଥିଲା ।

ସ୍ୱାକ୍ଷର, ଲେଖା ବା ମୋହର ସହିତ ଅନ୍ୟାନ୍ୟ ସ୍ୱୀକୃତ ବା ପ୍ରମାଣିତ ସ୍ୱାକ୍ଷର, ଲେଖା ବା ମୋହରର ତୁଳନା ।

73. ଯେଉଁ ବ୍ୟକ୍ତି କୌଣସି ସ୍ୱାକ୍ଷର କରିଥିବାର ବା ଲେଖା ଲେଖିଥିବାର ବା ମୋହର କରିଥିବାର କୁହାଯାଉଥାଏ, ତାହା ସେହି ବ୍ୟକ୍ତିଙ୍କର କି ନୁହେଁ ବୋଲି ନିରୂପଣ କରିବା ଲାଗି ସେହି ବ୍ୟକ୍ତି ଯେଉଁ ସ୍ୱାକ୍ଷର କରିଛନ୍ତି ବା ଲେଖା ଲେଖିଛନ୍ତି ବା ମୋହର କରିଛନ୍ତି ବୋଲି ସ୍ୱୀକାର କରିଥାନ୍ତି ବା ନ୍ୟାୟାଳୟଙ୍କ ସନ୍ତୋଷବୋଧ ହେବା ଭଳି ପ୍ରମାଣ କରାଯାଇଥାଏ ସେହି ସ୍ୱାକ୍ଷର, ଲେଖା ବା ମୋହର ଅନ୍ୟ କୌଣସି ଉଦ୍ଦେଶ୍ୟରେ ପେଶ କରାଯାଇ ନ ଥିଲେ ସୁଦ୍ଧା ବା ପ୍ରମାଣ କରାଯାଇ ନ ଥିଲେ ସୁଦ୍ଧା ତାହାକୁ, ଯେଉଁ ସ୍ୱାକ୍ଷର, ଲେଖା ବା ମୋହର ପ୍ରମାଣିତ ହେବାକୁ ଥାଏ ତାହା ସହିତ ତୁଳନା କରାଯାଇ ପାରିବ ।

କୌଣସି ବ୍ୟକ୍ତି ଲେଖିଥିବା ବୋଲି ଅଭିକଥିତ ହୋଇଥିବା କୌଣସି ଶବ୍ଦ ବା ଅଙ୍କ ସହିତ ସେ ରୂପେ ଲିଖିତ ଶବ୍ଦ ବା ଅଙ୍କର ତୁଳନା କରିବା ନିମିତ୍ତ ନ୍ୟାୟାଳୟଙ୍କୁ ସମର୍ଥ କରିବା ଉଦ୍ଦେଶ୍ୟରେ କୌଣସି ଶବ୍ଦ ବା ଅଙ୍କ ଲେଖିବାକୁ ନ୍ୟାୟାଳୟରେ ଉପସ୍ଥିତ ଯେକୌଣସି ବ୍ୟକ୍ତିଙ୍କୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇ ପାରିବେ ।

ଯେ କୌଣସି ଆବଶ୍ୟକ ରୂପଭେଦ ସହିତ ଟିପ ଚିହ୍ନ ପ୍ରତି ମଧ୍ୟ ଏହି ଧାରା ପ୍ରଯୋଜ୍ୟ ।

ଲୋକ ଦସ୍ତାବିଜ

ଲୋକ ଦସ୍ତାବିଜ

74. ନିମ୍ନଲିଖିତ ଦସ୍ତାବିଜଗୁଡ଼ିକ ଲୋକ ଦସ୍ତାବିଜ ଅଟେ :—

(1) ନିମ୍ନୋକ୍ତଙ୍କର କାର୍ଯ୍ୟ ବା କାର୍ଯ୍ୟର ଅଭିଲେଖ ସମ୍ବଳିତ ଦସ୍ତାବିଜ—

(i) ସାର୍ବଭୌମ ପ୍ରାଧିକାରୀଙ୍କର,

(ii) ସରକାରୀ ନିକାୟ ଓ ଟ୍ରିବ୍ୟୁନାଲର, ଏବଂ

(iii) ଭାରତର କୌଣସି ଅଂଶର, ରାଜ୍ୟକୋଶୀୟ ବା କୌଣସି ବୈଦେଶିକ ରାଷ୍ଟ୍ରର କୌଣସି ବିଧାୟୀ, ନ୍ୟାୟିକ ବା ନିଷ୍ପାଦକ ଲୋକ ଅଧିକାରୀଙ୍କର;

(2) କୌଣସି ରାଜ୍ୟରେ ରଖାଯାଇଥିବା ଘରୋଇ ଦସ୍ତାବିଜର ଲୋକ ଅଭିଲେଖ ।

ଘରୋଇ ଦସ୍ତାବିଜ

75. ଅନ୍ୟ ସମସ୍ତ ଦସ୍ତାବିଜ ଘରୋଇ ଅଟେ ।

ଲୋକ ଦସ୍ତାବିଜର ପ୍ରମାଣୀକୃତ ପ୍ରତିଲିପି

76. ଯେଉଁ ଲୋକ ଦସ୍ତାବିଜକୁ ନିରୀକ୍ଷଣ କରିବାକୁ କୌଣସି ବ୍ୟକ୍ତିଙ୍କର ଅଧିକାର ଥାଏ ସେହି ଦସ୍ତାବିଜର କିମ୍ବା ଦାୟିତ୍ୱରେ ଥିବା ପ୍ରତ୍ୟେକ ଲୋକ ଅଧିକାରୀ, ସେହି ବ୍ୟକ୍ତି ଦାବି କଲେ ତାହାଙ୍କୁ ଦସ୍ତାବିଜ ପାଇଁ ବୈଧିକ ଫିସ୍‌ର ପ୍ରଦାନ କଲେ, ତାହାର ପ୍ରତିଲିପି ଏବଂ ତତ୍ ସହିତ ସେପରି ଦସ୍ତାବିଜର ବା ଯଥାସ୍ଥିତି, ଦସ୍ତାବିଜର ଅଂଶର ଶୁଦ୍ଧ ପ୍ରତିଲିପି ବୋଲି ସେହି ପ୍ରତିଲିପି ତଳେ ଲିଖିତ ପ୍ରମାଣପତ୍ର ଦେବେ ଏବଂ ସେପରି ପ୍ରମାଣପତ୍ରରେ ସେହିଭଳି ଅଧିକାରୀ, ତାରିଖ ଏବଂ ତାହାଙ୍କ ସରକାରୀ ଉପାଧି ସହିତ ନିଜ ନାମ ସ୍ୱାକ୍ଷର କରିବେ ଏବଂ ସେପରି ଅଧିକାରୀ ମୋହର ବ୍ୟବହାର କରିବାକୁ ବିଧି ଦ୍ୱାରା ପ୍ରାଧିକୃତ ହୋଇଥିଲେ ତହିଁରେ ମୋହର ଲଗାଇବେ ଏବଂ ସେ ରୂପେ ପ୍ରମାଣୀକୃତ କରାଯାଇଥିବା ସେହି ପ୍ରତିଲିପି ଗୁଡ଼ିକୁ ପ୍ରମାଣୀକୃତ ପ୍ରତିଲିପି କୁହାଯିବ ।

ସ୍ପଷ୍ଟୀକରଣ—ସରକାରୀ କର୍ତ୍ତବ୍ୟ ଅନୁକ୍ରମେ ସେପରି ପ୍ରତିଲିପି ଦେବାକୁ ପ୍ରାଧିକୃତ କୌଣସି ଅଧିକାରୀ ଏହି ଧାରାର ଅର୍ଥ ମଧ୍ୟରେ ସେପରି ଦସ୍ତାବିଜ୍‌ର କିମ୍ବା ଦାୟିତ୍ୱରେ ଥିବା ବିବେଚିତ ହେବ ।

ପ୍ରମାଣୀକୃତ ପ୍ରତିଲିପି ପେଶ କରିବା ଦ୍ୱାରା ଦସ୍ତାବିଜର ପ୍ରମାଣ ।

77. ସେପରି ପ୍ରମାଣୀକୃତ ପ୍ରତିଲିପି ଗୁଡ଼ିକ ଯେଉଁ ଲୋକ ଦସ୍ତାବିଜ୍ ବା ଲୋକ ଦସ୍ତାବିଜର ଯେଉଁ ଅଂଶର ପ୍ରତିଲିପି ବୋଲି ଜଣାପଡ଼ୁଥାଏ ତାହାର ବିଷୟବସ୍ତୁର ପ୍ରମାଣ ସ୍ୱରୂପ ସେପରି ପ୍ରମାଣୀକୃତ ପ୍ରତିଲିପିକୁ ପେଶ କରାଯାଇ ପାରିବ ।

ଅନ୍ୟାନ୍ୟ ସରକାରୀ ଦସ୍ତାବିଜର ପ୍ରମାଣ ।

78. ନିମ୍ନଲିଖିତ ଲୋକ ଦସ୍ତାବିଜ ଗୁଡ଼ିକୁ ନିମ୍ନୋକ୍ତ ପ୍ରକାରରେ ପ୍ରମାଣ କରାଯାଇ ପାରିବ :

(1) କେନ୍ଦ୍ର ସରକାରଙ୍କ ଯେ କୌଣସି ବିଭାଗର ବା କ୍ରାଉନ୍ ପ୍ରତିନିଧିଙ୍କର ବା କୌଣସି ଭାରତ ସରକାରଙ୍କର ବା କୌଣସି ରାଜ୍ୟ ସରକାରଙ୍କ ଯେ କୌଣସି ବିଭାଗର ଅଧିନିୟମ, ଆଦେଶ ବା ଅଧିସୂଚନା,—

ଯଥାକ୍ରମେ ସେହି ବିଭାଗ ଗୁଡ଼ିକର ମୁଖ୍ୟଙ୍କ ଦ୍ୱାରା ପ୍ରମାଣୀକୃତ ସେହି ବିଭାଗର ଅଭିଲେଖ ଦ୍ୱାରା, ସେପରି କୌଣସି ସରକାର, ବା ଯଥାସ୍ଥିତି, କ୍ରାଉନ ପ୍ରତିନିଧିଙ୍କ ଆଦେଶ ଦ୍ୱାରା ମୁଦ୍ରିତ ହୋଇଥିବାର ଜଣାପଡ଼ୁଥିବା କୌଣସି ଦସ୍ତାବିଜ ଦ୍ୱାରା;

(2) ବିଧାନମଣ୍ଡଳ ଗୁଡ଼ିକର କାର୍ଯ୍ୟବିବରଣୀ,—

ଯଥାକ୍ରମେ ସେହି ନିକାୟ ଗୁଡ଼ିକର ପତ୍ରିକା ଦ୍ୱାରା, ବା ପ୍ରକାଶିତ ଅଧିନିୟମ କିମ୍ବା ସାରାଂଶ ଦ୍ୱାରା ବା ସଂପୃକ୍ତ ସରକାରଙ୍କ ଆଦେଶ ଦ୍ୱାରା ମୁଦ୍ରିତ ହୋଇଥିବାର ଜଣା ପଡୁଥିବା ପ୍ରତିଲିପି ଦ୍ୱାରା;

(3) ମହାମହିମ ବା ପ୍ରିଭି କାଉନ୍‌ସିଲ, ବା ମହାମହିମଙ୍କ ସରକାରଙ୍କର କୌଣସି ବିଭାଗ ଜାରି କରିଥିବା ଉଦ୍‌ଘୋଷଣା, ଆଦେଶ ବା ବିନିୟମ,—

ଲଣ୍ଡନ ଗେଜେଟରେ ଛାପ ପାଇଥିବା କିମ୍ବା କ୍ୱିନ୍‌ସ ପ୍ରିଣ୍ଟର ଦ୍ୱାରା ମୁଦ୍ରିତ ହୋଇଥିବାର ଜଣାପଡୁଥିବା ପ୍ରତିଲିପି ବା ଉଦ୍ଧୃତାଂଶ ଦ୍ୱାରା;

(4) କୌଣସି ବୈଦେଶିକ ରାଜ୍ୟର ନିର୍ବାହକର ଅଧିନିୟମ ବା ବିଧାନ ମଣ୍ଡଳର କାର୍ଯ୍ୟବିଧି,—

ସେମାନଙ୍କର ପ୍ରାଧିକାର ଦ୍ୱାରା ପ୍ରକାଶିତ ବା ସେହି ଦେଶରେ ଯେ ରୂପେ ସାମାନ୍ୟତଃ ଗୃହିତ ପତ୍ରିକା ଦ୍ୱାରା ବା ସେହି ଦେଶ ବା ସାର୍ବଭୌମଙ୍କର ମୋହରଯୁକ୍ତ ପ୍ରମାଣୀକୃତ ପ୍ରତିଲିପି ଦ୍ୱାରା ବା କୌଣସି କେନ୍ଦ୍ରୀୟ ଅଧିନିୟମରେ ସେଗୁଡ଼ିକର ସ୍ୱୀକାର ଦ୍ୱାରା ;

(5) କୌଣସି ରାଜ୍ୟର ନଗରପାଳିକା ନିକାୟର କାର୍ଯ୍ୟବିଧି,—

ସେପରି କାର୍ଯ୍ୟବିଧିର ବୈଧିକ ରକ୍ଷକଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବା ତାହାର କୌଣସି ପ୍ରତିଲିପି ଦ୍ୱାରା ବା ସେପରି ନିକାୟର ପ୍ରାଧିକାରରେ ପ୍ରକାଶିତ ହୋଇଥିବାର ଜଣାପଡୁଥିବା କୌଣସି ମୁଦ୍ରିତ ପୁସ୍ତକ ଦ୍ୱାରା ;

(6) କୌଣସି ବୈଦେଶିକ ରାଜ୍ୟରେ ଅନ୍ୟ ଯେ କୌଣସି ପ୍ରକାର ଲୋକ ଦସ୍ତାବିଜ,—

କୌଣସି ମୂଳ ଦସ୍ତାବିଜ ଯେଉଁ ଅଧିକାରୀଙ୍କ ବୈଧିକ ରକ୍ଷଣାରେ ଥାଏ, ସେହି ଅଧିକାରୀ ଉକ୍ତ ମୂଳ ଦସ୍ତାବିଜର କୌଣସି ପ୍ରତିଲିପିକୁ ଯଥୋଚିତ ରୂପେ ପ୍ରମାଣୀକୃତ କରିଛନ୍ତି ଏହି ମର୍ମରେ କୌଣସି ନୋଟାରୀ ପବ୍ଲିକ୍, ବା କୌଣସି ଭାରତୀୟ ବାଣିଜ୍ୟ ଦୂତ ବା କୂଟନୀତିକ ଏଜେଣ୍ଟଙ୍କ ମୋହରଯୁକ୍ତ ଏକ ପ୍ରମାଣ ପତ୍ର ସହିତ ଏବଂ ବୈଦେଶିକ ରାଷ୍ଟ୍ରର ବିଧି ଅନୁସାରେ ଦସ୍ତାବିଜଟି ଯେଉଁ ପ୍ରକାରେ ତାହା ସଂଜାତରେ ପ୍ରମାଣ ଦିଆଯାଏ ଉକ୍ତ ମୂଳ ଦସ୍ତାବିଜଦ୍ୱାରା ବା ତାହାର ବୈଧିକ ରକ୍ଷକ ପ୍ରମାଣୀକୃତ କରିଥିବା ତାହାର ପ୍ରତିଲିପି ଦ୍ୱାରା ।

### ଦସ୍ତାବିଜ ସଂପର୍କିତ ଉପଧାରଣା

ପ୍ରମାଣୀକୃତ ପ୍ରତିଲିପିର ଅସଲତ୍ୱ ସଂପର୍କରେ ଉପଧାରଣା ।

79. ଯେଉଁ ପ୍ରମାଣ ପତ୍ର, ପ୍ରମାଣୀକୃତ ପ୍ରତିଲିପି ବା ଅନ୍ୟ ଦସ୍ତାବିଜ କୌଣସି ବିଶିଷ୍ଟ ତଥ୍ୟର ସାକ୍ଷ୍ୟ ରୂପେ ଗ୍ରାହ୍ୟ ଅଟେ ବୋଲି, ବିଧି ଦ୍ୱାରା ଘୋଷିତ ହୋଇଥାଏ ଏବଂ ଯାହା କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଙ୍କ ଯେ କୌଣସି ଅଧିକାରୀଙ୍କ ଦ୍ୱାରା, ଅଥବା ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ଥିବା ଯେଉଁ ଅଧିକାରୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଏଥିପାଇଁ ଯଥୋଚିତ ରୂପେ ପ୍ରାଧିକୃତ ହୋଇଥାନ୍ତି ତାହାଙ୍କ ଦ୍ୱାରା ଯଥୋଚିତ ରୂପେ ପ୍ରମାଣୀକୃତ ହୋଇଥିବାର ଜଣାପଡୁଥାଏ, ସେହି ପ୍ରମାଣପତ୍ର, ପ୍ରମାଣୀକୃତ ପ୍ରତିଲିପି ବା ଅନ୍ୟ ଦସ୍ତାବିଜ ବୋଲି ଜଣାପଡୁଥିବା ପ୍ରତ୍ୟେକ ଦସ୍ତାବିଜକୁ ପ୍ରକୃତ ଦସ୍ତାବିଜ ରୂପେ ନ୍ୟାୟାଳୟ ଉପଧାରଣା କରିବେ ;

ପରନ୍ତୁ ସେପରି ଦସ୍ତାବିଜ ସାରତଃ ଠିକ୍ ଆକାରରେ ହୋଇଥିବ ଏବଂ ଏତଦୁପଲକ୍ଷେ ବିଧି ଦ୍ୱାରା ନିର୍ଦ୍ଦେଶିତ ହୋଇଥିବା ରୀତିରେ ନିଷ୍ପାଦିତ ହୋଇଥିବାର ଜଣାପଡୁଥିବ ।

ଯେଉଁ ଅଧିକାରୀଙ୍କ ଦ୍ୱାରା ଯେପରି କୌଣସି ଦଲିଲ ସ୍ୱାକ୍ଷରିତ ବା ପ୍ରମାଣୀକୃତ ହୋଇଥିବାର ଜଣାପଡ଼ୁଥାଏ ସେ ତାହାକୁ ସ୍ୱାକ୍ଷରିତ କଲାବେଳେ ସେପରି କାଗଜରେ ସେ ଦାବି କରୁଥିବା ସରକାରୀ କ୍ଷମତା ଧାରଣ କରୁଥିଲେ ବୋଲି ମଧ୍ୟ ନ୍ୟାୟାଳୟ ଉପଧାରଣା କରିବେ ।

**ସାକ୍ଷ୍ୟର ଅଭିଲେଖ ରୂପେ ପେଶ୍ କରାଯାଇଥିବା ଦସ୍ତାବିଜ ବିଷୟକ ଉପଧାରଣା ।**

୮୦. ଯେତେବେଳେ କୌଣସି ନ୍ୟାୟିକ କାର୍ଯ୍ୟବିଧିରେ ବା ବିଧି ଦ୍ୱାରା ସେପରି ଗ୍ରହଣ କରିବାକୁ ପ୍ରାଧିକୃତ କୌଣସି ଅଧିକାରୀଙ୍କ ସମକ୍ଷରେ କୌଣସି ସାକ୍ଷୀ ଦ୍ୱାରା ଦିଆଯାଇଥିବା ବା ସାକ୍ଷ୍ୟର ଅଂଶ ବା କୌଣସି ଅଂଶର କୌଣସି ଅଭିଲେଖ ବା ସ୍ମାରକ ବୋଲି ଅଥବା କୌଣସି କଏଦୀ ବା ଅଭିଯୁକ୍ତ ଠାରୁ ବିଧି ଅନୁସାରେ ନିଆଯାଇଥିବା କୌଣସି ବିବୃତି ବା ସଂସ୍ୱୀକୃତି ବୋଲି ଜଣାପଡ଼ୁଥିବା ଏବଂ ଯାହା କୌଣସି ନ୍ୟାୟାଧୀଶ ବା ମାଜିଷ୍ଟ୍ରେଟଙ୍କ ଦ୍ୱାରା ବା ଉପରୋକ୍ତମତେ କୌଣସି ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଜଣାପଡ଼ୁଥିବା ସେ କୌଣସି ଦସ୍ତାବିଜ ନ୍ୟାୟାଳୟ ସମକ୍ଷରେ ପେଶ୍ କରାଯାଏ ସେତେବେଳେ ନ୍ୟାୟାଳୟ ଉପଧାରଣା କରିବେ ଯେ—

ଦସ୍ତାବିଜଟି ପ୍ରକୃତ ଅଟେ; ଯେଉଁ ପରିସ୍ଥିତିରେ ତାହା ସାକ୍ଷ୍ୟ ନିଆଯାଇଥିଲା ସେହି ପରିସ୍ଥିତି ବିଷୟରେ ତହିଁରେ ସ୍ୱାକ୍ଷର କରିଥିବା ବ୍ୟକ୍ତି ଯେଉଁ ବିବୃତି ଦେଇଛନ୍ତି ବୋଲି ଜଣାପଡ଼ୁଥାଏ ତାହା ସତ୍ୟ ଅଟେ, ଏବଂ ସେହି ସାକ୍ଷ୍ୟ, ବିବୃତି ବା ସଂସ୍ୱୀକୃତି ଯଥୋଚିତ ରୂପେ ନିଆଯାଇଥିଲା ।

**ଗେଜେଟ, ସମ୍ବାଦପତ୍ର, ସଂସଦର ବ୍ୟକ୍ତିଗତ ଅଧିନିୟମ ଓ ଅନ୍ୟାନ୍ୟ ଦସ୍ତାବିଜ ବିଷୟକ ଉପଧାରଣା ।**

୮୧. ଲଣ୍ଡନ୍ ଗେଜେଟ୍, ବା କୌଣସି ସରକାରୀ ଗେଜେଟ୍, ବା ବ୍ରିଟିଶ୍ କ୍ରାଉନର କୌଣସି ଉପନିବେଶ, ଆଶ୍ରିତ ଦେଶ ବା ଦଖଲରେ ଥିବା କ୍ଷେତ୍ରର ସରକାରୀ ଗେଜେଟ ବୋଲି ଅଥବା କୌଣସି ସମ୍ବାଦପତ୍ର ବା ପତ୍ରିକା ବୋଲି ଅଥବା କୁଇନ୍‌ଙ୍କ ପ୍ରିଣ୍ଟର ଦ୍ୱାରା ମୁଦ୍ରିତ ଯୁକ୍ତରାଜ୍ୟ ସଂସଦର ବ୍ୟକ୍ତିଗତ ଅଧିନିୟମର ମୁଦ୍ରିତ ପ୍ରତିଲିପି ବୋଲି ଜଣାପଡ଼ୁଥିବା ଦସ୍ତାବିଜ ଏବଂ ଯେଉଁ ଦସ୍ତାବିଜ୍ ବିଧିମତେ କୌଣସି ବ୍ୟକ୍ତି ରଖିଥିବା କୌଣସି ଦସ୍ତାବିଜ୍ ଅଟେ ବୋଲି ଜଣାପଡ଼ୁଥାଏ ସେହି ଦସ୍ତାବିଜ ଯଦି ବିଧିମତେ ସାରତଃ ଠିକ୍ ଆକାରରେ ଥାଏ ଓ ତାହାକୁ ଉଚିତ୍ ହିଫାଜତରୁ ପେଶ କରାଯାଏ ତାହାହେଲେ ତାହା ପ୍ରକୃତ ବୋଲି ନ୍ୟାୟାଳୟ ଉପଧାରଣା କରିବେ ।

**ମୋହର ବା ସ୍ୱାକ୍ଷର ବିନା ଇଂଲଣ୍ଡରେ ଗ୍ରାହ୍ୟ ହେବା ଦସ୍ତାବିଜ ବିଷୟକ ଉପଧାରଣା।**

୮୨. ଯେଉଁ ଦସ୍ତାବିଜ ଇଂଲଣ୍ଡ ବା ଆୟାରଲଣ୍ଡରେ ତତ୍‌କାଳପ୍ରବୃତ୍ତ ବିଧିଦ୍ୱାରା ଇଂଲଣ୍ଡ ବା ଆୟାରଲଣ୍ଡର ଯେକୌଣସି ନ୍ୟାୟାଳୟରେ କୌଣସି ବିଶିଷ୍ଟ ପ୍ରମାଣ କରିବାରେ ତାହାକୁ ଅଧିପ୍ରମାଣିତ କରୁଥିବା ମୋହର ବା ଷ୍ଟାମ୍ପ ବା ସ୍ୱାକ୍ଷର ସଂପର୍କିତ ପ୍ରମାଣ ବିନା ବା ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ତାହା ସ୍ୱାକ୍ଷରିତ ହୋଇଥିବାର ଜଣାପଡ଼ୁଥାଏ ତାହାଙ୍କ ଦ୍ୱାରା ଦାବି କରାଯାଉଥିବା ନ୍ୟାୟିକ ବା ପଦୀୟ କ୍ଷମତା ସଂପର୍କିତ ପ୍ରମାଣ ବିନା ଗ୍ରାହ୍ୟ ହୋଇପାରେ, ସେହି ଦସ୍ତାବିଜ ରୂପେ ଜଣାପଡ଼ୁଥିବା ଯେକୌଣସି ଦସ୍ତାବିଜକୁ ଯେତେବେଳେ କୌଣସି ନ୍ୟାୟାଳୟ ସମକ୍ଷରେ ପେଶ୍ କରାଯାଏ ସେତେବେଳେ ନ୍ୟାୟାଳୟ ଉପଧାରଣା କରିବେ ଯେ ସେହି ମୋହର ଷ୍ଟାମ୍ପ ବା ସ୍ୱାକ୍ଷର ପ୍ରକୃତ ଅଟେ ଏବଂ ତାହାକୁ ସ୍ୱାକ୍ଷର କରୁଥିବା ବ୍ୟକ୍ତି ସ୍ୱାକ୍ଷର କଲାବେଳେ ସେ ଦାବିକରୁଥିବା ନ୍ୟାୟିକ ବା ପଦୀୟ କ୍ଷମତା ଧାରଣ କରିଥିଲେ, ଏବଂ ଯେଉଁ ଉଦ୍ଦେଶ୍ୟରେ ସେହି ଦସ୍ତାବିଜ ଇଂଲଣ୍ଡ ବା ଆୟାରଲଣ୍ଡରେ ଗ୍ରାହ୍ୟ ହେଉଥିବ ତାହା ସେହି ଉଦ୍ଦେଶ୍ୟରେ ଗ୍ରାହ୍ୟ ହେବ ।

**ସରକାରଙ୍କ ପ୍ରାଧିକାରରେ କରାଯାଇଥିବା ମାନଚିତ୍ର ବା ରେଖାଙ୍କନ ବିଷୟକ ଉପଧାରଣା ।**

୮୩. କେନ୍ଦ୍ର ସରକାର ବା ଯେକୌଣସି ରାଜ୍ୟ ସରକାରଙ୍କ ପ୍ରାଧିକାରରେ କରାଯାଇଥିବାର ଜଣାପଡ଼ୁଥିବା ମାନଚିତ୍ର ବା ରେଖାଙ୍କନଗୁଡ଼ିକ ସେ ରୂପେ କରାଯାଇଥିଲା ବୋଲି ଏବଂ ସେଗୁଡ଼ିକ ପରିଶୁଦ୍ଧ ଅଟେ ବୋଲି ନ୍ୟାୟାଳୟ ଉପଧାରଣା କରିବେ, ମାତ୍ର ଯେକୌଣସି କାରଣ ଉଦ୍ଦେଶ୍ୟରେ କରାଯାଇଥିବା ମାନଚିତ୍ର ବା ରେଖାଙ୍କନଗୁଡ଼ିକ ପରିଶୁଦ୍ଧ ଥିବାର ପ୍ରମାଣ କରିବାକୁ ହେବ ।

**ବିଧି ସମୂହର ସଂଗ୍ରହ ଓ ନିଷ୍ପତ୍ତି ଗୁଡ଼ିକର ରିପୋର୍ଟ ବିଷୟକ ଉପଧାରଣା ।**

୮୪. ଯେଉଁ ପୁସ୍ତକ କୌଣସି ଦେଶର ସରକାରଙ୍କ ପ୍ରାଧିକାର ବଳରେ ମୁଦ୍ରିତ ବା ପ୍ରକାଶିତ ହୋଇଥିବାର ଜଣାପଡ଼ୁଥାଏ,

ଓ ତହିଁରେ ସେହି ଦେଶର କୌଣସି ବିଧି ବା ନ୍ୟାୟାଳୟମାନଙ୍କ ନିଷ୍ପତ୍ତିଗୁଡ଼ିକର ରିପୋର୍ଟ ଅନ୍ତର୍ଭୁକ୍ତ ହୋଇଥିବାର ଜଣାପଡ଼ୁଥାଏ,

ସେହି ପୁସ୍ତକକୁ ପ୍ରକୃତ ପୁସ୍ତକ ବୋଲି ନ୍ୟାୟାଳୟ ଉପଧାରଣା କରିବେ ।

**କ୍ଷମତାପତ୍ର ବିଷୟକ ଉପଧାରଣା ।**

୮୫. କୌଣସି କ୍ଷମତାପତ୍ର ରୂପେ ଜଣାପଡୁଥିବା ଏବଂ ନୋଟାରୀ ପବ୍ଲିକ୍ ବା କୌଣସି ନ୍ୟାୟାଳୟ, ନ୍ୟାୟାଧୀଶ, ମାଜିଷ୍ଟ୍ରେଟ୍, ଭାରତୀୟ ବାଣିଜ୍ୟଦୂତ ବା ଉପ ବାଣିଜ୍ୟଦୂତ ବା କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କ ସମକ୍ଷରେ ନିଷ୍ପାଦିତ ହୋଇଥିବାର ଏବଂ ତାହାଙ୍କଦ୍ୱାରା ଅଧିପ୍ରମାଣିତ ହୋଇଥିବାର ଜଣାପଡୁଥିବା ପ୍ରତ୍ୟେକ ଦସ୍ତାବିଜକୁ ସେ ରୂପେ ନିଷ୍ପାଦିତ ଏବଂ ଅଧିପ୍ରମାଣିତ କରାଯାଇଥିଲା ବୋଲି ନ୍ୟାୟାଳୟ ଉପଧାରଣା କରିବେ ।

**ବୈଦେଶିକ ନ୍ୟାୟିକ ଅଭିଲେଖର ପ୍ରମାଣୀକୃତ ପ୍ରତିଲିପି ବିଷୟକ ଉପଧାରଣା ।**

୮୬. ଯେବେ, ଭାରତର ବା ମହାମହିମାଙ୍କ ଅଧିରାଜ୍ୟର ଅଂଶ ହୋଇନଥିବା ଯେକୌଣସି ଦେଶର କୌଣସି ନ୍ୟାୟିକ ଅଭିଲେଖର ପ୍ରମାଣୀକୃତ ପ୍ରତିଲିପି ରୂପେ ଜଣାପଡୁଥିବା କୌଣସି ଦସ୍ତାବିଜ, ନ୍ୟାୟିକ ଅଭିଲେଖର ପ୍ରତିଲିପିର ପ୍ରମାଣନ ନିମିତ୍ତ ସେହି ଦେଶରେ ସାଧାରଣତଃ ଚଳୁଥିବା ରୀତି ଅନୁସାରେ ସେହି ଦେଶରେ ବା ସେହି ଦେଶ ପାଇଁ ଥିବା କେନ୍ଦ୍ର ସରକାରଙ୍କ ଯେକୌଣସି ପ୍ରତିନିଧିଙ୍କ ଦ୍ୱାରା ପ୍ରମାଣୀକୃତ କରାଯାଇଥିବା କୌଣସି ରୀତିରେ ପ୍ରମାଣିତ ହୋଇଥିବାର ଜଣାପଡୁଥାଏ ତେବେ ନ୍ୟାୟାଳୟ ସେହି ଦସ୍ତାବିଜକୁ ଯଥାର୍ଥ ଓ ପରିଶୁଦ୍ଧ ବୋଲି ଉପଧାରଣା କରିପାରିବେ ।

ଯେଉଁ ଅଧିକାରୀ ଭାରତର ବା ମହାମହିମାଙ୍କ ଅଧିରାଜ୍ୟର ଅଂଶ ହୋଇ ନ ଥିବା କୌଣସି ରାଜ୍ୟକ୍ଷେତ୍ର ବା ସ୍ଥାନ ସଂପର୍କରେ ସାଧାରଣ ଖଣ୍ଡ ଅଧିନିୟମ, ୧୮୯୭ର ଧାରା ୩ର 1897ର 10
ଖଣ୍ଡ (୪୩)ରେ ସଂଜ୍ଞାକୃତ ହୋଇଥିବା ମତେ, ସେହିଭଳି ଜଣେ ରାଜନୈତିକ ଏଜେଣ୍ଟ ହୋଇଥାନ୍ତି ତାହାଙ୍କୁ, ଏହି ଧାରା ଉଦ୍ଦେଶ୍ୟରେ ସେହି ରାଜ୍ୟକ୍ଷେତ୍ର ବା ସ୍ଥାନକୁ ଅନ୍ତର୍ଭୁକ୍ତ କରୁଥିବା ଦେଶରେ ଓ ଦେଶପାଇଁ କେନ୍ଦ୍ର ସରକାରଙ୍କ ପ୍ରତିନିଧି ବିବେଚନା କରାଯିବ ।

**ପୁସ୍ତକ, ମାନଚିତ୍ର ଓ ଚିତ୍ରଲେଖା ବିଷୟକ ଉପଧାରଣା ।**

୮୭. ଲୋକ ହିତ ବା ସାଧାରଣହିତ ସମ୍ବନ୍ଧୀୟ ବିଷୟ ଉପରେ ସୂଚନା ନିମନ୍ତେ ନ୍ୟାୟାଳୟ ଯେଉଁ ପୁସ୍ତକକୁ ଦେଖିପାରିବେ ସେହି ପୁସ୍ତକ, ଏବଂ ଯେଉଁ ପ୍ରକାଶିତ ମାନଚିତ୍ର ବା ଚିତ୍ରଲେଖା ସଂପୃକ୍ତ ବିବୃତି ସୁସଂଗତ ତଥ୍ୟ ଅଟେ ଏବଂ ଯାହା ତାହାଙ୍କ ନିରୀକ୍ଷଣାର୍ଥ ପେଶ୍ କରାଯାଏ ତାହା, ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ବା ଯେଉଁ ସମୟ ବା ସ୍ଥାନରେ ଲେଖାଯାଇଥିବାର ବା ପ୍ରକାଶିତ କରାଯାଇଥିବାର ଜଣାପଡୁଥାଏ, ସେହି ବ୍ୟକ୍ତିଙ୍କଦ୍ୱାରା ଓ ସେହି ସମୟ ଓ ସ୍ଥାନରେ ତାହା ଲେଖା ଯାଇଥିଲା ବା ପ୍ରକାଶିତ ହୋଇଥିଲା ବୋଲି ନ୍ୟାୟାଳୟ ଉପଧାରଣା କରିପାରିବେ ।

**ତାରବାର୍ତ୍ତା ବିଷୟକ ଉପଧାରଣା ।**

୮୮. ଯେଉଁ ବ୍ୟକ୍ତିଙ୍କ ନିକଟକୁ କୌଣସି ବାର୍ତ୍ତା ସମ୍ବୋଧିତ ହୋଇଛି ବୋଲି ଜଣାପଡୁଥାଏ ତାହାଙ୍କ ନିକଟକୁ ତାର କାର୍ଯ୍ୟାଳୟରୁ ପଠା ହୋଇଥିବା ସେପରି ବାର୍ତ୍ତା, ଯେଉଁ କାର୍ଯ୍ୟାଳୟରୁ ସେହି ବାର୍ତ୍ତା ପଠାଯାଇଥିବାର ଜଣାପଡୁଥାଏ ସେଠାରେ ସଂଚରଣ ଲାଗି ଦିଆଯାଇଥିବା ବାର୍ତ୍ତାର ଅନୁରୂପ ଅଟେ ବୋଲି ନ୍ୟାୟାଳୟ ଉପଧାରଣା କରିପାରିବେ, କିନ୍ତୁ ଯେଉଁ ବ୍ୟକ୍ତିଙ୍କ ଦ୍ୱାରା ସେହି ବାର୍ତ୍ତା ସଂଚରଣ ନିମିତ୍ତ ଦିଆଯାଇଥିଲା ତାହାଙ୍କ ବିଷୟରେ ନ୍ୟାୟାଳୟ କୌଣସି ଉପଧାରଣା କରିବେ ନାହିଁ ।

**ପେଶ୍ ହୋଇନଥିବା ଦସ୍ତାବିଜର ସମ୍ୟକ୍ ନିଷ୍ପାଦନ ଆଦି ବିଷୟକ ଉପଧାରଣା ।**

୮୯. ଯେଉଁ ଦସ୍ତାବିଜକୁ ତଲବ କରାଯାଇଥାଏ ଏବଂ ପେଶ୍ କରିବା ଲାଗି ନୋଟିସ୍ ଦିଆଯିବା ପରେ ମଧ୍ୟ ପେଶ୍ କରାଯାଇ ନ ଥାଏ ତାହା ବିଧିମତେ ଅନୁପ୍ରମାଣିତ, ଷ୍ଟାମ୍ପଯୁକ୍ତ ଓ ନିଷ୍ପାଦିତ ହୋଇଛି ବୋଲି ନ୍ୟାୟାଳୟ ଉପଧାରଣା କରିବେ ।

**ତିରିଶ ବର୍ଷର ପୁରୁଣା ଦସ୍ତାବିଜ ବିଷୟକ ଉପଧାରଣା ।**

୯୦. ଯେଉଁଠାରେ ତିରିଶ ବର୍ଷର ପୁରୁଣା ବୋଲି ଜଣାପଡୁଥିବା ବା ପ୍ରମାଣିତ ହୋଇଥିବା ଯେକୌଣସି ଦସ୍ତାବିଜକୁ, ନିର୍ଦ୍ଦିଷ୍ଟ ମାମଲାରେ ନ୍ୟାୟାଳୟ ଉଚିତ ବିଚାର କରୁଥିବା କୌଣସି ଜିମାରୁ ପେଶ୍ କରାଯାଏ ସେଠାରେ ନ୍ୟାୟାଳୟ ଉପଧାରଣା କରିପାରିବେ ଯେ ଯେଉଁ ଦସ୍ତାବିଜ କୌଣସି ବିଶେଷ ବ୍ୟକ୍ତିଙ୍କ ହସ୍ତାକ୍ଷରରେ ଥିବାର ଜଣାପଡୁଥାଏ ତାହାଙ୍କର ସ୍ୱାକ୍ଷର ଓ ଦସ୍ତାବିଜଟିର ଅନ୍ୟ ପ୍ରତ୍ୟେକ ଅଂଶ ସେହି ବ୍ୟକ୍ତିଙ୍କ ହସ୍ତାକ୍ଷରରେ ଅଛି, ଏବଂ ନିଷ୍ପାଦିତ ବା ଅନୁପ୍ରମାଣିତ ହୋଇଥିବା ଦସ୍ତାବିଜ ସ୍ଥଳେ, ତାହା ଯେଉଁ ବ୍ୟକ୍ତିଙ୍କଦ୍ୱାରା ନିଷ୍ପାଦିତ ଓ ଅନୁପ୍ରମାଣିତ ହୋଇଛି ବୋଲି ଜଣାପଡୁଥାଏ ସେହି ବ୍ୟକ୍ତିଙ୍କ ଦ୍ୱାରା ଯଥୋଚିତଭାବରେ ନିଷ୍ପାଦିତ ଓ ଅନୁପ୍ରମାଣିତ ହୋଇଥିଲା ।

ସ୍ପଷ୍ଟୀକରଣ—ଯେଉଁ ସ୍ଥାନରେ ଏବଂ ଯେଉଁ ବ୍ୟକ୍ତିଙ୍କ ଯତ୍ନରେ ଦସ୍ତାବିଜଗୁଡ଼ିକ ରହିବା କଥା ଯଦି ସେହି ସ୍ଥାନରେ ଓ ସେହି ବ୍ୟକ୍ତିଙ୍କ ଯତ୍ନରେ ସେଗୁଡ଼ିକ ଥାଏ ତେବେ ସେଗୁଡ଼ିକୁ ଉଚିତ ହିମାରେ ଥିବା କୁହାଯାଏ; ମାତ୍ର ଯଦି ପ୍ରମାଣ କରି ଦିଆଯାଏ ଯେ କୌଣସି ହିମାର ମୂଳ ବୈଧ ଥିଲା କିମ୍ବା ଯଦି ସେହି ନିର୍ଦ୍ଦିଷ୍ଟ ମାମଲାର ପରିସ୍ଥିତି ଏପରି ହୋଇଥାଏ ଯେ ତଦ୍ଦ୍ୱାରା ସେହି ମୂଳଟି ଅଧିସମ୍ଭାବ୍ୟ ହୋଇଯାଏ, ତେବେ ସେହି ହିମା ଅନୁଚିତ ନୁହେଁ ।

ଏହି ସ୍ପଷ୍ଟୀକରଣ ଧାରା ୮୧ ପ୍ରତି ମଧ୍ୟ ପ୍ରଯୋଜ୍ୟ ।

ଦୃଷ୍ଟାନ୍ତ

(କ) କୌଣସି ଭୂସଂପତ୍ତି କ'ର ଦଖଲରେ ଦୀର୍ଘକାଳ ହେଲା ରହିଅଛି । ସେହି ଭୂମି ପ୍ରତି ତାହାଙ୍କର ହକ୍ ଦର୍ଶାଉଥିବା ଦଲିଲ ସେ ତାହାଙ୍କ ହିମାରୁ ପେଶ୍ କରନ୍ତି । ସେହି ହିମା ଉଚିତ ଅଟେ ।

(ଖ) କ ଯେଉଁ ଭୂସଂପତ୍ତିର ବନ୍ଧକଗ୍ରହୀତା ତାହା ସଂପର୍କିତ ଦଲିଲକୁ ସେ ପେଶ୍ କରନ୍ତି । ଉକ୍ତ ସଂପତ୍ତି ବନ୍ଧକଦାତାଙ୍କ ଦଖଲରେ ଅଛି । ସେହି ହିମା ଉଚିତ ଅଟେ ।

(ଗ) ଖଙ୍କ ଦଖଲରେ ଥିବା ଭୂମି ସଂପର୍କିତ ଯେଉଁ ଦଲିଲଗୁଡ଼ିକୁ ଖ ତାହାଙ୍କ ସଂପର୍କୀୟ କ ଠାରେ ନିରାପଦ ହିମା ପାଇଁ ଜମା ଦେଇଥିଲେ, କ ସେଗୁଡ଼ିକୁ ପେଶ୍ କରନ୍ତି । ସେହି ହିମା ଉଚିତ ଅଟେ ।

## ଅଧ୍ୟାୟ VI

### ଦସ୍ତାବିଜ ସାକ୍ଷ୍ୟଦ୍ୱାରା ମୌଖିକ ସାକ୍ଷ୍ୟର ବର୍ଜନ ବିଷୟରେ

ଦସ୍ତାବିଜ ରୂପେ ଲିପିବଦ୍ଧ ଚୁକ୍ତି, ଅନୁଦାନ ଓ ସମ୍ପତ୍ତିର ଅନ୍ୟ ନିକାଶ ନିର୍ବନ୍ଧନ ସମ୍ପର୍କିତ ସାକ୍ଷ୍ୟ ।

91. ଯେତେବେଳେ କୌଣସି ଚୁକ୍ତି ବା ଅନୁଦାନର ନିର୍ବନ୍ଧନ, ବା କୌଣସି ସଂପତ୍ତିର ଅନ୍ୟ କୌଣସି ନିକାଶ ସଂକ୍ରାନ୍ତ ନିର୍ବନ୍ଧନକୁ କୌଣସି ଦସ୍ତାବିଜ ଆକାରରେ ଲିପିବଦ୍ଧ କରାଯାଇଥାଏ ତେବେ, ଏବଂ ଯେଉଁ କ୍ଷେତ୍ରରେ କୌଣସି ବିଷୟକୁ ଦସ୍ତାବିଜ ଆକାରରେ ଲିପିବଦ୍ଧ କରାଇବା ବିଧିମତେ ଆବଶ୍ୟକ ହୋଇଥାଏ ସେ କ୍ଷେତ୍ରରେ, ସେହି ଚୁକ୍ତି, ଅନୁଦାନର ନିର୍ବନ୍ଧନ, ବା ସେପରି କୌଣସି ସଂପତ୍ତିର ଅନ୍ୟ କୌଣସି ନିକାଶ ସଂକ୍ରାନ୍ତ ନିର୍ବନ୍ଧନର, ବା ସେହି ବିଷୟର ପ୍ରମାଣ ସ୍ୱରୂପ, ଖୋଦ୍ ଦସ୍ତାବିଜଟିକୁ ଛାଡ଼ି ଓ ଏଥିପୂର୍ବରୁ ଥିବା ଉପବନ୍ଧମାନ ଅନୁଯାୟୀ ଯେଉଁ ସ୍ଥଳେ ଦସ୍ତାବିଜର ବିଷୟବସ୍ତୁ ସଂପର୍କରେ ଗୌଣ ସାକ୍ଷ୍ୟ ଗ୍ରାହ୍ୟ ଅଟେ ସେ ସ୍ଥଳେ ଗୌଣ ସାକ୍ଷ୍ୟକୁ ଛାଡ଼ି ଅନ୍ୟ କିଛି ସାକ୍ଷ୍ୟ ଦିଆଯିବ ନାହିଁ ।

ବ୍ୟତିରେକ 1.—ଯେତେବେଳେ କୌଣସି ଲୋକ ଅଧିକାରୀଙ୍କୁ ଲିଖିତ ଆକାରରେ ନିଯୁକ୍ତି ଦେବା ବିଧିମତେ ଆବଶ୍ୟକ ହୋଇଥାଏ, ଏବଂ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ସେପରି ଅଧିକାରୀ ଭାବରେ କାର୍ଯ୍ୟ କରିଛନ୍ତି ବୋଲି ଦେଖାଇ ଦିଆଯାଏ ସେତେବେଳେ ସେ ଯେଉଁ ଲେଖାଦ୍ୱାରା ନିଯୁକ୍ତ ହୋଇଥାନ୍ତି ତାହା ପ୍ରମାଣ କରିବା ଆବଶ୍ୟକ ନୁହେଁ ।

ବ୍ୟତିରେକ 2.—ଭାରତରେ ପ୍ରୋବେଟ ମିଳିଥିବା ଉଇଲଗୁଡ଼ିକୁ ପ୍ରୋବେଟ ଦ୍ୱାରା ପ୍ରମାଣ କରାଯାଇପାରିବ ।

ସ୍ପଷ୍ଟୀକରଣ 1.—ଯେଉଁ ଅବସ୍ଥାରେ ନିର୍ଦ୍ଦେଶିତ ଚୁକ୍ତି, ଅନୁଦାନ ବା ସଂପତ୍ତିର ନିକାଶ ଗୋଟିଏ ଦସ୍ତାବିଜରେ ଥାଏ ସେହି ଅବସ୍ଥା ପ୍ରତି ଏବଂ ଯେଉଁ ଅବସ୍ଥାରେ ସେଗୁଡ଼ିକ ଏକାଧିକ ଦସ୍ତାବିଜରେ ଥାଏ ସେହି ଅବସ୍ଥା ପ୍ରତି ଏହି ଧାରା ସମାନ ଭାବରେ ପ୍ରଯୋଜ୍ୟ ହୁଏ ।

ସ୍ପଷ୍ଟୀକରଣ 2.—ଯେଉଁ ସ୍ଥଳେ ଏକାଧିକ ମୂଳ ଦସ୍ତାବିଜ ଥାଏ ସେହି ସ୍ଥଳେ, କେବଳ ଗୋଟିଏ ମୂଳ ଦସ୍ତାବିଜକୁ ପ୍ରମାଣ କରିବା ଆବଶ୍ୟକ ଅଟେ ।

ବ୍ୟାଖ୍ୟା 3.—ଏହି ଧାରାରେ ନିର୍ଦ୍ଦେଶିତ ହୋଇଥିବା ତଥ୍ୟଗୁଡ଼ିକ ଭିନ୍ନ ଯେ କୌଣସି ଦସ୍ତାବିଜରେ ଥିବା ଅନ୍ୟ କୌଣସି ତଥ୍ୟ ସଂପର୍କିତ ବିବୃତି ସେହି ଏକା ତଥ୍ୟ ବିଷୟରେ ମୌଖିକ ସାକ୍ଷ୍ୟର ଗ୍ରହଣକୁ ବାରିତ କରିବ ନାହିଁ ।

ଦୃଷ୍ଟାନ୍ତ

(କ) ଯଦି କୌଣସି ଚୁକ୍ତି କେତେଗୁଡ଼ିଏ ପତ୍ର ମଧ୍ୟରେ ଥିବ ତେବେ ଯେଉଁ ସମସ୍ତ ପତ୍ରରେ ତାହା ଥିବ ସେଗୁଡ଼ିକୁ ପ୍ରମାଣ କରିବାକୁ ହେବ ।

(ଖ) ଯଦି କୌଣସି ଚୁକ୍ତି ବିନିମୟ ପତ୍ରରେ ଥାଏ ତେବେ ସେହି ବିନିମୟ ପତ୍ରକୁ ହିଁ ପ୍ରମାଣ କରିବାକୁ ହେବ ।

(ଗ) ଯଦି କୌଣସି ବିନିମୟ ପତ୍ର ତିନିଗୋଟି ପରସ୍ତରେ ଲେଖାଯାଇଥାଏ ତେବେ କେବଳ ଗୋଟିକୁ ପ୍ରମାଣ କରିବା ଆବଶ୍ୟକ ।

(ଘ) କ କେତେକ ନିର୍ବନ୍ଧନ ଉପରେ ନୀଳର ପରିଦାନ ପାଇଁ ଖ ସହିତ ଲିଖିତ ଚୁକ୍ତି କରନ୍ତି । ଖ ଅନ୍ୟ କୌଣସି ଅବସରରେ ବାଚନିକ ଚୁକ୍ତି ହୋଇଥିବା ଅନ୍ୟ ନୀଳର ମୂଲ୍ୟ କ' ଙ୍କୁ ପ୍ରଦାନ କରିଥିବା ତଥ୍ୟ ଏହି ଚୁକ୍ତିରେ ଉଲ୍ଲେଖ ଅଛି ।

(ଙ) ଖ ପ୍ରଦାନ କରିଥିବା ଧନ ପାଇଁ କ ତାହାଙ୍କୁ ରସିଦ ଦିଅନ୍ତି । ଅର୍ଥ ପ୍ରଦାନ ସଂପର୍କିତ ମୌଖିକ ସାକ୍ଷ୍ୟ ଦିଆଯାଏ । ସେହି ସାକ୍ଷ୍ୟ ଗ୍ରହଣ ଯୋଗ୍ୟ ଅଟେ

ମୌଖିକ ରାଜିନାମା ସମ୍ବନ୍ଧିତ ସାକ୍ଷ୍ୟର ବର୍ଜନ ।

୯୨. ଯେତେବେଳେ ଯେପରି କୌଣସି ଚୁକ୍ତି, ଅନୁଦାନ ବା ସଂପତ୍ତିର ଅନ୍ୟ ନିକାଶ ସଂପର୍କିତ ନିର୍ବନ୍ଧନ ଅଥବା ଦସ୍ତାବିଜ ରୂପେ ଲିପିବଦ୍ଧ କରାଯିବାକୁ ବିଧିଦ୍ୱାରା ଆବଶ୍ୟକ ହୋଇଥିବା କୌଣସି ବିଷୟକୁ ପୂର୍ବବର୍ତ୍ତୀ ଅନ୍ତିମ ଧାରା ଅନୁସାରେ ପ୍ରମାଣ କରାଯାଇଥାଏ, ସେତେବେଳେ ସେପରି କୌଣସି ଲିଖତର ପକ୍ଷ ବା ସେମାନଙ୍କର ସ୍ୱାର୍ଥ ଜଡ଼ିତ ପ୍ରତିନିଧିମାନଙ୍କ ମଧ୍ୟରେ ଉକ୍ତ ନିର୍ବନ୍ଧନକୁ ପ୍ରତିବାଦ କରିବା, ବିରୋଧ କରିବା, ତହିଁରେ ଯୋଗ କରିବା ବା ତହିଁରୁ ବିୟୋଗ କରିବା ଉଦ୍ଦେଶ୍ୟରେ ଯେଉଁ ରାଜିନାମା ବା ବିବୃତି ହୋଇଥିବ ତାହାର ସାକ୍ଷ୍ୟ ଗ୍ରହଣ କରାଯିବ ନାହିଁ :

ପରନ୍ତୁକ (1)—ଯେଉଁ ତଥ୍ୟ କୌଣସି ଦସ୍ତାବିଜକୁ ଅବିଧିମାନ୍ୟ କରିବ ଅଥବା ଯାହା କୌଣସି ବ୍ୟକ୍ତିଙ୍କୁ ତତ୍ ସମ୍ବନ୍ଧିତ କୌଣସି ଡିକ୍ରୀ ବା ଆଦେଶ ପ୍ରତି ହକଦାର କରିବ ସେହି ତଥ୍ୟ, ଯଥା ପ୍ରବଞ୍ଚନା, ତ୍ରାସକରଣ, ଅବୈଧିକତା, ସମୁଚିତ ନିଷ୍ପାଦନର ଅଭାବ, ଚୁକ୍ତି କରୁଥିବା ପକ୍ଷଙ୍କଠାରେ ସାମର୍ଥ୍ୟର ଅଭାବ, ପ୍ରତିଫଳର ଅଭାବ ବା ବିଫଳତା ବା ତଥ୍ୟଗତ ବା ବିଧିଗତ ଭ୍ରାନ୍ତିକୁ ପ୍ରମାଣ କରାଯାଇ ପାରିବ ।

ପରନ୍ତୁକ (2)—ଯେଉଁ ବିଷୟରେ କୌଣସି ଦସ୍ତାବିଜ ନୀରବ ଥାଏ ଏବଂ ଯାହା ଦସ୍ତାବିଜର ନିର୍ବନ୍ଧନ ସହିତ ଅସଙ୍ଗତ ନ ଥାଏ ସେହି ବିଷୟ ସଂପର୍କିତ କୌଣସି ପୃଥକ ମୌଖିକ ରାଜିନାମାର ବିଦ୍ୟମାନତାକୁ ପ୍ରମାଣ କରାଯାଇ ପାରିବ । ଏହି ପରନ୍ତୁକଟି ପ୍ରଯୋଜ୍ୟ କି ନାହିଁ ବୋଲି ବିଚାର କରିବା ବେଳେ ନ୍ୟାୟାଳୟ ଦସ୍ତାବିଜର ଔପଚାରିକତାର ମାତ୍ରା ପ୍ରତି ଧ୍ୟାନ ଦେବେ ।

ପରନ୍ତୁକ (3)—ସେପରି କୌଣସି ଚୁକ୍ତି, ଅନୁଦାନ ବା ସମ୍ପତ୍ତିର ନିକାଶ ଅଧୀନ କୌଣସି ବାଧ୍ୟତା ସଂଲଗ୍ନ ହେବାର କୌଣସି ପୂର୍ବବର୍ତ୍ତୀ ସର୍ତ୍ତ ସଂଗଠିତ କରୁଥିବା କୌଣସି ପୃଥକ ମୌଖିକ ରାଜିନାମାର ବିଦ୍ୟମାନତାକୁ ପ୍ରମାଣ କରାଯାଇ ପାରିବ ।

ପରନ୍ତୁକ (4)—ଯେଉଁ କ୍ଷେତ୍ରରେ କୌଣସି ଚୁକ୍ତି, ଅନୁଦାନ ବା ସମ୍ପତ୍ତିର ନିକାଶ, ଲିଖିତାକାରରେ ହେବା ବିଧିମତେ ଆବଶ୍ୟକ ହୁଏ, ଅଥବା ଦସ୍ତାବିଜର ରେଜିଷ୍ଟ୍ରୀକରଣ ସଂକ୍ରାନ୍ତରେ ତତ୍କାଳ ପ୍ରବୃତ୍ତ ବିଧି ଅନୁସାରେ ରେଜିଷ୍ଟ୍ରୀକୃତ ହୋଇଥାଏ ତଦ୍‌ବ୍ୟତିରେକେ,

ଯେପରି କୌଣସି ଚୁକ୍ତି, ଅନୁଦାନ ବା ସମ୍ପତ୍ତିର ବିନ୍ୟାସକୁ ବିଖଣ୍ଡିତ କରିବା ବା ପରିବର୍ତ୍ତିତ କରିବା ନିମିତ୍ତ ସେପରି ଚୁକ୍ତିର ପରବର୍ତ୍ତୀ ମୌଖିକ ରାଜିନାମାର ବିଦ୍ୟମାନତାକୁ ପ୍ରମାଣ କରାଯାଇ ପାରିବ ।

ପରନ୍ତୁକ (୫)—ଯେଉଁ ରୀତି ବା ବ୍ୟବହାର ଦ୍ୱାରା କୌଣସି ଚୁକ୍ତିରେ ସ୍ପଷ୍ଟ ରୂପେ ବର୍ଣ୍ଣିତ ହୋଇ ନ ଥିବା ଘଟଣାବଳୀକୁ, ସେହି ପ୍ରକାର ଚୁକ୍ତିଗୁଡ଼ିକ ସହିତ ସାଧାରଣତଃ ସଂଯୋଜିତ କରାଯାଇଥାଏ, ତାହାକୁ ପ୍ରମାଣ କରାଯାଇ ପାରିବ :

ପରନ୍ତୁ ଯେପରି ଘଟଣାର ସଂଯୋଜନ କରିବା ସେହି ଚୁକ୍ତିର ସ୍ପଷ୍ଟ ନିର୍ଦ୍ଦେଶନର ବିରୁଦ୍ଧ ବା ତାହା ସହିତ ଅସଙ୍ଗତ ହେବ ନାହିଁ ।

ପରନ୍ତୁକ (୬)—ଯେଉଁ ରୀତିରେ ଦସ୍ତାବିଜର ଭାଷା, ବିଦ୍ୟମାନ ତଥ୍ୟ ସହିତ ସମ୍ବନ୍ଧିତ ଅଟେ ବୋଲି ଯେଉଁ ତଥ୍ୟ ଦର୍ଶାଏ ତାହାକୁ ପ୍ରମାଣ କରାଯାଇ ପାରିବ ।

ଦୃଷ୍ଟାନ୍ତ

(କ) କଲିକତାଠାରୁ ଲଣ୍ଡନ ପର୍ଯ୍ୟନ୍ତ ଯାଉଥିବା ଜାହାଜଗୁଡ଼ିକରେ ମାଲ ସଂକ୍ରାନ୍ତରେ ବୀମା ପଲିସି କରାଯାଇଛି । ଯେଉଁ ନିର୍ଦ୍ଦିଷ୍ଟ ଜାହାଜରେ ମାଲ ପଠାଯାଇଥିଲା ତାହା ବୁଡ଼ି ଯାଇଛି । ସେହି ଜାହାଜଟି ପଲିସି ପରିସରରୁ ମୌଖିକ ରୂପେ ବାଦ ଯାଇଥିଲା ; ଏହି ତଥ୍ୟଟି ପ୍ରମାଣ କରାଯାଇ ପାରିବ ନାହିଁ

(ଖ) ଖ କୁ 1873 ମାର୍ଚ୍ଚ ପହିଲାରେ ଟ1,000ଙ୍କା ଦେବା ନିମିତ୍ତ କ ଲିଖିତାକାରରେ ପୂର୍ଣ୍ଣତଃ ରାଜି ହୁଅନ୍ତି । ସେହି ଏକା ସମୟରେ ମୌଖିକ ରାଜିନାମା କରାଗଲା ଯେ ସେହି ଧନ ଏକତିରିଶ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରଦାନ କରାଯିବ ନାହିଁ; ଏହି ତଥ୍ୟ ପ୍ରମାଣ କରାଯାଇ ପାରିବ ନାହିଁ ।

(ଗ) ଯେଉଁ ଦଲିଲରେ "ରାମପୁର ଚା ବାଗାନ"ର ଏକ ମାନଚିତ୍ର ଥାଏ ତାହା ବଳରେ ଉକ୍ତ ବାଗାନ ବିକ୍ରୟ କରାଯାଏ । ମାନଚିତ୍ରରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ଭୂମିକୁ ମଧ୍ୟ ସେହି ବାଗାନର ଅଂଶରୂପେ ସବୁବେଳେ ଗଣ୍ୟ କରାଯାଉଥିଲା ଓ ସେହି ଦଲିଲ ଦ୍ୱାରା ତାହା ଯିବାର ବୁଝା ଯାଉଥିଲା । ଏହି ତଥ୍ୟ ପ୍ରମାଣ କରାଯାଇ ପାରିବ ନାହିଁ

(ଘ) ଖ ଙ୍କର ସମ୍ପତ୍ତି ହୋଇଥିବା କେତେକ ଖଣିକୁ ଚଳାଇବା ଲାଗି, ଖ ଙ୍କ ସହିତ କ ଏକ ଲିଖିତ ଚୁକ୍ତି କରନ୍ତି । ସେଗୁଡ଼ିକର ମୂଲ୍ୟ ସଂକ୍ରାନ୍ତରେ ଖ ଙ୍କର ମିଥ୍ୟାନୁବର୍ଣ୍ଣନ କ କୁ ଏପରି ଚୁକ୍ତି କରିବାକୁ ପ୍ରରୋଚିତ କଲା । ଏହି ତଥ୍ୟ ପ୍ରମାଣ କରାଯାଇ ପାରିବ ।

(ଙ) ଖ ଙ୍କ ବିରୁଦ୍ଧରେ କୌଣସି ଚୁକ୍ତିର ବିନିର୍ଦ୍ଦିଷ୍ଟ ପାଳନ ଲାଗି କ ମକଦ୍ଦମା କରନ୍ତି ଏବଂ ଏହି ଚୁକ୍ତିର ଗୋଟିଏ ଉପବନ୍ଧକୁ ସଂସ୍କାର କରିବାକୁ ମଧ୍ୟ ପ୍ରାର୍ଥନା କରନ୍ତି କାରଣ ସେହି ଉପବନ୍ଧ ଭୁଲରେ ତହିଁରେ ଲେଖା ହୋଇଥିଲା । କ ପ୍ରମାଣ କରି ପାରିବେ ଯେ ଏପରି ଏକ ଭୁଲ ହୋଇଥିଲା ଯଦ୍ଦ୍ୱାରା ସେହି ଚୁକ୍ତିଟିକୁ ସଂସ୍କାର କରିବା ଲାଗି ସେ ବିଧିଦ୍ୱାରା ହକ୍‌ଦାର ହୁଅନ୍ତି ।

(ଚ) କ ଗୋଟିଏ ପତ୍ର ଦ୍ୱାରା ଖ ଙ୍କୁ କିଛି ମାଲ ପାଇଁ ଆଦେଶ ଦିଅନ୍ତି । କିନ୍ତୁ କେବେ ଅର୍ଥ ପ୍ରଦାନ ହେବ ସେ କଥା ସେ ପତ୍ରରେ ଲେଖା ହୋଇ ନ ଥାଏ ଏବଂ ପରେ କ ସେହି ମାଲ ଗ୍ରହଣ କରନ୍ତି । ଖ ତାହାର ଦାମ୍ ପାଇଁ କ ବିରୁଦ୍ଧରେ ନାଲିସ୍ କରନ୍ତି । ଅପୂରି ସରି ନ ଥିବା ଏକ ଅବଧି ପାଇଁ ଧାରରେ ମାଲ ଦିଆଯାଇଥିଲା ବୋଲି କ ଦର୍ଶାଇ ପାରିବେ ।

(ଛ) କ ଖ କୁ ଏକ ଘୋଡ଼ା ବିକ୍ରୟ କରନ୍ତି ଏବଂ ଘୋଡ଼ାଟି ସୁସ୍ଥ ଥିବାର ତାହାଙ୍କୁ ମୌଖିକ ନିର୍ଦ୍ଦୋଷ-ଗ୍ରେଣ୍ଟି କରନ୍ତି । "କ ଙ୍କ ଠାରୁ ଟ୫୦୦ଙ୍କାରେ ଏକ ଘୋଡ଼ା କ୍ରୟ କଲି" ବୋଲି ଲେଖି, ଖ କୁ କ ଏକ କାଗଜ ଦିଅନ୍ତି । ଖ ସେହି ବାଚନିକ ନିର୍ଦ୍ଦୋଷୀ ପ୍ରମାଣ କରିପାରିବେ ।

(ଘ) ଖ ଙ୍କର ବସା ଘରକୁ କ ଙ୍କ ଦ୍ୱାରାରେ ନିଅନ୍ତି ଏବଂ ଖ ଙ୍କୁ "ବାସଗୃହିକ, ମାସିକ ଟ200/-" ଲେଖା ଥିବା ଏକ କାର୍ଡ ଦିଅନ୍ତି । ଆଂଶିକ ଭୋଜନ ଏହି ନିର୍ବନ୍ଧନ ଗୁଡ଼ିକରେ ଅନ୍ତର୍ଗତ ଥିଲା ବୋଲି ଦର୍ଶାଉଥିବା ଏକ ବାଚନିକ ରାଜିନାମାକୁ କ ପ୍ରମାଣ କରିପାରିବେ ।

ଖ କର ବସା ଘରକୁ କ ଏକ ବର୍ଷ ପାଇଁ ଭଡ଼ାରେ ନିଅନ୍ତି ଏବଂ ସେମାନଙ୍କ ମଧ୍ୟରେ ଏଟର୍ଣ୍ଣି ଦ୍ୱାରା ପ୍ରସ୍ତୁତ ହୋଇ ନିୟମିତ ରୂପେ ଷ୍ଟାମ୍ପ କରାଯାଇଥିବା ଏକ ରାଜିନାମା କରାଯାଏ । ଭୋଜନ ବିଷୟରେ ତହିଁରେ କିଛି ଉଲ୍ଲେଖ ନଥାଏ । କ ପ୍ରମାଣ କରି ପାରିବେ ନାହିଁ ଯେ ଭୋଜନ ବିଷୟ ହେଉଛି ନିର୍ବନ୍ଧନରେ ବାଚନିକ ଭାବେ ଅନ୍ତର୍ଭୁକ୍ତ ହୋଇଥିଲା ।

(ଙ) କ ଙ୍କର ପ୍ରାପ୍ୟ ଋଣ ପାଇଁ ଖ ଙ୍କ ପାଖକୁ ସେହି ଧନ ଦାବି କରି ଏକ ରସିଦ ପଠାଇ ଆବେଦନ କରନ୍ତି । ଖ ସେହି ରସିଦକୁ ରଖି ଦିଅନ୍ତି ଏବଂ ଧନ ପଠାନ୍ତି ନାହିଁ । ସେହି ରାଶି ସଂପୃକ୍ତ କୌଣସି ମକଦ୍ଦମାରେ କ ଏହାକୁ ପ୍ରମାଣ କରିପାରିବେ ।

(ଚ) କୌଣସି ନିର୍ଦ୍ଦିଷ୍ଟ ଅନିଶ୍ଚିତ ଘଟଣା ଘଟିବା ପରେ ଚୁକ୍ତିଟି ପ୍ରଭାବଶୀଳ ହେବ ବୋଲି ସର୍ତ୍ତ ରଖି କ ଓ ଖ ଲିଖିତ ଚୁକ୍ତି କରନ୍ତି । ଖ ପାଖରେ ସେହି ଲେଖାକୁ ଛାଡ଼ି ଦିଆଯାଏ, ଯେ କି ତାହା ଉପରେ କ ବିରୁଦ୍ଧରେ ନାଲିସ୍ କରନ୍ତି । ସେହି ପରିସ୍ଥିତିରେ ତାହା ଦିଆଯାଇଥିଲା କ ତାହାକୁ ଦର୍ଶାଇ ପାରିବେ ।

ସଂଦିଗ୍ଧ ଦସ୍ତାବିଜକୁ ସ୍ପଷ୍ଟ କରୁଥିବା ବା ସଂଶୋଧନ କରୁଥିବା ସାକ୍ଷ୍ୟର ବର୍ଜନ ।

93. ଯେତେବେଳେ ଦସ୍ତାବିଜରେ ବ୍ୟବହୃତ ଭାଷା ସ୍ପଷ୍ଟତଃ ସଂଦିଗ୍ଧ ବା ତ୍ରୁଟିପୂର୍ଣ୍ଣ ହୋଇଥାଏ ସେତେବେଳେ ଯେଉଁ ତଥ୍ୟ ଗୁଡ଼ିକ ତାହାର ଅର୍ଥ ଦର୍ଶାଇଥାଏ ବା ତାହାର ତ୍ରୁଟିଗୁଡ଼ିକୁ ପରିପୂରଣ କରୁଥାଏ ସେହି ତଥ୍ୟର ସାକ୍ଷ୍ୟ ଦିଆଯାଇ ପାରିବ ନାହିଁ ।

ଦୃଷ୍ଟାନ୍ତ

(କ) ଟ 1,000 ବା ଟ 1,500 ରେ ଖ ଙ୍କୁ ଏକ ଘୋଡ଼ା ବିକ୍ରୟ କରିବାକୁ କ ଲିଖିତଭାବରେ ରାଜି ହୁଅନ୍ତି ।

କେଉଁ ଦାମ୍ ଦିଆଯିବା କଥା ତାହା ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଇ ପାରିବ ନାହିଁ ।

(ଖ) ଗୋଟିଏ ଦଲିଲରେ ଅବଶେଷ ସ୍ଥାନମାନ ଅଛି । ସେହି ସ୍ଥାନ ଗୁଡ଼ିକ କିପରି ପୂରଣ ହେବା କଥା ତାହା ଦର୍ଶାଉଥିବା ଭଳି ତଥ୍ୟର ସାକ୍ଷ୍ୟ ଦିଆଯାଇ ପାରିବ ନାହିଁ ।

ବିଦ୍ୟମାନ ତଥ୍ୟଗୁଡ଼ିକ ପ୍ରତି ଦସ୍ତାବିଜର ପ୍ରୟୋଗ ବିରୁଦ୍ଧରେ ସାକ୍ଷ୍ୟର ବର୍ଜନ ।

94. ଯେତେବେଳେ କୌଣସି ଦସ୍ତାବିଜରେ ବ୍ୟବହୃତ ଭାଷା ସ୍ୱୟଂ ସୁସ୍ପଷ୍ଟ ହୋଇଥାଏ ଏବଂ ଯେତେବେଳେ ତାହା ବିଦ୍ୟମାନ ତଥ୍ୟ ଗୁଡ଼ିକ ପ୍ରତି ଠିକ୍ ଠିକ୍ ପ୍ରଯୋଜ୍ୟ ହୁଏ ସେତେବେଳେ ତାହା ସେପରି ତଥ୍ୟଗୁଡ଼ିକ ପ୍ରତି ପ୍ରଯୋଜ୍ୟ ହେବାକୁ ନଥିଲା ବୋଲି ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଇ ପାରିବ ନାହିଁ ।

ଦୃଷ୍ଟାନ୍ତ

କ "100 ବିଘାର ମୋର ରାମପୁର ମାହାଲ" ଖ ଙ୍କୁ ଦଲିଲ ଦ୍ୱାରା ବିକ୍ରୟ କରନ୍ତି । କ ଙ୍କର 100 ବିଘାର ଏକ ମାହାଲ ରାମପୁରରେ ଅଛି । ବିକ୍ରୟ ହେବାକୁ ଥିବା ମାହାଲ ଅନ୍ୟତ୍ର ଅବସ୍ଥିତ ଓ ତାହା ଭିନ୍ନ ଆକୃତିର ଥିଲା, ଏହି ତଥ୍ୟ ସଂକ୍ରାନ୍ତରେ ସାକ୍ଷ୍ୟ ଦିଆଯାଇ ପାରିବ ନାହିଁ ।

ବିଦ୍ୟମାନ ତଥ୍ୟ ସଂପର୍କରେ ଅର୍ଥହୀନ ଦସ୍ତାବିଜ ବିଷୟକ ସାକ୍ଷ୍ୟ ।

95. ଯେତେବେଳେ କୌଣସି ଦସ୍ତାବିଜରେ ବ୍ୟବହୃତ ଭାଷା ସ୍ୱୟଂ ସୁସ୍ପଷ୍ଟ ହୋଇଥାଏ ମାତ୍ର ବିଦ୍ୟମାନ ତଥ୍ୟ ସଂପର୍କରେ ଅର୍ଥହୀନ ହୁଏ, ସେତେବେଳେ ତାହା କୌଣସି ବିଶିଷ୍ଟ ଭାବାର୍ଥରେ ବ୍ୟବହୃତ ହୋଇଥିଲା ବୋଲି ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଇ ପାରିବ ।

ଦୃଷ୍ଟାନ୍ତ

କ "ମୋର କଲିକତା ଘର" ଖ ଙ୍କୁ ଦଲିଲ ଦ୍ୱାରା ବିକ୍ରୟ କରନ୍ତି । କ ଙ୍କର କଲିକତାରେ ଘର ନଥିଲା, ମାତ୍ର ଏହା ପ୍ରତୀତ ହୁଏ ଯେ ତାଙ୍କର ଏକ ଘର ହାଓଡ଼ାରେ ଥିଲା ଓ ତାହା ଦଲିଲ ନିଷ୍ପାଦନ ସମୟରୁ ଖ ଙ୍କର ଦଖଲରେ ଥିଲା ।

ସେହି ଦଲିଲ ହାଓଡ଼ାରେ ଥିବା ଘର ସମ୍ପର୍କିତ ଥିଲା ବୋଲି ଦର୍ଶାଇବାକୁ ଏହି ତଥ୍ୟ ଗୁଡ଼ିକୁ ପ୍ରମାଣ କରାଯାଇ ପାରିବ ।

ଯେଉଁ ଭାଷା ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରୁ କେବଳ ଜଣଙ୍କ ପ୍ରତି ପ୍ରଯୋଜ୍ୟ ହୋଇ-ପାରିବ ତାହାର ପ୍ରୟୋଗ ବିଷୟକ ସାକ୍ଷ୍ୟ ।

96. ଯେତେବେଳେ ତଥ୍ୟ ଗୁଡ଼ିକ ଏପରି ହୋଇଥାଏ ଯେ ବ୍ୟବହୃତ ଭାଷା ଅନେକ ବ୍ୟକ୍ତି ବା ବସ୍ତୁ ମଧ୍ୟରୁ ଯେ କୌଣସି ବ୍ୟକ୍ତି ବା ବସ୍ତୁ ପ୍ରତି ପ୍ରଯୋଜ୍ୟ ହୋଇପାରେ, ଏବଂ ତାହା ଏକାଧିକ ବ୍ୟକ୍ତି ବା ବସ୍ତୁ ପ୍ରତି ପ୍ରଯୋଜ୍ୟ ହୋଇପାରେ ନାହିଁ ସେତେବେଳେ ତାହା କେଉଁ ବ୍ୟକ୍ତି ବା ବସ୍ତୁ ପ୍ରତି ପ୍ରଯୋଜ୍ୟ ହେବା ନିମିତ୍ତ ଉଦ୍ଦିଷ୍ଟ ଥିଲା ସେ ବିଷୟ ଯେଉଁ ତଥ୍ୟ ଦର୍ଶାଇଥାଏ ତାହା ସଂପର୍କରେ ସାକ୍ଷ୍ୟ ଦିଆଯାଇ ପାରିବ ।

ଦୃଷ୍ଟାନ୍ତ

(କ) କ ଟ 1,000 ରେ "ମୋର ଧଳା ଘୋଡ଼ା" ଖ ଙ୍କୁ ବିକ୍ରୟ କରିବାକୁ ରାଜି ହୁଅନ୍ତି । କ ଙ୍କର ଦୁଇଟି ଧଳା ଘୋଡ଼ା ଥାଏ । ସେମାନଙ୍କ ମଧ୍ୟରୁ ବିକ୍ରୟ ନିମନ୍ତେ କେଉଁଟି ଉଦ୍ଦିଷ୍ଟ ଥିଲା ବୋଲି ଯେଉଁ ତଥ୍ୟ ଦର୍ଶାଉଥିବ ସେହି ତଥ୍ୟ ସଂପର୍କରେ ସାକ୍ଷ୍ୟ ଦିଆଯାଇ ପାରିବ ।

(ଖ) ଖ ଙ୍କ ସହିତ ହାଇଦ୍ରାବାଦ ଯିବାକୁ କ ରାଜି ହୁଅନ୍ତି । ଦାକ୍ଷିଣାତ୍ୟର ହାଇଦ୍ରାବାଦ ଉଦ୍ଦିଷ୍ଟ ଥିଲା କି ସିନ୍ଧୁର ହାଇଦ୍ରାବାଦ ଉଦ୍ଦିଷ୍ଟ ଥିଲା ଏହା ଯେଉଁ ତଥ୍ୟକୁ ଦର୍ଶାଉଥିବ, ସେହି ତଥ୍ୟ ସଂପର୍କରେ ସାକ୍ଷ୍ୟ ଦିଆଯାଇ ପାରିବ ।

ବ୍ୟବହୃତ ଭାଷା ଦୁଇଟି ତଥ୍ୟପୁଞ୍ଜ ମଧ୍ୟରୁ ଯେକୌଣସି ଗୋଟିକ ପ୍ରତି ସମ୍ପୂର୍ଣ୍ଣରୂପେ ଠିକ୍ ଠିକ୍ ପ୍ରଯୋଜ୍ୟ ହେଉ ନଥିଲେ ତାହା କେଉଁ ତଥ୍ୟପୁଞ୍ଜ ପ୍ରତି ପ୍ରଯୋଜ୍ୟ ସେ ବିଷୟକ ସାକ୍ଷ୍ୟ ।

97. ଯେତେବେଳେ ବ୍ୟବହୃତ ଭାଷା ବିଦ୍ୟମାନ ତଥ୍ୟପୁଞ୍ଜ ମଧ୍ୟରୁ ଗୋଟିକ ପ୍ରତି ଆଂଶିକ ଭାବରେ ଏବଂ ବିଦ୍ୟମାନ ତଥ୍ୟ ପୁଞ୍ଜ ମଧ୍ୟରୁ ଅନ୍ୟଟି ପ୍ରତି ଆଂଶିକ ଭାବରେ ପ୍ରଯୋଜ୍ୟ ହୁଏ ମାତ୍ର ସଂପୂର୍ଣ୍ଣତଃ ଦୁଇଟି ମଧ୍ୟରୁ କୌଣସି ଗୋଟିକ ପ୍ରତି ଠିକ୍ ଠିକ୍ ପ୍ରଯୋଜ୍ୟ ହୁଏ ନାହିଁ ସେତେବେଳେ ସେହି ଦୁଇଟିରୁ କେଉଁଟି ପ୍ରତି ଏହା ପ୍ରଯୋଜ୍ୟ ହେବାକୁ ଥିଲା ତାହା ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଇ ପାରିବ ।

ଦୃଷ୍ଟାନ୍ତ

କ "ମୋର ଗ ଠାରେ ଘ ଦଖଲରେ ଥିବା ଭୂମି" ଖ ଙ୍କୁ ବିକ୍ରୟ କରିବାକୁ ରାଜି ହୁଅନ୍ତି । କ ଙ୍କର ଗ ଠାରେ ଭୂମି ଅଛି ମାତ୍ର ତାହା ଘ ଦଖଲରେ ନାହିଁ, ଏବଂ ତାଙ୍କର ଘ ଦଖଲରେ ଭୂମି ଅଛି ମାତ୍ର ତାହା ଗ ଠାରେ ନାହିଁ । କେଉଁଟି ବିକ୍ରୟ କରିବାକୁ ସେ ମନସ୍ଥ କରିଥିଲେ ତାହା ଦର୍ଶାଉଥିବା ତଥ୍ୟ ସଂପର୍କରେ ସାକ୍ଷ୍ୟ ଦିଆଯାଇପାରିବ ।

ଦୁର୍ବୋଧ୍ୟ ଲିପି ଆଦିର ଅର୍ଥ ବିଷୟକ ସାକ୍ଷ୍ୟ ।

98. ଦୁର୍ବୋଧ୍ୟ ବା ସାମାନ୍ୟତଃ ସୁବୋଧ ହେଉନଥିବା ଲିପିଗୁଡ଼ିକର ବିଦେଶୀ, ଅପ୍ରଚଳିତ, ବୈଷୟିକ, ସ୍ଥାନୀୟ ଓ ପ୍ରାଦେଶିକ ଅଭିବ୍ୟକ୍ତି ଗୁଡ଼ିକର, ସଂକ୍ଷେପଣ ଗୁଡ଼ିକର ଓ ବିଶେଷ ଭାବାର୍ଥରେ ବ୍ୟବହୃତ ଶବ୍ଦଗୁଡ଼ିକର ଅର୍ଥ ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଇ ପାରିବ ।

ଦୃଷ୍ଟାନ୍ତ

କ ଜଣେ ଭାସ୍କର "ମୋର ସମସ୍ତ ପ୍ରତିମା" ଖ ଙ୍କୁ ବିକ୍ରୟ କରିବାକୁ ରାଜି ହୁଅନ୍ତି । କ ଙ୍କର ପ୍ରତିମା ଅଛି ଓ ପ୍ରତିମା ଗଢ଼ିବା ହତିଆର ମଧ୍ୟ ଅଛି । ତାଙ୍କର କଣ ବିକ୍ରୟ କରିବାକୁ ଥିଲା ତାହା ଦର୍ଶାଇବାକୁ ସାକ୍ଷ୍ୟ ଦିଆଯାଇ ପାରିବ ।

କିଏ ଦସ୍ତାବିଜର ନିର୍ବନ୍ଧନକୁ ବିଭେଦନ କରୁଥିବା ରାଜିନାମା ସଂପର୍କିତ ସାକ୍ଷ୍ୟ ଦେଇପାରିବେ ।

୨୨. ଯେଉଁ ବ୍ୟକ୍ତିମାନେ କୌଣସି ଦସ୍ତାବିଜର ପକ୍ଷଭୁକ୍ତ ନୁହନ୍ତି ବା ସେମାନଙ୍କର ସ୍ୱାର୍ଥ-ଉତ୍ତରାଧିକାରୀ ନୁହନ୍ତି ସେମାନେ ସେହି ଦସ୍ତାବିଜର ନିର୍ବନ୍ଧନକୁ ବିଭେଦନ କରୁଥିବା କୌଣସି ସମସାମୟିକ ରାଜିନାମାକୁ ଦର୍ଶାଉଥିବା କୌଣସି ତଥ୍ୟ ସଂପର୍କରେ ସାକ୍ଷ୍ୟ ଦେଇପାରିବେ ।

ଦୃଷ୍ଟାନ୍ତ

କ ଓ ଖ ଲିଖିତ ଚୁକ୍ତି କରନ୍ତି ଯେ କ ଖ ଙ୍କୁ ନୀଳ ବିକ୍ରୟ କରିବେ ଏବଂ ପରିଦାନ ପରେ ଅର୍ଥ ପ୍ରଦାନ କରାଯିବ । ସେହି ସମୟରେ ସେମାନେ ମୌଖିକ ରାଜିନାମା କରନ୍ତି ଯେ ଖ ଙ୍କୁ ତିନି ମାସ ଲାଗି ଉଧାର ଦିଆଯିବ । କ ଓ ଖ ମଧ୍ୟରେ ଏହାକୁ ଦର୍ଶାଇ ଦିଆଯାଇ ପାରିବ ନାହିଁ, ମାତ୍ର ଯଦି ଗ ଙ୍କର ସ୍ୱାର୍ଥକୁ ତାହା ପ୍ରଭାବିତ କରୁଥାଏ ତେବେ ଗ ତାହାକୁ ଦର୍ଶାଇ ପାରିବେ । 1865 ର 10

ଭାରତୀୟ ଉତ୍ତରାଧିକାର ଅଧିନିୟମର ଉଇଲ ସଂପର୍କିତ ଉପବନ୍ଧ ସୁରକ୍ଷିତ ହୋଇଛି ।

100. ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କୌଣସି ବିଷୟ, ଉଇଲର ଅର୍ଥାନ୍ୱୟନ ବିଷୟରେ ଭାରତୀୟ ଉତ୍ତରାଧିକାର ଅଧିନିୟମର ଯେ କୌଣସି ଉପବନ୍ଧକୁ ପ୍ରଭାବିତ କରୁଥିବା ମନେ କରାଯିବ ନାହିଁ ।

## ଭାଗ III

## ସାକ୍ଷ୍ୟ ପେଶ୍ କରାଯିବା ଓ ତାହାର ପ୍ରଭାବ

## ଅଧ୍ୟାୟ VII

### ପ୍ରମାଣର ଭାର ସମ୍ବନ୍ଧରେ

ପ୍ରମାଣର ଭାର

101. ଯେଉଁ ବ୍ୟକ୍ତି ନିଜେ ଦୃଢ଼ ଭାବରେ କହୁଥିବା ତଥ୍ୟଗୁଡ଼ିକର ବିଦ୍ୟମାନତା ଉପରେ ନିର୍ଭରଶୀଳ କୌଣସି ବୈଧ ଅଧିକାର ବା ଦାୟିତ୍ୱ ବିଷୟରେ ରାୟ ଦେବା ନିମିତ୍ତ କୌଣସି ନ୍ୟାୟାଳୟକୁ ପ୍ରାର୍ଥନା କରନ୍ତି ସେହି ବ୍ୟକ୍ତି ଐ ତଥ୍ୟଗୁଡ଼ିକର ବିଦ୍ୟମାନତା ଥିବାର ପ୍ରମାଣ କରିବେ ।

ଯେତେବେଳେ କୌଣସି ବ୍ୟକ୍ତି କୌଣସି ତଥ୍ୟର ବିଦ୍ୟମାନତା ପ୍ରମାଣ କରିବାକୁ ବାଧ୍ୟ ହୁଅନ୍ତି ସେତେବେଳେ ପ୍ରମାଣ କରିବାର ଭାର ସେହି ବ୍ୟକ୍ତିଙ୍କ ଉପରେ ନିହିତ ଥିବା କୁହାଯାଏ ।

#### ଦୃଷ୍ଟାନ୍ତ

(କ) ଯେଉଁ ଅପରାଧ ଖ କରିଛନ୍ତି ବୋଲି କ କହନ୍ତି ସେଥିପାଇଁ ଖ ଦଣ୍ଡିତ ହେବେ ବୋଲି ରାୟ ଦେବାକୁ କ ନ୍ୟାୟାଳୟକୁ ପ୍ରାର୍ଥନା କରନ୍ତି । କ କୁ ପ୍ରମାଣ କରିବାକୁ ହେବ ଯେ ଖ ସେହି ଅପରାଧ କରିଛନ୍ତି ।

(ଖ) ଯେଉଁ ତଥ୍ୟକୁ ସତ୍ୟ ବୋଲି କ ଦୃଢ଼ ଭାବରେ କହନ୍ତି ଏବଂ ଖ ପ୍ରତ୍ୟାଖ୍ୟାନ କରନ୍ତି ସେହି ତଥ୍ୟର କାରଣରୁ ଖ ଙ୍କର ଦଖଲରେ ଥିବା ନିର୍ଦ୍ଦିଷ୍ଟ ଭୂମି ପ୍ରତି ସେ ହକଦାର ବୋଲି ରାୟ ଦେବାକୁ କ ନ୍ୟାୟାଳୟକୁ ପ୍ରାର୍ଥନା କରନ୍ତି ।

ସେହି ତଥ୍ୟଗୁଡ଼ିକର ବିଦ୍ୟମାନତାକୁ କ ହିଁ ପ୍ରମାଣ କରିବେ ।

ପ୍ରମାଣର ଭାର କାହା ଉପରେ ନିହିତ ଥାଏ ।

102. କୌଣସି ମକଦ୍ଦମା ବା କାର୍ଯ୍ୟବିଧିରେ, କୌଣସି ପକ୍ଷ ଆଦୌ ସାକ୍ଷ୍ୟ ନ ଦେଲେ ଯେଉଁ ବ୍ୟକ୍ତି ହାରିବେ ସେହି ବ୍ୟକ୍ତିଙ୍କ ଉପରେ ମକଦ୍ଦମା ପ୍ରମାଣର ଭାର ନିହିତ ଥାଏ ।

#### ଦୃଷ୍ଟାନ୍ତ

(କ) ଖ ଦଖଲରେ ଥିବା ଭୂମି ଲାଗି ଖ ଙ୍କ ବିରୁଦ୍ଧରେ କ ନାଲିସ୍ କରନ୍ତି ଏବଂ କ ଦୃଢ଼ ଭାବରେ କହିବା ମତେ ସେହି ଭୂମି, ଖ ଙ୍କ ପିତା ଗ ଙ୍କର ବସିୟତ ଦ୍ୱାରା କ ପାଇଁ ଛାଡ଼ି ଦିଆଯାଇଥିଲା ।

ଯଦି କୌଣସି ତରଫରେ ସାକ୍ଷ୍ୟ ଦିଆ ନ ଯାଏ ତେବେ ଖ ନିଜର ଦଖଲ ରଖିବାକୁ ହକଦାର ହେବେ ।

ଅତଏବ ପ୍ରମାଣର ଭାର କ ଉପରେ ରହିବ ।

(ଖ) ବନ୍ଧପତ୍ର ଉପରେ ପ୍ରାପ୍ୟଧନ ଲାଗି ଖ ଙ୍କ ବିରୁଦ୍ଧରେ କ ନାଲିସ୍ କରନ୍ତି । ସେହି ବନ୍ଧପତ୍ରର ନିଷ୍ପାଦନକୁ ସ୍ୱୀକାର କରାଯାଏ ମାତ୍ର ଖ କହନ୍ତି ଯେ ତାହା ପ୍ରବଞ୍ଚନା ପୂର୍ବକ ହାସଲ କରାଯାଇଥିଲା, ଏହା କ ଅସ୍ୱୀକାର କରନ୍ତି ।

ଯଦି କୌଣସି ପକ୍ଷରୁ ସାକ୍ଷ୍ୟ ଦିଆ ନ ଯାଏ ତେବେ କ କୃତକାର୍ଯ୍ୟ ହେବେ କାରଣ ବନ୍ଧପତ୍ର ବିବାଦଗ୍ରସ୍ତ ନୁହେଁ ଏବଂ ପ୍ରବଞ୍ଚନା ପ୍ରମାଣ ହେଲା ନାହିଁ ।

ଅତଏବ ପ୍ରମାଣର ଭାର ଖ ଉପରେ ରହିବ ।

ବିଶେଷ ତଥ୍ୟ ବିଷୟରେ ପ୍ରମାଣର ଭାର ।

103. କୌଣସି ତଥ୍ୟର ବିଦ୍ୟମାନତାକୁ ନ୍ୟାୟାଳୟ ବିଶ୍ୱାସ କରନ୍ତୁ ବୋଲି କୌଣସି ବ୍ୟକ୍ତି ପ୍ରାର୍ଥନା କରିଥିଲେ ସେହି ତଥ୍ୟର ପ୍ରମାଣର ଭାର, କୌଣସି ବିଶେଷ ବ୍ୟକ୍ତିଙ୍କ ଉପରେ ରହିଛି ବୋଲି କୌଣସି ବିଧିରେ ବ୍ୟବସ୍ଥା ନ ଥିଲେ, ସେପରି ପ୍ରାର୍ଥନା କରୁଥିବା ବ୍ୟକ୍ତିଙ୍କ ଉପରେ ହିଁ ରହିବ ।

ଦୃଷ୍ଟାନ୍ତ

(କ) ଚୋରି ଲାଗି ଖ ଙ୍କ ବିରୁଦ୍ଧରେ କ ଅଭିଯୋଜନ କରନ୍ତି ଏବଂ ଗ ନିକଟରେ ଖ ଚୋରି କରିଥିବା ସ୍ୱୀକାର କରିଥିଲେ ବୋଲି ବିଶ୍ୱାସ କରିବାକୁ ନ୍ୟାୟାଳୟଙ୍କୁ ପ୍ରାର୍ଥନା କରନ୍ତି । କ ହିଁ ସେହି ସ୍ୱୀକୃତିକୁ ପ୍ରମାଣ କରିବେ ।

ପ୍ରଶ୍ନାଧୀନ ସମୟରେ ନିଜେ ଅନ୍ୟତ୍ର ଥିଲେ ବୋଲି ବିଶ୍ୱାସ କରିବାକୁ ଖ ନ୍ୟାୟାଳୟଙ୍କୁ ପ୍ରାର୍ଥନା କରନ୍ତି । ତାଙ୍କୁ ହିଁ ଏହା ପ୍ରମାଣ କରିବାକୁ ହେବ ।

ସାକ୍ଷ୍ୟ ଗ୍ରାହ୍ୟ କରିବା ପାଇଁ ପ୍ରମାଣ କରାଯିବା ତଥ୍ୟର ପ୍ରମାଣର ଭାର ।

104. ଯଦି କୌଣସି ତଥ୍ୟର ସାକ୍ଷ୍ୟ ଦେବା ପାଇଁ କୌଣସି ବ୍ୟକ୍ତିକୁ ସମର୍ଥ କରିବା ସକାଶେ ଅନ୍ୟ କୌଣସି ତଥ୍ୟକୁ ପ୍ରମାଣ କରିବା ଆବଶ୍ୟକ ହୋଇଥାଏ ତେବେ ସେହି ଅନ୍ୟ ତଥ୍ୟକୁ ପ୍ରମାଣ କରିବାର ଭାର, ସାକ୍ଷ୍ୟ ଦେବାକୁ ଇଚ୍ଛୁକ ବ୍ୟକ୍ତି ଉପରେ ରହିବ ।

ଦୃଷ୍ଟାନ୍ତ

(କ) ଖ ଙ୍କ ଦ୍ୱାରା ଦିଆଯାଇଥିବା ଏକ ମୃତ୍ୟୁକାଳୀନ ଘୋଷଣାକୁ କ ପ୍ରମାଣ କରିବାକୁ ଇଚ୍ଛା କରନ୍ତି । କ ଙ୍କୁ ଖ ଙ୍କର ମୃତ୍ୟୁ ପ୍ରମାଣ କରିବାକୁ ହେବ ।

(ଖ) ଏକ ହଜି ଯାଇଥିବା ଦସ୍ତାବିଜର ବିଷୟବସ୍ତୁକୁ ଗୌଣ ସାକ୍ଷ୍ୟ ଦ୍ୱାରା ପ୍ରମାଣ କରିବାକୁ କ ଇଚ୍ଛା କରନ୍ତି ।

ସେହି ଦସ୍ତାବିଜ ହଜିଯାଇଛି ବୋଲି କ ଙ୍କୁ ପ୍ରମାଣ କରିବାକୁ ହେବ ।

ଅଭିଯୁକ୍ତର ମାମଲା ଯେ ବ୍ୟତିକ୍ରମର ଅନ୍ତର୍ଗତ ତାହାର ପ୍ରମାଣର ଭାର ।

105. ଯେତେବେଳେ କୌଣସି ବ୍ୟକ୍ତି କୌଣସି ଅପରାଧରେ ଅଭିଯୁକ୍ତ ହୁଅନ୍ତି ସେତେବେଳେ ସେହି ମାମଲା ଯେ ଭାରତୀୟ ଦଣ୍ଡ ସଂହିତାରେ ଥିବା ଯେକୌଣସି ସାଧାରଣ ବ୍ୟତିକ୍ରମର ଅନ୍ତର୍ଗତ, 1860ର 45 ଅଥବା ସେହି ସଂହିତାର ଅନ୍ୟ ଯେକୌଣସି ଅଂଶରେ ଥିବା ଯେକୌଣସି ବିଶେଷ ବ୍ୟତିକ୍ରମ ବା ପରନ୍ତୁକରେ ବା ସେହି ଅପରାଧକୁ ସଂଜ୍ଞାକୃତ କରୁଥିବା ଯେକୌଣସି ବିଧିରେ ଅନ୍ତର୍ଭୁକ୍ତ, ଏହା ବର୍ଣ୍ଣାଉଥିବା ପରିସ୍ଥିତିର ବିଦ୍ୟମାନତାକୁ ପ୍ରମାଣ କରିବାର ଭାର ତାହାଙ୍କ ଉପରେ ରହିବ ଏବଂ ନ୍ୟାୟାଳୟ ସେପରି ପରିସ୍ଥିତିର ଅନୁପସ୍ଥିତିକୁ ଉପଧାରଣା କରିବେ ।

ଦୃଷ୍ଟାନ୍ତ

(କ) ନରହତ୍ୟା ଅପରାଧରେ ଅଭିଯୁକ୍ତ କ ଅଭିକଥନ କରନ୍ତି ଯେ ସେ ମସ୍ତିଷ୍କ ବିକୃତି କାରଣରୁ ସେହି କାର୍ଯ୍ୟ କି ପ୍ରକାର ତାହା ଜାଣି ନ ଥିଲେ ।

ପ୍ରମାଣର ଭାର କ ଙ୍କ ଉପରେ ରହିବ ।

(ଖ) ନରହତ୍ୟା ଅପରାଧରେ ଅଭିଯୁକ୍ତ କ ଅଭିକଥନ କରନ୍ତି ଯେ ଗମ୍ଭୀର ଓ ସହସା ପ୍ରକୋପନ ଯୋଗୁଁ ସେ ଆତ୍ମ ନିୟନ୍ତ୍ରଣ ଶକ୍ତିରୁ ବଞ୍ଚିତ ହୋଇଥିଲେ ।

ପ୍ରମାଣର ଭାର କ ଙ୍କ ଉପରେ ରହିବ ।

(ଖ) ଭାରତୀୟ ଦଣ୍ଡ ସଂହିତାର ଧାରା ୩୨୫ରେ ଉପବନ୍ଧିତ ହୋଇଛି ଯେ ଯେକେହି ଧାରା ୩୩୫ରେ ଉପବନ୍ଧିତ ହୋଇଥିବା ଅବସ୍ଥା ବ୍ୟତିରେକେ ସ୍ୱେଚ୍ଛାପୂର୍ବକ ଗୁରୁ ଆଘାତ କରନ୍ତି ସେ କେତେକ ଦଣ୍ଡ ଭୋଗିବା ପାଇଁ ଦାୟୀ ହେବେ । 1860ର 45

ଧାରା 325 ଅଧୀନରେ ସ୍ୱେଚ୍ଛାପୂର୍ବକ ଗୁରୁ ଆଘାତ କରିଥିବା ହେତୁ କ କୁ ଦୋଷାରୋପ କରାଯାଏ ।

ଏହି ମାମଲାକୁ ଧାରା ୩୩୫ ଅଧୀନକୁ ଆଣୁଥିବା ପରିସ୍ଥିତିକୁ ପ୍ରମାଣ କରିବା ଭାର କଙ୍କ ଉପରେ ରହିବ ।

ବିଶେଷ ଭାବରେ ଜ୍ଞାନଗର୍ଭିତ ତଥ୍ୟର ପ୍ରମାଣର ଭାର ।

106. ଯେତେବେଳେ କୌଣସି ତଥ୍ୟ ବିଶେଷ ଭାବରେ କୌଣସି ବ୍ୟକ୍ତିଙ୍କର ଜ୍ଞାନଗର୍ଭିତ ଥାଏ ସେତେବେଳେ ସେହି ତଥ୍ୟର ପ୍ରମାଣର ଭାର ତାହାଙ୍କ ଉପରେ ରହେ ।

ଦୃଷ୍ଟାନ୍ତ

(କ) କୌଣସି କାର୍ଯ୍ୟର ଧରଣ ଓ ପରିସ୍ଥିତି ଯେଉଁ ଆଶୟର ଆଭାସ ଦିଏ ତାହା ଭିନ୍ନ ଅନ୍ୟ ଆଶୟ ରଖି ଯେତେବେଳେ କୌଣସି ବ୍ୟକ୍ତି ସେହି କାର୍ଯ୍ୟ କରନ୍ତି ସେତେବେଳେ ସେହି ଆଶୟକୁ ପ୍ରମାଣ କରିବା ଭାର ତାହାଙ୍କ ଉପରେ ରହିବ ।

(ଖ) ରେଳବାଇରେ ଟିକଟ ବିନା ଯାତ୍ରା କରିବା ଅପରାଧରେ କଙ୍କୁ ଦୋଷାରୋପ କରାଯାଏ । ତାହାଙ୍କ ପାଖରେ ଟିକଟ ଥିଲା ବୋଲି ପ୍ରମାଣ କରିବା ଭାର ତାହାଙ୍କ ଉପରେ ରହିବ ।

ତିରିଶ ବର୍ଷ ମଧ୍ୟରେ ଜୀବିତ ଅଛନ୍ତି ବୋଲି ଜଣା ବ୍ୟକ୍ତିଙ୍କ ମୃତ୍ୟୁର ପ୍ରମାଣର ଭାର ।

107. ଯେତେବେଳେ କୌଣସି ବ୍ୟକ୍ତି ଜୀବିତ ନା ମୃତ ବୋଲି ପ୍ରଶ୍ନ ହୁଏ ଏବଂ ତିରିଶ ବର୍ଷ ମଧ୍ୟରେ ସେ ଜୀବିତ ଥିଲେ ବୋଲି ଦର୍ଶାଇ ଦିଆଯାଏ ସେତେବେଳେ ସେ ମୃତ ବୋଲି ପ୍ରତିଜ୍ଞାନ କରୁଥିବା ବ୍ୟକ୍ତିଙ୍କ ଉପରେ ପ୍ରମାଣର ଭାର ରହିବ ।

ସାତ ବର୍ଷ ହେଲା ଯେଉଁ ବ୍ୟକ୍ତିଙ୍କ ବିଷୟରେ କିଛି ଶୁଣା-ଯାଇନାହିଁ ସେ ଜୀବିତ ଅଛନ୍ତି ବୋଲି ପ୍ରମାଣର ଭାର ।

108. ପରନ୍ତୁ ଯେତେବେଳେ କୌଣସି ବ୍ୟକ୍ତି ଜୀବିତ ନା ମୃତ ବୋଲି ପ୍ରଶ୍ନ ହୁଏ ଏବଂ ପ୍ରମାଣିତ କରାଯାଏ ଯେ ଯଦି ସେ ଜୀବିତ ଥାନ୍ତେ ଯେଉଁମାନେ ସ୍ୱାଭାବିକ ଭାବରେ ତାହାଙ୍କ ବିଷୟରେ ଶୁଣିଥାନ୍ତେ ସେହିମାନେ ସାତ ବର୍ଷ ହେଲା ସେପରି କିଛି ଶୁଣି ନାହାନ୍ତି ସେତେବେଳେ ସେ ଜୀବିତ ଅଛନ୍ତି ବୋଲି ଯେଉଁ ବ୍ୟକ୍ତି ପ୍ରତିଜ୍ଞାନ କରୁଥାନ୍ତି ତାହାଙ୍କ ପାଖକୁ ପ୍ରମାଣ କରିବାର ଭାର ସ୍ଥାନାନ୍ତରିତ ହେବ ।

ଅଂଶୀଦାରମାନଙ୍କ ମଧ୍ୟରେ ଭୂସ୍ୱାମୀ ଓ ରୟତଙ୍କ ମଧ୍ୟରେ ମାଲିକ ଓ ଏଜେଣ୍ଟଙ୍କ ମଧ୍ୟରେ ଥିବା ସମ୍ପର୍କ ବିଷୟକ ପ୍ରମାଣର ଭାର ।

109. ଯେତେବେଳେ ପ୍ରଶ୍ନ ହୁଏ ଯେ କେତେକ ବ୍ୟକ୍ତି ଭାଗୀଦାର, ଭୂସ୍ୱାମୀ, ଓ ରୟତ ବା ମାଲିକ ଓ ଏଜେଣ୍ଟ ଅଟନ୍ତି କି ଏବଂ ସେମାନେ ସେହି ରୂପେ କାର୍ଯ୍ୟ କରି ଆସୁଛନ୍ତି ବୋଲି ଦର୍ଶାଇ ଦିଆଯାଏ ସେତେବେଳେ ସେମାନଙ୍କ ଆପଣା ଭିତରେ ସମ୍ପର୍କ ଯେ ସେପରି ନୁହେଁ ବା ଆଉ ସେପରି ନାହିଁ ତାହା ପ୍ରତିଜ୍ଞାନ କରୁଥିବା ବ୍ୟକ୍ତିଙ୍କ ଉପରେ ତାହାର ପ୍ରମାଣର ଭାର ରହିବ ।

ମାଲିକାନା ବିଷୟକ ପ୍ରମାଣର ଭାର ।

110. ଯେଉଁ ବସ୍ତୁ କୌଣସି ବ୍ୟକ୍ତିଙ୍କ ଦଖଲରେ ଥିବା ଦର୍ଶାଯାଏ ସେ ସେହି ବସ୍ତୁର ମାଲିକ ଅଟନ୍ତି କି ନାହିଁ ବୋଲି ଯେତେବେଳେ ପ୍ରଶ୍ନ ହୁଏ ସେତେବେଳେ ସେ ମାଲିକ ନୁହନ୍ତି ବୋଲି ପ୍ରମାଣ କରିବା ଭାର ଯେଉଁ ବ୍ୟକ୍ତି ମାଲିକ ନୁହନ୍ତି ବୋଲି ପ୍ରତିଜ୍ଞାନ କରନ୍ତି ତାହାଙ୍କ ଉପରେ ରହିବ ।

ଯେଉଁ କାରବାରରେ ଗୋଟିଏ ପକ୍ଷ ସକ୍ରିୟ ଆସ୍ଥାବାନ ହୋଇଥାନ୍ତି ତହିଁରେ ସଦ୍‌ବିଶ୍ୱାସର ପ୍ରମାଣ ।

111. ପକ୍ଷମାନଙ୍କ ମଧ୍ୟରୁ ଗୋଟିଏ ପକ୍ଷ ଅନ୍ୟ ପ୍ରତି ସକ୍ରିୟ ଆସ୍ଥାବାନ ଥିବା ହେତୁ ସେମାନଙ୍କ ମଧ୍ୟରେ କାରବାରରେ ସଦ୍‌ବିଶ୍ୱାସ ଥିଲା କି ନାହିଁ ବୋଲି ଯେତେବେଳେ ପ୍ରଶ୍ନ ହୁଏ ସେତେବେଳେ ସେହି କାରବାରର ସଦ୍‌ବିଶ୍ୱାସକୁ ପ୍ରମାଣ କରିବା ଭାର ସକ୍ରିୟ ଆସ୍ଥାବାନ ପକ୍ଷଙ୍କ ଉପରେ ରହିବ ।

ଦୃଷ୍ଟାନ୍ତ

(କ) କୌଣସି ମକ୍କେଲ କରିଥିବା ମକଦ୍ଦମାରେ, ସେହି ମକ୍କେଲ ଏଟର୍ଣ୍ଣିଙ୍କୁ କରିଥିବା ବିକ୍ରୟରେ ସଦ୍‌ବିଶ୍ୱାସ ଥିଲା କି ନାହିଁ ବୋଲି ପ୍ରଶ୍ନ ହୁଏ । ସେହି କାରବାରରେ ସଦ୍‌ବିଶ୍ୱାସ ପ୍ରମାଣ କରିବା ଭାର ସେହି ଏଟର୍ଣ୍ଣିଙ୍କ ଉପରେ ରହିବ ।

(ଖ) ସଦ୍ୟ ବୟଃପ୍ରାପ୍ତ ପୁତ୍ର କରିଥିବା ମକଦ୍ଦମାରେ, ସେହି ପୁତ୍ର ପିତାଙ୍କୁ କରିଥିବା ବିକ୍ରୟରେ ସଦ୍‌ବିଶ୍ୱାସ ଥିଲା କି ନାହିଁ ବୋଲି ପ୍ରଶ୍ନ ହୁଏ । ସେହି କାରବାରରେ ସଦ୍‌ବିଶ୍ୱାସ ପ୍ରମାଣ କରିବା ଭାର ପିତାଙ୍କ ଉପରେ ରହିବ ।

କେତେକ ଅପରାଧ ବିଷୟରେ ଉପଧାରଣା.

111. (କ) (1) ଯେଉଁଠାରେ ଜଣେ ବ୍ୟକ୍ତି:—

(କ) ବିଶୃଙ୍ଖଳା ଦମନ ଓ ସାଧାରଣ ଶୃଙ୍ଖଳାର ପୁନଃସ୍ଥାପନ ତଥା ରକ୍ଷଣ ପାଇଁ ବ୍ୟବସ୍ଥା କରି ତତ୍‌ସମୟେ ପ୍ରବୃତ୍ତ କୌଣସି ଅଧିନିୟମର ଅନୁଯାୟୀ ଗୋଳମାଳଗ୍ରସ୍ତ କ୍ଷେତ୍ରରୂପେ ଘୋଷିତ କୌଣସି କ୍ଷେତ୍ରରେ, କିମ୍ବା

(ଖ) ଏକ ମାସରୁ ଅଧିକ କାଳାବଧି ଧରି ଲୋକଶାନ୍ତିର ବ୍ୟାପକ ଗୋଳମାଳ ଲାଗି ରହିଥିବା କୌଣସି କ୍ଷେତ୍ରରେ,

ଉପଧାରା (2) ରେ ନିର୍ଦ୍ଦିଷ୍ଟ କୌଣସି ଅପରାଧ କରିଥିବା ଯୋଗୁଁ ଅଭିଯୁକ୍ତ ହୁଅନ୍ତି ଏବଂ ଏହା ଦର୍ଶାଯାଇଥାଏ ଯେ ସେପରି ବ୍ୟକ୍ତି ସେପରି କ୍ଷେତ୍ରର କୌଣସି ଏକ ସ୍ଥାନରେ କୌଣସି ଏକ ସମୟରେ ଥିଲେ ଯେତେବେଳେ କି, କୌଣସି ସଶସ୍ତ୍ର ବଳର ସଦସ୍ୟମାନଙ୍କୁ ବା ସାଧାରଣ ଶୃଙ୍ଖଳା ରକ୍ଷଣ ଦାୟିତ୍ୱରେ ଥାଇ ନିଜ କର୍ତ୍ତବ୍ୟ ସଂପାଦନ ପାଇଁ କାର୍ଯ୍ୟ କରୁଥିବା ସଶସ୍ତ୍ର ବଳକୁ ଆକ୍ରମଣ ବା ପ୍ରତିରୋଧ କରିବାକୁ ସେହି ସ୍ଥାନରେ ବା ସେହି ସ୍ଥାନରୁ ଅସ୍ତ୍ରଶସ୍ତ୍ର ବା ବିସ୍ଫୋରକମାନ ବ୍ୟବହାର କରାଯାଇଥିଲା, ସେ ସ୍ଥଳେ ବିପରୀତ ଦର୍ଶା ନ ଯିବା ପର୍ଯ୍ୟନ୍ତ, ସେପରି ବ୍ୟକ୍ତି ସେପରି ଅପରାଧ କରିଛନ୍ତି ବୋଲି ଉପଧାରଣା କରାଯିବ ।

(2) ଉପଧାରା (1) ରେ ଉଲ୍ଲିଖିତ ଅପରାଧଗୁଡ଼ିକ ନିମ୍ନରେ ଦିଆଗଲା,

ନାମତଃ :—

(କ) ଭାରତୀୟ ଦଣ୍ଡ ସଂହିତାର ଧାରା 121, ଧାରା 121 (କ), ଧାରା 122 କିମ୍ବା ଧାରା 123 ଅନୁଯାୟୀ ଏକ ଅପରାଧ ; 1860ର 45

(ଖ) ଆପରାଧିକ ଷଡ଼ଯନ୍ତ୍ର କିମ୍ବା ଭାରତୀୟ ଦଣ୍ଡ ସଂହିତାର ଧାରା 122 କିମ୍ବା ଧାରା 123 ଅନୁଯାୟୀ ଏକ ଅପରାଧ କରିବା ପାଇଁ ଉଦ୍ୟମ କିମ୍ବା ଦୁଷ୍ପ୍ରବର୍ତ୍ତନା । 1860ର 45

ବୈବାହିକ ଅବସ୍ଥାରେ ଜନ୍ମଗ୍ରହଣ କରିବା, ବୈଧତାର ନିଶ୍ଚାୟକ ପ୍ରମାଣ ହେବ ।

112. ଜଣକର ମାତା ଓ କୌଣସି ପୁରୁଷ ମଧ୍ୟରେ ବିଧିସମ୍ମତ ବିବାହ ପ୍ରଚଳିତ ଥିବା କାଳରେ ବା ଉକ୍ତ ବିବାହର ବିଘଟନର ପରବର୍ତ୍ତୀ ଦୁଇ ଶହ ଅଶୀ ଦିନ ମଧ୍ୟରେ ଅଥଚ ମାତା ଅବିବାହିତା ଥିବା ଅବସ୍ଥାରେ କୌଣସି ବ୍ୟକ୍ତି ଜନ୍ମ ହୋଇଥିଲେ, ଏହି ତଥ୍ୟ, ଯେ ଯେଉଁ ସମୟରେ ଗର୍ଭଧାରଣ ହୋଇଥିବ ସେହି ସମୟରେ ବିବାହର ଉଭୟ ପକ୍ଷଙ୍କ ମଧ୍ୟରେ କୌଣସି ଅଭିଗମନ ଥିଲା ବୋଲି ଦର୍ଶା ହୋଇ ନ ପାରିଲେ, ସେ ସେହି ପୁରୁଷଙ୍କର ବୈଧ ପୁତ୍ର ବୋଲି ଏକ ନିଶ୍ଚାୟକ ପ୍ରମାଣ ହେବ ।

ଭୂଖଣ୍ଡର ଅଧ୍ୟର୍ପଣର ପ୍ରମାଣ ।

113. ଭାରତ ଶାସନ ଅଧିନିୟମ, 1935ର ଭାଗ IIIର ପ୍ରାରମ୍ଭ ପୂର୍ବରୁ କୌଣସି ଭାରତୀୟ ରାଜ୍ୟ, ରାଜା ବା ଶାସକ ନିକଟକୁ ବ୍ରିଟିଶ ରାଜ୍ୟକ୍ଷେତ୍ରର କୌଣସି ଅଂଶ ଅଧ୍ୟର୍ପିତ ହୋଇଅଛି ବୋଲି ସରକାରୀ ଗେଜେଟରେ କୌଣସି ଅଧିସୂଚନା ନିଶ୍ଚାୟକ ପ୍ରମାଣ ହେବ ଯେ ଯେପରି ରାଜ୍ୟକ୍ଷେତ୍ରର ବିଧିମାନ୍ୟ ଅଧ୍ୟର୍ପଣ ସେପରି ଅଧିସୂଚନାରେ ବର୍ଣ୍ଣିତ ତାରିଖରେ କରାଯାଇଥିଲା ।

ବିବାହିତା ନାରୀକୁ ଆତ୍ମହତ୍ୟା କରିବାକୁ ଦୁଷ୍ପ୍ରେରଣା ଦେବା ବିଷୟରେ ଉପଧାରଣା ।

113. କ ଯେତେବେଳେ କୌଣସି ନାରୀକୁ ଆତ୍ମହତ୍ୟା କରିବାକୁ ତାହାଙ୍କର ସ୍ୱାମୀ ବା ତାହାଙ୍କ ସ୍ୱାମୀଙ୍କର କୌଣସି ବାନ୍ଧବ ଦୁଷ୍ପ୍ରେରଣା ଦେଇ ଥିଲେ କି ନାହିଁ ବୋଲି ପ୍ରଶ୍ନ ହୁଏ ଏବଂ ଦର୍ଶାଇ ଦିଆଯାଏ ଯେ ସେ ତାହାଙ୍କ ବିବାହ ତାରିଖର ସାତ ବର୍ଷ କାଳାବଧି ମଧ୍ୟରେ ଆତ୍ମହତ୍ୟା କରିଛନ୍ତି ଓ ତାହାଙ୍କର ସ୍ୱାମୀ ବା ତାହାଙ୍କ ସ୍ୱାମୀଙ୍କର ସେହି ବାନ୍ଧବ ତାହାଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରିଥିଲେ, ସେତେବେଳେ ନ୍ୟାୟାଳୟ, ଉକ୍ତ ମାମଲାର ଅନ୍ୟ ସମସ୍ତ ପରିସ୍ଥିତିକୁ ଦୃଷ୍ଟିଦେବା ପରେ, ଉପଧାରଣା କରିପାରିବେ ଯେ ସେପରି ଆତ୍ମହତ୍ୟା ପାଇଁ ତାହାଙ୍କର ସ୍ୱାମୀ ବା ତାହାଙ୍କ ସ୍ୱାମୀଙ୍କର ସେହି ବାନ୍ଧବ ଦୁଷ୍ପ୍ରେରଣା ଦେଇଥିଲେ ।

**ସ୍ପଷ୍ଟୀକରଣ**—ଏହି ଧାରା ଉଦ୍ଦେଶ୍ୟରେ "ନିଷ୍ଠୁରତା"ର ଯେଉଁ ଅର୍ଥ ଭାରତୀୟ 1960ର 45
ଦଣ୍ଡ ସଂହିତାର ଧାରା 498-କ ରେ ଅଛି, ସେହି ଏକା ଅର୍ଥ ହେବ ।

ଯୌତୁକଜନିତ ମୃତ୍ୟୁ-ନେଇ ଉପଧାରଣା ।

113, ଖ. ଯେତେବେଳେ କୌଣସି ବ୍ୟକ୍ତି କୌଣସି ନାରୀଙ୍କର ଯୌତୁକଜନିତ ମୃତ୍ୟୁ ଘଟାଇଛନ୍ତି ବୋଲି ପ୍ରଶ୍ନ ହୁଏ ଓ ତାଙ୍କ ମୃତ୍ୟୁର କିଛି କାଳ ପୂର୍ବରୁ ସେହି ନାରୀ ଯୌତୁକ ଦାବି ପାଇଁ ବା ଯୌତୁକ ଦାବି ସଂକ୍ରାନ୍ତରେ ସେହି ବ୍ୟକ୍ତିଙ୍କ ଦ୍ୱାରା ନିଷ୍ଠୁରତା ଓ ହରକତର ଶିକାର ହୋଇଥିଲେ ବୋଲି ଦର୍ଶାଯାଏ ତେବେ ସେହି ବ୍ୟକ୍ତି ଯୌତୁକଜନିତ ମୃତ୍ୟୁ ଘଟାଇଥିଲେ ବୋଲି ନ୍ୟାୟାଳୟ ଉପଧାରଣା କରିବେ ।

**ସ୍ପଷ୍ଟୀକରଣ**— ଏହି ଧାରାର ଉଦ୍ଦେଶ୍ୟ ନିମନ୍ତେ, "ଯୌତୁକଜନିତ ମୃତ୍ୟୁ" ର ଅର୍ଥ 1860ର 45
ଭାରତୀୟ ଦଣ୍ଡ ସଂହିତାର ଧାରା 304 ଖ ରେ ଯାହା ଅଛି ତାହା ହେବ ।

ନ୍ୟାୟାଳୟ କେତେକ ତଥ୍ୟର ବିଦ୍ୟମାନତାର ଉପଧାରଣା କରିପାରିବେ ।

114. ଏକ ନିର୍ଦ୍ଦିଷ୍ଟ ମାମଲାର ତଥ୍ୟ ସଂକ୍ରାନ୍ତ ସ୍ୱାଭାବିକ ଘଟଣାଚକ୍ର, ମାନବୀୟ ଆଚରଣ ତଥା ସାର୍ବଜନୀନ ଓ ଘରୋଇ କାରବାର ଦୃଷ୍ଟିରୁ ଯେଉଁ ତଥ୍ୟ ଘଟିଥାଇ ପାରେ ବୋଲି ସ୍ୱୟଂ ବିଚାର କରିବେ, ନ୍ୟାୟାଳୟ ସେହି ତଥ୍ୟ ବିଦ୍ୟମାନ ଅଛି ବୋଲି ଉପଧାରଣା କରିପାରିବେ ।

ଦୃଷ୍ଟାନ୍ତ

ନ୍ୟାୟାଳୟ ଉପଧାରଣା କରିପାରିବେ ଯେ—

(କ) ଚୋରି ହେବାର ଠିକ୍ ପରେ ଯେଉଁ ବ୍ୟକ୍ତିଙ୍କ ଦଖଲରେ ଚୋରି ମାଲ ଥାଏ ସେ ତାହାଙ୍କର ଦଖଲ ନେଇ କାରଣ ଦର୍ଶାଇ ନ ପାରିଲେ ସେ ଏକେତ ଚୋର ଅଥବା ସେ ମାଲକୁ ଚୋରି ହୋଇଥିବାର ଜାଣି ଗ୍ରହଣ କରିଛନ୍ତି ;

(ଖ) ସାରବାନ ସବିଶେଷ ବିବରଣୀଗୁଡ଼ିକରେ ସହଅପରାଧୀକୁ ସଂପୁଷ୍ଟ କରା ନ ଗଲେ ସେ ପ୍ରତ୍ୟୟ ଯୋଗ୍ୟ ନୁହନ୍ତି ;

(ଗ) କୌଣସି ଗୃହୀତ ବା ପୃଷ୍ଠାଙ୍କିତ ବିନିମୟପତ୍ର ସମୁଚିତ ପ୍ରତିଫଳରେ ଗୃହୀତ ବା ପୃଷ୍ଠାଙ୍କିତ ହୋଇଛି ;

(ଘ) ଯେଉଁ କାଳାବଧି ମଧ୍ୟରେ କୌଣସି ବିଷୟ ବା ବିଷୟର ଅବସ୍ଥା ପ୍ରାୟଶଃ ଅବିଦ୍ୟମାନ ହୋଇଯାଏ ଯଦି ତାହାଠାରୁ କ୍ଷୁଦ୍ରତର କାଳାବଧି ମଧ୍ୟରେ ସେପରି ବିଷୟ ବା ବିଷୟର ଅବସ୍ଥାକୁ ବିଦ୍ୟମାନ ରହିଥିବାର ଦର୍ଶାଇ ଦିଆଯାଇଥାଏ, ତାହା ତଥାପି ବିଦ୍ୟମାନ ଅଛି ;

(ଙ) ନ୍ୟାୟିକ ଓ ସରକାରୀ କାର୍ଯ୍ୟଗୁଡ଼ିକ ନିୟମିତ ରୂପେ ସଂପାଦନ କରାଯାଇଅଛି ;

(ଚ) ନିର୍ଦ୍ଦିଷ୍ଟ ମାମଲାଗୁଡ଼ିକରେ କାରବାରର ସାମାନ୍ୟ ଅନୁକ୍ରମ ଅନୁସୃତ ହୋଇଅଛି ;

(ଛ) ଯେଉଁ ସାକ୍ଷ୍ୟ ଦିଆଯାଇ ପାରିଥାନ୍ତା କିନ୍ତୁ ଦିଆଯାଇ ନ ଥାଏ ତାହା ଯଦି ଦିଆଯାଏ, ତେବେ ସେ ତାହାକୁ ଅଟକାଇ ରଖିଥିବେ ତାହାଙ୍କ ପ୍ରତି ତାହା ପ୍ରତିକୂଳ ହେବ ;

(ଜ) କୌଣସି ବ୍ୟକ୍ତି ଯେଉଁ ପ୍ରଶ୍ନର ଉତ୍ତର ଦେବାକୁ ବିଧିଦ୍ୱାରା ବାଧ୍ୟ ନୁହନ୍ତି ଯଦି ସେ ସେହି ପ୍ରଶ୍ନର ଉତ୍ତର ଦେବାକୁ ପ୍ରତ୍ୟାଖ୍ୟାନ କରନ୍ତି ତେବେ ସେ ସେହି ଉତ୍ତର ଦେଲେ, ତାହା ତାହାଙ୍କ ପ୍ରତି ପ୍ରତିକୂଳ ହେବ ;

(ଝ) ଯେତେବେଳେ ବାଧ୍ୟତା ସୃଷ୍ଟି କରୁଥିବା କୌଣସି ଦସ୍ତାବିଜ ବାଧ୍ୟତାଧାରୀଙ୍କ ପାଖରେ ଥାଏ ସେତେବେଳେ ସେହି ବାଧ୍ୟତା ଉନ୍ମୋଚିତ ହୋଇଯାଇଛି ।

ମାତ୍ର ନ୍ୟାୟାଳୟ ସମକ୍ଷରେ ଥିବା ନିର୍ଦ୍ଦିଷ୍ଟ ମାମଲା ପ୍ରତି ସେହି ନୀତି ପ୍ରଯୋଜ୍ୟ କି ନାହିଁ ବୋଲି ବିଚାର କରିବାରେ ନ୍ୟାୟାଳୟ ନିମ୍ନଲିଖିତ ତଥ୍ୟଗୁଡ଼ିକ ପ୍ରତି ଧ୍ୟାନ ଦେବେ :—

ଦୃଷ୍ଟାନ୍ତ (କ) ବିଷୟରେ—ଏକ ଚିହ୍ନିତ ଟଙ୍କା ଚୋରି ହୋଇଥିବା ପରେ ତାହା ଜଣେ ଦୋକାନୀର ଟଙ୍କା ରଖିବା ବାକ୍ସରେ ଅଛି ଏବଂ ସେହି ଟଙ୍କା ବିଷୟରେ ସେ ବିନିର୍ଦ୍ଦିଷ୍ଟ ଭାବରେ କୈଫିୟତ ଦେଇ ପାରୁ ନାହାନ୍ତି ମାତ୍ର ସେ ନିଜ କାରବାର କ୍ରମେ ଅବିଚ୍ଛିନ୍ନଭାବରେ ଟଙ୍କା ଗ୍ରହଣ କରୁଅଛନ୍ତି :

ଦୃଷ୍ଟାନ୍ତ (ଖ) ବିଷୟରେ—କେତେକ ଯନ୍ତ୍ରପାତିକୁ ସଜାଡ଼ିବାରେ ଅବହେଳାଜନକ ଏକ କାର୍ଯ୍ୟ ଦ୍ୱାରା ଜଣେ ଲୋକର ମୃତ୍ୟୁ ଘଟାଇବାରୁ ଜଣେ ଅତ୍ୟନ୍ତ ଚରିତ୍ରବାନ ବ୍ୟକ୍ତି କ ଙ୍କର ବିଚାରଣ ହେଉଛି । ସେହି ସଜାଡ଼ିବାରେ ମଧ୍ୟ ଅଂଶ ଗ୍ରହଣ କରିଥିବା ଅନୁରୂପ ଚରିତ୍ରସଂପନ୍ନ ବ୍ୟକ୍ତି ଖ, ଯାହା ଘଟିଥିଲା ସେ ବିଷୟରେ ଯଥାଯଥ ବର୍ଣ୍ଣନା କରନ୍ତି ଏବଂ କ ଙ୍କର ଓ ତାହାଙ୍କର ସାଧାରଣ ଅସତର୍କତାକୁ ସ୍ୱୀକାର କରନ୍ତି ତଥା ବୁଝାଇ ଦିଅନ୍ତି :

ଦୃଷ୍ଟାନ୍ତ (ଗ) ବିଷୟରେ—କେତେକ ବ୍ୟକ୍ତି କୌଣସି ଅପରାଧ କରନ୍ତି । ଅପରାଧୀମାନଙ୍କ ମଧ୍ୟରୁ ତିନିଜଣ କ, ଖ ଓ ଗ ଘଟଣା ସ୍ଥଳରେ ଧରାପଡ଼ନ୍ତି ଏବଂ ସେମାନଙ୍କୁ ପରସ୍ପରଠାରୁ ଅଲଗା ରଖାଯାଏ । ପ୍ରତ୍ୟେକେ ଘକୁ ସଂଶ୍ଳିଷ୍ଟ କରି ବିବରଣୀ ଦିଅନ୍ତି ଏବଂ ସେହି ବିବରଣୀଗୁଡ଼ିକ ଏପରି ରୀତିରେ ପରସ୍ପରକୁ ସଂପୁଷ୍ଟ କରେ ଯେ ତାହା ସେମାନଙ୍କର ପୂର୍ବରୁ ଏକଜୁଟ ହୋଇଥିବା ବିଷୟକୁ ଅତିଶୟ ଅନଭିସମ୍ଭାବ୍ୟ କରେ :

ଦୃଷ୍ଟାନ୍ତ (ଘ) ବିଷୟରେ—କୌଣସି ହୁଣ୍ଡିଦାତା କ ଜଣେ ବ୍ୟବସାୟୀ ଅଟନ୍ତି । ହୁଣ୍ଡିଗ୍ରହୀତା ଖ ଜଣେ ଯୁବକ ଓ ଅଜ୍ଞ ବ୍ୟକ୍ତି ଏବଂ କଙ୍କର ସଂପୂର୍ଣ୍ଣ ପ୍ରଭାବାଧୀନ :

ଦୃଷ୍ଟାନ୍ତ (ଙ) ବିଷୟରେ—ଏହା ପ୍ରମାଣ କରାଯାଏ ଯେ ପାଞ୍ଚ ବର୍ଷ ପୂର୍ବେ ଏକ ନଦୀ ନିର୍ଦ୍ଦିଷ୍ଟ ମାର୍ଗରେ ପ୍ରବାହିତ ହେଉଥିଲା । ସେହି ସମୟରୁ ବନ୍ୟା ହୋଇଥିବା ଜଣାଯାଏ, ଯାହାକି ତାହାର ମାର୍ଗକୁ ପରିବର୍ତ୍ତନ କରିଥାଇପାରେ :

ଦୃଷ୍ଟାନ୍ତ (ଚ) ବିଷୟରେ—ଯେଉଁ ନ୍ୟାୟିକ କାର୍ଯ୍ୟର ନିୟମିତତା ପ୍ରଶ୍ନାଧୀନ ଥାଏ ତାହା ଅସାଧାରଣ ପରିସ୍ଥିତିରେ ସଂପାଦିତ ହୋଇଥିଲା :

ଦୃଷ୍ଟାନ୍ତ (ଛ) ବିଷୟରେ—ପ୍ରଶ୍ନ ହେଉଛି, କୌଣସି ପତ୍ର ମିଳିଛି କି । ତାହା ଡାକରେ ପକାଯାଇଥିବା ଦର୍ଶିତ କରାଯାଏ, ମାତ୍ର ଗୋଳମାଳ ଯୋଗୁଁ ଡାକର ସାଧାରଣ ଅନୁକ୍ରମରେ ବିଘ୍ନ ଘଟିଥିଲା :

ଦୃଷ୍ଟାନ୍ତ (ଜ) ବିଷୟରେ—ଅଳ୍ପ ଗୁରୁତ୍ୱପୂର୍ଣ୍ଣ ଯେଉଁ ଚୁକ୍ତି ଉପରେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ମକଦ୍ଦମା କରାଯାଏ ତାହା ଉପରେ ଯେଉଁ ଦସ୍ତାବିଜର ପ୍ରଭାବ ପଡ଼େ ସେ ତାହାକୁ ପେଶ୍ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ମାତ୍ର ତାହା ତାଙ୍କ ପରିବାରର ମନୋଭାବ ଓ ସୁଖ୍ୟାତିକୁ ମଧ୍ୟ ଆଘାତ କରିପାରେ :

ଦୃଷ୍ଟାନ୍ତ (ଝ) ବିଷୟରେ—ଯେଉଁ ପ୍ରଶ୍ନର ଉତ୍ତର ଦେବାକୁ କୌଣସି ବ୍ୟକ୍ତି ବିଧିତଃ ବାଧ୍ୟ ନୁହଁନ୍ତି ସେ ତାହାର ଉତ୍ତର ଦେବାକୁ ପ୍ରତ୍ୟାଖ୍ୟାନ କରନ୍ତି ମାତ୍ର ଯେଉଁ ବିଷୟ ସଂପର୍କରେ ତାହା ପଚରା ଯାଉଥାଏ ତାହା ସହିତ ଅସମ୍ପର୍କିତ ବିଷୟ ତାହାଙ୍କର କ୍ଷତି ଘଟାଇ ପାରେ

ଦୃଷ୍ଟାନ୍ତ (ଝ) ବିଷୟରେ—ବାଧ୍ୟତାଧାରୀଙ୍କ ଦଖଲରେ ଏକ ବନ୍ଧପତ୍ର ଅଛି, ମାତ୍ର ମାମଲାର ପରିସ୍ଥିତି ଏପରି ଅଟେ ଯେ ସେ ତାହାକୁ ଚୋରି କରିଥାଇ ପାରନ୍ତି ।

ଧର୍ଷଣ ପାଇଁ କେତେକ ଅଭିଯୋଜନରେ ସମ୍ମତିର ଅନୁପସ୍ଥିତି ବିଷୟରେ ଉପଧାରଣା ।

114. (କ) ଭାରତୀୟ ଦଣ୍ଡ ସଂହିତାର ଧାରା 376ର ଉପଧାରା 2ର ଖଣ୍ଡ (କ) ବା ଖଣ୍ଡ (ଖ) ବା ଖଣ୍ଡ (ଗ) ବା ଖଣ୍ଡ (ଘ) ବା ଖଣ୍ଡ (ଙ) ବା ଖଣ୍ଡ (ଛ) ଅନୁଯାୟୀ ଧର୍ଷଣ ପାଇଁ କୌଣସି ଅଭିଯୋଜନରେ, ଯେଉଁଠି ଅଭିଯୁକ୍ତ ଯୌନ ସମ୍ଭୋଗ କରିଥିବା ପ୍ରମାଣିତ ହୁଏ ଏବଂ ଯେଉଁଠି ଧର୍ଷିତା ହୋଇଥିବା ଅଭିକଥିତ ହୋଇଥିବା ନାରୀଙ୍କ ସମ୍ମତି ବ୍ୟତିରେକେ ତାହା ହୋଇଥିଲା କି ନାହିଁ ସେ ସମ୍ମତି ଦେଇ ନ ଥିଲେ ବୋଲି ନ୍ୟାୟାଳୟଙ୍କ ସମକ୍ଷରେ ତାହାଙ୍କ ସାକ୍ଷ୍ୟରେ ସେ କହନ୍ତି କି ନାହିଁ ବୋଲି ପ୍ରଶ୍ନ ଉଠିଥାଏ, ତେବେ ନ୍ୟାୟାଳୟ ଉପଧାରଣା କରିବେ ଯେ ସେ ସମ୍ମତି ଦେଇ ନ ଥିଲେ । 1960 ର 45

## ଅଧ୍ୟାୟ VIII

### ଋନ୍ଧକ

ଋନ୍ଧନ

115. ଯେତେବେଳେ ଜଣେ ବ୍ୟକ୍ତି ତାହାଙ୍କର ଘୋଷଣା, କୃତି ବା ଅକୃତି ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କୁ କୌଣସି ବିଷୟକୁ ସାଚ୍ଚା ସତ୍ୟ ବୋଲି ବିଶ୍ୱାସ କରାନ୍ତି ବା ବିଶ୍ୱାସ କରିବାକୁ ଦିଅନ୍ତି ଓ ସେପରି ବିଶ୍ୱାସ ଉପରେ କାର୍ଯ୍ୟ କରିବାକୁ ଦିଅନ୍ତି ବା ଅନୁମତି ଦିଅନ୍ତି, ସେତେବେଳେ ସେ ନିଜେ ଓ ସେପରି ବ୍ୟକ୍ତି ବା ତାହାଙ୍କର ପ୍ରତିନିଧିଙ୍କ ମଧ୍ୟରେ ହୋଇଥିବା ଯେକୌଣସି ମକଦମା ବା କାର୍ଯ୍ୟବିଧିରେ ତାହାଙ୍କୁ ବା ତାହାଙ୍କର ପ୍ରତିନିଧିଙ୍କୁ ସେହି କଥାର ସତ୍ୟତାକୁ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ ଅନୁମତି ଦିଆଯିବ ନାହିଁ ।

### ଦୃଷ୍ଟାନ୍ତ

କୌଣସି ନିର୍ଦ୍ଦିଷ୍ଟ ଭୂମି କ ର ବୋଲି ବିଶ୍ୱାସ କରିବାକୁ କ ସାଶୟ ଓ ମିଥ୍ୟାରେ ଖ କୁ ପରିଚାଳିତ କରନ୍ତି ଏବଂ ତଦ୍ୱାରା ତାହାକୁ କ୍ରୟ କରିବା ନିମିତ୍ତ ତଥା ତାହା ପାଇଁ ଅର୍ଥ ପ୍ରଦାନ କରିବା ନିମିତ୍ତ ଖ କୁ ପ୍ରବର୍ତ୍ତାନ୍ତି ।

ତତ୍ପରେ ସେହି ଭୂମି କ ର ସମ୍ପତ୍ତି ହୋଇଯାଏ ଏବଂ ବିକ୍ରୟ ସମୟରେ ତାହାଙ୍କର କୌଣସି ସ୍ୱତ୍ୱ ନ ଥିଲା ବୋଲି ଦର୍ଶାଇ କ ସେହି ବିକ୍ରୟକୁ ନାକଚ କରିବାକୁ ଚେଷ୍ଟା କରନ୍ତି । ତାହାଙ୍କୁ ନିଜର ସ୍ୱତ୍ୱ ନ ଥିଲା ବୋଲି ପ୍ରମାଣ କରିବାକୁ ଦିଆଯିବ ନାହିଁ ।

ପ୍ରଜାଙ୍କର ତଥା ଦଖଲରେ ଥିବା ବ୍ୟକ୍ତିଙ୍କ ଲାଇସେନ୍ସ-ଦାତାଙ୍କର ଋନ୍ଧନ ।

116. ପ୍ରଜାସ୍ୱତ୍ୱ ଅବଧିବେଳେ କୌଣସି ସ୍ଥାବର ସମ୍ପତ୍ତିର ପ୍ରଜାଙ୍କ ଭୂସ୍ୱାମୀଧିକାରୀଙ୍କର ସେପରି ସ୍ଥାବର ସମ୍ପତ୍ତିରେ ସ୍ୱତ୍ୱ ଥିଲା ବୋଲି ପ୍ରଜାସ୍ୱତ୍ୱର ଅବିଚ୍ଛିନ୍ନତା ମଧ୍ୟରେ ସେହି ସମ୍ପତ୍ତିର ପ୍ରଜା ବା ସେହି ପ୍ରଜାଙ୍କ ମାଧ୍ୟମରେ ଦାବିଦାର ଥିବା ବ୍ୟକ୍ତିଙ୍କୁ ଅସ୍ୱୀକାର କରିବାକୁ ଦିଆଯିବ ନାହିଁ; ଏବଂ ଯେଉଁ ବ୍ୟକ୍ତି ସେହି ଭୂମିର ଦଖଲରେ ଥିବା ବ୍ୟକ୍ତିଙ୍କ ଲାଇସେନ୍ସ ବଳରେ କୌଣସି ସ୍ଥାବର ସମ୍ପତ୍ତିକୁ ଆସିଥାନ୍ତି ତାହାଙ୍କୁ, ଯେତେବେଳେ ସେପରି କୌଣସି ଲାଇସେନ୍ସ ଦିଆଗଲା ସେତେବେଳେ, ସେହି ବ୍ୟକ୍ତିଙ୍କର ଦଖଲ ସମ୍ବନ୍ଧୀୟ ସ୍ୱତ୍ୱ ଥିଲା ବୋଲି ଅସ୍ୱୀକାର କରିବାକୁ ଅନୁମତି ଦିଆଯିବ ନାହିଁ ।

ବିନିମୟ ପତ୍ରର ସ୍ୱୀକର୍ତ୍ତା, ଉପନିଧାତା ବା ଲାଇସେନ୍ସଦାତାଙ୍କ ଋନ୍ଧନ ।

117. କୌଣସି ବିନିମୟ ପତ୍ରଲେଖିବାକୁ ବା ତାହାକୁ ପୃଷ୍ଠାଙ୍କିତ କରିବାକୁ ଲେଖକଙ୍କର ପ୍ରାଧିକାର ଥିଲା ବୋଲି ଅସ୍ୱୀକାର କରିବା ପାଇଁ ସେପରି ବିନିମୟ ପତ୍ରର ସ୍ୱୀକର୍ତ୍ତାଙ୍କୁ ଅନୁମତି ଦିଆଯିବ ନାହିଁ କି କୌଣସି ଉପନିଧାନ ବା ଲାଇସେନ୍ସଦାତାଙ୍କୁ ତାହାଙ୍କ ଉପନିଧାତା ବା ଲାଇସେନ୍ସ-ଦାତାଙ୍କର ସେହି ଉପନିଧାନ ବା ଲାଇସେନ୍ସର ଆରମ୍ଭ ବେଳେ ସେପରି ଉପନିଧାନ କରିବାକୁ ବା ସେପରି ଲାଇସେନ୍ସ ଦେବାକୁ ପ୍ରାଧିକାର ଥିଲା, ଏହି ତଥ୍ୟକୁ ପ୍ରତ୍ୟାଖ୍ୟାନ କରିବାକୁ ଅନୁମତି ଦିଆଯିବ ନାହିଁ ।

ସ୍ପଷ୍ଟୀକରଣ—(1) କୌଣସି ବିନିମୟ ପତ୍ର ଯାହାଙ୍କ ଦ୍ୱାରା ଲେଖାଯାଇଛି ବୋଲି କୁହାଯାଉଥିବ ସେ ତାହାକୁ ପ୍ରକୃତରେ ଲେଖିଥିଲେ, ଏକଥାକୁ ଉକ୍ତ ବିନିମୟ ପତ୍ରର ସ୍ୱୀକର୍ତ୍ତା ଅସ୍ୱୀକାର କରିପାରିବେ ।

**ସ୍ପଷ୍ଟୀକରଣ**—(୨) ଯଦି ଜମାନିଧାତା ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିଙ୍କୁ କୌଣସି ଜମାନିଧାନୀ କୌଣସି ଉପନିହିତ ମାଲ ପରିଦାନ କରନ୍ତି ତେବେ ସେ ପ୍ରମାଣ କରିପାରିବେ ଯେ ସେହି ମାଲଉପରେ ଜମାନିଧାତାଙ୍କ ବିରୁଦ୍ଧରେ ସେହି ବ୍ୟକ୍ତିଙ୍କର ଏକ ଅଧିକାର ଥିଲା ।

## ଅଧ୍ୟାୟ IX

### ସାକ୍ଷୀଙ୍କ ବିଷୟରେ

କିଏ ସାକ୍ଷ୍ୟ ଦେଇପାରେ ।

118. ଯେଉଁମାନେ ନିତାନ୍ତ ଅପରିଣତ ବୟସ, ଅତି ବୃଦ୍ଧ ବୟସ, ଶାରୀରିକ ବା ମାନସିକ ରୋଗ ବଶତଃ ବା ସେହି ପ୍ରକାରର ଅନ୍ୟ କୌଣସି କାରଣ ବଶତଃ ସେମାନଙ୍କୁ ପଚରା ଯାଉଥିବା ପ୍ରଶ୍ନ ବୁଝି ପାରିବେ ନାହିଁ ବା ସେହି ପ୍ରଶ୍ନର ଯୁକ୍ତିଯୁକ୍ତ ଉତ୍ତର ଦେଇପାରିବେ ନାହିଁ ବୋଲି ନ୍ୟାୟାଳୟ ବିଚାରକରନ୍ତି ସେମାନଙ୍କୁ ଛାଡ଼ି ଅନ୍ୟ ସମସ୍ତ ବ୍ୟକ୍ତି ସାକ୍ଷ୍ୟଦେବାକୁ ସକ୍ଷମ ହେବେ ।

**ସ୍ପଷ୍ଟୀକରଣ**—ଯଦି କୌଣସି ବାତୁଳ, ନିଜର ବାତୁଳାମି ବଶତଃ, ତାହାଙ୍କୁ ପଚରା ଯାଉଥିବା ପ୍ରଶ୍ନ ବୁଝିପାରୁ ନ ଥିବେ ଓ ସେଗୁଡ଼ିକର ଯୁକ୍ତିଯୁକ୍ତ ଉତ୍ତର ଦେଇପାରୁ ନ ଥିବେ ତାହାହେଲେ ସେ ସାକ୍ଷ୍ୟ ଦେବାକୁ ସକ୍ଷମ ହେବେନାହିଁ ।

ମୂକ ସାକ୍ଷୀ

119. ଯେଉଁ ସାକ୍ଷୀ କଥାକହିବାକୁ ଅସମର୍ଥ ସେ ଯେଉଁ ଅନ୍ୟ ରୀତିରେ ତାହାଙ୍କ ସାକ୍ଷ୍ୟକୁ ସୁବୋଧ୍ୟ କରି ପାରିବେ ସେହି ରୀତିରେ ଅର୍ଥାତ୍, ଲେଖି କରି ବା ସଂକେତ ଦ୍ୱାରା, ସାକ୍ଷ୍ୟ ଦେଇ ପାରିବେ କିନ୍ତୁ ଖୋଲା ନ୍ୟାୟାଳୟରେ ହିଁ ସେପରି ଲେଖା ଲେଖାଯିବ ବା ସଂକେତ ଦିଆଯିବ । ସେରୂପେ ଦିଆଯାଇଥିବା ସାକ୍ଷ୍ୟ ମୌଖିକ ସାକ୍ଷ୍ୟ ରୂପେ ବିବେଚିତ ହେବ ।

ସିଭିଲ ମକଦ୍ଦମାର ପକ୍ଷ ଓ ସେମାନଙ୍କ ପତ୍ନୀ ବା ପତି । ଫୌଜଦାରୀ ବିଚାରାଧୀନ ବ୍ୟକ୍ତିଙ୍କର ପତି ବା ପତ୍ନୀ ।

120. ସମସ୍ତ ସିଭିଲି କାର୍ଯ୍ୟବିଧିରେ ଉକ୍ତ ମକଦ୍ଦମାର ପକ୍ଷମାନେ ଏବଂ ସେପରି ପକ୍ଷଙ୍କର ପତି ବା ପତ୍ନୀ ସକ୍ଷମ ସାକ୍ଷୀ ହେବେ । କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଫୌଜଦାରୀ କାର୍ଯ୍ୟବିଧିରେ ସେହିଭଳି ବ୍ୟକ୍ତିଙ୍କର ଯଥାକ୍ରମେ ପତି ବା ପତ୍ନୀ ସକ୍ଷମ ସାକ୍ଷୀ ହେବେ ।

ନ୍ୟାୟାଧୀଶ ଓ ମାଜିଷ୍ଟ୍ରେଟ ।

121. କୌଣସି ନ୍ୟାୟାଧୀଶ ବା ମାଜିଷ୍ଟ୍ରେଟ ଯେଉଁ ନ୍ୟାୟାଳୟର ଅଧସ୍ତନ ଥାଆନ୍ତି ତାହାର ବିଶେଷ ଆଦେଶ ବ୍ୟତିରେକେ, ତାହାଙ୍କୁ ସେପରି ନ୍ୟାୟାଧୀଶ ବା ମାଜିଷ୍ଟ୍ରେଟ ରୂପେ ନ୍ୟାୟାଳୟରେ ତାହାଙ୍କ ନିଜ ଆଚରଣ ସମ୍ପର୍କରେ ଅଥବା ସେପରି ନ୍ୟାୟାଧୀଶ ବା ମାଜିଷ୍ଟ୍ରେଟ ରୂପେ ନ୍ୟାୟାଳୟରେ ତାହାଙ୍କ ଜ୍ଞାନ ମଧ୍ୟକୁ ଆସିଥିବା ଯେକୌଣସି ବିଷୟରେ କୌଣସି ପ୍ରଶ୍ନର ଉତ୍ତରଦେବା ନିମିତ୍ତ ବାଧ୍ୟ କରାଯିବନାହିଁ; ମାତ୍ର ସେ ଯେତେବେଳେ ବିଚାର କରୁଥିବାବେଳେ ତାହାଙ୍କ ଉପସ୍ଥିତିରେ ଘଟିଥିବା ଅନ୍ୟ ବିଷୟ ସଂପର୍କରେ ତାହାଙ୍କୁ ପରୀକ୍ଷା କରାଯାଇ ପାରିବ ।

### ଦୃଷ୍ଟାନ୍ତ

(କ) ଦୌରା ନ୍ୟାୟାଳୟ ସମକ୍ଷରେ କ ନିଜର ବିଚାରଣ ବେଳେ କହନ୍ତି ଯେ ମାଜିଷ୍ଟ୍ରେଟ ଖ ଅନୁଚିତ ଭାବରେ ଏକ ଅଭିସାକ୍ଷ୍ୟ ନେଇଥିଲେ । କୌଣସି ଉପରିସ୍ଥ ନ୍ୟାୟାଳୟର ବିଶେଷ ଆଦେଶ ବ୍ୟତିରେକେ, ଏହି ବିଷୟ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବାକୁ ଖ ଙ୍କୁ ବାଧ୍ୟ କରାଯାଇ ପାରିବନାହିଁ ।

(ଖ) ମାଜିଷ୍ଟ୍ରେଟ୍ ଖ ଙ୍କ ସମକ୍ଷରେ ମିଥ୍ୟା ସାକ୍ଷ୍ୟ ଦେଇଥିବାରୁ କ ଙ୍କୁ ଦୌରା ନ୍ୟାୟାଳୟ ସମକ୍ଷରେ ଅଭିଯୁକ୍ତ କରାଯାଏ । କ କ'ଣ କହିଥିଲେ ତାହା ଉପରିସ୍ଥ ନ୍ୟାୟାଳୟଙ୍କ ବିଶେଷ ଆଦେଶ ବ୍ୟତିରେକେ, ଖ ଙ୍କୁ ପଚରା ଯାଇ ପାରିବନାହିଁ ।

(ଗ) ନ୍ୟାୟାଧୀଶ ଖ ଙ୍କ ସମକ୍ଷରେ କ ଙ୍କର ବିଚାରଣ ବେଳେ, ସେ ପୋଲିସ ଅଧିକାରୀଙ୍କୁ ହତ୍ୟା କରିବାକୁ ପ୍ରଯତ୍ନ କରିଥିବା ଦୋଷରେ ଦୌରା ନ୍ୟାୟାଳୟ ସମକ୍ଷରେ ଅଭିଯୁକ୍ତ ହୁଅନ୍ତି । ଯାହା ଘଟିଥିଲା ସେହି ବିଷୟରେ ଖ ଙ୍କୁ ପରୀକ୍ଷା କରାଯାଇ ପାରିବ ।

ବିବାହିତ ଅବସ୍ଥା ମଧ୍ୟରେ ସଂସୂଚନା ।

122. ବିବାହିତ ବ୍ୟକ୍ତିମାନଙ୍କ ମଧ୍ୟରେ ଅନୁଷ୍ଠିତ ମକଦ୍ଦମା, ବା ଯେଉଁ କାର୍ଯ୍ୟବିଧିରେ ଜଣେ ବିବାହିତ ବ୍ୟକ୍ତିଙ୍କ ବିରୁଦ୍ଧରେ କରିଥିବା କୌଣସି ଅପରାଧ ପାଇଁ ଅନ୍ୟ ଜଣଙ୍କ ନାମରେ ଅଭିଯୋଗ ହୋଇଥାଏ ସେହି କାର୍ଯ୍ୟବିଧି ଛଡ଼ା ଅନ୍ୟତ୍ର, ବିବାହିତ ହୋଇଥିବା ବା ବିବାହ କରିସାରିଥିବା କୌଣସି ବ୍ୟକ୍ତି, ଯାହାଙ୍କୁ ବିବାହ କରିଥିଲେ ବା ଯାହାଙ୍କ ସହିତ ତାହାଙ୍କ ବିବାହ ହୋଇଯାଇଥିବ ତାହାଙ୍କ ମଧ୍ୟରେ ଉକ୍ତ ବିବାହିତ ଜୀବନ କାଳରେ ହୋଇଥିବା ସଂସୂଚନାର କର୍ତ୍ତା ବା କର୍ତ୍ତାଙ୍କ ସ୍ୱାର୍ଥବୋଧିତ ପ୍ରତିନିଧିଙ୍କ ସମ୍ମତି ବିନା, ସେପରି ସଂସୂଚନା ପାଇଥିବା ବ୍ୟକ୍ତିଙ୍କୁ ସେହି ସଂସୂଚନାକୁ ପ୍ରକଟ କରିବା ସକାଶେ ବାଧ୍ୟ କରାଯିବନାହିଁ, କି ତାହାଙ୍କୁ ପ୍ରକଟ କରିବା ସକାଶେ ଅନୁମତି ଦିଆଯିବ ନାହିଁ ।

ରାଜ୍ୟ ବ୍ୟାପାର ବିଷୟକ ସାକ୍ଷ୍ୟ ।

123. ସମ୍ପୃକ୍ତ ବିଭାଗର ମୁଖ୍ୟ ପଦରେ ଅଧିଷ୍ଠିତ ଯେଉଁ ଅଧିକାରୀ ଉଚିତ ମନେ କରିବାମତେ ଅନୁମତି ଦେବେ ବା ଦେବେନାହିଁ ତାହାଙ୍କ ଅନୁମତି ବ୍ୟତିରେକେ, କୌଣସି ବ୍ୟକ୍ତିଙ୍କୁ ରାଜ୍ୟର ବ୍ୟାପାର ସମ୍ପର୍କିତ ଅପ୍ରକାଶିତ ସରକାରୀ ଅଭିଲେଖରୁ ଆହରିତ କୌଣସି ସାକ୍ଷ୍ୟ ଦେବାକୁ ଅନୁମତି ଦିଆଯିବ ନାହିଁ ।

ସରକାରୀ ସଂସୂଚନା

124. ସରକାରୀ ବିଶ୍ୱାସରେ ଯେଉଁ ସଂସୂଚନାମାନ କୌଣସି ଲୋକ ଅଧିକାରୀଙ୍କୁ ଦିଆ ହୋଇଥାଏ, ସେଗୁଡ଼ିକୁ ପ୍ରକଟ କଲେ ଲୋକସ୍ୱାର୍ଥ କ୍ଷତିଗ୍ରସ୍ତ ହେବ ବୋଲି ଯଦି ସେ ବିଚାର କରନ୍ତି ତାହାହେଲେ ସେଗୁଡ଼ିକୁ ପ୍ରକଟ କରିବାକୁ ତାହାଙ୍କୁ ବାଧ୍ୟ କରାଯିବ ନାହିଁ ।

ଅପରାଧ ଘଟିବା ବିଷୟକ ସୂଚନା ।

125. କୌଣସି ମାଜିଷ୍ଟ୍ରେଟ ବା ପୋଲିସ ଅଧିକାରୀ କୌଣସି ଅପରାଧ ଘଟିବା ସମ୍ପର୍କରେ କୌଣସି ସୂଚନା କେଉଁଠାରୁ ପାଇଲେ ବୋଲି କହିବାକୁ ତାହାଙ୍କୁ ବାଧ୍ୟ କରାଯିବ ନାହିଁ ଏବଂ କୌଣସି ରାଜସ୍ୱ ଅଧିକାରୀ ଲୋକ ରାଜସ୍ୱ ବିରୁଦ୍ଧରେ କୌଣସି ଅପରାଧ ଘଟିବା ସମ୍ପର୍କରେ ସୂଚନା କେଉଁଠାରୁ ପାଇଲେ ବୋଲି କହିବାକୁ ତାହାଙ୍କୁ ବାଧ୍ୟ କରାଯିବ ନାହିଁ ।

**ସ୍ପଷ୍ଟୀକରଣ**— ଏହି ଧାରାରେ ଥିବା 'ରାଜସ୍ୱ ଅଧିକାରୀ' ଅର୍ଥ ଲୋକ ରାଜସ୍ୱ ସମ୍ପର୍କିତ ଯେ କୌଣସି ଶାଖାର କାରବାରରେ ବା କାରବାର ବିଷୟରେ ନିୟୋଜିତ ଯେ କୌଣସି ଅଧିକାରୀ ।

ପେଶାଗତ ସଂସୂଚନା

126. କୌଣସି ବାରିଷ୍ଟର, ଏଟର୍ଣ୍ଣି, ପ୍ଲିଡର ବା ଓକିଲଙ୍କର ମକ୍କେଲଙ୍କ ଅଭିବ୍ୟକ୍ତ ସମ୍ମତି ବିନା, ଉକ୍ତ ମକ୍କେଲ ଦ୍ୱାରା ବା ମକ୍କେଲ ତରଫରୁ ସେହିଭଳି ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ବା ଓକିଲ ରୂପେ ତାହାଙ୍କ ନିୟୋଜନ କ୍ରମେ ବା ନିୟୋଜନ ଉଦ୍ଦେଶ୍ୟରେ ତାହାଙ୍କ ନିକଟକୁ ଦିଆଯାଇଥିବା କୌଣସି ସଂସୂଚନା ପ୍ରକଟ କରିବାକୁ, ଅଥବା ତାହାଙ୍କ ପେଶାଗତ ନିୟୋଜନ କ୍ରମେ ବା ତାହା ଉଦ୍ଦେଶ୍ୟରେ ସେ ଯେଉଁ ଦଲିଲ ସହିତ ପରିଚିତ ହୋଇଥାଆନ୍ତି ତାହାର ବିଷୟବସ୍ତୁ ବା ସର୍ତ୍ତକୁ ପ୍ରକାଶ କରିବାକୁ ଅଥବା ସେପରି ନିୟୋଜନ କ୍ରମେ ବା ତାହା ଉଦ୍ଦେଶ୍ୟରେ ତାଙ୍କଦ୍ୱାରା ତାଙ୍କ ମକ୍କେଲକୁ ଦିଆଯାଇଥିବା କୌଣସି ଉପଦେଶକୁ ପ୍ରକଟ କରିବାକୁ କଦାପି ଅନୁମତି ଦିଆଯିବନାହିଁ ;

ପରନ୍ତୁ ଏହି ଧାରାରେ ଥିବା କୌଣସି ବିଷୟ ନିମ୍ନୋକ୍ତ କୌଣସି ବିଷୟକୁ ପ୍ରକଟନରୁ ରକ୍ଷା କରିବ ନାହିଁ ।

(1) କୌଣସି ଅବୈଧିକ ଉଦ୍ଦେଶ୍ୟର ଚରିତାର୍ଥ ପାଇଁ ଦିଆଯାଇଥିବା ସେପରି କୌଣସି ସଂସୂଚନା ;

(2) କୌଣସି ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ବା ଓକିଲଙ୍କ ନିୟୋଜନର ପ୍ରାରମ୍ଭଠାରୁ କୌଣସି ଅପରାଧ ବା ପ୍ରବଞ୍ଚନା କରାଯାଇଅଛି ବୋଲି ଜଣାଉଥିବା ଯେଉଁ ତଥ୍ୟ ଉକ୍ତ ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ବା ଓକିଲ ନିଜର ନିୟୋଜନ କାଳରେ ଦେଖିଥାଇ ଥାଆନ୍ତି ସେହି ତଥ୍ୟ ।

ସେପରି ତଥ୍ୟ ପ୍ରତି ନିଜ ମକ୍କେଲଙ୍କ ଦ୍ୱାରା ବା ତରଫରୁ ଉକ୍ତ ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ବା ଓକିଲଙ୍କ ଧ୍ୟାନ ଆକର୍ଷଣ କରାଯାଇ ଥିଲା କି, ତାହା ଅସାର ଅଟେ ।

**ସ୍ପଷ୍ଟୀକରଣ**—ନିୟୋଜନ ଶେଷ ହେବା ପରେ ମଧ୍ୟ ଏହି ଧାରାରେ କଥିତ ଦାୟିତ୍ୱ ଲାଗୁ ରହେ ।

### ଦୃଷ୍ଟାନ୍ତ

(କ) ମକଦ୍ଦମାକାରୀ 'କ' ଏଟର୍ଣ୍ଣି 'ଖ' କୁ କହନ୍ତି, "ମୁଁ ଜାଲିଆତି କରିଅଛି ଏବଂ ମୁଁ ଚାହେଁ ଯେ ଆପଣ ମୋର ପ୍ରତିରକ୍ଷା କରନ୍ତୁ" ।

ଯେହେତୁ ଦୋଷୀ ରୂପେ ଜ୍ଞାତ କୌଣସି ବ୍ୟକ୍ତିଙ୍କର ପ୍ରତିରକ୍ଷା କରିବାରେ ଅପରାଧିକ ଉଦ୍ଦେଶ୍ୟ ନାହିଁ, ତେଣୁ ଏହି ସଂସୂଚନା ପ୍ରକଟନରୁ ସଂରକ୍ଷିତ ଅଟେ ।

(ଖ) ମକଦ୍ଦମାକାରୀ 'କ' ଏଟର୍ଣ୍ଣି 'ଖ'କୁ କହନ୍ତି, "ଏକ ଜାଲ ଦଲିଲର ବ୍ୟବହାର କରି ସମ୍ପତ୍ତିର ଦଖଲ ହାସଲ କରିବାକୁ ମୋର ଇଚ୍ଛା । ତାହା ଉପରେ ମକଦ୍ଦମା କରିବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି" ।

ଏହି ସଂସୂଚନାଟି ଏକ ଅପରାଧିକ ଉଦ୍ଦେଶ୍ୟର ଚରିତାର୍ଥ ପାଇଁ ଦିଆଯାଇଥିବାରୁ ତାହା ପ୍ରକଟନରୁ ସଂରକ୍ଷିତ ନୁହେଁ ।

(ଗ) 'କ' କୁ ଆତ୍ମସାତକରଣ ଅଭିଯୋଗରେ ଦୋଷାରୋପ କରାଯାଇଥିବାରୁ ସେ ନିଜ ପ୍ରତିରକ୍ଷା ପାଇଁ ଜଣେ ଏଟର୍ଣ୍ଣି 'ଖ'କୁ ନିଯୁକ୍ତ କରନ୍ତି । କାର୍ଯ୍ୟବିଧି ଜାରି ରହିଥିବା ବେଳେ 'ଖ', ଦେଖିବାକୁ ପାଆନ୍ତି ଯେ, ଆତ୍ମସାତ କରାଯାଇଛି ବୋଲି କୁହାଯାଉଥିବା ଧନରାଶି ସଂକ୍ରାନ୍ତରେ 'କ'ଙ୍କ ହିସାବ ବହିରେ 'କ'ଙ୍କ ନାମରେ ଏକ ଦଫା ଜମା କରାଯାଇଛି । ଏହି ଦଫାଟି ତାହାଙ୍କ ନିଯୁକ୍ତି ବେଳକୁ ବହିରେ ନ ଥିଲା ।

କାର୍ଯ୍ୟବିଧିର ପ୍ରାରମ୍ଭରୁ ପ୍ରବଞ୍ଚନା କରାଯାଇଛି ବୋଲି ଦର୍ଶାଉଥିବା ଏହି ତଥ୍ୟଟିକୁ 'ଖ' ନିଜର ନିୟୋଜନ କାଳ ଚାଲିଥିବା ବେଳେ ଦେଖିବାକୁ ପାଇଥିବାରୁ ଏହାଟି ପ୍ରକଟନରୁ ସଂରକ୍ଷିତ ନୁହେଁ ।

ଭାଷାନ୍ତରକ ଆଦିଙ୍କ ପ୍ରତି ଧାରା 126 ପ୍ରଯୋଜ୍ୟ ହେବ ।

127. ଧାରା 126ର ଉପବନ୍ଧ ଭାଷାନ୍ତରକ 'କ'ଙ୍କ ପ୍ରତି ଏବଂ ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ଓ ଓକିଲଙ୍କର କିରାଣି ଓ ସେବକଙ୍କ ପ୍ରତି ପ୍ରଯୋଜ୍ୟ ହେବ ।

ସାକ୍ଷ୍ୟ ପ୍ରଦାନ କରିବା ଦ୍ୱାରା ଅଧିକାର ପରିତ୍ୟକ୍ତ ହୁଏ ନାହିଁ ।

128. ଯଦି କୌଣସି ମକଦ୍ଦମାର କୌଣସି ପକ୍ଷ ସ୍ୱ ପ୍ରେରଣା ଦ୍ୱାରା ବା ଅନ୍ୟଥା ସେଥିରେ ସାକ୍ଷ୍ୟ ଦିଅନ୍ତି, ତେବେ ସେ ତଦ୍ଦ୍ୱାରା ଧାରା 126ରେ ବର୍ଣ୍ଣିତ ପ୍ରକଟନ ପ୍ରତି ସମ୍ମତ ହୋଇଥିବା ମନେ କରାଯିବ ନାହିଁ; ଏବଂ ଯଦି ମକଦ୍ଦମା ବା କାର୍ଯ୍ୟବିଧି ଭୁକ୍ତ ଯେ କୌଣସି ପକ୍ଷ ସେପରି କୌଣସି ବାରିଷ୍ଟର, ପ୍ଲିଡର, ଏଟର୍ଣ୍ଣି ବା ଓକିଲଙ୍କୁ ସାକ୍ଷୀ ରୂପେ ଡାକନ୍ତି ତେବେ ପ୍ରଶ୍ନ ପଚରା ଯାଇ ନ ଥିଲେ, ଉକ୍ତ ବାରିଷ୍ଟର, ଏଟର୍ଣ୍ଣି ବା ପ୍ଲିଡର ଯେଉଁ ବିଷୟ ପ୍ରକଟ କରିବାକୁ ବିମୁକ୍ତ ହୋଇ ନ ଥାନ୍ତେ ତାହାକୁ ସେହି ବିଷୟରେ ଉକ୍ତ ପକ୍ଷ ପ୍ରଶ୍ନ କଲେ ହିଁ ସେହି ପକ୍ଷ ସେପରି ପ୍ରକଟ କରିବାକୁ ସମ୍ମତ ହୋଇଥିବା ବିବେଚିତ ହେବ ।

ବିଧି ଉପଦେଷ୍ଟାଙ୍କ ସହିତ ଗୋପନୀୟ ସଂସୂଚନା ।

129. କୌଣସି ବ୍ୟକ୍ତି ଓ ତାହାଙ୍କର ବିଧି ସଂକ୍ରାନ୍ତ ପେଶାଗତ ଉପଦେଷ୍ଟାଙ୍କ ମଧ୍ୟରେ ଯେଉଁ ଗୋପନୀୟ ସଂସୂଚନା ହୋଇଥାଏ ତାହାକୁ, ସେ ସାକ୍ଷୀ ଭାବରେ ପ୍ରସ୍ତାବ ନ କଲେ ନ୍ୟାୟାଳୟରେ ପ୍ରକଟ କରିବାକୁ ବାଧ୍ୟ ହେବେ ନାହିଁ ଏବଂ ଯଦି ସେ ସେପରି ନିଜକୁ ପ୍ରସ୍ତାବ କରନ୍ତି ତେବେ ସେ ଯେଉଁ ସାକ୍ଷ୍ୟ ଦେଇଥାନ୍ତି ତାହାକୁ ବୁଝାଇଦେବା ଉଦ୍ଦେଶ୍ୟରେ ନ୍ୟାୟାଳୟଙ୍କୁ ଯେଉଁ ଯେଉଁ ସଂସୂଚନା ଜଣାଇଦେବା ଆବଶ୍ୟକ ବୋଲି ପ୍ରତୀତ ହୋଇପାରେ ତାହା ପ୍ରକଟିତ କରିବାକୁ ତାହାଙ୍କୁ ବାଧ୍ୟ କରାଯାଇ ପାରିବ ସିନା ଅନ୍ୟ ବିଷୟରେ ନୁହେଁ ।

କୌଣସି ପକ୍ଷ ହୋଇ ନଥିବା ସାକ୍ଷୀଙ୍କର ହକ ଦଲିଲର ପେଶକରଣ ।

130. କୌଣସି ମକଦ୍ଦମାରେ ପକ୍ଷଭୁକ୍ତ ହୋଇ ନଥିବା କୌଣସି ସାକ୍ଷୀଙ୍କୁ ତାହାଙ୍କ ସମ୍ପତ୍ତିର ହକ ଦଲିଲକୁ ବା ଯେଉଁ ଦସ୍ତାବିଜ ବଳରେ ସେ କୌଣସି ସମ୍ପତ୍ତିକୁ ବନ୍ଧକଦାତା ବା ବନ୍ଧକଗ୍ରହୀତା ରୂପେ ଧାରଣ କରିଥାଆନ୍ତି ତାହାକୁ ବା ଯେଉଁ ଦସ୍ତାବିଜ ପେଶ କରାଗଲେ ତାହାଙ୍କୁ ଅପରାଧରେ ଜଡ଼ିତ କରାଇବାର ସମ୍ଭାବନା ଥାଏ ତାହାକୁ ପେଶ କରିବାକୁ ବାଧ୍ୟ କରାଯିବ ନାହିଁ, ଯଦି ସେ ସେହି ଦଲିଲଗୁଡ଼ିକର ପେଶ କରାଯିବା ସଂକ୍ରାନ୍ତରେ ପ୍ରାର୍ଥନା କରୁଥିବା ବ୍ୟକ୍ତିଙ୍କଠାରେ ବା ସେ ଯେଉଁ ବ୍ୟକ୍ତିଙ୍କ ମାଧ୍ୟମରେ ଦାବି କରୁଥାନ୍ତି ତାହାଙ୍କଠାରେ ସେଗୁଡ଼ିକୁ ପେଶ କରିବା ପାଇଁ ଲିଖିତ ଭାବରେ ରାଜି ହୋଇ ନ ଥାନ୍ତି ।

ଦସ୍ତାବିଜ ଯାହା ଅନ୍ୟ ବ୍ୟକ୍ତି ପେଶ କରିବାକୁ ପ୍ରତ୍ୟାଖ୍ୟାନ କରିପାରନ୍ତେ ତାହାର ପେଶକରଣ ।

131. ଯେଉଁ ଦସ୍ତାବିଜ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦଖଲରେ ଥିଲେ ସେ ତାହାକୁ ପେଶ କରିବାକୁ ପ୍ରତ୍ୟାଖ୍ୟାନ କରିବା ସକାଶେ ହକଦାର ହୋଇଥାନ୍ତେ, ସେ ସେହି ଦସ୍ତାବିଜକୁ ପେଶ କରିବା ନିମନ୍ତେ ସମ୍ମତ ନହେଲେ, ସେହି ଦସ୍ତାବିଜ ଯାହା ଦଖଲରେ ଥିବ ତାହାକୁ ତାହା ପେଶ କରିବାକୁ ବାଧ୍ୟ କରାଯିବ ନାହିଁ ।

ଉତ୍ତର ଦେଲେ ଅପରାଧରେ ଜଡ଼ିତ ହୋଇପାରିବେ ବୋଲି ସାକ୍ଷୀକୁ ଉତ୍ତର ଦେବାରୁ ଛାଡ଼ ମିଳିବ ନାହିଁ ।

132. ଯେକୌଣସି ମକଦ୍ଦମାରେ ବା ଯେକୌଣସି ସିଭିଲ ବା ଫୌଜଦାରି କାର୍ଯ୍ୟବିଧିରେ ବାଦଗ୍ରସ୍ତ ବିଷୟ ସହିତ ସମ୍ପୃକ୍ତ ହୋଇଥିବା ଯେକୌଣସି ବିଷୟରେ ଯେକୌଣସି ପ୍ରଶ୍ନର ଉତ୍ତର ଦିଆଗଲେ ତାହା କୌଣସି ସାକ୍ଷୀକୁ ଅପରାଧରେ ଜଡ଼ିତ କରିବ ବା ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଜଡ଼ିତ କରାଇବା ଭଳି ହୋଇପାରେ ବା ସେହି ସାକ୍ଷୀକୁ ଯେକୌଣସି ପ୍ରକାର ଶାସ୍ତି ବା ବାଜ୍ୟାପ୍ତିରେ ପକାଇଦେବ, ଏହି ଆଧାରରେ ସେପରି ସାକ୍ଷୀକୁ ସେହି ପ୍ରଶ୍ନର ଉତ୍ତର ଦେବାରୁ ଛାଡ଼ ମିଳିବ ନାହିଁ :

ପରନ୍ତୁକ

ପରନ୍ତୁ ଯେଉଁ ସାକ୍ଷୀକୁ ସେପରି କୌଣସି ଉତ୍ତର ପାଇଁ ବାଧ୍ୟ କରାଯିବ ସେ ସେହି ଉତ୍ତର ଦ୍ୱାରା ଏକ ମିଥ୍ୟା ସାକ୍ଷ୍ୟ ଦେବା ଦୋଷପାଇଁ ଅଭିଯୋଜନର ବଶବର୍ତ୍ତୀ ହେବେ ସିନା, ତାହା ତାଙ୍କୁ କୌଣସି ଫୌଜଦାରି କାର୍ଯ୍ୟବିଧିରେ କୌଣସି ଗିରଫ ବା ଅଭିଯୋଜନର ବଶବର୍ତ୍ତୀ କରାଇବ ନାହିଁ, କି ତାହା ତାଙ୍କ ବିରୁଦ୍ଧରେ ସେପରି କାର୍ଯ୍ୟବିଧିରେ ପ୍ରମାଣ ହେବ ନାହିଁ ।

ସହଅପରାଧୀ

133. ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଜଣେ ସହଅପରାଧୀ ସକ୍ଷମ ସାକ୍ଷୀ ହେବେ; ଏବଂ କୌଣସି ଦୋଷସିଦ୍ଧି ସହଅପରାଧୀଙ୍କର ଅସଂପୃଷ୍ଟ ପରି ସାକ୍ଷ୍ୟ ଉପରେ କୌଣସି ଦୋଷସିଦ୍ଧି ହୋଇଥିଲେ, ଏହି ମାତ୍ର କାରଣରୁ ଉକ୍ତ ଦୋଷସିଦ୍ଧି ଅବୈଧ ହେବ ନାହିଁ ।

ସାକ୍ଷୀମାନଙ୍କର ସଂଖ୍ୟା

134. କୌଣସି ମାମଲାରେ କୌଣସି ତଥ୍ୟର ପ୍ରମାଣ ଦେବାକୁ କେତେ ସଂଖ୍ୟକ ସାକ୍ଷୀ ଆବଶ୍ୟକ ହେବେ ତାହା ନିର୍ଦ୍ଦିଷ୍ଟ ହେବ ନାହିଁ ।

## ଅଧ୍ୟାୟ X

### ସାକ୍ଷୀଙ୍କ ପରୀକ୍ଷା ବିଷୟରେ

ସାକ୍ଷୀଙ୍କୁ ହାଜର କରାଇବା ଓ ପରୀକ୍ଷା କରାଇବାର କ୍ରମ ।

135. ଯେଉଁ କ୍ରମରେ ସାକ୍ଷୀମାନଙ୍କୁ ହାଜର କରାଯିବ ଓ ପରୀକ୍ଷା କରାଯିବ ତାହା ଯଥାକ୍ରମେ ସିଭିଲ ଓ ଫୌଜଦାରି ପ୍ରକ୍ରିୟା ସଂପର୍କିତ ତତ୍କାଳୀନ ପ୍ରଚଳିତ ବିଧି ଓ ପ୍ରଥା ଦ୍ୱାରା ତଥା ସେପରି କୌଣସି ବିଧି ନ ଥିଲେ, ନ୍ୟାୟାଳୟଙ୍କ ବିବେଚନା ଅନୁସାରେ ନିୟନ୍ତ୍ରିତ କରାଯିବ ।

ନ୍ୟାୟାଧୀଶ ସାକ୍ଷ୍ୟର ଗ୍ରାହ୍ୟତା ବିଷୟରେ ନିଷ୍ପତ୍ତି କରିବେ ।

136. ଯେତେବେଳେ ଯେକୌଣସି ପକ୍ଷ କୌଣସି ତଥ୍ୟ ସଂପର୍କିତ ସାକ୍ଷ୍ୟ ଦେବାକୁ ପ୍ରସ୍ତାବ କରନ୍ତି ସେତେବେଳେ ନ୍ୟାୟାଧୀଶ ସାକ୍ଷ୍ୟ ଦେବାକୁ ପ୍ରସ୍ତାବ କରୁଥିବା ପକ୍ଷକୁ ପଚାରି ପାରିବେ ଯେ ଯଦି ଅଭିକଥିତ ତଥ୍ୟ ପ୍ରମାଣିତ ହୁଏ ତେବେ ତାହା କେଉଁ ଭାବରେ ସୁସଂଗତ ହେବ ଏବଂ ସେହି ତଥ୍ୟ ପ୍ରମାଣିତ ହେଲେ ସୁସଂଗତ ହେବ ବୋଲି ନ୍ୟାୟାଧୀଶ ମନେକଲେ ସେହି ସାକ୍ଷ୍ୟକୁ ଗ୍ରହଣ କରିବେ, ଅନ୍ୟଥା ନାହିଁ ।

ଯଦି ପ୍ରମାଣ କରାଯିବାକୁ ପ୍ରସ୍ତାବିତ ହୋଇଥିବା ତଥ୍ୟ ଏପରି ଏକ ତଥ୍ୟ ହୋଇଥାଏ ଯେ ତାହାର ସାକ୍ଷ୍ୟ ଅନ୍ୟ କୌଣସି ତଥ୍ୟର ପ୍ରମାଣ ଉପରେ ହିଁ ଗ୍ରାହ୍ୟ ହୁଏ, ତେବେ ସେପରି ତଥ୍ୟର ପ୍ରମାଣ ଦେବାକୁ ସେହି ପକ୍ଷ ଅଙ୍ଗୀକାର ନ କଲେ ଏବଂ ସେପରି ଅଙ୍ଗୀକାର ନେଇ ନ୍ୟାୟାଳୟ ସନ୍ତୁଷ୍ଟ ନ ହେଲେ ସେପରି ଅନ୍ତିମ ବର୍ଣ୍ଣିତ ତଥ୍ୟକୁ ପ୍ରଥମେ ବର୍ଣ୍ଣିତ ତଥ୍ୟ ସଂପର୍କିତ ସାକ୍ଷ୍ୟ ଦିଆଯିବା ପୂର୍ବରୁ ହିଁ ପ୍ରମାଣ କରାଯିବ ।

ଯଦି ଏକ ଅଭିକଥିତ ତଥ୍ୟର ପ୍ରାସଙ୍ଗିକତା ଅନ୍ୟ ଏକ ଅଭିକଥିତ ତଥ୍ୟକୁ ପ୍ରଥମେ ପ୍ରମାଣ କରାଯିବା ଉପରେ ନିର୍ଭର କରେ ତେବେ ନ୍ୟାୟାଧୀଶ ସ୍ୱ ବିବେଚନା ଅନୁସାରେ ହୁଏତ ଦ୍ୱିତୀୟ ତଥ୍ୟ ପ୍ରମାଣ କରାଯିବା ପୂର୍ବରୁ ପ୍ରଥମ ତଥ୍ୟର ସାକ୍ଷ୍ୟ ଦିଆଯିବାକୁ ଅନୁମତି ଦେଇ ପାରିବେ ଅଥବା ପ୍ରଥମ ତଥ୍ୟର ସାକ୍ଷ୍ୟ ଦିଆଯିବା ପୂର୍ବରୁ ଦ୍ୱିତୀୟ ତଥ୍ୟର ସାକ୍ଷ୍ୟ ଦିଆଯିବାକୁ ଆବଶ୍ୟକ କରି ପାରିବେ ।

ଦୃଷ୍ଟାନ୍ତ

(କ) ମୃତ ବୋଲି ଅଭିକଥିତ କୌଣସି ବ୍ୟକ୍ତିଙ୍କର କୌଣସି ପ୍ରାସଙ୍ଗିକ ତଥ୍ୟ ବିଷୟରେ ଯେଉଁ ବିବୃତି ଧାରା 32 ଅନୁସାରେ ପ୍ରାସଙ୍ଗିକ ଅଟେ ତାହା ପ୍ରମାଣ କରାଯିବାକୁ ପ୍ରସ୍ତାବ କରାଯାଏ ।

ଉକ୍ତ ବିବୃତିର ସାକ୍ଷ୍ୟ ଦିଆଯିବା ପୂର୍ବରୁ ସେହି ବିବୃତିକୁ ପ୍ରମାଣ କରିବାକୁ ପ୍ରସ୍ତାବ କରୁଥିବା ବ୍ୟକ୍ତିଙ୍କୁ ସେହି ବ୍ୟକ୍ତି ଯେ ମୃତ, ଏହି ତଥ୍ୟ ପ୍ରମାଣ କରିବାକୁ ହେବ ।

(ଖ) 'ହଜି ଯାଇଛି' ବୋଲି କୁହାଯାଉଥିବା କୌଣସି ଦଲିଲର ବିଷୟବସ୍ତୁକୁ ଏକ ପ୍ରତିଲିପି ଦ୍ୱାରା ପ୍ରମାଣ କରିବାକୁ ପ୍ରସ୍ତାବ କରାଯାଏ ।

ପ୍ରତିଲିପିଟି ପେଶ କରାଯିବା ପୂର୍ବରୁ, ସେହି ପ୍ରତିଲିପି ପେଶ୍ କରିବାକୁ ପ୍ରସ୍ତାବ କରୁଥିବା ବ୍ୟକ୍ତିଙ୍କୁ ମୂଳ ଦଲିଲଟି ଯେ ହଜି ଯାଇଛି, ଏହି ତଥ୍ୟ ପ୍ରମାଣ କରିବାକୁ ହେବ ।

(ଗ) କୌଣସି ସଂପତ୍ତିକୁ ଚୋରି କରାଯାଇଅଛି ବୋଲି ଜାଣି 'କ' ତାହାକୁ ଗ୍ରହଣ କରିବା ଅପରାଧରେ ଅଭିଯୁକ୍ତ ହୁଅନ୍ତି ।

ସେ ସେହି ସଂପତ୍ତିର ଦଖଲରେ ଥିବା ବିଷୟକୁ ଅସ୍ୱୀକାର କରନ୍ତି ବୋଲି ପ୍ରମାଣ କରିବାକୁ ପ୍ରସ୍ତାବ କରାଯାଏ । ସେହି ଅସ୍ୱୀକୃତି ସଂପତ୍ତିର ପ୍ରାସଙ୍ଗିକତା, ସଂପତ୍ତିର ଚିହ୍ନଟ ଉପରେ ନିର୍ଭର କରେ । ନ୍ୟାୟାଳୟ ସ୍ୱବିବେଚନା ଅନୁସାରେ ହୁଏତ ଦଖଲର ଅସ୍ୱୀକୃତିକୁ ପ୍ରମାଣ କରାଯିବା ପୂର୍ବରୁ ସଂପତ୍ତିର ଚିହ୍ନଟ କରାଯିବା ଆବଶ୍ୟକ କରି ପାରିବେ, ଅଥବା ସଂପତ୍ତି ଚିହ୍ନଟ କରାଯିବା ପୂର୍ବରୁ ଦଖଲର ସଂପର୍କିତ ଅସ୍ୱୀକୃତିକୁ ପ୍ରମାଣ କରିବାକୁ ଅନୁମତି ଦେଇପାରିବେ ।

(ଘ) କୁହାଯାଏ ଯେ (କ) ନାମକ ଏକ ତଥ୍ୟ କୌଣସି ବାଦସ୍ପଦୀୟ ତଥ୍ୟର କାରଣ ବା ପରିଣାମ ଅଟେ ଓ ତାହାକୁ ପ୍ରମାଣ କରିବାକୁ ପ୍ରସ୍ତାବ କରାଯାଏ । ତଥ୍ୟ (କ) କୁ ସେହି ବାଦସ୍ପଦୀୟ ତଥ୍ୟର କାରଣ ବା ପରିଣାମ ବୋଲି ଗଣନା କରାଯିବା ପୂର୍ବରୁ କିଛି ମଧ୍ୟବର୍ତ୍ତୀ ତଥ୍ୟ(ଖ,ଗ ଓ ଘ) ଯେ ବିଦ୍ୟମାନ ଅଛି ତାହା ଦର୍ଶାଇବାକୁ ହେବ । ନ୍ୟାୟାଳୟ ହୁଏତ ଖ, ଗ ବା ଘ କୁ ପ୍ରମାଣ କରାଯିବା ପୂର୍ବରୁ 'କ' କୁ ପ୍ରମାଣ କରାଯିବାକୁ ଅନୁମତି ଦେଇ ପାରିବେ ଅଥବା 'କ' କୁ ପ୍ରମାଣ କରାଯିବାକୁ ଅନୁମତି ଦେବା ପୂର୍ବରୁ ଖ, ଗ ଓ ଘ କୁ ପ୍ରମାଣ କରାଯିବା ଆବଶ୍ୟକ କରି ପାରିବେ ।

ମୁଖ୍ୟ ପରୀକ୍ଷା

137. ସାକ୍ଷୀକୁ ତଲବ କରିଥିବା ପକ୍ଷଙ୍କ ଦ୍ୱାରା ସେହି ସାକ୍ଷୀଙ୍କର ପରୀକ୍ଷା ତାହାଙ୍କର ମୁଖ୍ୟ ପରୀକ୍ଷା ରୂପେ ଅଭିହିତ ହେବ ।

ଜେରା

ପ୍ରତିପକ୍ଷଙ୍କ ଦ୍ୱାରା କୌଣସି ସାକ୍ଷୀଙ୍କର ପରୀକ୍ଷା ତାହାଙ୍କର ଜେରା ରୂପେ ଅଭିହିତ ହେବ ।

ପୁନଃପରୀକ୍ଷା

ସାକ୍ଷୀକୁ ତଲବ କରିଥିବା ପକ୍ଷ ଦ୍ୱାରା ଜେରା ପରେ ସେହି ସାକ୍ଷୀଙ୍କର ପରୀକ୍ଷା ତାହାଙ୍କର ପୁନଃପରୀକ୍ଷା ରୂପେ ଅଭିହିତ ହେବ ।

ପରୀକ୍ଷାର କ୍ରମ

138. ସାକ୍ଷୀମାନଙ୍କୁ ପ୍ରଥମେ ମୁଖ୍ୟ ପରୀକ୍ଷା କରାଯିବ, ତତପରେ ଯେବେ ପ୍ରତିପକ୍ଷ ସେପରି ଇଚ୍ଛା କରନ୍ତି ତେବେ) ଜେରା କରାଯିବ, ତତ୍ପରେ (ଯେବେ ତାହାକୁ ତଲବ କରିଥିବା ପକ୍ଷ ସେପରି ଇଚ୍ଛା କରନ୍ତି, ତେବେ) ପୁନଃପରୀକ୍ଷା କରାଯିବ ।

ମୁଖ୍ୟ ପରୀକ୍ଷା ଓ ଜେରା ପ୍ରାସଙ୍ଗିକ ତଥ୍ୟ ସମ୍ବନ୍ଧିତ ହେବ ମାତ୍ର ସାକ୍ଷୀ ଯେଉଁ ତଥ୍ୟ ବିଷୟରେ ତାହାଙ୍କ ମୁଖ୍ୟ ପରୀକ୍ଷାରେ ସାକ୍ଷ୍ୟ ଦେଇଥାନ୍ତି ଜେରା ତାହା ମଧ୍ୟରେ ସୀମାବଦ୍ଧ ହେବା ଆବଶ୍ୟକ ନୁହେଁ ।

ପୁନଃପରୀକ୍ଷା ସଂପର୍କିତ ନିର୍ଦ୍ଦେଶ ।

ଜେରାରେ ଆସିଥିବା ବିଷୟଗୁଡ଼ିକୁ ସ୍ପଷ୍ଟ କରିବା ପାଇଁ ପୁନଃପରୀକ୍ଷାର ଲକ୍ଷ୍ୟ ରହିବ; ଏବଂ ଯଦି ନ୍ୟାୟାଳୟଙ୍କ ଅନୁମତି କ୍ରମେ ପୁନଃପରୀକ୍ଷାରେ ନୂତନ ବିଷୟ ଉପସ୍ଥାପିତ କରାଯାଏ ତେବେ ପ୍ରତିପକ୍ଷ ସେହି ବିଷୟରେ ଅତିରିକ୍ତ ଜେରା କରିପାରିବେ ।

ଦସ୍ତାବିଜ ପେଶ କରିବାକୁ ଡକାଯାଇଥିବା ବ୍ୟକ୍ତିଙ୍କର ପ୍ରତି-ପରୀକ୍ଷା ।

139. କୌଣସି ଦସ୍ତାବିଜକୁ ପେଶ କରିବା ପାଇଁ ଯେଉଁ ବ୍ୟକ୍ତିଙ୍କୁ ସମନ କରାଯାଇଥାଏ ସେ କେବଳ ତାହାକୁ ପେଶ କରିଦେଲେ ତଦ୍ୱାରା ସାକ୍ଷୀ ହୋଇଯିବେ ନାହିଁ ଏବଂ ତାହାଙ୍କୁ ସାକ୍ଷୀ ରୂପରେ ତଲବ କରା ହୋଇ ନଥିବା ପର୍ଯ୍ୟନ୍ତ ତାହାଙ୍କୁ ଜେରା କରାଯାଇ ପାରିବ ନାହିଁ ।

ଚରିତ୍ର ବିଷୟରେ ସାକ୍ଷୀ ।

140. ଚରିତ୍ର ବିଷୟରେ ସାକ୍ଷୀମାନଙ୍କୁ ଜେରା ଓ ପୁନଃପରୀକ୍ଷା କରାଯାଇ ପାରିବ ।

ଉତ୍ତରସୂଚକ ପ୍ରଶ୍ନ

141. ପ୍ରଶ୍ନ ପଚାରୁଥିବା ବ୍ୟକ୍ତି ଯେଉଁ ଉତ୍ତର ପାଇବାକୁ ଇଚ୍ଛା କରନ୍ତି ବା ପ୍ରତ୍ୟାଶା କରନ୍ତି ତାହାକୁ ସୂଚାଉଥିବା ପ୍ରଶ୍ନ ଏକ ଉତ୍ତରସୂଚକ ପ୍ରଶ୍ନ ରୂପେ ଅଭିହିତ ହେବ ।

କେଉଁ କେଉଁଠି ସେଗୁଡ଼ିକ ପଚରାଯିବ ନାହିଁ ।

142. ପ୍ରତିପକ୍ଷ ଦ୍ୱାରା ଆପତ୍ତି କରାଗଲେ ନ୍ୟାୟାଳୟଙ୍କ ଅନୁମତି ବ୍ୟତୀତ ଉତ୍ତରସୂଚକ ପ୍ରଶ୍ନ ମୁଖ୍ୟପରୀକ୍ଷାରେ ବା ପୁନଃପରୀକ୍ଷାରେ ଆଦୌ ପଚରା ଯିବ ନାହିଁ ।

ଯେଉଁ ବିଷୟଗୁଡ଼ିକ ପରିଚୟସୂଚକ ବା ନିର୍ବିବାଦ ଅଥବା ନ୍ୟାୟାଳୟଙ୍କ ଅଭିମତରେ ଯାହା ଯଥେଷ୍ଟ ପ୍ରବଳ ଭାବରେ ପ୍ରମାଣିତ ହୋଇସାରିଥାଏ ସେ ବିଷୟରେ ନ୍ୟାୟାଳୟ ଉତ୍ତରସୂଚକ ପ୍ରଶ୍ନ ପାଇଁ ଅନୁମତି ଦେବେ ।

କେଉଁ କେଉଁଠି ସେଗୁଡ଼ିକ ପଚରିବା ଯଥୋଚିତ ।

143. ଉତ୍ତରସୂଚକ ପ୍ରଶ୍ନ ଜେରାରେ ପଚରା ଯାଇ ପାରିବ ।

ଲିଖିତ ବିଷୟ ସଂପର୍କିତ ସାକ୍ଷ୍ୟ ।

144. ଯେଉଁ ଚୁକ୍ତି, ଅନୁଦାନ ବା ସଂପତ୍ତିର ଅନ୍ୟ ପରିବିନିଯୋଜନ ବିଷୟରେ କୌଣସି ସାକ୍ଷୀ ସାକ୍ଷ୍ୟ ଦେଉ ଥାଆନ୍ତି ତାହା କୌଣସି ଦସ୍ତାବିଜରେ ଅଛି କି ନାହିଁ ବୋଲି ତାହାଙ୍କୁ ପରୀକ୍ଷା ବେଳେ ପଚରା ଯାଇ ପାରିବ, ଏବଂ ଯଦି ତାହା ଅଛି ବୋଲି ସେ କହନ୍ତି, ଅଥବା ନ୍ୟାୟାଳୟଙ୍କ ଅଭିମତରେ ଯେଉଁ ଦସ୍ତାବିଜ ପେଶ କରାଯିବା କଥା ତାହାର ବିଷୟ ବସ୍ତୁ ସଂପର୍କରେ ସେ କୌଣସି ବିବୃତି ଦେବାକୁ ଯାଉଥାନ୍ତି, ତେବେ ସେପରି ଦସ୍ତାବିଜ ପେଶ ନ କରାଯିବା ପର୍ଯ୍ୟନ୍ତ, କିମ୍ବା ସାକ୍ଷୀଙ୍କୁ ତାହାର ଦର୍ଶାଇବା ପର୍ଯ୍ୟନ୍ତ, ଯେଉଁ ତଥ୍ୟ ତାହାର ମୌଖିକ ସାକ୍ଷ୍ୟ ଦେବା ନିମନ୍ତେ ହକଦାର କରୁଥିବ ସେହି ତଥ୍ୟମାନ ପ୍ରମାଣ ନ ହେବା ପର୍ଯ୍ୟନ୍ତ, ପ୍ରତିପକ୍ଷ ସେପରି ସାକ୍ଷ୍ୟ ଦିଆଯିବା ଜେରେ ଆପତ୍ତି କରି ପାରିବେ ।

**ସ୍ପଷ୍ଟୀକରଣ**—ଯଦି କୌଣସି ଦସ୍ତାବିଜର ବିଷୟ ବସ୍ତୁ ନେଇ ଅନ୍ୟ ବ୍ୟକ୍ତିମାନେ ଦେଇଥିବା ବିବୃତି ସ୍ୱତଃ ପ୍ରାସଙ୍ଗିକ ତଥ୍ୟ ହୋଇଥାଏ ତେବେ ଯେକୌଣସି ସାକ୍ଷୀ ସେହି ବିବୃତିର ମୌଖିକ ସାକ୍ଷ୍ୟ ଦେଇ ପାରିବେ ।

ଦୃଷ୍ଟାନ୍ତ

ପ୍ରଶ୍ନ ହେଉଛି, 'କ'ଙ୍କ ଉପରେ 'ଖ' ଚଢ଼ାଉ କରିଥିଲେ କି ନାହିଁ ।

'ଗ' ସାକ୍ଷ୍ୟ ଦିଅନ୍ତି ଯେ ସେ 'ଘ'ଙ୍କୁ 'କ' କହୁଥିବାର ଶୁଣିଥିବାରୁ ପାଇଛନ୍ତି —"'ଖ' ଚୋରି ସଂପର୍କରେ ମୋତେ ଅଭିଯୁକ୍ତ କରି ଏକ ପତ୍ର ଲେଖିଛନ୍ତି ଏବଂ ମୁଁ ତାର ପ୍ରତିଶୋଧ ନେବି ।" ସେହି ବିବୃତି ଚଢ଼ାଉ ସଂକ୍ରାନ୍ତରେ 'କ'ଙ୍କର ଅଭିପ୍ରାୟ ଦର୍ଶାଉଥିବାରୁ ପ୍ରାସଙ୍ଗିକ ଅଟେ, ଏବଂ ପତ୍ରଟି ବିଷୟରେ ଅନ୍ୟ କୌଣସି ସାକ୍ଷ୍ୟ ଦିଆଯାଇ ନଥିଲେ ମଧ୍ୟ ଉକ୍ତ ବିବୃତି ସଂପର୍କରେ ସାକ୍ଷ୍ୟ ଦିଆଯାଇ ପାରିବ ।

ପୂର୍ବଲିଖିତ ବିବୃତି ବିଷୟକ ଜେରା ।

145. କୌଣସି ସାକ୍ଷୀ ପୂର୍ବରୁ ଯେଉଁ ବିବୃତି ଲିଖିତାକାରରେ ଦେଇଥାନ୍ତି ବା ଯାହାକୁ ଲିପିବଦ୍ଧ କରାହୋଇଥାଏ ଏବଂ ଯାହା ପ୍ରଶ୍ନାଧୀନ ବିଷୟ ସହିତ ସୁସଙ୍ଗତ ହୋଇଥାଏ ସେହି ବିବୃତି ବିଷୟରେ ତାହାଙ୍କୁ ସେହି ଲେଖା ନ ଦେଖାଇ ବା ସେହି ଲେଖାକୁ ପ୍ରମାଣ ନ କରି ତାହାଙ୍କୁ ଜେରା କରାଯାଇ ପାରିବ; କିନ୍ତୁ ଯଦି ସେହି ଲେଖା ଦ୍ୱାରା ତାଙ୍କୁ ପ୍ରତିବାଦ କରିବାର ଆଶୟ ହୋଇଥାଏ ତେବେ, ସେହି ଲେଖାକୁ ପ୍ରମାଣ କରାଯାଇ ପାରିବା ପୂର୍ବରୁ, ତାହାଙ୍କର ପ୍ରତିବାଦ କରାଯିବା ଉଦ୍ଦେଶ୍ୟରେ ଲେଖାର ଯେଉଁ ଯେଉଁ ଅଂଶ ବ୍ୟବହୃତ ହେବ ସେହି ସେହି ଅଂଶ ପ୍ରତି ତାହାଙ୍କର ଧ୍ୟାନ ଆକର୍ଷଣ କରିବାକୁ ହେବ ।

ଜେରାରେ ବିଧିସଙ୍ଗତ ପ୍ରଶ୍ନ ।

146. ଯେତେବେଳେ କୌଣସି ସାକ୍ଷୀଙ୍କୁ ଜେରା କରାଯାଏ ସେତେବେଳେ ଏଥି ପୂର୍ବରୁ ଉଲ୍ଲିଖିତ ପ୍ରଶ୍ନଗୁଡ଼ିକ ସହିତ ଏପରି ପ୍ରଶ୍ନ ପଚରା ଯାଇ ପାରିବ, ଯଦ୍ୱାରା—

(1) ତାହାଙ୍କର ସତ୍ୟବାଦିତା ପରଖ ହୋଇ ପାରିବ,

(2) ସେ କିଏ ଏବଂ ଜୀବନରେ ତାହାଙ୍କର ସ୍ଥିତି କ'ଣ, ତାହା ଜଣାଯାଇ ପାରିବ, ବା

(3) ତାହାଙ୍କ ଚରିତ୍ରରେ ଦୋଷ ଲଗାଇ ତାହାଙ୍କର ବିଶ୍ୱାସନୀୟତାକୁ ଦୋହଲାଇ ଦିଆଯାଇ ପାରିବ, ଯଦ୍ୟପି ସେପରି ପ୍ରଶ୍ନର ଉତ୍ତର ତାହାଙ୍କୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଅପରାଧରେ ଜଡ଼ିତ କରାଇପାରେ କିମ୍ବା ତାହାଙ୍କୁ ପ୍ରତ୍ୟକ୍ଷ ଭାବରେ ବା ପରୋକ୍ଷ ଭାବରେ ଶାସ୍ତି ବା ବାଜ୍ୟାପ୍ତିର ଭାଜନ କରାଇ ପାରେ ।

କେତେବେଳେ ସାକ୍ଷୀଙ୍କୁ ଉତ୍ତର ଦେବାକୁ ବାଧ୍ୟ କରାଯିବ ।

147. ଯଦି ସେପରି କୌଣସି ପ୍ରଶ୍ନ, ସେହି ମକଦ୍ଦମା ବା କାର୍ଯ୍ୟବିଧି ସହିତ ସୁସଙ୍ଗତ ବିଷୟକୁ ସମ୍ପର୍କିତ ହୋଇଥାଏ ତେବେ ଧାରା 132ର ଉପବନ୍ଧଗୁଡ଼ିକ ତାହାପ୍ରତି ପ୍ରଯୋଜ୍ୟ ହେବ ।

କେତେବେଳେ ପ୍ରଶ୍ନ ପଚରାଯିବ ଏବଂ ସାକ୍ଷୀଙ୍କୁ କେତେବେଳେ ଉତ୍ତର ଦେବାକୁ ବାଧ୍ୟ କରାଯିବ, ତାହା ନ୍ୟାୟାଳୟ ନିଷ୍ପତ୍ତି କରିବେ ।

148. ଯେପରି କୌଣସି ପ୍ରଶ୍ନ, ସାକ୍ଷୀଙ୍କର ଚରିତ୍ରରେ ଦୋଷ ଲଗାଇ ତାହାଙ୍କର ପ୍ରତ୍ୟୟକୁ ସେ ପର୍ଯ୍ୟନ୍ତ ପ୍ରଭାବିତ କରୁଥାଏ, ତଦ୍‌ବ୍ୟତିରେକେ ଯଦି ତାହା ମକଦ୍ଦମା ବା କାର୍ଯ୍ୟବିଧି ସହିତ ସୁସଙ୍ଗତ ନ ଥିବା କୌଣସି ବିଷୟକୁ ସମ୍ପର୍କିତ କରେ ତେବେ ସେହି ସାକ୍ଷୀଙ୍କୁ ଉତ୍ତର ଦେବାକୁ ବାଧ୍ୟ କରାଯିବ କି ନାହିଁ, ତାହା ନ୍ୟାୟାଳୟ ନିଷ୍ପତ୍ତି କରିବେ, ଏବଂ ଯଦି ନ୍ୟାୟାଳୟ ଉଚିତ ମନେକରନ୍ତି ତେବେ ସାକ୍ଷୀଙ୍କୁ ସତର୍କ କରାଇ ପାରିବେ ଯେ ସେ ସେହି ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ ନୁହନ୍ତି । ନ୍ୟାୟାଳୟ ସ୍ୱ ବିବେଚନାଧିକାରକୁ ପ୍ରୟୋଗ କରିବା ବେଳେ ନିମ୍ନଲିଖିତ ବିଷୟଗୁଡ଼ିକୁ ଧ୍ୟାନରେ ରଖିବେ:—

(1) ଯଦି ସେପରି ପ୍ରଶ୍ନଗୁଡ଼ିକ ଏପରି ପ୍ରକୃତିର ହୋଇଥାଏ ଯେ ସେମାନଙ୍କ ଅପବାଦର ସତ୍ୟତା, ସାକ୍ଷୀ ଯେଉଁ ବିଷୟରେ ସାକ୍ଷ୍ୟ ଦେଉଥାନ୍ତି ସେହି ବିଷୟରେ ତାହାଙ୍କର ପ୍ରତ୍ୟୟଯୋଗ୍ୟତା ସମ୍ପର୍କରେ ନ୍ୟାୟାଳୟଙ୍କ ଅଭିମତକୁ ଗୁରୁତର ଭାବେ ପ୍ରଭାବିତ କରିବ, ତେବେ ତାହା ଉଚିତ ଅଟେ ;

(2) ଯଦି ସେମାନେ ଦର୍ଶାଉଥିବା ଅପବାଦ ଏତେଦୂର ଅତୀତର ବା ଏପରି ଧରଣର ବିଷୟ ସମ୍ପର୍କରେ ହୋଇଥାଏ ଯେ ସେହି ଅପବାଦ, ସାକ୍ଷୀ ଯେଉଁ ବିଷୟରେ ସାକ୍ଷ୍ୟ ଦିଅନ୍ତି, ତାହା ଉପରେ ସାକ୍ଷୀଙ୍କର ପ୍ରତ୍ୟୟ ଯୋଗ୍ୟତା ସମ୍ପର୍କରେ ନ୍ୟାୟାଳୟଙ୍କ ଅଭିମତକୁ ପ୍ରଭାବିତ କରିବ ନାହିଁ ବା ଅଳ୍ପ ମାତ୍ରାରେ ପ୍ରଭାବିତ କରିବ, ତେବେ ସେପରି ପ୍ରଶ୍ନ ଅନୁଚିତ ଅଟେ ;

(3) ଯଦି ସାକ୍ଷୀଙ୍କର ଚରିତ୍ର ବିରୁଦ୍ଧରେ କରାଯାଉଥିବା ଅପବାଦର ଗୁରୁତ୍ୱ ଏବଂ ତାହାଙ୍କର ସାକ୍ଷ୍ୟର ଗୁରୁତ୍ୱ ମଧ୍ୟରେ ଅଧିକ ବୈଷମ୍ୟ ଥାଏ, ତେବେ ସେପରି ପ୍ରଶ୍ନ ଅନୁଚିତ ଅଟେ ;

(4) ନ୍ୟାୟାଳୟ ଉଚିତ୍ତ ମନେକଲେ, ସାକ୍ଷୀ ଉତ୍ତର ଦେବାକୁ ଯଦି ପ୍ରତ୍ୟାଖ୍ୟାନ କରନ୍ତି ତେବେ ତହିଁରୁ ଅନୁମାନ କରି ପାରିବେ ଯେ, ଯଦି ସେହି ଉତ୍ତର ଦିଆଯାଇ ଥାନ୍ତା ତେବେ ତାହା ପ୍ରତିକୂଳ ହୋଇଥାନ୍ତା ।

ଯୁକ୍ତିଯୁକ୍ତ ହେତୁ ନ ଥାଇ ପ୍ରଶ୍ନ ପଚରା-ଯିବ ନାହିଁ ।

149. ଧାରା 148 ରେ ଉଲ୍ଲିଖିତ ପ୍ରଶ୍ନ ଯେଉଁ ଅପବାଦ ସୂଚାଉଥିବ ତାହା ସୁପ୍ରତିଷ୍ଠିତ ବୋଲି ସେହି ପ୍ରଶ୍ନ ପଚାରୁଥିବା ବ୍ୟକ୍ତିଙ୍କର ଭାବିବାପାଇଁ ଯୁକ୍ତିଯୁକ୍ତ ହେତୁ ନ ଥିଲେ ସେ ବ୍ୟକ୍ତି ସେପରି ପ୍ରଶ୍ନ ଆଦୌ ପଚାରିବେ ନାହିଁ ।

ଦୃଷ୍ଟାନ୍ତ

(କ) କୌଣସି ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଡକାୟତ ଅଟନ୍ତି ବୋଲି କୌଣସି ବାରିଷ୍ଟରଙ୍କୁ କୌଣସି ଏଟର୍ଣ୍ଣି ବା ଉକିଲ ଅନୁଦେଶ ଦିଅନ୍ତି । ସେ ଡକାୟତ କି ନୁହନ୍ତି ବୋଲି ସେହି ସାକ୍ଷୀଙ୍କୁ ପଚାରିବା ଲାଗି ଏହା ଏକ ଯୁକ୍ତିଯୁକ୍ତ ହେତୁ ।

(ଖ) କୌଣସି ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଡକାୟତ ଅଟନ୍ତି ବୋଲି ନ୍ୟାୟାଳୟରେ ପ୍ଲିଡରଙ୍କୁ କୌଣସି ବ୍ୟକ୍ତି ସୂଚନା ଦିଅନ୍ତି, ସେହି ପ୍ଲିଡର ପ୍ରଶ୍ନ ପଚାରିବାରୁ ସୂଚନାଦାତା ତାହାଙ୍କ ବିବୃତିର ଯୁକ୍ତିଯୁକ୍ତ କାରଣ ପ୍ରଦାନ କରନ୍ତି, ସେ ଡକାୟତ କି ନୁହନ୍ତି ବୋଲି ସେହି ସାକ୍ଷୀଙ୍କୁ ପଚାରିବା ଲାଗି ଏହା ଏକ ଯୁକ୍ତିଯୁକ୍ତ ହେତୁ ।

(ଗ) ଯେଉଁ ସାକ୍ଷୀ ବିଷୟରେ କିଛି ହେଲେ ଜଣା ନ ଥାଏ ତାହାଙ୍କୁ ସେ ଡକାୟତ କି ନୁହନ୍ତି ବୋଲି ଯଦୃଚ୍ଛାଭାବରେ ପଚରାଯାଏ । ଏଠାରେ ଏହି ପ୍ରଶ୍ନ ପାଇଁ କୌଣସି ଯୁକ୍ତିଯୁକ୍ତ ହେତୁ ନାହିଁ ।

(ଘ) ଯେଉଁ ସାକ୍ଷୀ ବିଷୟରେ କିଛି ହେଲେ ଜଣା ନ ଥାଏ ତାହାଙ୍କର ନିଜ ଜୀବନର ଚଳଣି ଓ ଜୀବିକା ବିଷୟରେ ପ୍ରଶ୍ନ ପଚରା ଯିବାରୁ ସେ ଅସନ୍ତୋଷଜନକ ଉତ୍ତର ଦିଅନ୍ତି ସେ ଡକାୟତ କି ନୁହନ୍ତି ବୋଲି ତାହାଙ୍କୁ ପଚାରିବା ଲାଗି ଏହା ଏକ ଯୁକ୍ତିଯୁକ୍ତ ହେତୁ ହୋଇପାରେ ।

ଯୁକ୍ତିଯୁକ୍ତ ହେତୁ ନ ଥାଇ ପ୍ରଶ୍ନ ପଚରାଯିବା କ୍ଷେତ୍ରେ ନ୍ୟାୟାଳୟଙ୍କ ପ୍ରକ୍ରିୟା ।

150. ଯୁକ୍ତିଯୁକ୍ତ ହେତୁ ବିନା ସେପରି କୌଣସି ପ୍ରଶ୍ନ ପଚରା ଯାଇଅଛି ବୋଲି ନ୍ୟାୟାଳୟଙ୍କର ଅଭିମତ ହେଲେ, ଯଦି ସେହି ପ୍ରଶ୍ନକୁ କୌଣସି ବାରିଷ୍ଟର, ପ୍ଲିଡର, ଉକିଲ ବା ଏଟର୍ଣ୍ଣି ପଚାରିଥାନ୍ତି ତେବେ ନ୍ୟାୟାଳୟ ସେହି ବାରିଷ୍ଟର, ପ୍ଲିଡର, ଉକିଲ ବା ଏଟର୍ଣ୍ଣି ତାହାଙ୍କ ପେଶା କ୍ଷେତ୍ରରେ ଯେଉଁ ଉଚ୍ଚ ନ୍ୟାୟାଳୟର ବା ଅନ୍ୟ ପ୍ରାଧିକାରୀଙ୍କର ଅଧୀନ ହୋଇଥାନ୍ତି ତାହାଙ୍କ ନିକଟକୁ ସେହି ମାମଲାର ପରିସ୍ଥିତି ସଂକ୍ରାନ୍ତରେ ରିପୋର୍ଟ କରିପାରିବେ ।

ଅଶିଷ୍ଟ ଓ କୁତ୍ସାମୂଳକ ପ୍ରଶ୍ନ ।

151. ନ୍ୟାୟାଳୟ ଯେଉଁ ପ୍ରଶ୍ନ ବା ତଦନ୍ତକୁ ଅଶିଷ୍ଟ ବା କୁତ୍ସାମୂଳକ ମନେ କରନ୍ତି ସେହି ପ୍ରଶ୍ନ ବା ତଦନ୍ତ, ନ୍ୟାୟାଳୟ ସମକ୍ଷରେ ଥିବା ପ୍ରଶ୍ନଗୁଡ଼ିକ ସହିତ କିଛି ସମ୍ପର୍କ ରଖିଥିଲେ ହେଁ, ନ୍ୟାୟାଳୟ ତାହାକୁ ନିଷେଧ କରି ପାରିବେ ଯଦି ସେଗୁଡ଼ିକ ବାଦଗ୍ରସ୍ତ ତଥ୍ୟ ସହିତ, ଅଥବା ଉକ୍ତ ବାଦଗ୍ରସ୍ତ ତଥ୍ୟ ବିଦ୍ୟମାନ ଥିଲା କି ନାହିଁ ବୋଲି ଅବଧାରଣା କରିବା ଉଦ୍ଦେଶ୍ୟରେ ଯେଉଁ ଯେଉଁ ବିଷୟ ଜାଣିବା ଆବଶ୍ୟକ ସେହି ବିଷୟଗୁଡ଼ିକ ସହିତ ସମ୍ପୃକ୍ତ ହୋଇ ନ ଥାଏ ।

ଅପମାନିତ ବା ବିରକ୍ତ କରିବାକୁ ଉଦ୍ଦିଷ୍ଟ ଥିବା ପ୍ରଶ୍ନ ।

152. ଯେଉଁ ପ୍ରଶ୍ନ ଅପମାନିତ ବା ବିରକ୍ତ କରିବାକୁ ଉଦ୍ଦିଷ୍ଟ ଥିବାର ନ୍ୟାୟାଳୟଙ୍କୁ ପ୍ରତୀତ ହେଉଥାଏ ତାହା ଯଦିଓ ଉଚିତ ଥିଲେ ହେଁ ନ୍ୟାୟାଳୟଙ୍କୁ ଅନାବଶ୍ୟକଭାବରେ ଆକ୍ରାମକ ପ୍ରତୀତ ହୁଏ ନ୍ୟାୟାଳୟ ତାହାକୁ ନିଷେଧ କରିବେ ।

ସତ୍ୟବାଦିତା ପରୀକ୍ଷା କରୁଥିବା ପ୍ରଶ୍ନଗୁଡ଼ିକର ଉତ୍ତରକୁ ପ୍ରତିବାଦ କରିବା ନିମିତ୍ତ ସାକ୍ଷ୍ୟ ଅପବର୍ଜନ।

153. ଯେଉଁ ପ୍ରଶ୍ନ, କୌଣସି ସାକ୍ଷୀଙ୍କ ଚରିତ୍ରରେ ଦୋଷ ଲଗାଇ ତାହାଙ୍କର ପ୍ରତ୍ୟୟ-ଯୋଗ୍ୟତାକୁ କେବଳ ଦୋହଲାଇ ଦେବା ପର୍ଯ୍ୟନ୍ତ ତଦନ୍ତ ସହିତ ସୁସଙ୍ଗତ ହୁଏ, ସେହି ପ୍ରଶ୍ନ ଯେତେବେଳେ ସାକ୍ଷୀଙ୍କୁ ପଚରା ଯାଇଥାଏ ଓ ସେ ଉତ୍ତର ଦେଇଥାନ୍ତି ସେତେବେଳେ, ତାହାଙ୍କୁ ପ୍ରତିବାଦ କରିବାକୁ କୌଣସି ସାକ୍ଷ୍ୟ ଦିଆଯିବ ନାହିଁ ; କିନ୍ତୁ ଯଦି ସେ ମିଥ୍ୟା ଉତ୍ତର ଦିଅନ୍ତି ତେବେ ଏହାପରେ ମିଥ୍ୟା ସାକ୍ଷ୍ୟ ଦେଇଛନ୍ତି ବୋଲି ତାହାଙ୍କ ବିରୁଦ୍ଧରେ ଦୋଷାରୋପ କରାଯାଇପାରିବ।

ବ୍ୟତିରେକ 1.—ଯଦି କୌଣସି ସାକ୍ଷୀଙ୍କୁ ସେ କୌଣସି ଅପରାଧରେ ପୂର୍ବରୁ ସିଦ୍ଧଦୋଷ ହୋଇଛନ୍ତି କି ବୋଲି ପଚରା ଯାଏ ଓ ସେ ତାହାକୁ ଅସ୍ୱୀକାର କରନ୍ତି, ତେବେ ତାହାଙ୍କର ପୂର୍ବ ଦୋଷସିଦ୍ଧି ସଂପର୍କିତ ସାକ୍ଷ୍ୟ ଦିଆଯାଇ ପାରିବ।

ବ୍ୟତିରେକ 2.— ଯଦି କୌଣସି ସାକ୍ଷୀଙ୍କୁ ତାହାଙ୍କ ନିରପେକ୍ଷତାକୁ ଅଭିଯୋଗ କରି କୌଣସି ପ୍ରଶ୍ନ ପଚରାଯାଏ ଏବଂ ସେ କୁହାଯାଉଥିବା ତଥ୍ୟକୁ ଅସ୍ୱୀକାର କରି ଉତ୍ତର ଦିଅନ୍ତି, ତେବେ ତାହାଙ୍କୁ ଖଣ୍ଡନ କରାଯାଇ ପାରିବ।

ଦୃଷ୍ଟାନ୍ତ

(କ) ଦାୟଗ୍ରହୀତାଙ୍କ ବିରୁଦ୍ଧରେ ଥିବା କୌଣସି ଦାବିକୁ ପ୍ରବଞ୍ଚନାମୂଳକ ବୋଲି ପ୍ରତିରୋଧ କରାଯାଏ।

ପୂର୍ବୋକ୍ତ ଏକ କାରବାରରେ ବାଦିଙ୍କର କୌଣସି ପ୍ରବଞ୍ଚନାମୂଳକ ଦାବି କରି ନ ଥିଲେ କି ବୋଲି ତାହାଙ୍କୁ ପଚରାଯାଏ, ସେ ତାହାକୁ ଅସ୍ୱୀକାର କରନ୍ତି।

ସେ ସେପରି ଏକ ଦାବି କରିଥିଲେ ବୋଲି ଦର୍ଶାଇବା ନିମିତ୍ତ ସାକ୍ଷ୍ୟ ଦିଆଯାଏ। ଏହି ସାକ୍ଷ୍ୟ ଗ୍ରାହ୍ୟ ନୁହେଁ।

(ଖ) କୌଣସି ସାକ୍ଷୀଙ୍କୁ ପଚରାଯାଏ ଯେ, ସେ ଅସାଧୁତା ଲାଗି କୌଣସି ପଦରୁ ବରଖାସ୍ତ ହୋଇଥିଲେ କି।

ସେ ତାହାକୁ ଅସ୍ୱୀକାର କରନ୍ତି।

ଅସାଧୁତା ଲାଗି ତାହାଙ୍କୁ ବରଖାସ୍ତ କରାଯାଇଥିଲା ବୋଲି ଦର୍ଶାଇବା ନିମିତ୍ତ ସାକ୍ଷ୍ୟ ଦିଆଯାଏ।

ସେହି ସାକ୍ଷ୍ୟ ଗ୍ରାହ୍ୟ ନୁହେଁ।

(ଗ) କ ପ୍ରତିଜ୍ଞାତ କରନ୍ତି ଯେ, ସେ ଖ କୁ ଏକ ନିର୍ଦ୍ଦିଷ୍ଟ ଦିନ ଲାହୋରରେ ଦେଖିଥିଲେ।

କ ନିଜେ ସେ ଦିନ କଲିକତାରେ ନ ଥିଲେ କି ବୋଲି ତାହାଙ୍କୁ ପଚରାଯାଏ। ସେ ତାହାକୁ ଅସ୍ୱୀକାର କରନ୍ତି।

କ ସେ ଦିନ କଲିକତାରେ ଥିଲେ ବୋଲି ଦର୍ଶାଇବା ନିମିତ୍ତ ସାକ୍ଷ୍ୟ ଦିଆଯାଏ।

ଏହି ସାକ୍ଷ୍ୟ, ତାହାଙ୍କ ପ୍ରତ୍ୟୟଯୋଗ୍ୟତାକୁ ପ୍ରଭାବିତ କରୁଥିବା ତଥ୍ୟ ଖଣ୍ଡନ କରୁଥିବା ଯୋଗୁଁ ଗ୍ରାହ୍ୟ ନ ହୋଇ ପରନ୍ତୁ, ଖ କୁ ଉକ୍ତ ଦିନ ଲାହୋରରେ ଦେଖା ଯାଇଥିବ, ଏହି ଅଭିକଥିତ ତଥ୍ୟ ଖଣ୍ଡନ କରୁଥିବା ଯୋଗୁଁ ଗ୍ରାହ୍ୟ ଅଟେ।

ଏପରି ପ୍ରତ୍ୟେକ ମାମଲାରେ ଯଦି ସାକ୍ଷୀ ଅସ୍ୱୀକାର କରିବା ମିଥ୍ୟା ହୋଇଥାଏ ତେବେ ମିଥ୍ୟା ସାକ୍ଷ୍ୟ ଦେଇଛନ୍ତି ବୋଲି ତାହାଙ୍କ ଉପରେ ଦୋଷାରୋପ କରାଯାଇ ପାରିବ

(ଗ) ଖ ବିରୁଦ୍ଧରେ କ ସାକ୍ଷ୍ୟ ଦିଅନ୍ତି, ଖ ଙ୍କ ପରିବାର ସଙ୍ଗେ କ ଙ୍କ ପରିବାରର କୁଳ ବୈରତା ନ ଥିଲା କି ବୋଲି କ କୁ ପଚରାଯାଏ ।

ସେ ତାହାକୁ ଅସ୍ୱୀକାର କରନ୍ତି, ସେହି ପ୍ରଶ୍ନ ତାହାଙ୍କ ନିରପେକ୍ଷତାକୁ ନାକରିବାର କରୁଥିବା ହେତୁ ତାହାଙ୍କୁ ଖଣ୍ଡନ କରାଯାଇ ପାରିବ ।

ପକ୍ଷଙ୍କ ଦ୍ୱାରା ତାହାଙ୍କ ନିଜ ସାକ୍ଷୀଙ୍କୁ ପ୍ରଶ୍ନ ।

154. ସାକ୍ଷୀଙ୍କୁ ପ୍ରତିପକ୍ଷ ଜେରାରେ ଯେଉଁ ପ୍ରଶ୍ନ ପଚାରି ପାରନ୍ତି, ତାହାଙ୍କୁ ସେହି ପ୍ରଶ୍ନ ପଚାରିବା ପାଇଁ, ନ୍ୟାୟାଳୟ ସ୍ୱବିବେଚନାନୁସାରେ, ତାହାଙ୍କୁ ତଲବ କରିଥିବା ବ୍ୟକ୍ତିଙ୍କୁ ଅନୁମତି ଦେଇ ପାରିବେ ।

ସାକ୍ଷୀଙ୍କ ପ୍ରତ୍ୟୟଯୋଗ୍ୟତାକୁ ମହାର୍ଘ-ଦୋଷ କରିବା ।

155. ପ୍ରତିପକ୍ଷ ଦ୍ୱାରା, ଅଥବା ଯେଉଁ ପକ୍ଷ ସାକ୍ଷୀଙ୍କୁ ତଲବ କରିଥାଆନ୍ତି ନ୍ୟାୟାଳୟଙ୍କ ସମ୍ମତିକ୍ରମେ ତାହାଙ୍କ ଦ୍ୱାରା ନିମ୍ନଲିଖିତ ପ୍ରକାରେ ସେହି ସାକ୍ଷୀଙ୍କ ପ୍ରତ୍ୟୟଯୋଗ୍ୟତାକୁ ମହାର୍ଘଦୋଷ କରାଯାଇ ପାରିବ :—

(1) ଯେଉଁ ବ୍ୟକ୍ତିମାନେ ସାକ୍ଷ୍ୟ ଦିଅନ୍ତି ଯେ, ସେମାନଙ୍କୁ ସାକ୍ଷୀଙ୍କ ପ୍ରତ୍ୟୟଯୋଗ୍ୟତା ସମ୍ପର୍କରେ ଜଣାଥିବା ପ୍ରକାରେ ସେମାନେ ତାହାଙ୍କୁ ଅଯୋଗ୍ୟ ବୋଲି ବିଶ୍ୱାସ କରନ୍ତି, ସେହି ବ୍ୟକ୍ତିମାନଙ୍କ ସାକ୍ଷ୍ୟ ଦିଆଯାଇ ;

(2) ସାକ୍ଷୀଙ୍କୁ ଲାଞ୍ଚ ଦିଆଯାଇଛି ବା ସେ ଲାଞ୍ଚ ଦେବା ପ୍ରସ୍ତାବକୁ ଗ୍ରହଣ କରିଛନ୍ତି ବା ସେ ନିଜର ସାକ୍ଷ୍ୟ ଦେବା ନିମିତ୍ତ ଅନ୍ୟ କୌଣସି ଭ୍ରଷ୍ଟ ପ୍ରଲୋଭନକୁ ଗ୍ରହଣ କରିଛନ୍ତି ବୋଲି ପ୍ରମାଣ କରାଯାଇ ;

(3) ତାହାଙ୍କର ଯେଉଁ ସାକ୍ଷ୍ୟକୁ ଖଣ୍ଡନ କରାଯାଇପାରେ ତାହାର ଯେ କୌଣସି ଅଂଶ ସହିତ ଅସଙ୍ଗତ ଥିବା ପୂର୍ବବର୍ତ୍ତୀ ବିବୃତିଗୁଡ଼ିକୁ ପ୍ରମାଣ କରାଯାଇ ;

(4) ଯେତେବେଳେ କୌଣସି ବ୍ୟକ୍ତି ଧର୍ଷଣ ବା ବଳାତ୍କାର କରିବା ପାଇଁ ପ୍ରୟତ୍ନ ଲାଗି ଅଭିଯୋଜିତ ହୁଅନ୍ତି, ସେତେବେଳେ ଅଭିଯୋକ୍ତ୍ରୀ ସାଧାରଣତଃ ଅନୈତିକ ଚରିତ୍ର ସମ୍ପନ୍ନ ଥିଲେ ବୋଲି ଦର୍ଶାଇ ଦିଆଯାଇପାରିବ ।

ସ୍ପଷ୍ଟୀକରଣ—ଅନ୍ୟ କୌଣସି ସାକ୍ଷୀଙ୍କୁ ପ୍ରତ୍ୟୟ ଯୋଗ୍ୟ ନୁହନ୍ତି ବୋଲି ଘୋଷଣା କରୁଥିବା କୌଣସି ସାକ୍ଷୀ ତାହାଙ୍କ ମୁଖ୍ୟ ପରୀକ୍ଷାରେ ନିଜର ବିଶ୍ୱାସ ଲାଗି କାରଣ ନ ଦର୍ଶାଇ ପାରନ୍ତି ମାତ୍ର ଜେରାରେ ତାହାଙ୍କୁ ତାହାଙ୍କର କାରଣ ସଂକ୍ରାନ୍ତରେ ପଚରା ଯାଇ ପାରିବ, ଏବଂ ସେ ଦେଇଥିବା ଉତ୍ତରଗୁଡ଼ିକୁ ପ୍ରତିବାଦ କରାଯାଇ ପାରିବ ନାହିଁ, ଅବଶ୍ୟ ଯଦି ସେଗୁଡ଼ିକ ମିଥ୍ୟା ହୋଇଥାଏ, ତେବେ ମିଥ୍ୟା ସାକ୍ଷ୍ୟ ଦେଇଛନ୍ତି ବୋଲି ତାହାଙ୍କ ବିରୁଦ୍ଧରେ ପରେ ଦୋଷାରୋପ କରାଯାଇ ପାରିବ ।

ଦୃଷ୍ଟାନ୍ତ

(କ) କ ଖ କୁ ବିକ୍ରୟ କରାଯାଇଥିବା ଓ ପରିଦାନ କରାଯାଇଥିବା ମାଲର ମୂଲ୍ୟ ପାଇଁ ଖ ଙ୍କ ବିରୁଦ୍ଧରେ କ ନାଲିସ୍ କରନ୍ତି ।

ଗ କହନ୍ତି ଯେ ସେ ଖ କୁ ମାଲ୍ ପରିଦାନ କରିଛନ୍ତି ।

କୌଣସି ପୂର୍ବବର୍ତ୍ତୀ ଅବସରରେ ସେ କହିଥିଲେ ଯେ ସେ କ କୁ ମାଲ୍ ପରିଦାନ କରିନାହାନ୍ତି, ଏହା ଦର୍ଶାଇବାକୁ ସାକ୍ଷ୍ୟ ଦଆଯିବାକୁ ପ୍ରସ୍ତାବ କରାଯାଏ ।

ସେହି ସାକ୍ଷ୍ୟ ଗ୍ରାହ୍ୟ ଅଟେ ।

(ଖ) କ ଙ୍କୁ ହତ୍ୟା କରିବା ନିମନ୍ତେ ଖ ଙ୍କ ବିରୁଦ୍ଧରେ ଅଭିଯୋଗ କରାଯାଏ । ଗ କହନ୍ତି ଯେ ଖ ମରିବା ସମୟରେ ଘୋଷଣା କରିଥିଲେ ଯେ କ ଖ କୁ ଏପରି କ୍ଷତଟିଏ ଘଟାଇଥିଲେ ଯେ ସେ ତଦ୍ଦ୍ୱାରା ମୃତ୍ୟୁବରଣ କଲେ ।

କୌଣସି ପୂର୍ବବର୍ତ୍ତୀ ଅବସରରେ ଗ କହିଥିଲେ ଯେ କ ଦ୍ୱାରା ବା ତାହାଙ୍କ ଉପସ୍ଥିତିରେ ସେହି କ୍ଷତ କରାଯାଇନଥିଲା । ଏହା ଦର୍ଶାଇବାକୁ ସାକ୍ଷ୍ୟ ଦିଆଯିବାକୁ ପ୍ରସ୍ତାବ କରାଯାଏ ।

ସେହି ସାକ୍ଷ୍ୟ ଗ୍ରାହ୍ୟ ଅଟେ ।

ସୁସଙ୍ଗତ ତଥ୍ୟ ସମ୍ପର୍କିତ ସାକ୍ଷ୍ୟକୁ ସଂପୁଷ୍ଟ କରିବା ଲାଗି ପ୍ରଶ୍ନଗ୍ରାହ୍ୟ ଅଟେ ।

156. ଯେଉଁ ସାକ୍ଷ୍ୟ ସଂପୁଷ୍ଟ କରିବାର ଆଶୟ ଥାଏ ସେ ଯେତେବେଳେ କୌଣସି ସୁସଙ୍ଗତ ତଥ୍ୟ ସଂକ୍ରାନ୍ତରେ ସାକ୍ଷ୍ୟ ଦିଅନ୍ତି, ସେତେବେଳେ ଯେଉଁ ସମୟରେ ବା ଯେଉଁ ସ୍ଥାନରେ ସେପରି ସୁସଙ୍ଗତ ତଥ୍ୟ ଘଟିଥିଲା ସେହି ସମୟରେ ବା ସେହି ସ୍ଥାନରେ ଅଥବା ତାର ନିକଟରେ ସେ ଅବଲୋକନ କରିଥିବା ଅନ୍ୟ ଯେଉଁ ପରିସ୍ଥିତି, ନ୍ୟାୟାଳୟଙ୍କ ଅଭିମତରେ, ପ୍ରମାଣିତ ହେଲେ, ସାକ୍ଷୀଙ୍କ ସାକ୍ଷ୍ୟକୁ ସଂପୁଷ୍ଟ କରିପାରେ, ସେହି ପରିସ୍ଥିତି ସଂକ୍ରାନ୍ତରେ ସେହି ସାକ୍ଷୀଙ୍କୁ ପ୍ରଶ୍ନ କରାଯାଇ ପାରିବ ।

**ଦୃଷ୍ଟାନ୍ତ**

ଏକ ଦସ୍ୟୁତାରେ ସହଅପରାଧୀ କ ଅଂଶ ଗ୍ରହଣ କରିଥିଲେ । ସେ ତାହାର ବୃତ୍ତାନ୍ତ ଦିଅନ୍ତି । ଯେଉଁ ସ୍ଥାନରେ ଦସ୍ୟୁତା କରାଯାଇଥିଲା ସେହି ସ୍ଥାନକୁ ଯିବା ଓ ସେହି ସ୍ଥାନରୁ ଫେରିବା ବେଳେ ଦସ୍ୟୁତା ସହିତ ଅସଂପୃକ୍ତ ଯେଉଁ ଯେଉଁ ଘଟଣା ମାର୍ଗରେ ଘଟିଥିଲା, ସେ ତାହାକୁ ବର୍ଣ୍ଣନା କରନ୍ତି ।

ଦସ୍ୟୁତା ସଂପର୍କରେ ତାହାଙ୍କର ସାକ୍ଷ୍ୟକୁ ସଂପୁଷ୍ଟ କରିବା ଉଦ୍ଦେଶ୍ୟରେ ଏହି ତଥ୍ୟଗୁଡ଼ିକ ସଂପର୍କରେ ସ୍ୱତନ୍ତ୍ର ସାକ୍ଷ୍ୟ ଦିଆଯାଇପାରିବ ।

ଏହା ତଥ୍ୟ ବିଷୟରେ ପରବର୍ତ୍ତୀ ସାକ୍ଷ୍ୟକୁ ସଂପୁଷ୍ଟ କରିବା ନିମିତ୍ତ ସାକ୍ଷୀଙ୍କର ପୂର୍ବବର୍ତ୍ତୀ ବିବୃତିକୁ ପ୍ରମାଣ କରାଯାଇପାରିବ ।

157. କୌଣସି ସାକ୍ଷୀଙ୍କର ସାକ୍ଷ୍ୟକୁ ସଂପୁଷ୍ଟ କରିବା ଲାଗି, ଯେତେବେଳେ ସେହି ତଥ୍ୟ ଘଟିଥିଲା ସେହି ସମୟରେ ବା ତାହାର ନିକଟବର୍ତ୍ତୀ ସମୟରେ, ବା ସେହି ତଥ୍ୟକୁ ଅନୁସନ୍ଧାନ କରିବାକୁ ବିଧିତଃ ସକ୍ଷମ ଯେ କୌଣସି ପ୍ରାଧିକାରୀଙ୍କ ସମକ୍ଷରେ ସେହି ଏହା ତଥ୍ୟ ସଂକ୍ରାନ୍ତରେ ଉକ୍ତ ସାକ୍ଷୀ ଦେଇଥିବା ଯେକୌଣସି ପୂର୍ବବର୍ତ୍ତୀ ବିବୃତିକୁ ପ୍ରମାଣ କରାଯାଇପାରିବ ।

ଧାରା 32 ବା 33 ଅନୁଯାୟୀ ସୁସଙ୍ଗତ ପ୍ରମାଣିତ ବିବୃତି ସମ୍ପର୍କରେ କେଉଁ ବିଷୟକୁ ପ୍ରମାଣ କରାଯାଇପାରିବ ।

158. ଯେତେବେଳେ ଧାରା 32 ବା 33 ଅନୁଯାୟୀ ସୁସଙ୍ଗତ କୌଣସି ବିବୃତିକୁ ପ୍ରମାଣ କରାଯାଏ ସେତେବେଳେ, ହୁଏତ ତାହାର ଖଣ୍ଡନ କରିବାକୁ ବା ତାହାକୁ ସଂପୁଷ୍ଟ କରିବାକୁ ଅଥବା ତାହାକୁ ଯେଉଁ ବ୍ୟକ୍ତି ଦେଇଥିଲେ, ତାହାଙ୍କର ପ୍ରତ୍ୟୟଯୋଗ୍ୟତାକୁ ମହାଭିଯୋଗ କରିବାକୁ ବା କାଏମ କରିବାକୁ ଯେଉଁ ସବୁ ବିଷୟ, ସେହି ବ୍ୟକ୍ତିଙ୍କୁ ସାକ୍ଷୀରୂପେ ଡକାଯାଇଥିଲେ ଓ ସେ ଜେରାରେ ସୂଚିତ ବିଷୟର ସତ୍ୟତାକୁ ଅସ୍ୱୀକାର କରିଥିଲେ ପ୍ରମାଣ କରାଯାଇପାରନ୍ତା, ସେହି ସବୁ ବିଷୟକୁ ପ୍ରମାଣ କରାଯାଇପାରିବ ।

ସ୍ମୃତି ସତେଜ କରିବା

159. ପରୀକ୍ଷାଧୀନ ହେବାବେଳେ ଯେଉଁ କାରବାର ସଂକ୍ରାନ୍ତରେ ସାକ୍ଷୀଙ୍କୁ ପ୍ରଶ୍ନ କରାଯାଏ ତାହା ସଂପୃକ୍ତ ହୋଇଥିବା ସମୟରେ, ଅଥବା ତାହାର ଠିକ୍ ପରବର୍ତ୍ତୀ ଯେଉଁ ସମୟରେ କାରବାରଟି ଘଟିଥିଲେ ତାହା ତାହାଙ୍କର ସ୍ମୃତି ପଟରେ ସତେଜ ଥାଇପାରେ ବୋଲି ନ୍ୟାୟାଳୟ ମନେ କରନ୍ତି ସେହି ସମୟରେ, ସେ ନିଜେ ଲେଖିଥିବା ଯେକୌଣସି ଲେଖାକୁ ଦେଖି ତାହାଙ୍କର ସ୍ମୃତିକୁ ସତେଜ କରିପାରିବେ ।

ଅନ୍ୟ କୌଣସି ବ୍ୟକ୍ତି ଲେଖିଥିବା ଯେଉଁ ଲେଖାକୁ ସାକ୍ଷୀ ଉପରୋକ୍ତ ସମୟ ମଧ୍ୟରେ ପଢ଼ିଥାନ୍ତି ସେହି ଲେଖାକୁ, ପଢ଼ିବା ବେଳେ ସେ ଯଦି ଶୁଦ୍ଧ ବୋଲି ଜାଣିଥିବେ ତେବେ, ସେହି ଲେଖାକୁ ମଧ୍ୟ ସେ ଦେଖିପାରିବେ ।

**ସ୍ମୃତି ସତେଜ କରିବା ନିମିତ୍ତ ସାକ୍ଷୀ କେତେବେଳେ ଦସ୍ତାବିଜର ପ୍ରତିଲିପି ବ୍ୟବହାର କରିପାରିବେ ।**

ଯେତେବେଳେ କୌଣସି ସାକ୍ଷୀ କୌଣସି ଦସ୍ତାବିଜକୁ ଦେଖି ନିଜର ସ୍ମୃତିକୁ ସତେଜ କରି ପାରିବେ ସେତେବେଳେ ନ୍ୟାୟାଳୟଙ୍କ ଅନୁମତି ନେଇ ସେପରି ଦସ୍ତାବିଜର ନକଲକୁ ଦେଖି ପାରିବେ :

ପରନ୍ତୁ ମୂଳ ଦସ୍ତାବିଜକୁ ପେଶ୍ ନ କରିବା ଲାଗି ପ୍ରଚୁର କାରଣ ଅଛି ବୋଲି ନ୍ୟାୟାଳୟଙ୍କର ସନ୍ତୋଷବିଧାନ ହେବା ଦରକାର ।

କୌଣସି ବିଶାରଦ ତାଙ୍କ ପେଶା ସଂକ୍ରାନ୍ତ ନିବନ୍ଧ ଗ୍ରନ୍ଥକୁ ଦେଖି ନିଜର ସ୍ମୃତି ସତେଜ କରି ପାରିବେ ।

**ଧାରା 159 ରେ ବର୍ଣ୍ଣିତ ଦସ୍ତାବିଜରେ ଥିବା ତଥ୍ୟଗୁଡ଼ିକର ପରିସାକ୍ଷ୍ୟ ।**

160. ଧାରା 159ରେ ବର୍ଣ୍ଣିତ କୌଣସି ଦସ୍ତାବିଜରେ ଥିବା ବିଷୟଗୁଡ଼ିକ ସଂକ୍ରାନ୍ତରେ ସାକ୍ଷୀଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ମୃତି ନ ଥିଲେ ସୁଦ୍ଧା, ସେହି ଦସ୍ତାବିଜରେ ତଥ୍ୟଗୁଡ଼ିକ ଶୁଦ୍ଧଭାବରେ ଅଭିଲିଖିତ ହୋଇଛି ବୋଲି ସେ ଯଦି ନିଶ୍ଚିତ ଥାନ୍ତି, ତେବେ ସେ ସେହି ବିଷୟଗୁଡ଼ିକର ମଧ୍ୟ ସାକ୍ଷ୍ୟ ଦେଇ ପାରିବେ ।

### ଦୃଷ୍ଟାନ୍ତ

ନିଜର ବ୍ୟବସାୟ ସଂକ୍ରାନ୍ତରେ କୌଣସି ହିସାବରକ୍ଷକ ଯେଉଁ ହିସାବ ଖାତା ନିୟମିତ ରଖୁଥିବେ, ସେହି ଖାତାଗୁଡ଼ିକରେ ଦରଜ ହୋଇଥିବା ଲେଣଦେଣକୁ ସେ ଭୁଲିଯାଇଥିଲେ ସୁଦ୍ଧା ଯଦି ଖାତାଗୁଡ଼ିକୁ ଠିକ୍ ଠିକ୍ ରଖାଯାଇଅଛି ବୋଲି ସେ ଜାଣନ୍ତି ତାହାହେଲେ, ସେ ସେହି ଖାତା-ଗୁଡ଼ିକରେ ଲେଖି ରଖିଥିବା କଥାର ସାକ୍ଷ୍ୟ ଦେଇପାରିବେ ।

**ସ୍ମୃତି ସତେଜ କରିବା ନିମିତ୍ତ ବ୍ୟବହୃତ ଲେଖା ବିଷୟରେ ପ୍ରତିପକ୍ଷଙ୍କ ଅଧିକାର ।**

161. ପୂର୍ବବର୍ତ୍ତୀ ଅନ୍ତିମ ଦୁଇଗୋଟି ଧାରାର ଉପବନ୍ଧ ଅନୁଯାୟୀ ନିର୍ଦ୍ଦେଶିତ କୌଣସି ଲେଖାକୁ ଯଦି ପ୍ରତିପକ୍ଷ ଆବଶ୍ୟକ କରନ୍ତି ତେବେ ସେହି ଲେଖାକୁ ପେଶ୍ କରିବାକୁ ହେବ ଏବଂ ପ୍ରତିପକ୍ଷଙ୍କୁ ଦେଖାଇବାକୁ ପଡ଼ିବ ; ଯଦି ସେପରି ପକ୍ଷ ଇଚ୍ଛା କରନ୍ତି ତେବେ ସେ ବିଷୟରେ ସେ ସାକ୍ଷୀଙ୍କୁ ଜେରା କରିପାରିବେ ।

**ଦସ୍ତାବିଜ ପେଶ୍ କରିବା**

162. କୌଣସି ଦସ୍ତାବିଜକୁ ପେଶ୍ କରିବା ନେଇ ବା ତାହାର ଗ୍ରାହ୍ୟତା ନେଇ ଯେ-କୌଣସି ଆପତ୍ତି ଥିବା ସତ୍ତ୍ୱେ, ଯଦି ସେହି ଦସ୍ତାବିଜ ପେଶ୍ କରିବାକୁ ସମନ କରାଯାଇଥିବା ସାକ୍ଷୀଙ୍କ ଦଖଲରେ ବା କ୍ଷମତାଧୀନରେ ତାହା ଥାଏ, ତେବେ ସେ ତାହାକୁ ନ୍ୟାୟାଳୟକୁ ଆଣିବେ । ସେପରି ଆପତ୍ତିର ବିଧିମାନ୍ୟତା ସଂକ୍ରାନ୍ତରେ ନ୍ୟାୟାଳୟ ନିଷ୍ପତ୍ତି କରିବେ ।

ସେହି ଦସ୍ତାବିଜ ରାଜ୍ୟର ବ୍ୟାପାର ସମ୍ବନ୍ଧିତ ହୋଇ ନ ଥିଲେ, ଯଦି ନ୍ୟାୟାଳୟ ଉଚିତ ମନେ କରନ୍ତି, ତେବେ ତାହାକୁ ନିରୀକ୍ଷଣ କରିପାରିବେ କିମ୍ବା ତାହାର ଗ୍ରାହ୍ୟତା ସଂକ୍ରାନ୍ତରେ ଅବଧାରଣ କରିବା ନିମିତ୍ତ ସମର୍ଥ ହେବାକୁ ଅନ୍ୟ ସାକ୍ଷ୍ୟ ଗ୍ରହଣ କରିପାରିବେ ।

**ଦସ୍ତାବିଜର ଅନୁବାଦ**

ଯଦି ସେପରି କୌଣସି ଉଦ୍ଦେଶ୍ୟରେ କୌଣସି ଦସ୍ତାବିଜକୁ ଅନୁବାଦ କରାଇବା ଆବଶ୍ୟକ ହୁଏ ତେବେ ସେହି ଦସ୍ତାବିଜ ସାକ୍ଷ୍ୟରେ ନିଆଯିବାର ନ ଥିଲେ ଯଦି ନ୍ୟାୟାଳୟ ଉଚିତ ମନେ କରନ୍ତି ତେବେ ବିଷୟବସ୍ତୁକୁ ଗୁପ୍ତ ରଖିବାକୁ ଅନୁବାଦକଙ୍କୁ ନିର୍ଦ୍ଦେଶ ଦେଇପାରିବେ ଏବଂ ଯଦି ଭାଷାନ୍ତରକ ସେପରି ନିର୍ଦ୍ଦେଶର ଅବଜ୍ଞା କରନ୍ତି ତେବେ ସେ ଭାରତୀୟ ଦଣ୍ଡ ସଂହିତାର ଧାରା 166 ଅନୁଯାୟୀ 1860ର 45
ଅପରାଧ କରିଛନ୍ତି ବୋଲି ଧରାଯିବ ।

**ନୋଟିସ ଦିଆଯାଇଥିବା ଏବଂ ନୋଟିସ ପରେ ପେଶ୍ କରାଯାଇଥିବା ଦସ୍ତାବିଜକୁ ସାକ୍ଷ୍ୟରୂପେ ଦିଆଯିବ ।**

163. ଯେଉଁ ଦସ୍ତାବିଜ ପେଶ୍ କରିବାକୁ କୌଣସି ପକ୍ଷ ଅନ୍ୟ ପକ୍ଷକୁ ନୋଟିସ ଦେଇ ଥାଆନ୍ତି ସେହି ଦସ୍ତାବିଜକୁ ଯେତେବେଳେ ସେହି ପକ୍ଷ ତଲବ କରନ୍ତି ଏବଂ ସେପରି ଦସ୍ତାବିଜକୁ ପେଶ୍ କରାଯାଏ ଏବଂ ତାହାକୁ ପେଶ୍ କରାଇବାକୁ ତଲବ କରୁଥିବା ପକ୍ଷ ନିରୀକ୍ଷଣ କରନ୍ତି, ସେତେବେଳେ ସେ ତାହାକୁ ସାକ୍ଷ୍ୟରୂପେ ଉପସ୍ଥାପନ କରନ୍ତୁ ବୋଲି, ତାହା ପେଶ୍ କରୁଥିବା ପକ୍ଷ ଯଦି ଆବଶ୍ୟକ କରିବେ ତେବେ ସେ ତାହାକୁ ସେପରି ଉପସ୍ଥାପନ କରିବାକୁ ବାଧ୍ୟ ହେବେ ।

ନୋଟିସ ପରେ ଯେଉଁ ଦସ୍ତାବିଜ ପେଶ କରିବାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ତାହାକୁ ସାକ୍ଷ୍ୟ ରୂପେ ବ୍ୟବହାର କରାଯିବ ।

164. ଯଦି କୌଣସି ପକ୍ଷ ନୋଟିସ ପାଇ କୌଣସି ଦସ୍ତାବିଜ ପେଶ୍ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି ତେବେ ସେ ପରେ ଅନ୍ୟ ପକ୍ଷଙ୍କ ସମ୍ମତି ବା ନ୍ୟାୟାଳୟଙ୍କ ଆଦେଶ ବିନା ସେହି ଦସ୍ତାବିଜକୁ ସାକ୍ଷ୍ୟରୂପେ ବ୍ୟବହାର କରିପାରିବେ ନାହିଁ ।

ଦୃଷ୍ଟାନ୍ତ

ଖ ଙ୍କ ବିରୁଦ୍ଧରେ କ କୌଣସି ରାଜିନାମା ସମ୍ବନ୍ଧରେ ନାଲିସ୍ କରନ୍ତି ଏବଂ ତାହାକୁ ପେଶ୍ କରିବାକୁ ଖ ଙ୍କୁ ନୋଟିସ ଦିଅନ୍ତି । ବିଚାରଣା ସମୟରେ କ ସେହି ଦସ୍ତାବିଜକୁ ତଲବ କରନ୍ତି ଏବଂ ଖ ତାହାକୁ ପେଶ୍ କରିବାକୁ ପ୍ରତ୍ୟାଖ୍ୟାନ କରନ୍ତି । ତାହାର ବିଷୟବସ୍ତୁ ସମ୍ପର୍କରେ କ ଦେଇଥିବା ଗୌଣ ସାକ୍ଷ୍ୟକୁ ପ୍ରତିବାଦ କରିବାକୁ ବା ସେହି ରାଜିନାମାଟି ଷ୍ଟାମ୍ପଯୁକ୍ତ ହୋଇନାହିଁ ବୋଲି ଦର୍ଶାଇବା ଉଦ୍ଦେଶ୍ୟରେ ଖ ସେହି ଦସ୍ତାବିଜକୁ ପେଶ୍ କରିବାକୁ ଇଚ୍ଛା କରନ୍ତି, ସେ ତାହା କରିପାରିବେ ନାହିଁ ।

ପ୍ରଶ୍ନ କରିବାକୁ ବା ପେଶ କରିବାକୁ ଆଦେଶ ଦେବା ସକାଶେ ନ୍ୟାୟାଧୀଶଙ୍କ କ୍ଷମତା ।

165. ନ୍ୟାୟାଧୀଶ ସୁସଙ୍ଗତ ତଥ୍ୟ ଆବିଷ୍କାର କରିବା ନିମିତ୍ତ ବା ତାହାର ଉଚିତ ପ୍ରମାଣ ପାଇବା ନିମିତ୍ତ, ନିଜେ ଇଚ୍ଛା କରିବା ମାତ୍ରେ, ଯେକୌଣସି ରୂପରେ, ଯେକୌଣସି ସମୟରେ, କୌଣସି ସାକ୍ଷୀଙ୍କୁ ବା ପକ୍ଷମାନଙ୍କୁ ଯେକୌଣସି ସୁସଙ୍ଗତ ବା ବିସଙ୍ଗତ ତଥ୍ୟ ବିଷୟରେ ପଚାରି ପାରିବେ; ତଥା ଯେକୌଣସି ଦସ୍ତାବିଜ ବା ଜିନିଷ ପେଶ୍ କରାଯିବାକୁ ଆଦେଶ ଦେଇପାରିବେ; ଏବଂ ସେହି ପକ୍ଷମାନେ କିମ୍ବା ସେମାନଙ୍କ ଏଜେଣ୍ଟମାନେ ସେପରି କୌଣସି ପ୍ରଶ୍ନ ବା ଆଦେଶ ବିରୁଦ୍ଧରେ ଆପତ୍ତି କରିବାକୁ ହକ୍‌ଦାର ହେବେ ନାହିଁ କି ସେପରି କୌଣସି ପ୍ରଶ୍ନର ପ୍ରତ୍ୟୁତ୍ତରରେ ଦିଆ ଯାଇଥିବା କୌଣସି ଉତ୍ତର ଉପରେ କୌଣସି ସାକ୍ଷୀଙ୍କୁ ନ୍ୟାୟାଳୟଙ୍କ ଅନୁମତି ନ ଥାଇ ଜେରା କରିବାକୁ ହକ୍‌ଦାର ହେବେ ନାହିଁ :

ପରନ୍ତୁ ଏହି ଅଧିନିୟମ ଦ୍ୱାରା ସୁସଙ୍ଗତ ବୋଲି ଘୋଷିତ, ତଥା ଯଥୋଚିତରୂପେ ପ୍ରମାଣିତ ତଥ୍ୟଗୁଡ଼ିକ ଉପରେ ହିଁ ରାୟ ଆଧାରିତ ହେବ :

ପୁନଶ୍ଚ ପ୍ରତିପକ୍ଷଙ୍କ ଦ୍ୱାରା ଯେଉଁ ପ୍ରଶ୍ନ ପଚରା ଯାଇଥିଲେ ବା ଯେଉଁ ଦସ୍ତାବିଜ ପେଶ୍ କରିବାକୁ କୁହାଯାଇଥିଲେ ସାକ୍ଷୀ ସେହି ପ୍ରଶ୍ନର ଉତ୍ତର ଦେବାକୁ ବା ସେହି ଦସ୍ତାବିଜ ପେଶ୍ କରିବାକୁ ପ୍ରତ୍ୟାଖ୍ୟାନ କରିବା ସକାଶେ ଧାରା 121 ରୁ 131 (ଉଭୟ ସମେତ) ଅନୁଯାୟୀ ହକ୍‌ଦାର ହୋଇପାରନ୍ତେ ସେହି ପ୍ରଶ୍ନର ଉତ୍ତର ଦେବା ପାଇଁ ବା ସେହି ଦସ୍ତାବିଜ ପେଶ୍ କରିବା ପାଇଁ ସାକ୍ଷୀଙ୍କୁ ବାଧ୍ୟ କରିବାକୁ ଏହି ଧାରା କୌଣସି ନ୍ୟାୟାଳୟଙ୍କୁ ପ୍ରାଧିକୃତ କରିବ ନାହିଁ; ଯେଉଁ ପ୍ରଶ୍ନ ପଚାରିବା ଅନ୍ୟ କୌଣସି ବ୍ୟକ୍ତିଙ୍କ ପକ୍ଷରେ ଧାରା 148 ବା 149 ଅନୁଯାୟୀ ଅନୁଚିତ ହୋଇଥାନ୍ତା ନ୍ୟାୟାଧୀଶ ସେହି ପ୍ରଶ୍ନ ପଚାରିବେ ନାହିଁ କି ଏଥିପୂର୍ବରୁ ଯେଉଁ ଯେଉଁ କ୍ଷେତ୍ରେ ଛାଡ଼ି ଦିଆଯାଇଅଛି ସେହି ସେହି କ୍ଷେତ୍ର ଭିନ୍ନ ଅନ୍ୟଥା ସେ କୌଣସି ଦସ୍ତାବିଜ ସଂକ୍ରାନ୍ତ ପ୍ରାଥମିକ ସାକ୍ଷ୍ୟକୁ ଛାଡ଼ ଦେବେ ନାହିଁ ।

ପ୍ରଶ୍ନ କରିବାକୁ ଜୁରି ବା ଆସେସରମାନଙ୍କ କ୍ଷମତା ।

166. ଜୁରି ଦ୍ୱାରା ବା ଆସେସରମାନଙ୍କ ସହାୟତାରେ ବିଚାରଣ କରାଯାଉଥିବା ମାମଲାରେ ଯେଉଁ ପ୍ରଶ୍ନ ନ୍ୟାୟାଧୀଶ ସ୍ୱୟଂ ପଚାରି ପାରିବେ ଏବଂ ଯାହାକୁ ନ୍ୟାୟାଧୀଶ ଉଚିତ ମନେ କରନ୍ତି ସେହି ପ୍ରଶ୍ନକୁ ତାହାଙ୍କ ମାଧ୍ୟମରେ ବା ତାହାଙ୍କ ଅନୁମତି ନେଇ ଜୁରି ବା ଆସେସର ସାକ୍ଷୀମାନଙ୍କୁ ପଚାରିପାରିବେ ।

## ଅଧ୍ୟାୟ XI

### ସାକ୍ଷ୍ୟର ଅନୁଚିତ ଗ୍ରହଣ ଓ ଅଗ୍ରାହ୍ୟକରଣ ସମ୍ବନ୍ଧରେ

ସାକ୍ଷ୍ୟର ଅନୁଚିତ ଗ୍ରହଣ ଓ ଅଗ୍ରାହ୍ୟକରଣ ଯୋଗୁଁ ନୂତନ ବିଚାରଣ ହେବ ନାହିଁ ।

167. ଯେଉଁ ନ୍ୟାୟାଳୟ ସମକ୍ଷରେ ଆପତ୍ତି ଉତ୍ଥାପନ କରାଯାଏ ଯଦି ସେହି ନ୍ୟାୟାଳୟଙ୍କୁ ଏହା ପ୍ରତୀତ ହୁଏ ଯେ ଆପତ୍ତି କରାଯାଇଥିବା ଅଥଚ ଗୃହୀତ ହୋଇଥିବା ସାକ୍ଷ୍ୟ ବିନା ମଧ୍ୟ କୌଣସି ନିଷ୍ପତ୍ତିକୁ ନ୍ୟାୟୋଚିତ ସାବ୍ୟସ୍ତ କରିବାକୁ ପ୍ରଚୁର ପ୍ରମାଣ ଥିଲା ଅଥବା ଯଦି ଅଗ୍ରାହ୍ୟ ସାକ୍ଷ୍ୟ ଗ୍ରହଣ କରାଯାଇ ଥାଆନ୍ତା ତେବେ ତାହା ସେହି ନିଷ୍ପତ୍ତିକୁ ବିବେଚିତ କରି ନ ଥାନ୍ତା ତାହାହେଲେ ସାକ୍ଷ୍ୟର ଅନୁଚିତ ଗ୍ରହଣ ବା ଅଗ୍ରାହ୍ୟକରଣ ସ୍ୱୟଂ କୌଣସି ମାମଲାର ନୂତନ ବିଚାରଣ ଲାଗି ବା କୌଣସି ନିଷ୍ପତ୍ତିକୁ ଓଲଟାଇ ଦେବା ଲାଗି ଏକ ଆଧାର ହେବ ନାହିଁ ।

ଅନୁସୂଚୀ.—(ଅଧିନିୟମଗୁଡ଼ିକ ନିରସିତ)

ନିରସନ ଅଧିନିୟମ, 1938 (1938 ର 1) ର ଧାରା 2 ଓ ଅନୁସୂଚୀ ଦ୍ୱାରା ନିରସିତ ।